

‘ରାମାୟଣ’
ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି’
▶ପୃଷ୍ଠା-୧୨ ଦେଖନ୍ତୁ...


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 44 ◆ISSUE-42 ◆WEDNESDAY ◆5 AUGUST 2026 ◆PAGE-12 ◆₹ 7.00 | BHUBANESWAR | ◆ବର୍ଷ-୪୪ ◆ସଂଖ୍ୟା-୪୨ ◆ବୁଧବାର ◆୫ ଅଗଷ୍ଟ ୨୦୨୬ ◆ପୃଷ୍ଠା-୧୨ ◆ଟ.୭.୦୦


## ଉଦୟନିଧି ଷ୍ଟାଲିନ୍‌ଙ୍କୁ ଗିରଫ ପରେ ଛାଡ଼ିଲା ପୁଲିସ୍

■ଚେନ୍ନାଇ, ୪।୮ (ଏଜେନ୍ସି): ତାମିଲନାଡୁର ଚର୍ଚ୍ଚିତ ଅଭିନେତ୍ରୀ ତ୍ରିଶାଙ୍କ ବିରୋଧରେ ଅଶାଳୀନ ମନ୍ତବ୍ୟ ଦେବା ଅଭିଯୋଗରେ ଡିଏମକେ ନେତା ଉଦୟନିଧି ଷ୍ଟାଲିନଙ୍କୁ ପୁଲିସ ଗିରଫ କରିଛି। ମଙ୍ଗଳବାର ତାଙ୍କ ବିରୋଧରେ ମାମଲା ରୁଜୁ ହେବାର କିଛି ସମୟ ମଧ୍ୟରେ ଚେନ୍ନଇ ପୁଲିସ ତାଙ୍କ ବାସଭବନ ବାହାରୁ ତାଙ୍କୁ ହେପାଜତକୁ ନେଇଥିଲା। ତେବେ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ତାଙ୍କୁ ଜାମିନ୍‌ରେ ଛାଡ଼ି ଦିଆଯାଇଛି। କାବେରୀ ନଦୀ ବିବାଦକୁ ନେଇ ଆୟୋଜିତ ଏକ ପ୍ରତିବାଦ ସଭାରେ ଉଦୟନିଧି



ଅଭିନେତ୍ରୀ ତ୍ରିଶାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଅଭିଯୋଗ

ଷ୍ଟାଲିନ୍ ଭାଷଣ ଦେଉଥିଲେ। ଏହି ସମୟରେ ସେ ମୁଖ୍ୟମନ୍ତ୍ରୀ ବିଜୟଙ୍କ ସରକାରକୁ ସମାଲୋଚନା କରିବା ସହ ଅଭିନେତ୍ରୀ ତ୍ରିଶାଙ୍କ ସମ୍ପର୍କରେ ଏକ ଦ୍ୱିଅର୍ଥବୋଧକ ମନ୍ତବ୍ୟ ଦେଇଥିଲେ। ଏହି ଘଟଣାକୁ ଅଭିନେତ୍ରୀଙ୍କ ପ୍ରତି ଅତ୍ୟନ୍ତ ଅପମାନଜନକ ବୋଲି ବିବେଚନା କରାଯାଉଛି। ବିଭିନ୍ନ ରାଜନୈତିକ ଦଳ ଉଦୟନିଧିଙ୍କ ମନ୍ତବ୍ୟର ତୀବ୍ର ସମାଲୋଚନା କରିଛନ୍ତି। କିନ୍ତୁ ସେ କୌଣସି ଅଶାଳୀନ ମନ୍ତବ୍ୟ ଦେଇ ନାହାନ୍ତି ବୋଲି ଉଦୟନିଧି କହିଛନ୍ତି। ତେବେ ହାଇକୋର୍ଟରେ ଏହି ମାମଲା ପହଞ୍ଚିବା ▶ପୃଷ୍ଠା-୧୦

## ତୃଣମୂଳ କଂଗ୍ରେସ ବିଦ୍ରୋହୀ ଗୋଷ୍ଠୀରେ ଫାଟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ମମତା ବାନାର୍ଜୀଙ୍କ ତୃଣମୂଳ କଂଗ୍ରେସ (ଟିଏମ୍‌ସି)ରୁ ଅଲଗା ହୋଇ ପୃଥକ ଗୋଷ୍ଠୀ ଗଠନ କରିବା ସହିତ ଏନ୍‌ସିପିଆଇରେ ସାମିଲ ହୋଇଥିବା ୨୦ ଜଣିଆ ସାଂସଦ ଗୋଷ୍ଠୀ ମଧ୍ୟରେ ଫାଟ ସୃଷ୍ଟି ହୋଇଛି। ଗୋଷ୍ଠୀର ତିନି ଜଣ ସାଂସଦ ଏନ୍‌ଡିଏ ବୈଠକକୁ ଯିବାଲାଗି ମନାକରି ଦେଇଛନ୍ତି। ସେମାନେ ଏନ୍‌ଡିଏ କିମ୍ବା ବିଜେପି ସହିତ ନାହାନ୍ତି ବୋଲି ସ୍ପଷ୍ଟ କରିଛନ୍ତି। ଆଜି ଏଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଏନ୍‌ଡିଏର ସାପ୍ତାହିକ



ଏନ୍‌ଡିଏ ବୈଠକରେ ଯୋଗଦେବାକୁ ମନାକଲେ ୩ ସାଂସଦ

‘ମଙ୍ଗଳ ମିଳନ’ ବୈଠକ ହୋଇଥିଲା। ଏଥିରେ ଅନ୍ୟ ସମସ୍ତ ଟିଏମସି ବିଦ୍ରୋହୀ ସାଂସଦ ସାମିଲ ହୋଇଥିଲେ ମଧ୍ୟ ଗୋଷ୍ଠୀର ତିନି ଜଣ ସାଂସଦ ଯିବାକୁ ମନା କରିଦେଇଥିଲେ। ଏହି ସାଂସଦ ହେଲେ ଖଲିଲୁର ରହେମାନ, ଅବୁ ତାହିର ଖାନ ଏବଂ ୟୁସୁଫ୍ ପଠାନ। ଗତ ଜୁଲାଇ ୨୮ ରେ ଅନୁଷ୍ଠିତ ଏଭଳି ବୈଠକକୁ ମଧ୍ୟ ସେମାନେ ଯାଇନଥିଲେ। ଏସଂପର୍କରେ ସଫେଇ ଦେଇ ମୁର୍ଶିଦାବାଦ ସାଂସଦ ତାହିର ଖାନ୍ କହିଛନ୍ତି ଯେ, ଆମେ ଏନଡିଏ ସହିତ ନାହୁଁ, କି ବିଜେପିରେ ମଧ୍ୟ ଯୋଗ ▶ପୃଷ୍ଠା-୧୦

## ମେଳି ବାନ୍ଧିଛନ୍ତି ଚୀନ, ପାକିସ୍ତାନ

# ଭାରତ ସୀମାରେ ସମରସଜ୍ଜା

### ଷ୍ଟିଲ୍‌ଥ ଜେଟ୍, ଅତ୍ୟାଧୁନିକ ତୋପ ମୁତୟନ ■ ସ୍ଥିତି ଉପରେ ନଜର ରହିଛି: ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ

■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଭାରତର ଉତ୍ତର ଓ ପଶ୍ଚିମ ଉଭୟ ସୀମାରେ ଚୀନ ଏବଂ ପାକିସ୍ତାନର ବର୍ଦ୍ଧିତ ସାମରିକ ଗତିବିଧି ଦେଶର ସୁରକ୍ଷା ପାଇଁ ଏକ ନୂତନ ଚ୍ୟାଲେଞ୍ଜ ସୃଷ୍ଟି କରିଛି। ଉପଗ୍ରହରୁ ମିଳିଥିବା ଚିତ୍ର ଅନୁଯାୟୀ, ଚୀନ ଭାରତ ସୀମା ନିକଟରେ ଅତିକମରେ ୧୨ଟି ଜେ-୨୦ ‘ମାଇଟି ଡ୍ରାଗନ’ ଷ୍ଟିଲଥ୍ ଯୁଦ୍ଧ ବିମାନ ମୁତୟନ କରିଛି। ଅନ୍ୟପଟେ, ପାକିସ୍ତାନ ମଧ୍ୟ ଚୀନଠାରୁ କିଣିଥିବା ୨୫୦ଟି ଏସ୍‌ଏଚ୍-୧୫ ସ୍ୱୟଂଚାଳିତ ହାୱିଜର୍ ତୋପ ଭାରତୀୟ ସୀମାରେ ମୁତୟନ କରିଥିବା ଜଣାପଡ଼ିଛି। ଏହି ଦୁଇ ପଡ଼ୋଶୀ ଦେଶର ଏଭଳି ଗତିବିଧି ସନ୍ଦେହଜନକ ପରିସ୍ଥିତି ସୃଷ୍ଟି କରିଛି। ତେବେ ଭାରତ ସରକାର ଏସଂପର୍କରେ ସଜାଗ ଅଛନ୍ତି ଏବଂ ଯେକୌଣସି ପରିସ୍ଥିତିର ମୁକାବିଲା ଲାଗି ସଂପୂର୍ଣ୍ଣ ରୂପେ ପ୍ରସ୍ତୁତ ବୋଲି କହିଛନ୍ତି।

ଉପଗ୍ରହ ଚିତ୍ରରୁ ସ୍ପଷ୍ଟ ହୋଇଛି ଯେ ଚୀନ ଜୁନ୍ ଶେଷ ଏବଂ ଜୁଲାଇ ପ୍ରଥମ ସପ୍ତାହ ମଧ୍ୟରେ ୨ଟି ପ୍ରମୁଖ ବାୟୁସେନା ଘାଟିରେ ଏହି ଅତ୍ୟାଧୁନିକ ବିମାନଗୁଡ଼ିକୁ ମୁତୟନ କରିଛି। ସିନଜିଆଙ୍ଗର ହୋଟାନ ଏୟାରବେସରେ ୭ଟି ଏବଂ ତିବ୍ବତର ଦାମସୁଙ୍ଗ ଏୟାରବେସରେ ୪ଟି ଜେ-୨୦ ବିମାନ ଦେଖିବାକୁ ମିଳିଛି। ଏହି ବିମାନଗୁଡ଼ିକୁ ଭାରତ ଆଡ଼କୁ ଲକ୍ଷ୍ୟ କରି ମୁତୟନ କରାଯାଇଛି। ହୋଟାନ ବେସ୍ ଲଦାଖର ଦୌଲତ ବେଗ



ଓଲ୍ଡିଠାରୁ ମାତ୍ର ୨୪୫ କିଲୋମିଟର ଦୂରରେ ଅବସ୍ଥିତ। ଏହି ଜେ-୨୦ ବିମାନଗୁଡ଼ିକର ବିଶେଷତ୍ୱ ହେଉଛି ଏହାର ଷ୍ଟିଲଥ୍ ଗୁଣ। ଏହା ରାଡାର୍ ନଜରରୁ ବଞ୍ଚି ଶତ୍ରୁପକ୍ଷର ଆକାଶମାର୍ଗରେ ପ୍ରବେଶ କରିପାରେ। ଭାରତ ପାଖରେ ବର୍ତ୍ତମାନ ରାଫେଲ ଭଳି ଶକ୍ତିଶାଳୀ ବିମାନ ଥିଲେ ହେଁ, ଏହା ଷ୍ଟିଲଥ୍ ନୁହେଁ। ଭାରତର ନିଜସ୍ୱ ଷ୍ଟିଲଥ୍ ବିମାନ ଏଏମ୍‌ସିଏ ନିର୍ମାଣ ପାଇଁ ଅତିକମରେ ଆହୁରି ୧୦ ବର୍ଷ ସମୟ ଲାଗିବ ବୋଲି ଅନୁମାନ କରାଯାଉଛି।

ସେହିଭଳି ବାୟୁସେନା ସହିତ ସ୍ଥଳଭାଗରେ ମଧ୍ୟ ପାକିସ୍ତାନ ନିଜର ଶକ୍ତି ବୃଦ୍ଧି କରୁଛି। ଚୀନରୁ ଆମଦାନୀ ହୋଇଥିବା ୨୫୦ଟି ଏସ୍‌ଏଚ୍-୧୫ ତୋପକୁ ପାକିସ୍ତାନ ଭାରତୀୟ ସୀମାର ଗୁଜରାନୱାଲା, ସିଆଲକୋଟ ଏବଂ ଜଲାଲପୁର ଜଟ୍ଟାନ ସେକ୍ଟରରେ ମୁତୟନ କରିଛି। ଏହି ୧୫୫ ମିଲିମିଟରର ତୋପଗୁଡ଼ିକ ପ୍ରାୟ ୫୦ କିଲୋମିଟରରୁ ଅଧିକ ଦୂରତା ପର୍ଯ୍ୟନ୍ତ ଲକ୍ଷ୍ୟଭେଦ କରିବାରେ ସକ୍ଷମ। ଏହି ମୁତୟନ ବିଶେଷ କରି ଭାରତର ପଞ୍ଜାବ ଓ ଜାମ୍ମୁ-କାଶ୍ମୀର ସୀମା ନିକଟରେ କରାଯାଇଛି।

ସେପଟେ ଏହି ଘଟଣା ଉପରେ ପ୍ରତିକ୍ରିୟା ରଖି ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ପ୍ରବକ୍ତା ରଣଧୀର ଜୈସୱାଲ କହିଛନ୍ତି ଯେ, ‘ଦେଶର ଜାତୀୟ ସ୍ୱାର୍ଥ ରକ୍ଷା ପାଇଁ ଯାହା କିଛି ଆବଶ୍ୟକ, ଭାରତ ସେସବୁ କରିବ’। ସେ ଆହୁରି ମଧ୍ୟ କହିଛନ୍ତି ଯେ, ସୀମାପାର ଆତଙ୍କବାଦକୁ ରୋକିବା ପାଇଁ ଭାରତ ସବୁବେଳେ ସତର୍କ ଅଛି ଏବଂ ପୂର୍ବରୁ ଅପରେସନ ସିନ୍ଦୂର ମାଧ୍ୟମରେ ପାକିସ୍ତାନକୁ ଉପଯୁକ୍ତ ଜବାବ ଦିଆଯାଇଛି। ନିଜର ପ୍ରତିରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ପାଇଁ ଭାରତ ମଧ୍ୟ କାର୍ଯ୍ୟ କରୁଛି। ଭାରତୀୟ ସେନା ପକ୍ଷରୁ ଏମ୍୭୭୭ ଅଲଟ୍ରା-ଲାଇଟ୍ ହାୱିଜର୍, କେ-୨ ବଜ୍ର ଏବଂ ସ୍ୱଦେଶୀ ଧନୁଷ ତୋପଗୁଡ଼ିକୁ ସେନାରେ ସାମିଲ କରାଯାଇଛି। ଏହା ବ୍ୟତୀତ ଭାରତ ନିଜସ୍ୱ ‘ମାଉଣ୍ଟେଡ୍ ଗନ୍ ସିଷ୍ଟମ୍’ର ବିକାଶ କରୁଛି ଯାହା ଚୀନର ଏସ୍‌ଏଚ୍-୧୫ ଭଳି ପ୍ରଭାବଶାଳୀ ହେବ। ଚୀନ ଓ ପାକିସ୍ତାନ ମଧ୍ୟରେ ବଢୁଥିବା ସାମରିକ ସହଯୋଗ ଭାରତ ପାଇଁ ‘ଟୁ-ଫ୍ରଣ୍ଟ ୱାର୍’ ବା ଦ୍ୱିମୁଖୀ ଯୁଦ୍ଧର ପରିସ୍ଥିତି ସୃଷ୍ଟି କରିପାରେ। ତଥାପି, ଭାରତ ନିଜର ସୀମା ସୁରକ୍ଷା ପ୍ରତି ଅତ୍ୟନ୍ତ ସତର୍କ ରହିଛି ଏବଂ ଆବଶ୍ୟକ ପଡ଼ିଲେ ଯେକୌଣସି ପରିସ୍ଥିତିର ମୁକାବିଲା କରିବାକୁ ପ୍ରସ୍ତୁତ ବୋଲି ସ୍ପଷ୍ଟ କରିଛି।

## ଇ-୨୦ ପେଟ୍ରୋଲକୁ ବିରୋଧ

### ପ୍ରଧାନମନ୍ତ୍ରୀ ଆବାସ ଅଭିମୁଖେ କେଜ୍ରିୱାଲଙ୍କ ପଦଯାତ୍ରାକୁ ଅଟକାଇଲା ପୁଲିସ



■ ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଇ-୨୦ ପେଟ୍ରୋଲ ସମସ୍ୟାକୁ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଲକ୍ଷାଧିକ ଜନସାଧାରଣଙ୍କ ସ୍ୱାକ୍ଷରିତ ଆବେଦନ ପତ୍ର ପ୍ରଦାନ କରିବାକୁ ଯାଉଥିବା ଆମ ଆଦମୀ ପାର୍ଟି (ଆପ୍) ସଂଯୋଜକ ଅରବିନ୍ଦ କେଜ୍ରିୱାଲଙ୍କୁ ମଙ୍ଗଳବାର ଦିଲ୍ଲୀ ପୁଲିସ ଅଧାବାଟରେ ଅଟକାଇଛି। ପ୍ରାୟ ୧୦୦ ଜଣ ସମର୍ଥକଙ୍କ ସହ ପ୍ରଧାନମନ୍ତ୍ରୀଙ୍କ ବାସଭବନ ଅଭିମୁଖେ ଶାନ୍ତିପୂର୍ଣ୍ଣ ପଦଯାତ୍ରା କରୁଥିବା ବେଳେ ପୁଲିସ ତାଙ୍କୁ ଅଟକାଇଥିଲା। କେଜ୍ରିୱାଲ କହିଥିଲେ, ‘ଆମେ ଆତଙ୍କବାଦୀ ନୁହେଁ। ଆମେ ଇ-୨୦ ଇନ୍ଧନ ସମସ୍ୟା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଭେଟିବାକୁ ଚାହୁଁଛୁ।’

ଆପ୍ ନେତା ସୌରଭ ଭରଦ୍ୱାଜଙ୍କ ଅନୁଯାୟୀ, ଦେଶର ପ୍ରାୟ ୨ ଲକ୍ଷ ୩୩ ହଜାରରୁ ଅଧିକ ଲୋକ ଇ-୨୦ ପେଟ୍ରୋଲ ବିରୋଧରେ ଏହି ଆବେଦନ ପତ୍ରରେ ସ୍ୱାକ୍ଷର କରିଛନ୍ତି। କେଜ୍ରିୱାଲ ଦାବି କରିଛନ୍ତି ଯେ, ଇ-୨୦ ବ୍ୟବହାର ଯୋଗୁଁ ଗାଡ଼ିଗୁଡ଼ିକରେ ବିଭିନ୍ନ ଯାନ୍ତ୍ରିକ ସମସ୍ୟା ଦେଖାଦେଉଛି। ଗତ ମାସରେ ସେ ପ୍ରଧାନମନ୍ତ୍ରୀଙ୍କୁ ସାକ୍ଷାତ ପାଇଁ ଅନୁମତି ମାଗି ଏକ ପତ୍ର ଲେଖିଥିଲେ ମଧ୍ୟ କୌଣସି ଉତ୍ତର ନମିଳିବାରୁ ସେ ବ୍ୟକ୍ତିଗତ ଭାବେ ଏହି ପିଟିସନ ପ୍ରଦାନ କରିବାକୁ ନିଷ୍ପତ୍ତି ନେଇଥିଲେ। ପେଟ୍ରୋଲ ପମ୍ପଗୁଡ଼ିକରେ ଶୁଦ୍ଧ ପେଟ୍ରୋଲ ଏବଂ ଇ-୨୦ ଇନ୍ଧନ ମଧ୍ୟରୁ ଯେକୌଣସି ଗୋଟିଏକୁ ▶ପୃଷ୍ଠା-୧୦

### ବଦଳିବ ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀର ନାଁ

## ଓଡ୍ରାଫ୍ ହେବ ଏସ୍‌ଡିଆର୍‌ଏଫ୍

■ ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବିପର୍ଯ୍ୟୟ ପ୍ରଶମନ ବାହିନୀ (ଓଡ୍ରାଫ)ର ନାମ ବଦଳାଇବାକୁ ରାଜ୍ୟ ସରକାର ନିଷ୍ପତ୍ତି ନେଇଛନ୍ତି। ଏହି ବାହିନୀକୁ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ/ ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ଭାବେ ନାମିତ କରାଯିବ। ଏହାକୁ ବିପର୍ଯ୍ୟୟ ମୁକାବିଲା ପାଇଁ ଏକ ସମ୍ପୂର୍ଣ୍ଣ ସମର୍ପିତ ବାହିନୀରେ ପରିଣତ କରିବା ଦିଗରେ ପର୍ଯ୍ୟାୟକ୍ରମେ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିବା ସହ ରାଜସ୍ୱ ବିଭାଗ ଆଜି ଏନେଇ ଏହି ସୂଚନା ଦେଇଛି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ



ଗଠନ ହେବ ସ୍ୱତନ୍ତ୍ର ବାଟାଲିୟନ, ପରିଚାଳନା ପାଇଁ ସ୍ୱତନ୍ତ୍ର ଅଧିକାରୀ

ଏସ୍‌ଡିଆର୍‌ଏଫ୍ ଭାବେ ଓଡ୍ରାଫ୍ ପାଇଁ ଜାରି ହେବ ନୂତନ ଏସ୍‌ଓପି

ଅଧ୍ୟକ୍ଷତାରେ ବସିଥିବା ବୈଠକରେ ଓଡ୍ରାଫ ପାଇଁ ସ୍ୱତନ୍ତ୍ର ବାଟାଲିଅନ୍ ଗଠନ ସହିତ ଏହାର ନେତୃତ୍ୱ ଓ ପରିଚାଳନା ପାଇଁ ଜଣେ ସ୍ୱତନ୍ତ୍ର ଅଧିକାରୀ ନିଯୁକ୍ତ କରିବାକୁ ନିଷ୍ପତ୍ତି ହୋଇଛି।

୧୯୯୯ ମସିହା ମହାବାତ୍ୟା ପରେ ବିପର୍ଯ୍ୟୟ ସମୟରେ ଓଡ଼ିଶା ସାମ୍ନା କରିଥିବା ବଡ଼ ବିପଦ ଓ ଏହାର ସ୍ଥାୟୀ ମୁକାବିଲା ପାଇଁ ଓଡ୍ରାଫ୍‌ର ପରିକଳ୍ପନା କରାଯାଇଥିଲା। ▶ପୃଷ୍ଠା-୧୦

## ବୈଧ ବୀମା ନ ଥିଲେ ମିଳିବନି ପେଟ୍ରୋଲ

■ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ବୈଧ ବୀମା ନଥିଲେ କୌଣସି ଗାଡ଼ିକୁ ପେଟ୍ରୋଲ/ଡିଜେଲ ଦିଆନି। ସୁପ୍ରିମ କୋର୍ଟ ଆଜି କେନ୍ଦ୍ର ସରକାରଙ୍କୁ ଏଭଳି ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ଭାରତୀୟ ରାସ୍ତାରେ ଗଡୁଥିବା ପ୍ରାୟ ୫୬ ପ୍ରତିଶତ (୧୬.୫ କୋଟି) ଗାଡ଼ିର ବୀମା ନାହିଁ ବୋଲି ସରକାରୀ ରିପୋର୍ଟ ମିଳିବା ପରେ ଏଥିରେ ଉଦ୍‌ବେଗ ପ୍ରକାଶ କରି ସର୍ବୋଚ୍ଚ ଅଦାଲତ ଏଭଳି ନିର୍ଦ୍ଦେଶ ଦେଇ କହିଛନ୍ତି ଯେ କେନ୍ଦ୍ର ସରକାର ଏ ସଂପର୍କରେ ତୁରନ୍ତ ପାଇଲଟ ପ୍ରକଳ୍ପ ଆରମ୍ଭ କରନ୍ତୁ। ବୈଧ ବୀମା ନ ଥିଲେ ପେଟ୍ରୋଲ ପମ୍ପରେ ଗାଡ଼ିଗୁଡ଼ିକୁ ତେଲ ମିଳିବ ନାହିଁ। ଦୁର୍ଘଟଣା ସଂକ୍ରାନ୍ତ ମାମଲାର ଶୁଣାଣି ବେଳେ ଜଷ୍ଟିସ ସଞ୍ଜୟ କାରୋଲ ଏବଂ ▶ପୃଷ୍ଠା-୧୦

### ରାଜ୍ୟ ସରକାରଙ୍କୁ ଏଲ୍‌ନିନୋ ଚିନ୍ତା

## ବନ୍ଦହେବ ଜଳ ବିଦ୍ୟୁତ୍ ଉତ୍ପାଦନ

■ ଭୁବନେଶ୍ୱର, ୪।୮ (ସମିସ): ଏଲ୍‌ନିନୋର ସମ୍ଭାବ୍ୟ ପ୍ରଭାବକୁ ନେଇ ପାଣିପାଗ ବିଜ୍ଞାନୀ ଓ କୃଷି ବିଶେଷଜ୍ଞମାନେ ବିଭିନ୍ନ ପ୍ରକାରର ଆକଳନ କରୁଥିବା ବେଳେ ସରକାରୀ ସ୍ତରରେ ଏହାର ମୁକାବିଲା ପାଇଁ ବ୍ଲୁ-ପ୍ରିଣ୍ଟ ପ୍ରସ୍ତୁତ ହେଉଛି। ଏହିକ୍ରମରେ ରାଜ୍ୟ ସରକାର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଜଳଭଣ୍ଡାରଗୁଡ଼ିକରେ ଜଳସ୍ତର କମିଲେ ଏଣିକି ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ ରହିବ। ଏହାବଦଳରେ ପାନୀୟ ଜଳ ଏବଂ ଜଳସେଚନକୁ ପ୍ରାଧାନ୍ୟ ଦିଆଯିବ। ଗତ ୨୦ ତାରିଖରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଗୁରୁତ୍ୱାରୋପ କରିଥିଲେ। ସେହି ଅନୁଯାୟୀ ଜଳସମ୍ପଦ ବିଭାଗ ପକ୍ଷରୁ ବିଭାଗୀୟ

◆ ପାନୀୟଜଳ ଓ ଜଳସେଚନକୁ ଦିଆଯିବ ପ୍ରାଥମିକତା

◆ ଜଳଭଣ୍ଡାର ଉପରେ ରଖାଯିବ ୨୪ ଘଣ୍ଟିଆ ନଜର



ସର୍ବୋଚ୍ଚ ଯନ୍ତ୍ରୀଙ୍କୁ ଚିଠି ଲେଖାଯାଇ ଆବଶ୍ୟକ ନିର୍ଦ୍ଦେଶ ଜାରି କରାଯାଇଛି।

ସୂଚନା ଅନୁଯାୟୀ, ଗତ ୨୦ ତାରିଖରେ ଏ ସଂକ୍ରାନ୍ତରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକରେ ମୁଖ୍ୟମନ୍ତ୍ରୀ ରାଜ୍ୟର ଜଳ ସୁରକ୍ଷାକୁ ଗୁରୁତର ସହ ଅନୁଧ୍ୟାନ କରିଥିଲେ। ମୁଖ୍ୟମନ୍ତ୍ରୀ ମତ ଦେଇଥିଲେ ଯେ ପାନୀୟ ଜଳ ଯୋଗାଣ ଏବଂ କୃଷି ଜଳସେଚନର ଗୁରୁତ୍ୱପୂର୍ଣ୍ଣ ଆବଶ୍ୟକତାକୁ ସମ୍ପୂର୍ଣ୍ଣ ରୂପେ ପୂରଣ କରିବା ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବା ଅତ୍ୟନ୍ତ ଜରୁରୀ ଏବଂ ସର୍ବୋଚ୍ଚ ଅଟେ। ସେହି ଅନୁସାରେ ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ଏହି ଅଗ୍ରାଧିକାରଗୁଡ଼ିକୁ ସୁରକ୍ଷିତ ରଖିବା ପାଇଁ ଆବଶ୍ୟକ ସୀମାଠାରୁ କମ୍ ଥିବାର ଜଣାପଡ଼େ, ତେବେ ତତକ୍ଷଣାତ୍ ବିଦ୍ୟୁତ୍ ଉତ୍ପାଦନ ବନ୍ଦ କରାଯିବା ଉଚିତ୍ ବୋଲି ନିଷ୍ପତ୍ତି ଗ୍ରହଣ କରାଯାଇଛି। ବିଭାଗର ନିର୍ଦ୍ଦେଶ ଅନୁଯାୟୀ ▶ପୃଷ୍ଠା-୧୦

## ଧାରା ଶ୍ରାବଣରେ ଖରା-ବର୍ଷାର ଲୁଚକାଳି

■ ଭୁବନେଶ୍ୱର, ୪।୮ (ସମିସ): ପଶ୍ଚିମ କେନ୍ଦ୍ରୀୟ ସଂଲଗ୍ନ ଆନ୍ଧ୍ର ଉପକୂଳରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ପ୍ରଭାବରେ ରାଜ୍ୟର କିଛି କିଛି ସ୍ଥାନରେ ବର୍ଷା ଜାରି ରହିଛି। ମଙ୍ଗଳବାର ପୂର୍ବାହ୍ଣ ପର୍ଯ୍ୟନ୍ତ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ଖରା ସାଙ୍ଗକୁ ଗରମ ଗୁଳୁଗୁଳି ଲାଗି ରହିଥିଲା। ତେବେ ଅପରାହ୍ଣ ପରେ ପାଗରେ ପରିବର୍ତ୍ତନ ଆସିବା ସହ ଅନେକ ସ୍ଥାନରେ ବର୍ଷା ହୋଇଛି। ତାଳଚେରରେ ସର୍ବାଧିକ ୮୦ ମିମି ବର୍ଷା ହୋଇଥିବା ବେଳେ ଟିଟିଲାଗଡ଼ରେ ୩୫, ସୁନ୍ଦରଗଡ଼ ୪୧, ଝାରସୁଗୁଡ଼ା ୨୬, ଅନୁଗୁଳ ୩୦ ଓ ଭୁବନେଶ୍ୱରରେ ୧୮ ମିମି ବର୍ଷା ରେକର୍ଡ ହୋଇଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ବୁଧବାର ମଧ୍ୟ ରାଜ୍ୟର ଅନେକ ସ୍ଥାନରେ ପ୍ରବଳ ବର୍ଷା ସମ୍ଭାବନା ରହିଛି। ମୟୂରଭଞ୍ଜରେ ବର୍ଷାର ପ୍ରଭାବ ସବୁଠୁ ଅଧିକ ରହିବ। ଅନ୍ୟ କେତେକ ସ୍ଥାନରେ ସ୍ୱଳ୍ପରୁ ମଧ୍ୟମ ଓ ସ୍ଥାନେ ସ୍ଥାନେ ଭାରି ବର୍ଷା ହୋଇପାରେ।

ଆନ୍ଧ୍ର ଉପକୂଳରେ ଘୂର୍ଣ୍ଣିବଳୟ ସକ୍ରିୟ; ୮ ତାରିଖ ଯାଏଁ ବର୍ଷା


ଏବେ ରାଜ୍ୟରେ ଦୁର୍ବଳ ମୌସୁମୀ ପ୍ରବାହ ହେତୁ ଉପକୂଳ ଓଡ଼ିଶାରେ ଗୁଳୁଗୁଳିର ପ୍ରଭାବ ଅଧିକ ରହୁଛି। ମୌସୁମୀ ନିମ୍ନ ଚାପ ରେଖା ତାର ସାଧାରଣ ଅବସ୍ଥାନ ଠାରୁ ଉତ୍ତରରେ ରହୁଥିବାରୁ ରାଜ୍ୟ ଉପରେ ମୌସୁମୀ ପ୍ରବାହ ଦୁର୍ବଳ ସହ ଉପକୂଳ ଓଡିଶା ସମେତ ବିଭିନ୍ନ ଅଞ୍ଚଳରେ ଗୁଳୁଗୁଳି ଲାଗିରହିଛି। ବଙ୍ଗୋପସାଗର ପଟୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁର ପ୍ରବାହ ବଢ଼ିବା ପରେ ବିଜୁଳି ଘଡ଼ଘଡ଼ି ସହ ବର୍ଷା ପାଇଁ ପାଗ ଅନୁକୂଳ ରହୁଛି। ଏଭଳି ସ୍ଥିତି ୮ ତାରିଖ ପର୍ଯ୍ୟନ୍ତ ଜାରି ରହିବା ସହ ଏହା ପରେ ଏକ ଲଘୁଚାପ ▶ପୃଷ୍ଠା-୧୦

### ସର୍ବହରା ଚାଷୀକୁଳ

## ବନ୍ୟା ଧୋଇନେଲା ବର୍ଷକର ଆହାର

■ ଭଦ୍ରକ,୪।୮ (ଉମାକଲ୍ୟାଣ ମହାପାତ୍ର): ଭଦ୍ରକ ଜିଲ୍ଲାରେ ବୈତରଣୀ ଓ ସାଳନ୍ଦୀ ନଦୀର ବନ୍ୟା ପ୍ରକୋପ ଥମିଛି। ସବୁ ନଦୀର ଜଳ ବିପଦ ସଙ୍କେତ ତଳେ ପ୍ରବାହିତ ହେଉଛି; ହେଲେ ବନ୍ୟା ଉଜାଡ଼ି ଦେଇଛି ସୁନାର ଫସଲ, ଭାଙ୍ଗିଦେଇଛି ଚାଷୀଙ୍କ ଅଣ୍ଟା। କଥାରେ ଅଛି, ଚାଷ ବୁଡ଼ିଲେ ବରଷେ, ଭୋଟର ବୁଡ଼ିଲେ ୫ ବରଷ। ଚାଷୀ ଏ ବର୍ଷ ବଡ଼ ଆଶା ନେଇ ବିଲରେ ସରକାରଙ୍କ ପ୍ରଦତ୍ତ ବିହନ ନେଇ ତଳି ରୋଇଥିଲା, ସେଥିରେ ସାର ପ୍ରୟୋଗ କରିଥିଲା। ଧାନ ଗଛ ବି ବହୁତ ଭଲ ହୋଇଥିଲା। ଧାନ ଫଳିଲେ କିଏ ଝିଅ ବାହାଘର କରିବାର ସ୍ୱପ୍ନ ତ କିଏ ପକ୍କା ଘର କରିବାର ସ୍ୱପ୍ନ ଦେଖିଥିଲା। କିଏ ଜାଣିଥିଲା ତା’ ଭାଗ୍ୟରେ ଏ ବର୍ଷ ଏପରି ଦୁର୍ଦ୍ଦିନ ଆସିବ। ଭାଙ୍ଗିରୁଜି ଚୂରମାର୍ କରିଦେବ ବର୍ଷକର ସ୍ୱପ୍ନ।





ଚଳିତ ବନ୍ୟାରେ ଭଦ୍ରକ ଜିଲ୍ଲାର ୬ଟି ଯାକ ବ୍ଲକରେ ବ୍ୟାପକ କ୍ଷତି ହୋଇଛି। ଆଜି ପର୍ଯ୍ୟନ୍ତ ଅନେକ ଅଞ୍ଚଳ ପାଣି ଘେରରେ ଅଛି। ବିଦ୍ୟାଳୟ ଓ ଅଙ୍ଗନବାଡ଼ି କେନ୍ଦ୍ରଗୁଡ଼ିକ ବନ୍ଦ ଅଛି। ସମୁଦ୍ରରେ ଉଠିଆ ମୁଣ୍ଡ ରହିବାରୁ ଜୁଆର ଅଧିକ ଆସିବା

ପାଣିରେ ବୁଡ଼ିରହି ପଚିଗଲାଣି ଧାନତଳି; ସାନି ବେଉଷଣ ପାଇଁ ସମୟ ନାହିଁ

ଭଦ୍ରକ ଜିଲ୍ଲାର ୬ଟି ବ୍ଲକ୍‌ର ୨୯୩ ହେକ୍ଟର ଜମିରେ ପରିବା ଚାଷ କ୍ଷତିଗ୍ରସ୍ତ

ଫଳରେ ସମୁଦ୍ର ବନ୍ୟା ପାଣି ଟାଣିପାରୁ ନାହିଁ। ଫଳରେ ଚାଷ ଜମିରେ ଆଜି ବି ପ୍ରବଳ ପାଣି ଜମି ରହିଛି। ଧାନ ତଳି ଏପର୍ଯ୍ୟନ୍ତ ପାଣିରେ ବୁଡ଼ି ରହିଥିବାରୁ ତାହା ସମ୍ପୂର୍ଣ୍ଣ ପଚି ମାଟିରେ ମିଶିଯାଇଥିବା ଆଶଙ୍କା ବଢ଼ିଛି। ▶ପୃଷ୍ଠା-୧୦

# ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମ୍‌ଙ୍କୁ 'ବିକ୍ରମ ସାରାଭାଇ' ସମ୍ମାନ


ଫ୍ଲୋରେନ୍ସ, ୪।୮ (ଏଜେନ୍ସି): ବେଙ୍ଗାଲୁରୁ ସ୍ଥିତ ଭାରତୀୟ ଜ୍ୟୋତିର୍ବିଜ୍ଞାନ ପ୍ରତିଷ୍ଠାନ (ଆଇଆଇଏ)ର ନିର୍ଦ୍ଦେଶିକା ପ୍ରଫେସର ସୁବ୍ରମଣ୍ୟମଙ୍କୁ ମହାକାଶ ଗବେଷଣାରେ ତାଙ୍କର ଅତୁଳନୀୟ ଅବଦାନ ପାଇଁ ସମ୍ମାନଜନକ 'କୋସପାର୍ ବିକ୍ରମ



ସାରାଭାଇ ପଦକ-୨୦୨୬'ରେ ସମ୍ମାନିତ କରାଯାଇଛି। ଇଟାଲୀର ଫ୍ଲୋରେନ୍ସଠାରେ ଆୟୋଜିତ ୪୬ତମ କୋସପାର୍ ସାଧାରଣ ପରିଷଦ ଅଧିବେଶନରେ ତାଙ୍କୁ ଏହି ପଦକ ପ୍ରଦାନ କରାଯାଇଥିଲା। ବିକାଶଶୀଳ ଦେଶଗୁଡ଼ିକରେ ମହାକାଶ ଗବେଷଣାକୁ ଉତ୍ସାହିତ କରିବା ଏବଂ ଏଥିରେ ଉଲ୍ଲେଖନୀୟ କାର୍ଯ୍ୟ କରିବା ପାଇଁ ତାଙ୍କୁ ଏହି ବିରଳ ସମ୍ମାନ ମିଳିଛି। ଏହି ସମ୍ମାନଜନକ ପଦକ ହାସଲ କରିବାରେ ପ୍ରଫେସର ଅନ୍ନପୂର୍ଣ୍ଣି ସୁବ୍ରମଣ୍ୟମ ହେଉଛନ୍ତି ଭାରତର ପ୍ରଥମ ମହିଳା ବୈଜ୍ଞାନିକ ଏବଂ ଚତୁର୍ଥ ଭାରତୀୟ। ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍ରୋ) ଏବଂ କମିଟି ଅନ୍ ସ୍ପେସ୍ ରିସର୍ଚ୍ଚ (କୋସ୍‌ପାର୍)ର ମିଳିତ ସହଯୋଗରେ ମହାନ ବୈଜ୍ଞାନିକ ବିକ୍ରମ ସାରାଭାଇଙ୍କ ସ୍ମୃତିରେ ପ୍ରତି ଦୁଇ ବର୍ଷରେ ଥରେ ଏହି ପଦକ ପ୍ରଦାନ କରାଯାଇଥାଏ।

# ବିଶିଷ୍ଟ ଶିକ୍ଷାବିତ୍ ଡିୱାଇ ପାଟିଲଙ୍କ ପରଲୋକ

କୋହ୍ଲାପୁର, ୪।୮ (ଏଜେନ୍ସି): ବିଶିଷ୍ଟ କଂଗ୍ରେସ ନେତା, ଜଣାଶୁଣା ଶିକ୍ଷାବିତ୍ ଏବଂ ପଶ୍ଚିମବଙ୍ଗର ପୂର୍ବତନ ରାଜ୍ୟପାଳ ଡିୱାଇ ପାଟିଲଙ୍କର ମଙ୍ଗଳବାର ପରଲୋକ ଘଟିଛି। ମୃତ୍ୟୁ ବେଳକୁ ତାଙ୍କୁ ୯୨ ବର୍ଷ ହୋଇଥିଲା। ମହାରାଷ୍ଟ୍ରର କୋହ୍ଲାପୁରସ୍ଥିତ ନିଜ ବାସଭବନରେ ଦୀର୍ଘ ଦିନର ଅସୁସ୍ଥତା ପରେ ସେ ଶେଷ ନିଶ୍ୱାସ



ତ୍ୟାଗ କରିଛନ୍ତି। ପାଟିଲ ଜଣେ ଦକ୍ଷ ରାଜନୀତିଜ୍ଞ ଭାବରେ ନିଜର ପରିଚୟ ସୃଷ୍ଟି କରିଥିଲେ। ସେ ତ୍ରିପୁରା ଏବଂ ବିହାରର ରାଜ୍ୟପାଳ ଭାବରେ ସେବା କରିବା ସହିତ ପଶ୍ଚିମବଙ୍ଗର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ତୁଲାଇଥିଲେ। ତାଙ୍କର ରାଜନୈତିକ ଜୀବନ କୋହ୍ଲାପୁରରୁ ଆରମ୍ଭ ହୋଇଥିଲା। ରାଜନୀତି ବ୍ୟତୀତ ଶିକ୍ଷା ଜଗତରେ ତାଙ୍କର ଅବଦାନ ଅତୁଳନୀୟ। ସେ ମହାରାଷ୍ଟ୍ରରେ ଅନେକ ଶିକ୍ଷାନୁଷ୍ଠାନ ପ୍ରତିଷ୍ଠା କରିଥିଲେ। ତାଙ୍କ ଦ୍ୱାରା ପ୍ରତିଷ୍ଠିତ ଡିୱାଇ ପାଟିଲ ବିଶ୍ୱବିଦ୍ୟାଳୟ ଆଜି ଶିକ୍ଷା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ଭାବରେ ଜଣାଶୁଣା। ତାଙ୍କୁ ୧୯୯୧ରେ ଭାରତ ସରକାରଙ୍କ ପକ୍ଷରୁ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା।

# 'ଗଜିନୀ ଫେମ୍' ପ୍ରଦୀପ ରାୱତ୍‌ଙ୍କ ପରଲୋକ

ମୁମ୍ବାଇ, ୪।୮ (ଏଜେନ୍ସି): 'ଲଗାନ' ଏବଂ 'ଗଜିନୀ' ଭଳି ସୁପରହିଟ୍ ଚଳଚ୍ଚିତ୍ରରେ ନିଜର ଦମଦାର ଅଭିନୟ ପାଇଁ ପରିଚିତ ବରିଷ୍ଠ ଅଭିନେତା ପ୍ରଦୀପ ରାୱତଙ୍କର ୭୪ ବର୍ଷ ବୟସରେ



ମଙ୍ଗଳବାର ପରଲୋକ ଘଟିଛି। ସେ ଦୀର୍ଘ ୫ ବର୍ଷ ଧରି ରକ୍ତ କର୍କଟ ରୋଗ ସହ ଲଢୁଥିଲେ। ପ୍ରଦୀପ ମହାରାଷ୍ଟ୍ରର ଭିୱାଣ୍ଡି ସ୍ଥିତ ଏକ ଡାକ୍ତରଖାନାରେ ଚିକିତ୍ସାଧୀନ ଅବସ୍ଥାରେ ଶେଷ ନିଶ୍ୱାସ ତ୍ୟାଗ କରିଛନ୍ତି। ୧୯୫୨ ଜାନୁଆରୀ ୨୧ରେ ଜନ୍ମଗ୍ରହଣ କରିଥିବା ପ୍ରଦୀପ ବିଆର ଚୋପ୍ରାଙ୍କ ପ୍ରସିଦ୍ଧ ପୌରାଣିକ ଧାରାବାହିକ ମହାଭାରତରେ ଅଶ୍ୱତ୍ଥାମା ଭୂମିକାରେ ଅଭିନୟ କରି ନିଜର କ୍ୟାରିଅର ଆରମ୍ଭ କରିଥିଲେ। ଅମିର ଖାନଙ୍କ ଚଳଚ୍ଚିତ୍ର 'ଲଗାନ'ରେ ଦେବା ଏବଂ ଚଳଚ୍ଚିତ୍ର 'ଗଜିନୀ'ରେ ମୁଖ୍ୟ ଖଳନାୟକ ଭୂମିକା ତାଙ୍କୁ ଘରେ ଘରେ ପରିଚିତ କରାଇଥିଲା। ସେ ହିନ୍ଦୀ, ତେଲୁଗୁ, ତାମିଲ, କନ୍ନଡ, ମାଲାୟାଲମ, ବଙ୍ଗଳା ଏବଂ ଭୋଜପୁରୀ ସିନେମାରେ ନିଜ ଅଭିନୟର ଛାପ ଛାଡ଼ିଛନ୍ତି। ତାଙ୍କ ପରଲୋକରେ ସିନେ ଜଗତରେ ଶୋକର ଛାୟା ଖେଳିଯାଇଛି।

# ଦୁଇ ସହକର୍ମୀଙ୍କୁ ଗୁଳି ପରେ ସିଆର୍‌ପିଏଫ୍ ଅଧିକାରୀଙ୍କ ଆତ୍ମହତ୍ୟା

ନାଗାଓଁ, ୪।୮ (ଏଜେନ୍ସି): ଆସାମର ନାଗାଓଁ ଜିଲ୍ଲାରେ ଜଣେ ସିଆରପିଏଫ ଅଧିକାରୀ ନିଜର ୨ ଜଣ ସହକର୍ମୀଙ୍କୁ ଗୁଳି କରି ହତ୍ୟା କରିବା ସହ ଅନ୍ୟ ଜଣଙ୍କୁ ଗୁରୁତର ଭାବେ ଆହତ କରି ନିଜେ ଆତ୍ମହତ୍ୟା କରିଛନ୍ତି। ମଙ୍ଗଳବାର ସକାଳ ପ୍ରାୟ ୭ଟାରେ କାଟିମାରି ସ୍ଥିତ ୩୪ ବାଟାଲିୟନ କ୍ୟାମ୍ପରେ ଏହି ଅଘଟଣ ଘଟିଛି। ପୁଲିସ ଅନୁଯାୟୀ, ଆନ୍ଧ୍ରପ୍ରଦେଶର ବାସିନ୍ଦା ଏଏସଆଇ ବଲ୍ଲାନି ପ୍ରେମାବରମ ମୁଖ୍ୟ ଫାଟକରେ ଡ୍ୟୁଟି କରୁଥିବା ସମୟରେ ଗାର୍ଡ ରୁମ୍‌ରୁ ଏକ ରାଇଫଲ୍ ନେଇ ହଠାତ ଗୁଳି ଚଳାଇଥିଲେ। ପ୍ରେମାବରମ ପ୍ରଥମେ ହାବିଲଦାର ବିଷ୍ଣୁ ପ୍ରସାଦ ବାଘେଲଙ୍କୁ ଗୁଳି କରିଥିଲେ। ଏଥିରେ ବିଷ୍ଣୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା। ଏହାପରେ ସେ ଏସଆଇ ରାମନୱାଲ ସିଂ ଯାଦବଙ୍କ ଉପରକୁ ଗୁଳି ଚଳାଇଥିଲେ। ଯାଦବ ମଧ୍ୟ ଘଟଣାସ୍ଥଳରେ ପ୍ରାଣ ହରାଇଥିଲେ। ଏହି ଗୁଳିକାଣ୍ଡରେ ଅନ୍ୟ ଜଣେ ଅଧିକାରୀ ଏଏସଆଇ ମାନେ ଗୋବିନ୍ଦ ଶ୍ରୀପୁଲ ଗୁରୁତର ଭାବେ ଆହତ ହୋଇଛନ୍ତି। ନିଜ ସହକର୍ମୀଙ୍କୁ ଗୁଳି କରିବା ପରେ ପ୍ରେମାବରମ ନିଜେ ବାରାକ ଭିତରକୁ ଯାଇ ନିଜକୁ ଗୁଳି କରି ଆତ୍ମହତ୍ୟା କରିଛନ୍ତି।

# ଏୟାର ଇଣ୍ଡିଆ ବିମାନରେ ଭୟଙ୍କର ଝଟ୍‌କା

## ୩୦୦ ଫୁଟ୍ ତଳକୁ ଖସିଲା ବିମାନ; ୧୨ ଯାତ୍ରୀ ଆହତ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଥାଇଲାଣ୍ଡର ଫୁକେଟରୁ ନୂଆଦିଲ୍ଲୀ ଅଭିମୁଖେ ଆସୁଥିବା ଏକ ଏୟାର ଇଣ୍ଡିଆ ବିମାନ ମଝି ଆକାଶରେ ପ୍ରବଳ ବାୟୁ ଅସ୍ଥିରତା ବା 'ଟର୍ବୁଲେନ୍ସ'ର ସମ୍ମୁଖୀନ ହୋଇଛି। ଏହି ଦୁର୍ଘଟଣାରେ ୧୨ ଜଣ ଯାତ୍ରୀ ସାମାନ୍ୟ ଆହତ ହୋଇଥିବା ସୂଚନା ମିଳିଛି। ଏୟାରବସ ଏ୩୨୦ ଦ୍ୱାରା ପରିଚାଳିତ ଏଆଇ୨୩୭୯ ବିମାନଟି ଦିଲ୍ଲୀରେ ଅବତରଣ କରିବାର କିଛି ସମୟ ପୂର୍ବରୁ ଏହି ଅଘଟଣ ଘଟିଥିଲା। ବିଭିନ୍ନ ରିପୋର୍ଟ ଏବଂ ଫ୍ଲାଇଟ୍ ଟ୍ରାକିଂ ୱେବସାଇଟ୍‌ର ତଥ୍ୟ ଅନୁଯାୟୀ, ଉକ୍ତ ସମୟରେ ବିମାନଟି ହଠାତ୍ ପ୍ରାୟ ୩୦୦ ଫୁଟ ତଳକୁ ଖସିଯାଇଥିଲା। ଜଣେ ଯାତ୍ରୀଙ୍କ ଅନୁଯାୟୀ, ଯାତ୍ରା ଆରମ୍ଭର ପ୍ରାୟ ଦେଢ଼ ଘଣ୍ଟା ପରେ ହଠାତ୍ ପ୍ରବଳ ଝଟକା ଅନୁଭବ ହୋଇଥିଲା। ବିମାନଟି ପ୍ରାୟ ୨ ରୁ ୩ ମିନିଟ୍ ପର୍ଯ୍ୟନ୍ତ ଭୟଙ୍କର ଭାବେ ଦୋହଲିବାକୁ ଲାଗିଥିଲା। ଏହାସହ ତଳକୁ ଖସିବାରେ ଲାଗିଥିଲା। ଯାହା ଫଳରେ ଅନେକ ଯାତ୍ରୀ ଆହତ ହୋଇଥିଲେ। ଜାତୀୟ ରାଜଧାନୀରେ ବିମାନଟି ସୁରକ୍ଷିତ ଭାବେ ଅବତରଣ କରିବା ପରେ ସମସ୍ତ ଯାତ୍ରୀ ଓ କ୍ରୁ ସଦସ୍ୟଙ୍କୁ ବିମାନରୁ ଓହ୍ଲାଇ ଦିଆଯାଇଥିଲା। ଆହତ ଯାତ୍ରୀମାନଙ୍କୁ ତୁରନ୍ତ ବିମାନବନ୍ଦରରେ ଥିବା ଚିକିତ୍ସା କେନ୍ଦ୍ରକୁ ନିଆଯାଇଥିଲା। ଏୟାର ଇଣ୍ଡିଆର ଜଣେ ପ୍ରବକ୍ତା କହିଛନ୍ତି ଯେ, ଯାତ୍ରୀ ଓ କ୍ରୁ ସଦସ୍ୟଙ୍କ ସୁରକ୍ଷା ସେମାନଙ୍କର ପ୍ରାଥମିକତା ଏବଂ ସେମାନେ ପ୍ରଭାବିତ ବ୍ୟକ୍ତିଙ୍କୁ ସମସ୍ତ ଆବଶ୍ୟକୀୟ ସହାୟତା ଯୋଗାଇ ଦେଉଛନ୍ତି। ଏଥିସହ ଏହି ଘଟଣାର ତଦନ୍ତ ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କୁ ସମ୍ପୂର୍ଣ୍ଣ ସହଯୋଗ କରାଯାଉଥିବା କମ୍ପାନୀ ପକ୍ଷରୁ କୁହାଯାଇଛି। ସୋସିଆଲ ମିଡିଆରେ ଏହି ଘଟଣାର କିଛି ଭିଡିଓ ବର୍ତ୍ତମାନ ଭାଇରାଲ ହେବାରେ ଲାଗିଛି। ଏଥିରେ ଦେଖିବାକୁ ମିଳୁଛି ଯେ, ଝଟକା ଏତେ ପ୍ରବଳ ଥିଲା ଯେ ବିମାନ କ୍ୟାବିନର ଉପର ଭାଗ ବା ସିଲିଂରେ ଫାଟ ସୃଷ୍ଟି ହୋଇଛି। ଜଣେ ଯାତ୍ରୀ ଦାବି କରିଛନ୍ତି ଯେ ବିମାନରେ ଥିବା ପ୍ରାୟ ୧୫-୨୦ ଜଣ ଯାତ୍ରୀ ଆହତ ହୋଇଛନ୍ତି ଏବଂ ଏଥିପାଇଁ ସେ ଏୟାର ଇଣ୍ଡିଆ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ମଧ୍ୟ ବିଚାର କରୁଛନ୍ତି।



# ଇରାନକୁ ଟ୍ରମ୍ପଙ୍କ 'ଶେଷ ସୁଯୋଗ' ଧମକ

## କୂଟନୈତିକ ସମାଧାନ ନ ହେଲେ ସାମରିକ ଆକ୍ରମଣ



ୱାଶିଂଟନ୍, ୪।୮ (ଏଜେନ୍ସି): ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ କୂଟନୈତିକ ବୁଝାମଣା କରିବାକୁ 'ଶେଷ ସୁଯୋଗ' ଦେଇଥିବା କହି ସତର୍କ କରାଇଛନ୍ତି। ଏକ ବଡ଼ ଧରଣର ସାମରିକ ଆକ୍ରମଣକୁ ସାମୟିକ ଭାବେ ସ୍ଥଗିତ ରଖିବା ପରେ ସେ ଏହି ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଯଦି ଏହି ପର୍ଯ୍ୟାୟରେ କୌଣସି ବୁଝାମଣା ସ୍ୱାକ୍ଷର ନହୁଏ, ତେବେ ଏହା ଇରାନ ପାଇଁ ଚୂଡ଼ାନ୍ତ ସୁଯୋଗ ବୋଲି ବିବେଚନା କରାଯିବ। ସାମ୍ବାଦିକମାନଙ୍କୁ ସମ୍ବୋଧିତ କରି ଟ୍ରମ୍ପ ପ୍ରକାଶ କରିଛନ୍ତି ଯେ, ଆମେରିକା ଇରାନ ଉପରେ ଏକ ବଡ଼ ଧରଣର ଆକ୍ରମଣ କରିବାକୁ ସମ୍ପୂର୍ଣ୍ଣ ପ୍ରସ୍ତୁତ ଥିଲା। ଏହି ଆକ୍ରମଣ ଦ୍ୱିତୀୟ ବିଶ୍ୱଯୁଦ୍ଧ ପରଠାରୁ ସବୁଠାରୁ ଭୟଙ୍କର ହୋଇଥାନ୍ତା। କିନ୍ତୁ ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ, କାତାର ଏବଂ ଇରାନ ପକ୍ଷରୁ କୂଟନୈତିକ ଆଲୋଚନା ପାଇଁ ଅନୁରୋଧ ଆସିବା ପରେ ଏହି ସୈନ୍ୟ କାର୍ଯ୍ୟାନୁଷ୍ଠାନକୁ ରୋକାଯାଇଛି।

ଟ୍ରମ୍ପଙ୍କ ଦାବି ଅନୁଯାୟୀ, ରଣନୈତିକ ଦୃଷ୍ଟିକୋଣରୁ ଗୁରୁତ୍ୱପୂର୍ଣ୍ଣ 'ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍'କୁ ସମ୍ପୂର୍ଣ୍ଣ ଭାବେ ପୁନଃ କାର୍ଯ୍ୟକ୍ଷମ କରିବା ଏବଂ ଇରାନର ସମ୍ପୂର୍ଣ୍ଣ ପରମାଣୁ ନିରସ୍ତ୍ରୀକରଣ ହିଁ ଆଲୋଚନାର ମୁଖ୍ୟ ବିଷୟ ହେବା ଆବଶ୍ୟକ। ଟ୍ରମ୍ପ ସ୍ପଷ୍ଟ କରିଛନ୍ତି ଯେ ଇରାନକୁ କେବେ ବି ପରମାଣୁ ଅସ୍ତ୍ର ହାସଲ କରିବାକୁ ଦିଆଯିବ ନାହିଁ। ଯଦିଓ ଟ୍ରମ୍ପ ଦାବି କରିଛନ୍ତି ଯେ ଇରାନର ଅନୁରୋଧ କ୍ରମେ ଆଲୋଚନା ଜାରି ରହିଛି, କିନ୍ତୁ ଇରାନ ଏହାକୁ ଅସ୍ୱୀକାର କରିଛି। ଇରାନ ବୈଦେଶିକ ମନ୍ତ୍ରଣାଳୟର ପ୍ରବକ୍ତା ଏସମାଇଲ ବାଘାଇ କହିଛନ୍ତି ଯେ ଆମେରିକା ସହ କୌଣସି ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହେଉନାହିଁ। ଅନ୍ୟପଟେ ଟ୍ରମ୍ପ ଇରାନ ନେତୃତ୍ୱକୁ ଅତ୍ୟଧିକ ଛଳନାକାରୀ ବୋଲି ଆକ୍ଷେପ କରିଛନ୍ତି। ସେ କହିଛନ୍ତି ଯେ ଇରାନ ଅଧିକାରୀମାନେ ଆମେରିକା ପ୍ରତିନିଧିଙ୍କ ସହ ଘଣ୍ଟା ଘଣ୍ଟା ଧରି ଆଲୋଚନା କରୁଥିଲେ ମଧ୍ୟ ସର୍ବସାଧାରଣରେ ଏହାକୁ ଅସ୍ୱୀକାର କରୁଛନ୍ତି। ବର୍ତ୍ତମାନ ବିଶ୍ୱ ସମୁଦାୟର ନଜର ହର୍ମୁଜ୍ ଉପରେ ରହିଛି, ଯାହା ଆଗାମୀ ଦିନକ ମଧ୍ୟରେ ଖୋଲିପାରେ ବୋଲି ଟ୍ରମ୍ପ ଆଶା ପ୍ରକଟ କରିଛନ୍ତି। ଯଦି ଏହି କୂଟନୈତିକ ପ୍ରୟାସ ବିଫଳ ହୁଏ, ତେବେ ପଶ୍ଚିମ ଏସିଆରେ ଏକ ବଡ଼ ଧରଣର ସାମରିକ ସଂଘର୍ଷର ଆଶଙ୍କା ସୃଷ୍ଟି ହୋଇଛି।

# ପଞ୍ଜାବରେ ଆଇଏସ୍‌ଆଇ ଆତଙ୍କବାଦୀ ନେଟ୍‌ୱର୍କ



୪ ନାବାଳକଙ୍କ ସମେତ ୯ ଗିରଫ

ଅମୃତସର, ୪।୮ (ଏଜେନ୍ସି): ପଞ୍ଜାବ ପୁଲିସ ୨ଟି ଆଇଏସ୍‌ଆଇ ସମର୍ଥିତ ସୀମାପାର ଆତଙ୍କବାଦୀ ନେଟ୍‌ୱର୍କକୁ ଧରିବାରେ ସଫଳ ହୋଇଛି। ଏହି ଅପରେସନରେ ପୁଲିସ ୪ ଜଣ ନାବାଳକଙ୍କ ସମେତ ମୋଟ ୯ ଜଣଙ୍କୁ ଗିରଫ କରିଛି। ସେମାନେ ନିଯୁକ୍ତି, ଗୁପ୍ତଚର କାମ ଏବଂ ବେଆଇନ ଅସ୍ତ୍ରଶସ୍ତ୍ର ଯୋଗାଡ଼ କରିବା କାର୍ଯ୍ୟରେ ସାମିଲ ଥିଲେ। ପଞ୍ଜାବର ପୁଲିସ ମହାନିର୍ଦ୍ଦେଶକ ସାମାଜିକ ଗଣମାଧ୍ୟମରେ ଏନେଇ ସୂଚନା ଦେଇଛନ୍ତି। ଏଥିରେ ବିଦେଶୀ ସହାୟତା ରହିଥିବା ସେ କହିଛନ୍ତି। ଗିରଫ ଅଭିଯୁକ୍ତଙ୍କ ନିକଟରୁ ୩ଟି ବେଆଇନ ପିସ୍ତଲ, ୪ଟି ପେଟ୍ରୋଲ ବୋମା ଏବଂ ୯ଟି ଜୀବନ୍ତ ଗୁଳି ଜବତ କରାଯାଇଛି। ଅଭିଯୁକ୍ତମାନେ ବିଦେଶରେ ରହୁଥିବା ଆଇଏସ୍‌ଆଇ ହ୍ୟାଣ୍ଡଲର୍‌ଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଥିଲେ। ସେମାନଙ୍କର ମୁଖ୍ୟ ଲକ୍ଷ୍ୟ ଥିଲା ସ୍ଥାନୀୟ ଯୁବକମାନଙ୍କୁ ଆତଙ୍କବାଦୀ କାର୍ଯ୍ୟକଳାପରେ ସାମିଲ କରିବା, ଗୁରୁତ୍ୱପୂର୍ଣ୍ଣ ସୁରକ୍ଷା ପ୍ରତିଷ୍ଠାନଗୁଡ଼ିକ ଉପରେ ନଜର ରଖିବା ଏବଂ ଜନସାଧାରଣଙ୍କ ମଧ୍ୟରେ ଅଶାନ୍ତି ସୃଷ୍ଟି କରିବା। ତଦନ୍ତରୁ ଜଣାପଡ଼ିଛି ଯେ, ଅଭିଯୁକ୍ତମାନେ ରେଳ ଧାରଣା ନିକଟରେ ସିସିଟିଭି କ୍ୟାମେରା ଲଗାଇ ସେହି ଫୁଟେଜ୍‌କୁ ବିଦେଶୀ ହ୍ୟାଣ୍ଡଲର୍‌ମାନଙ୍କ ସହ ସେୟାର କରୁଥିଲେ। ପୁଲିସ ବର୍ତ୍ତମାନ ଏହି ନେଟୱାର୍କର ଅନ୍ୟ ସଦସ୍ୟମାନଙ୍କୁ ଚିହ୍ନଟ କରିବା ସହ ସେମାନଙ୍କର ଆର୍ଥିକ କାରବାର ଏବଂ ଅନ୍ୟାନ୍ୟ ଆତଙ୍କବାଦୀ କାର୍ଯ୍ୟକଳାପ ସହ ସମ୍ପର୍କ ବିଷୟରେ ଅଧିକ ଖୋଳତାଡ଼ ଜାରି ରଖିଛି।

# ଝାଡ଼ଖଣ୍ଡରେ ବି ଜେନ୍-ଜି ଆନ୍ଦୋଳନ ଜୋର ଧରିଲା

ରାଞ୍ଚି, ୪।୮ (ଏଜେନ୍ସି): ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଛାତ୍ର ଆନ୍ଦୋଳନ ଏକ ନୂଆ ମୋଡ଼ ନେଇଛି। ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ହୋଇଥିବା ଅନିୟମିତତା ବିରୋଧରେ ସ୍ୱର ଉତ୍ତୋଳନ କରି ଯୁବ ଛାତ୍ର ନେତା ଦେବେନ୍ଦ୍ର ନାଥ ମାହାତୋ ବର୍ତ୍ତମାନ ଆନ୍ଦୋଳନର ମୁଖ୍ୟ ଚେହେରା ଭାବେ ଉଭା ହୋଇଛନ୍ତି। ରାଞ୍ଚିର ଜୟପାଲ ସିଂ ମୁଣ୍ଡା ଷ୍ଟାଡିୟମରେ ହଜାର ହଜାର ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିବା ବେଳେ ମାହାତୋ ରବିବାର ରାତିରୁ ଅନିର୍ଦ୍ଦିଷ୍ଟ କାଳ

**ଛାତ୍ର ଆନ୍ଦୋଳନର ନୂଆ ଚେହେରା ଦେବେନ୍ଦ୍ର ନାଥ ମାହାତୋଙ୍କ ଆମରଣ ଅନଶନ**





ପାଇଁ ଆମରଣ ଅନଶନ ଆରମ୍ଭ କରିଛନ୍ତି। ଝାଡ଼ଖଣ୍ଡ ଲୋକସେବା ଆୟୋଗ (ଜେପିଏସ୍‌ସି) ଏବଂ ଝାଡ଼ଖଣ୍ଡ କର୍ମଚାରୀ ଚୟନ ଆୟୋଗ (ଜେଏସ୍‌ଏସ୍‌ସି) ଦ୍ୱାରା ପରିଚାଳିତ ବିଭିନ୍ନ ନିଯୁକ୍ତି ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। ଜେପିଏସ୍‌ସି ସିଭିଲ ସେବା ପ୍ରାରମ୍ଭିକ ପରୀକ୍ଷା ଫଳ ପ୍ରକାଶ ପାଇବା ପରେ ଏହି ବିବାଦ ତେଜିଛି। ଦେବେନ୍ଦ୍ର ନାଥ ମାହାତୋ ଏହି ଘଟଣାର ସିବିଆଇ ଏବଂ ଇଡି ଦ୍ୱାରା ତଦନ୍ତ କରାଯିବା ସହ ସ୍ୱଚ୍ଛତା ନ ଆସିବା ପର୍ଯ୍ୟନ୍ତ ପରୀକ୍ଷାକୁ ବାତିଲ କରିବା ପାଇଁ ଦାବି କରିଛନ୍ତି। ମାହାତୋଙ୍କ ଅନୁଯାୟୀ, ଅଧିକାରୀମାନଙ୍କ ପକ୍ଷରୁ କୌଣସି ସନ୍ତୋଷଜନକ ପଦକ୍ଷେପ ନିଆ ନଯିବାରୁ ସେମାନଙ୍କ ପାଖରେ ଅନଶନ ବ୍ୟତୀତ ଅନ୍ୟ କୌଣସି ବିକଳ୍ପ ନଥିଲା। ରାଞ୍ଚିର ଏକ ଗ୍ରାମାଞ୍ଚଳରୁ ଆସିଥିବା ମାହାତୋ ଜଣେ ଉଚ୍ଚଶିକ୍ଷିତ ଯୁବକ। ସେ ସଂସ୍କୃତ ଏବଂ କୁଡ଼ମାଲି ଭାଷାରେ ସ୍ନାତକୋତ୍ତର କରିବା ସହ ବିଇଡି ମଧ୍ୟ କରିଛନ୍ତି। ୨୦୧୫ରୁ ସେ ବିଭିନ୍ନ ଛାତ୍ର ସମସ୍ୟା, ଯଥା- ପ୍ରଶ୍ନପତ୍ର ଲିକ ଓ ନିଯୁକ୍ତି ନିୟମାବଳୀକୁ ନେଇ ସଂଗ୍ରାମ ଜାରି ରଖିଛନ୍ତି। ଏପରିକି ୨୦୨୪ ବିଧାନସଭା ନିର୍ବାଚନରେ ସେ ସ୍ୱାଧୀନ ପ୍ରାର୍ଥୀ ଭାବେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରିଥିଲେ। ତାଙ୍କର ଏହି ନିର୍ଭୀକ ପଦକ୍ଷେପ ପାଇଁ ଅନେକ ତାଙ୍କୁ ସୋନମ ୱାଙ୍ଗଚୁକଙ୍କ ସହ ତୁଳନା କରି 'ୱାଙ୍ଗଚୁକ ୨.୦' ବୋଲି କୁହାଯାଉଛି। ଏହି ଆନ୍ଦୋଳନକୁ ବର୍ତ୍ତମାନ ବିଭିନ୍ନ ମହଲରୁ ସମର୍ଥନ ମିଳିବାରେ ଲାଗିଛି। 'କକ୍ରୋଚ୍ ଜନତା ପାର୍ଟି' (ସିଜେପି)ର ପ୍ରତିଷ୍ଠାତା ଅଭିଜିତ ଦିପକେ ମାହାତୋଙ୍କ ସହ ଭିଡିଓ କନଫରେନ୍ସିଂ ମାଧ୍ୟମରେ ଆଲୋଚନା କରି ନିଜର ସମ୍ପୂର୍ଣ୍ଣ ସମର୍ଥନ ଜଣାଇଛନ୍ତି।

# ଆସାମ ବନ୍ୟା ମୃତ୍ୟୁସଂଖ୍ୟା ୮୭କୁ ବୃଦ୍ଧି

ଗୁଆହାଟୀ, ୪।୮ (ଏଜେନ୍ସି): ଆସାମରେ ବନ୍ୟା ସ୍ଥିତି ଅତି ଗୁରୁତର ହେବାରେ ଲାଗିଛି। ରାଜ୍ୟରେ ବନ୍ୟାଜନିତ ମୃତ୍ୟୁ ସଂଖ୍ୟା ବୃଦ୍ଧି ପାଇ ୮୭ରେ ପହଞ୍ଚିଥିବା ବେଳେ ପ୍ରାୟ ୧.୩ ଲକ୍ଷ ଲୋକ ଏବେ ମଧ୍ୟ ଜଳବନ୍ଦୀ ଅବସ୍ଥାରେ ଅଛନ୍ତି। ଗତ ୨୪ ଘଣ୍ଟାରେ ଶିବସାଗର ଜିଲ୍ଲାରୁ ଆଉ ୨ ଜଣ ପ୍ରାଣ ହରାଇଛନ୍ତି। ରାଜ୍ୟର ଅଧିକାଂଶ ଅଞ୍ଚଳରୁ ବନ୍ୟା ଜଳ ଧୀରେ ଧୀରେ ହ୍ରାସ ପାଉଥିଲେ ହେଁ, ୬ଟି ଜିଲ୍ଲାରେ ପ୍ରାୟ ୧, ୨୮, ୦୦୦ ଲୋକ ପ୍ରଭାବିତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଶିବସାଗର ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୋଇଛି। ରାଜ୍ୟରେ ହେକ୍ଟର ହେକ୍ଟର ଚାଷ ଜମି ଜଳମଗ୍ନ ହୋଇଛି। ପ୍ରାୟ ୫୫, ୦୦୦ ଗୃହପାଳିତ ପଶୁ ବନ୍ୟା ଜଳରେ ଭାସି ଯାଇଥିବା ବେଳେ ଅନ୍ୟ ୩୫, ୦୦୦ ପଶୁ ପ୍ରଭାବିତ ହୋଇଛନ୍ତି। ନୁମାଲିଗଡ଼ଠାରେ ଧନଶିରି ନଦୀ ବିପଦ ସଙ୍କେତ ଉପରେ ପ୍ରବାହିତ ହେଉଛି। ବନ୍ୟା ପରିସ୍ଥିତି ମଧ୍ୟରେ ଭାରତୀୟ ପାଣିପାଗ ବିଭାଗ (ଆଇଏମ୍‌ଡି) ଏକ ନୂତନ ଚେତାବନୀ ଜାରି କରିଛି। ପଡୋଶୀ ରାଜ୍ୟ ଅରୁଣାଚଳ ପ୍ରଦେଶ ଏବଂ ମେଘାଳୟରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହେବାର ସମ୍ଭାବନା ଥିବାରୁ ରେଡ୍ ଏବଂ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହାର ପ୍ରଭାବ ଆସାମର ସୀମାବର୍ତ୍ତୀ ଜିଲ୍ଲାଗୁଡ଼ିକ ଉପରେ ପଡ଼ିବାର ଆଶଙ୍କା ରହିଛି। ଆସାମ ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ରିଲିଫ୍ କାର୍ଯ୍ୟ ଜାରି ରହିଛି।





# ଥମୁନି ପୁଲିସ କାର୍ଯ୍ୟାନୁଷ୍ଠାନ, ଚାନ୍ଦା ଚୋରି ତାତି

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ସଂସଦର ମୌସୁମୀ ଅଧିବେଶନରେ ମଙ୍ଗଳବାର ମଧ୍ୟ ଶାସକ ଏବଂ ବିରୋଧୀ ଦଳଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଦେଖିବାକୁ ମିଳିଛି। ନିଟ୍ ପ୍ରଶ୍ନପତ୍ର ଲିକ, ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଆତ୍ମସାତ ଏବଂ ଛାତ୍ର ଆନ୍ଦୋଳନକାରୀଙ୍କ ଉପରେ ପୁଲିସର କାର୍ଯ୍ୟାନୁଷ୍ଠାନ ଭଳି ବିଭିନ୍ନ ପ୍ରସଙ୍ଗକୁ ନେଇ ଆଜି ମଧ୍ୟ ବିରୋଧୀଙ୍କ ପ୍ରବଳ ହଟ୍ଟଗୋଳ ଯୋଗୁଁ ଲୋକସଭା ଓ ରାଜ୍ୟସଭା ବାରମ୍ବାର ବାଧାପ୍ରାପ୍ତ ହୋଇଛି। ଅନ୍ୟପଟେ ବିଜେପି ପକ୍ଷରୁ ବିରୋଧୀ ଦଳଗୁଡ଼ିକ ଉପରେ ଗୃହ କାର୍ଯ୍ୟରେ ବାଧା ସୃଷ୍ଟି କରୁଥିବା ଅଭିଯୋଗ ଅଣାଯାଇଛି। ବିଜେପି ରାଷ୍ଟ୍ରୀୟ ପ୍ରବକ୍ତା ସମ୍ବିତ ପାତ୍ର କହିଛନ୍ତି ଯେ, ଇଣ୍ଡିଆ ମେଣ୍ଟର ସହଯୋଗୀ ଦଳଗୁଡ଼ିକ ଜାଣିଶୁଣି ଗୃହକାର୍ଯ୍ୟରେ ବାଧା ସୃଷ୍ଟି କରୁଛନ୍ତି। ଫଳରେ ଜନସାଧାରଣଙ୍କ ପ୍ରସଙ୍ଗରେ ଆଲୋଚନା ହୋଇପାରୁ ନାହିଁ। ସେ ଅଭିଯୋଗ କରିଛନ୍ତି ଯେ ପ୍ରତି ଅଧିବେଶନରେ କୋଟି କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ ପ୍ରଶ୍ନକାଳ ଏବଂ ଶୂନ୍ୟକାଳକୁ ଚାଲିବାକୁ ଦିଆଯାଉ ନାହିଁ। ଆଜି ମଧ୍ୟ କଂଗ୍ରେସ ନେତ୍ରୀ ପ୍ରିୟଙ୍କାଙ୍କ ସମେତ ଅନ୍ୟ ବିରୋଧୀ ସାଂସଦ ସଂସଦ ପରିସରରେ ପ୍ରତିବାଦ କରିଛନ୍ତି। ଅଯୋଧ୍ୟା ରାମ ମନ୍ଦିର ଚାନ୍ଦା ଚୋରି ଅଭିଯୋଗ ଏବଂ ଛାତ୍ରମାନଙ୍କ ଉପରେ ହୋଇଥିବା ପୋଲିସ କାର୍ଯ୍ୟାନୁଷ୍ଠାନକୁ ନେଇ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହାଙ୍କ ବିବୃତି ଦାବି କରିଛନ୍ତି। ମଲ୍ଲିକାର୍ଜୁନ ଖଡଗେ କହିଛନ୍ତି ଯେ ଏହି ପ୍ରସଙ୍ଗରେ ଆଲୋଚନା ପାଇଁ ସରକାର ଅନୁମତି ଦେବା ଉଚିତ। ହଟ୍ଟଗୋଳ ମଧ୍ୟରେ ମଧ୍ୟ ସରକାର କେତେକ ଗୁରୁତ୍ୱପୂର୍ଣ୍ଣ ବିଲ୍ ପାରିତ କରାଇଛନ୍ତି। ରାଜ୍ୟସଭାରେ 'ଜନ୍ମ ଓ ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍, ୨୦୨୬' ପାରିତ ହୋଇଛି। ଏହି ନୂତନ ବିଲ୍ ଅନୁଯାୟୀ, ୨ ବର୍ଷରୁ ଅଧିକ ବିଳମ୍ବରେ ଜନ୍ମ ବା ମୃତ୍ୟୁ ପଞ୍ଜୀକରଣ କରିବା ପାଇଁ ଫାଷ୍ଟ କ୍ଲାସ ଜୁଡିସିଆଲ ମାଜିଷ୍ଟ୍ରେଟଙ୍କ ଆଦେଶ ଆବଶ୍ୟକ ହେବ। ଫଳରେ ଡେରିରେ ହେଉଥିବା ପଞ୍ଜୀକରଣ ପ୍ରକ୍ରିୟାକୁ ଅଧିକ କଠୋର ହେବ। ଏଥିସହ ଲୋକସଭାରେ 'ବ୍ୟୟମଞ୍ଜୁରୀ ବିଲ୍' ପାରିତ ହୋଇଛି। କେନ୍ଦ୍ର ଅର୍ଥମନ୍ତ୍ରୀ ଲୋକସଭାରେ 'ଟିକସ ଏବଂ ଅନ୍ୟାନ୍ୟ ଆଇନ (ସଂଶୋଧନ) ବିଲ୍, ୨୦୨୬' ଆଗତ କରିଛନ୍ତି।


**ରାଜ୍ୟସଭାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ (ସଂଶୋଧନ) ବିଲ୍ ପାରିତ**





# ପଞ୍ଜାବ ବିଧାନସଭାରେ ଇ-୨୦ ପେଟ୍ରୋଲ୍ ବିରୋଧୀ ପ୍ରସ୍ତାବ ପାରିତ

ଚଣ୍ଡିଗଡ଼, ୪।୮ (ଏଜେନ୍ସି): ପଞ୍ଜାବ ବିଧାନସଭାରେ କେନ୍ଦ୍ର ସରକାରଙ୍କ ଦେଶବ୍ୟାପୀ ଇ୨୦ ପେଟ୍ରୋଲ୍ ପ୍ରଚଳନ ବିରୋଧରେ ପ୍ରସ୍ତାବ ପାରିତ ହୋଇଛି। ଏହାକୁ ସବୁ ଦଳର ସଦସ୍ୟମାନେ ସମର୍ଥନ ଜଣାଇ ଇ୨୦ ନୀତିକୁ ପ୍ରତ୍ୟାହାର କରିବା ପାଇଁ କେନ୍ଦ୍ର ସରକାରଙ୍କୁ ଅନୁରୋଧ କରିଛନ୍ତି। ପ୍ରସ୍ତାବ ଅନୁଯାୟୀ, ପୁରୁଣା ମଡେଲର ଦୁଇ ଚକିଆ, ଚାରି ଚକିଆ ଏବଂ କୃଷି କାର୍ଯ୍ୟରେ ବ୍ୟବହୃତ ଯନ୍ତ୍ରପାତି ଉପରେ ଇ୨୦ ପେଟ୍ରୋଲର କୁପ୍ରଭାବ ପଡୁଛି। ଏହା ସାଧାରଣ ଜନତା ଏବଂ ଚାଷୀଙ୍କ ପାଇଁ ଆର୍ଥିକ ବୋଝ ସୃଷ୍ଟି କରୁଛି। ପଞ୍ଜାବ ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ଏଠାକାର ଗ୍ରାମୀଣ ଅର୍ଥନୀତି ପୁରୁଣା ପେଟ୍ରୋଲ୍ ଚାଳିତ ପମ୍ପ ସେଟ୍ ଏବଂ ହାଲୁକା ପରିବହନ ଗାଡ଼ି ଉପରେ ନିର୍ଭରଶୀଳ। ସବୁଜ ଶକ୍ତି ବା ବାୟୋଫୁଏଲ୍‌କୁ ସମର୍ଥନ କରୁଥିଲେ ମଧ୍ୟ ଗ୍ରାହକଙ୍କୁ ବିକଳ୍ପ ସୁବିଧା ପ୍ରଦାନ କରିବାକୁ ବିଧାନସଭା ଗୁରୁତ୍ୱ ଦେଇଛି। କେନ୍ଦ୍ର ନିକଟରେ ପଞ୍ଜାବ ବିଧାନସଭା ଦ୍ୱାରା ପ୍ରସ୍ତାବିତ ଦାବିଗୁଡ଼ିକ ହେଲା: ପେଟ୍ରୋଲ୍ ପମ୍ପରେ ଇ୨୦ ସହିତ ବିନା ମିଶ୍ରିତ ବା ଇ୧୦ ପେଟ୍ରୋଲର ବିକଳ୍ପ ରହୁ। ଇଥାନଲ୍ ମିଶ୍ରଣ ଦ୍ୱାରା ଇଞ୍ଜିନ ଉପରେ କୁପ୍ରଭାବର ବୈଷୟିକ ମୂଲ୍ୟାଙ୍କନ କରାଯାଉ। ଗାଡ଼ିର ମରାମତି ବା ଇଞ୍ଜିନ ପରିବର୍ତ୍ତନ ପାଇଁ ଆର୍ଥିକ ସହାୟତା ବା ସବ୍‌ସିଡି ପ୍ରଦାନ କରାଯାଉ।



# ୟେମେନରେ ଆକ୍ରମଣ, ବୁଡ଼ିଲା ଭାରତୀୟ ଜାହାଜ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଲୋହିତ ସାଗରରେ ୟେମେନ ଉପକୂଳ ନିକଟରେ ଏକ ଭାରତୀୟ ବାଣିଜ୍ୟିକ ଜାହାଜ ଉପରେ ଅଜଣା କ୍ଷେପଣାସ୍ତ୍ର ମାଡ଼ ହେବା ଫଳରେ ଜାହାଜଟି ବୁଡ଼ି ଯାଇଛି। ଏହି ଦୁର୍ଘଟଣାରେ ଜାହାଜରେ ଥିବା ସମସ୍ତ ୧୩ ଜଣ ଭାରତୀୟ କର୍ମଚାରୀଙ୍କ ସମେତ ମୋଟ ୧୪ ଜଣଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରାଯାଇଛି। ସୂଚନା ଅନୁଯାୟୀ, 'ଏମ୍‌ଏସ୍‌ଜି ଫୈଜ ନୁରେ ଓଲିଆ' ନାମକ ଏହି ଭାରତୀୟ ପତାକାଧାରୀ ବାଣିଜ୍ୟିକ ଜାହାଜଟି ମଙ୍ଗଳବାର ୟେମେନ ଜଳସୀମା ନିକଟରେ ଆକ୍ରମଣର ଶିକାର ହୋଇଥିଲା। ଅଜଣା କ୍ଷେପଣାସ୍ତ୍ର ମାଡ଼ ଯୋଗୁଁ ଜାହାଜଟି ସମୁଦ୍ରରେ ବୁଡ଼ି ଯାଇଥିଲା। ଜାହାଜରେ ୧୩ ଜଣ ଭାରତୀୟ ଏବଂ ଜଣେ ବିଦେଶୀ ନାଗରିକ ଥିଲେ। ୟେମେନ କୋଷ୍ଟଗାର୍ଡ ସହାୟତା ପାଇଁ ତୁରନ୍ତ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଥିଲେ। ଏହପରେ ସମସ୍ତଙ୍କୁ ସୁରକ୍ଷିତ ଭାବେ ମୋଖା ବନ୍ଦରକୁ ଅଣାଯାଇଛି। ଭାରତୀୟ ବୈଦେଶିକ ମନ୍ତ୍ରଣାଳୟ ଏହି ଆକ୍ରମଣକୁ ଅଯଥା କହିବା ସହ ନିରୀହ ବାଣିଜ୍ୟିକ ଜାହାଜ ଉପରେ ହୋଇଥିବା ଆକ୍ରମଣକୁ ତୀବ୍ର ନିନ୍ଦା କରିଛି।

ଗଞ୍ଜାମ ଗସ୍ତରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

# ମା' କନ୍ଧୁଣୀ ଦେବୀଙ୍କ ପୀଠରେ କଲେ ପୂଜାର୍ଚ୍ଚନା



ବ୍ରହ୍ମପୁର/ସାନଖେମୁଣ୍ଡି,୪।୮ (ସମିସ): ଦୁଇଦିନିଆ ଗଞ୍ଜାମ ଗସ୍ତରେ ଆସିଛନ୍ତି ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ। ଭୁବନେଶ୍ୱରରୁ ରେଳ ଯୋଗେ ସେ ବ୍ରହ୍ମପୁର ପହଞ୍ଚିବା ପରେ ତପ୍ତପାଣି ସମେତ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦାନ କରିଛନ୍ତି। ତପ୍ତପାଣିରେ ପହଞ୍ଚି ସେ କାନ୍ଧୁଣୀ ଦେବୀ ଓ ମହାଦେବ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଦିବ୍ୟ ଆରତିରେ ଅଂଶଗ୍ରହଣ କରିଛନ୍ତି। ରାଷ୍ଟ୍ରପତିଙ୍କ ସହ ଓଡ଼ିଶାର ରାଜ୍ୟପାଳ ଡ଼ ହରିବାବୁ କୁମ୍ଭମପାଟି ଓ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ମଧ୍ୟ ଉପସ୍ଥିତ ଥିଲେ।

ରାଷ୍ଟ୍ରପତିଙ୍କ ଗଞ୍ଜାମ ଗସ୍ତ ଅବସରରେ ପବିତ୍ର ତପ୍ତପାଣି ଆଜି ରଙ୍ଗ, ରାଗ, ତାଳ ଓ ପରମ୍ପରାର ଏକ ଅପୂର୍ବ ସମାଗମର ସାକ୍ଷୀ ପାଲଟିଥିଲା। ଜିଲ୍ଲାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ଲୋକ କଳାକାରମାନେ ନିଜ ନିଜର ପାରମ୍ପରିକ ବେଶଭୂଷା, ଆଦିମ ବାଦ୍ୟଯନ୍ତ୍ର ଏବଂ ମନୋମୁଗ୍ଧକର ଲୋକନୃତ୍ୟ ପରିବେଷଣ କରି ଗଞ୍ଜାମର ସମୃଦ୍ଧ ସାଂସ୍କୃତିକ ବୈଭବକୁ ଦେଶର ପ୍ରଥମ ନାଗରିକଙ୍କ ସମ୍ମୁଖରେ ଗୌରବର ସହ ଉପସ୍ଥାପନ କରିଥିଲେ। ଶିଙ୍ଗା, ତୁରୀ, ଝାଞ୍ଜ, ଚାଙ୍ଗୁ, ମୃଦଙ୍ଗ ଓ ଅନ୍ୟାନ୍ୟ ପାରମ୍ପରିକ ବାଦ୍ୟର ସମ୍ମିଳିତ ନିନାଦରେ ସମଗ୍ର ତପ୍ତପାଣି ପ୍ରକମ୍ପିତ ହୋଇ ଉଠିଥିଲା।

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପବିତ୍ର ମା' କନ୍ଧୁଣୀ ଦେବୀ ପୀଠରେ ପହଞ୍ଚି ଦିବ୍ୟ ଦର୍ଶନ ଓ ପୂଜାର୍ଚ୍ଚନା କରିଥିଲେ। ଏହି ପବିତ୍ର ଆଦିବାସୀ ଆସ୍ଥାକେନ୍ଦ୍ରକୁ ଗସ୍ତ କରିବାରେ ସେ ଦେଶର ପ୍ରଥମ ରାଷ୍ଟ୍ରପତି। ପବିତ୍ର ନୀତିକାନ୍ତି ଓ ବିଧିବିଧାନ ଅନୁଯାୟୀ ମାନ୍ୟବର ରାଷ୍ଟ୍ରପତି ମା' କନ୍ଧୁଣୀ ଦେବୀଙ୍କ ନିକଟରେ ପୂଜାର୍ଚ୍ଚନା କରିବା ସହ ଦେଶର ଶାନ୍ତି, ସମୃଦ୍ଧି, ଏକତା ଏବଂ ସର୍ବସାଧାରଣଙ୍କ ମଙ୍ଗଳ କାମନା କରିଥିଲେ। ପରେ ସେ ନିକଟସ୍ଥ ମହାଦେବ ମନ୍ଦିରରେ ମଧ୍ୟ ଦର୍ଶନ କରି ଦିବ୍ୟ ଆରତିରେ ଅଂଶଗ୍ରହଣ କରିଥିଲେ।

ଏହାପୂର୍ବରୁ ବ୍ରହ୍ମପୁର ରେଳ ଷ୍ଟେସନରୁ କଡ଼ା ସୁରକ୍ଷା ବଳରେ ତପ୍ତପାଣି ଗସ୍ତବେଳେ ଆମ୍ବ ବଜାର ନିକଟ ମିନାକ୍ଷୀ ନଗର ସ୍ଥିତ ମହାମାୟୀ ମହାବିଦ୍ୟାଳୟର ଛାତ୍ରୀମାନେ ହାତରେ ତ୍ରିରଙ୍ଗା ଧରି ତାଙ୍କୁ ସ୍ୱାଗତ କରିବାକୁ ଅପେକ୍ଷା କରିଥିଲେ। ଏହାକୁ ଦେଖି ରାଷ୍ଟ୍ରପତି ଶ୍ରୀମତି ମୁର୍ମୁ ଗାଡ଼ି ଅଟକାଇବା ସହ ଗାଡ଼ିରୁ ଓହ୍ଲାଇ ସେମାନଙ୍କୁ ଚକୋଲେଟ ଦେଇଥିଲେ। ଛାତ୍ରୀଙ୍କ ସହ ପାଠପଢ଼ା ବିଷୟରେ ପଚାରି ବୁଝିବା ପରେ ସିଧା ତପ୍ତପାଣି ଅଭିମୁଖେ ଯାତ୍ରା ଆରମ୍ଭ କରିଥିଲେ।

# ନବୀନଙ୍କୁ ଭେଟିଲେ ଅନୁଗୋଳ, କଟକ-ଚୌଦ୍ୱାର ବିଜେଡି ନେତା



ଭୁବନେଶ୍ୱର,୪।୮ (ସମିସ): ଅନୁଗୋଳ ଜିଲ୍ଲା ବିଜେଡି ସଭାପତି ତଥା ବିଧାୟକ ବ୍ରଜ କିଶୋର ପ୍ରଧାନଙ୍କ ନେତୃତ୍ୱରେ ମଙ୍ଗଳବାର ଦଳର ଜିଲ୍ଲା ନେତୃତ୍ୱ ତଥା କର୍ମୀମାନେ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ନବୀନ ନିବାସରେ ସାକ୍ଷାତ କରିଛନ୍ତି। ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିବା ବିଧାୟକ, ପୂର୍ବତନ ବିଧାୟକ, ଜିଲ୍ଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, ଜିଲ୍ଲା ଯୋଜନା କମିଟି ସଦସ୍ୟଙ୍କ ସହ ଏହି ଅବସରରେ ନବୀନ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ବିଶେଷକରି ଜିଲ୍ଲାର ବିକାଶମୂଳକ କାର୍ଯ୍ୟକ୍ରମ, ସାଂଗଠନିକ କାର୍ଯ୍ୟକ୍ରମ ସମ୍ପର୍କରେ ଜିଲ୍ଲା ନେତୃତ୍ୱ ନବୀନଙ୍କ ସହ ଆଲୋଚନା କରିଥିଲେ। ଜିଲ୍ଲାବାସୀଙ୍କ ସୁଖ, ଦୁଃଖରେ ଯୋଡ଼ି ହୋଇରହିବା ସହ ରାଜ୍ୟ ସରକାରଙ୍କ ପ୍ରତିଟି ଦୋଷ ଦୁର୍ବଳତାକୁ ଲୋକ ଲୋଚନକୁ ମୁଖରତାର ସହ ଆଣିବାକୁ ଏହି ଅବସରରେ ନବୀନ ପରାମର୍ଶ ଦେଇଥିବା ଜଣାପଡ଼ିଛି।

## ପୌର ନିର୍ବାଚନ ପାଇଁ ସଂଗଠନ ସୁଦୃଢ଼ କରିବାକୁ ପରାମର୍ଶ



ଭୁବନେଶ୍ୱର,୪।୮ (ସମିସ): ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କୁ ଆଜି କଟକ-ଚୌଦ୍ୱାର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଜଗତପୁର ଓ ଚାଉଳିଆଗଞ୍ଜ ଅଞ୍ଚଳର ବିଜେଡି ନେତା, କର୍ପୋରେଟର ତଥା କର୍ମୀମାନେ ସାକ୍ଷାତ କରିଛନ୍ତି। ନବୀନ ନିବାସରେ ଅନୁଷ୍ଠିତ ଏହି ସାକ୍ଷାତ କାର୍ଯ୍ୟକ୍ରମରେ ବିଜେଡି ନେତୃବୃନ୍ଦ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ସମ୍ପର୍କରେ ନବୀନଙ୍କୁ ଅବଗତ କରାଇଥିଲେ। ଆସନ୍ତା ପୌର ନିର୍ବାଚନକୁ ଆଖି ଆଗରେ ରଖି ଦଳକୁ ସୁଦୃଢ଼ କରିବା ସହ ସାଂଗଠନିକ କାର୍ଯ୍ୟକ୍ରମକୁ ଆଗେଇ ନେବାକୁ ନବୀନ ସେମାନଙ୍କୁ ପରାମର୍ଶ ଦେଇଥିଲେ।

# ବନ୍ୟାଞ୍ଚଳ ପରିଦର୍ଶନ ବେଳେ ଉପମୁଖ୍ୟମନ୍ତ୍ରୀ ହଟହଟା

ଯାଜପୁର/ବାଲିଚନ୍ଦ୍ରପୁର/ଦଶରଥପୁର,୪।୮ (ସମିସ): ବନ୍ୟାଞ୍ଚଳ ପରିଦର୍ଶନରେ ଯାଇଥିବା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ବିପନ୍ନଙ୍କ ଆକ୍ରୋଶର ଶିକାର ହୋଇଛନ୍ତି। ସରକାରୀ ସାହାଯ୍ୟରୁ ବଞ୍ଚିତ ବନ୍ୟାପୀଡ଼ିତଙ୍କ ପ୍ରଶ୍ନର ଉତ୍ତର ଦେଇ ନ ପାରି ଉପମୁଖ୍ୟମନ୍ତ୍ରୀ ହଟହଟା ହୋଇଛନ୍ତି। ଯାଜପୁର ଜିଲ୍ଲାରେ ଆସିଥିବା ବନ୍ୟା ଯୋଗୁଁ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ଅଦ୍ୟାବଧି ସରକାରଙ୍କ ପକ୍ଷରୁ କୌଣସି ରିଲିଫ ବିପନ୍ନଙ୍କ ପାଖରେ ପହଞ୍ଚି ନାହିଁ। ଏଭଳି ସ୍ଥଳେ ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଜିଲ୍ଲାର ବିଭିନ୍ନ ବନ୍ୟାଞ୍ଚଳ ଗସ୍ତ କରିବାବେଳେ ତାଙ୍କୁ ବିପନ୍ନଙ୍କ ଆକ୍ରୋଶର ସମ୍ମୁଖୀନ ହେବାକୁ ପଡ଼ିଛି। ବାଲିଚନ୍ଦ୍ରପୁର ଓ ଦଶରଥପୁରରେ ବିପନ୍ନ ମାନେ ତାଙ୍କୁ ଗାଡ଼ିକୁ ଅଟକାଇ ରିଲିଫ୍ ଓ ପାଲ ତୁରନ୍ତ ଯୋଗାଇ ଦେବାକୁ ଦାବି କରିଥିଲେ।

ପ୍ରଥମେ ବଡ଼ଚଣା ବ୍ଲକର ଗୋପାଳପୁର ଅଞ୍ଚଳକୁ ଯାଇ ସେଠାରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ବଡ଼ଚଣାରେ ବିରୂପା ଓ ଗେଙ୍ଗୁଟିରେ ବନ୍ୟା ଆସି ୧୫ଟି ଗ୍ରାମ ଓ ପଡ଼ା ଗ୍ରାମର ୧୭ ହଜାରରୁ ଊର୍ଦ୍ଧ୍ୱ ବ୍ୟକ୍ତି ପ୍ରଭାବିତ ହୋଇଛନ୍ତି। ଗୋ-ସମ୍ପଦ ଅବସ୍ଥା ଅତ୍ୟନ୍ତ



ଶୋଚନୀୟ। ହଜାର ହଜାର ଏକର ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ହେଲେ ଆଜି ପର୍ଯ୍ୟନ୍ତ ସେଠାରେ କୌଣସି ରିଲିଫ ସାମଗ୍ରୀ ପହଞ୍ଚିପାରି ନାହିଁ। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଗୋପାଳପୁର ଅଞ୍ଚଳକୁ ପରିଦର୍ଶନ ବେଳେ ସ୍ଥାନୀୟ ଲୋକେ ତାଙ୍କ ଗାଡ଼ିକୁ ଅଟକାଇ, 'ଆମକୁ ପାଲ ଦିଅ, ପାଲ ଦିଅ' ବୋଲି ଚିତ୍କାର କରିଥିଲେ। ଏଥିସହିତ ଆଜି ପର୍ଯ୍ୟନ୍ତ ରିଲିଫ କାହିଁକି ମିଳିନାହିଁ ବୋଲି ପ୍ରଶ୍ନ କରିଥିଲେ। ରିଲିଫ ଓ ପାଲ ପାଇଁ ବନ୍ୟା ବିପନ୍ନଙ୍କ ମଧ୍ୟରେ ଥିବା ଆକ୍ରୋଶ ଏତେ ମାତ୍ରାରେ ଥିଲା ଯେ ବିପନ୍ନମାନଙ୍କ ପ୍ରଶ୍ନବାଣରେ ଉପମୁଖ୍ୟମନ୍ତ୍ରୀଙ୍କ ସହିତ ଥିବା ବିଜେପି ନେତାମାନେ ସେଠାରୁ ଛତ୍ରଭଙ୍ଗ ଦେଇଥିଲେ। ବନ୍ୟା ବିପନ୍ନମାନଙ୍କ ଆକ୍ରୋଶକୁ ଶାନ୍ତ କରିବା ପାଇଁ ସମସ୍ତ କ୍ଷତିଗ୍ରସ୍ତଙ୍କୁ ସରକାରୀ ସହାୟତା ମିଳିବ ବୋଲି ଉପମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇ ଫେରିଥିଲେ।

- ରିଲିଫ ଓ ପାଲ ପାଇଁ ଗାଡ଼ି ଅଟକାଇଲେ ବିପନ୍ନ
- ପ୍ରଶ୍ନବାଣରେ ଶାସକ ଦଳ ନେତାଙ୍କ ଛତ୍ରଭଙ୍ଗ
- ଟର୍ଚ୍ଚ ମାରି ଘାଇ ଦେଖିଲେ ଉପମୁଖ୍ୟମନ୍ତ୍ରୀ

ସେହିପରି ସନ୍ଧ୍ୟାରେ ଦଶରଥପୁର ବ୍ଲକର ତରପଦା ପଞ୍ଚାୟତ ଡୋଭାବିଲ ପାଟଣା ଅଞ୍ଚଳରେ ସୃଷ୍ଟି ହୋଇଥିବା ଘାଇ ପରିଦର୍ଶନ କରିବାକୁ ଉପମୁଖ୍ୟମନ୍ତ୍ରୀ ଆସିଥିବା ବେଳେ ସ୍ଥାନୀୟ ବିପନ୍ନମାନଙ୍କ ବିରୋଧର ମଧ୍ୟ ସମ୍ମୁଖୀନ ହୋଇଥିଲେ। ନିର୍ଦ୍ଧାରିତ ସମୟର ବହୁ ବିଳମ୍ବରେ ଉକ୍ତ ଘାଇ ନିକଟରେ ପହଞ୍ଚି ଟର୍ଚ୍ଚ ମାରି ଘାଇ ଦେଖି ଫେରୁଥିବା ସମୟରେ ବନ୍ୟା ବିପନ୍ନମାନେ କୌଣସି ସରକାରୀ ସହାୟତା କାହିଁକି ମିଳିନାହିଁ ବୋଲି ପ୍ରଶ୍ନ କରିଥିଲେ। ଶତାଧିକ ବିପନ୍ନ ଉପମୁଖ୍ୟମନ୍ତ୍ରୀଙ୍କ ଗାଡିକୁ ଅଟକାଇବା ସହିତ ସରକାରୀ ରିଲିଫ କେବେ ମିଳିବ ବୋଲି ପ୍ରଶ୍ନପଚାରିଥିଲେ। ପରିସ୍ଥିତି ଅଣାୟତ୍ତ ହେଉଥିବା ଦେଖି ସାଙ୍ଗରେ ଥିବା ସ୍ଥାନୀୟ ବିଜେପି ନେତା ମାନେ ଗାଡ଼ିରେ ବସି ପଳାଇଥିଲେ। ବିପନ୍ନମାନେ ଉପମୁଖ୍ୟମନ୍ତ୍ରୀଙ୍କ ଗାଡ଼ିକୁ ପିଛା କରି ହୋହାଲ୍ଲା କରିଥିବା ଦେଖିବାକୁ ମିଳିଥିଲା।

ଆଇନମନ୍ତ୍ରୀଙ୍କ ସହ ରାଜ୍ୟ ଆଇନଜୀବୀ ପରିଷଦର ଆଲୋଚନା

# ରାଜ୍ୟରେ ପ୍ରତିଷ୍ଠା ହେବ ଆଇନ ଏକାଡେମୀ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ଖୁବଶୀଘ୍ର ଆଇନଜୀବୀମାନଙ୍କ ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା କରାଯିବ। ଏହାସହ ଆଇନଜୀବିମାନଙ୍କ ପାଇଁ ସ୍ୱାସ୍ଥବୀମା ଲାଗୁ ସହ କଲ୍ୟାଣ ପାଣ୍ଠିକୁ ୯ ଲକ୍ଷ ଟଙ୍କାକୁ ବୃଦ୍ଧି ବିଷୟରେ ରାଜ୍ୟ ସରକାର ଆଇନଜୀବୀ ପରିଷଦର ଅନୁରୋଧ ସହିତ ସହମତି ପ୍ରକାଶ କରିଛନ୍ତି। ଏନେଇ ରାଜ୍ୟ ଆଇନଜୀବୀ ପରିଷଦର ଅଧ୍ୟକ୍ଷ ସୀତାଂଶୁ ମୋହନ ଦ୍ୱିବେଦୀ ପ୍ରକାଶ କରିଛନ୍ତି।

ରାଜ୍ୟ ସଚିବାଳୟ ପରିସରରେ ଆନୁଷ୍ଠାନିକ ଭାବେ ରାଜ୍ୟ ଆଇନଜୀବୀ ପରିଷଦର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଅରୁପାନନ୍ଦ ଦାସ, ବରିଷ୍ଠ ଆଇନଜୀବୀ ବିଭୁ ପ୍ରସାଦ ତ୍ରିପାଠୀ, ଆଇନଜୀବୀ ପରିଷଦର ସଦସ୍ୟ ଧନଞ୍ଜୟ ମୁଣ୍ଡ, ଆତ୍ମା ପ୍ରକାଶ ମହାନ୍ତି, ଅକ୍ଷୟ କୁମାର ସାମନ୍ତରାୟଙ୍କ ସହିତ ଆଲୋଚନା ବେଳେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଏହି ସଂପର୍କରେ ପୁଙ୍ଖାନୁପୁଙ୍ଖ ଭାବେ ଆଲୋଚନା କରିଛନ୍ତି। ରାଜ୍ୟ ସରକାର ଆଇନଜୀବୀମାନଙ୍କ କଲ୍ୟାଣ ପାଇଁ ଅଙ୍ଗୀକାରବଦ୍ଧ ଓ ଆଇନଜୀବୀ ପରିଷଦ ରାଜ୍ୟ ସରକାରଙ୍କ ସହିତ ଏ ଦିଗରେ କାର୍ଯ୍ୟ କରିବା ଲାଗି ଏହି ଅବସରରେ ଶ୍ରୀ ହରିଚନ୍ଦନ ପରାମର୍ଶ ଦେଇଥିଲେ। ରାଜ୍ୟ ସରକାର ଆଇନଜୀବୀ ସୁରକ୍ଷା ଆଇନ ପାଇଁ ପ୍ରସ୍ତାବିତ ବିଲ୍ ଉପରେ ପରିଷଦର ମତାମତ ଲୋଡ଼ିଛନ୍ତି।

କଲ୍ୟାଣ ପାଣ୍ଠି ୯ ଲକ୍ଷକୁ ବୃଦ୍ଧି ସହ ସ୍ୱାସ୍ଥ୍ୟବୀମା କାର୍ଯ୍ୟକାରୀ କରିବାକୁ ମନ୍ତ୍ରୀଙ୍କ ସହମତି

ସେହିପରି ସେମାନଙ୍କର ପେସାଗତ ଦକ୍ଷତା ବୃଦ୍ଧି ପାଇଁ ଆଇନ ଏକାଡେମୀ ପ୍ରତିଷ୍ଠା ହେବାକୁ ଥିବାବେଳେ ରାଜ୍ୟ ଆଇନଜୀବୀ ପରିଷଦକୁ ସରକାର ଆବଶ୍ୟକ ଜମି ଯୋଗାଇଦେବେ। ପ୍ରାରମ୍ଭିକ ସ୍ତରରେ ସରକାର ଏଥିପାଇଁ ସ୍ଥାୟୀ ଭିତ୍ତିଭୂମି ପ୍ରସ୍ତୁତ ନ ହେବା ପର୍ଯ୍ୟନ୍ତ ଅସ୍ଥାୟୀ ଭାବେ ପ୍ରଶିକ୍ଷଣ ଗୃହ ପ୍ରଦାନ କରିବେ ବୋଲି ଶ୍ରୀ ହରିଚନ୍ଦନ ପ୍ରତିଶ୍ରୁତି ଦେଇଥିଲେ। ଏହି ଆଲୋଚନା ଅବସରରେ ଆଇନ ସଚିବ ଡଃ ପବିତ୍ର ମୋହନ ସାମଲ ରାଜ୍ୟ ଆଇନଜୀବୀ ପରିଷଦ କଲ୍ୟାଣ ପାଣ୍ଠିର ବୈଠକ ନିୟମିତ ବ୍ୟବଧାନରେ କରାଯିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟର ସମସ୍ତ ଆଇନଜୀବୀଙ୍କ ପାଇଁ ୫ ଲକ୍ଷ ଟଙ୍କାର ମଧୁବାବୁ ସ୍ୱାସ୍ଥବୀମା ସାମ୍ବାଦିକମାନଙ୍କ ଭଳି ଯୋଜନା କରିବା ପାଇଁ ଅନୁରୋଧ କରିଥିଲେ। ଆଇନ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହା କରିବା ପାଇଁ ମଧ୍ୟ ସ୍ୱୀକୃତି ପ୍ରଦାନ କରିଥିବା ଜଣାପଡ଼ିଛି। ଏହି ଅବସରରେ ଅଧ୍ୟକ୍ଷ ଶ୍ରୀ ଦ୍ୱିବେଦୀ ରାଜ୍ୟ ସରକାରଙ୍କ ନିକଟରେ କୃତଜ୍ଞତା ଜ୍ଞାପନ କରିବା ସହିତ ଉପରଲିଖିତ ପ୍ରସ୍ତାବଗୁଡିକୁ ଯଥାଶୀଘ୍ର କାର୍ଯ୍ୟକାରୀ କରିବା ପାଇଁ ଅନୁରୋଧ କରିଛନ୍ତି।

# ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚା ଟିମ୍‌ରେ ମାର୍‌ପିଟ୍

ସମ୍ବଲପୁର, ୪।୮ (ସମିସ): କିଛିଦିନ ପୂର୍ବରୁ ସମ୍ବଲପୁର ବିଜେପି ଯୁବ ମୋର୍ଚ୍ଚାର ସମସ୍ତ ସଦସ୍ୟଙ୍କ ନାମ ଘୋଷଣା ହୋଇଛି। ନାମ ଘୋଷଣା ହେବା ପରଠାରୁ ଟିମ୍‌ରେ ଝଗଡ଼ା ଲାଗି ରହିଥିଲା; ହେଲେ ଏବେ ଝଗଡ଼ା ସୀମା ଲଙ୍ଘିଛି। ପଦବୀରେ ଥିବା ଜଣେ ସଦସ୍ୟଙ୍କୁ ଅନ୍ୟ ଜଣେ ସଦସ୍ୟ ବାଡ଼େଇ ମୁଣ୍ଡ ପଠାଇ ଦେଇଥିବା ଜଣାପଡ଼ିଛି।

ସୂଚନା ଅନୁସାରେ, ଟିମ୍‌ରେ ଥିବା ଜଣେ ଉଚ୍ଚ ପଦବୀଧାରୀଙ୍କ ସମ୍ପର୍କରେ ସବୁ ଖବର ରାଜ୍ୟ ବିଜେପି ଯୁବ ମୋର୍ଚ୍ଚା ସଭାପତିଙ୍କୁ ଦିଆଯାଉଥିଲା। ଏହାକୁ ନେଇ ଟିମ୍‌ରେ ଗୋଷ୍ଠୀକନ୍ଦଳ ଲାଗି ରହିଥିଲା। ୫ ଦିନ ପୂର୍ବରୁ ସମଲେଶ୍ୱରୀ ମନ୍ଦିର ପଛରେ ଏ ସମ୍ପର୍କରେ ଆଲୋଚନା ବେଳେ ସଦସ୍ୟଙ୍କ ମଧ୍ୟରେ ପ୍ରବଳ ଝଗଡ଼ା ଲାଗିଥିଲା। ଏଥିରେ ଉତ୍ୟକ୍ତ ହୋଇ ଜଣେ ସଦସ୍ୟ ରେଙ୍ଗାଲି ଅଞ୍ଚଳର ଅନ୍ୟ ଜଣେ ସଦସ୍ୟଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଏଥିରେ ତାଙ୍କ ମୁଣ୍ଡ ଫାଟି ଯାଇଥିଲା। ତେବେ ପରିବାର ଲୋକଙ୍କ ହସ୍ତକ୍ଷେପ ପରେ ଏହି ଘଟଣାକୁ ଚାପି ଦିଆଯାଇଥିଲା।

ସାଂସଦ ମାନସଙ୍କ ପ୍ରଶ୍ନରେ ମନ୍ତ୍ରୀଙ୍କ ଉତ୍ତର

# ରାଜ୍ୟରେ ସାରର କୌଣସି ଅଭାବ ନାହିଁ


ନୂଆଦିଲ୍ଲୀ,୪।୮ (ସମିସ): ଓଡ଼ିଶାରେ ଚଳିତ ଖରିଫ ଋତୁରେ କୃଷକଙ୍କ ପାଇଁ ୟୁରିଆ, ଡିଏପି ଏବଂ ଏନପିକେଏସ୍ ସାରର କୌଣସି ଅଭାବ ନଥିବା କେନ୍ଦ୍ର ସରକାର ସ୍ପଷ୍ଟ କରିଛନ୍ତି। ରାଜ୍ୟସଭାରେ ସାଂସଦ ମାନସ ରଞ୍ଜନ ମଙ୍ଗରାଜ ପଚାରିଥିବା ଏକ ଅଣତାରକା ପ୍ରଶ୍ନର ଉତ୍ତରରେ କେନ୍ଦ୍ର ରସାୟନ ଓ ସାର ମନ୍ତ୍ରଣାଳୟର ରାଜ୍ୟମନ୍ତ୍ରୀ ଅନୁପ୍ରିୟା ପଟେଲ ଏହି ସୂଚନା ଦେଇଛନ୍ତି। ସାଂସଦ ଶ୍ରୀ ମଙ୍ଗରାଜ ଓଡ଼ିଶା ପାଇଁ ୟୁରିଆ, ଡିଏପି ଏବଂ ଏନପିକେ ସାରର ବଣ୍ଟନ, ରାଜ୍ୟର ଚାହିଦା ପୂରଣ ହୋଇଛି କି ନାହିଁ, କୌଣସି ଅଭାବ ରିପୋର୍ଟ ହୋଇଛି କି ନାହିଁ ଏବଂ ଧାର୍ଯ୍ୟ ସମୟରେ ସାର ଯୋଗାଣ ପାଇଁ ସରକାର କେଉଁ ପଦକ୍ଷେପ ନେଇଛନ୍ତି ସେ ସମ୍ପର୍କରେ ପ୍ରଶ୍ନ କରିଥିଲେ।

କେନ୍ଦ୍ର ମନ୍ତ୍ରୀ ଶ୍ରୀମତୀ ପଟେଲ୍ ସଂସଦରେ ଦେଇଥିବା ତଥ୍ୟ ଅନୁଯାୟୀ, ୧ ଏପ୍ରିଲ୍ ୨୦୨୬ରୁ ୨୯ ଜୁଲାଇ ୨୦୨୬ ପର୍ଯ୍ୟନ୍ତ ଓଡ଼ିଶାରେ ସମସ୍ତ ପ୍ରମୁଖ ସାରର ଉପଲବ୍ଧତା ରାଜ୍ୟର ଆବଶ୍ୟକତାଠାରୁ ଅଧିକ ରହିଛି। ୟୁରିଆର ଆବଶ୍ୟକତା ୩.୧୧ ଲକ୍ଷ ମେଟ୍ରିକ ଟନ୍ ଥିବା ବେଳେ ୪.୪୭ ଲକ୍ଷ ମେଟ୍ରିକ ଟନ୍ ସାର ଉପଲବ୍ଧ କରାଯାଇଛି। ଏହାସହିତ ଡିବିଟି ମାଧ୍ୟମରେ ୨.୦୮ ଲକ୍ଷ ମେଟ୍ରିକ ଟନ୍ ବିକ୍ରି କରାଯାଇଥିବା ବେଳେ ୨୯ ଜୁଲାଇ ସୁଦ୍ଧା ଅବଶିଷ୍ଟ ୨.୪୦ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି। ସେହିପରି ଡିଏପିର ଆବଶ୍ୟକତା ୧.୩୯ ଲକ୍ଷ ମେଟ୍ରିକ ଟନ୍ ଓ ଉପଲବ୍ଧ ପରିମାଣ ୧.୭୨ ଲକ୍ଷ ମେଟ୍ରିକ ଟନ୍ ରହିଛି। ୦.୯୬ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହେବା ସହ ୦.୭୬ ଲକ୍ଷ ମେଟ୍ରିକ ଟନ୍ ମହଜୁଦ ଅଛି। ଏନପିକେଏସ୍‌ର ଆବଶ୍ୟକତା ୧.୯୦ ଲକ୍ଷ ମେଟ୍ରିକ ଟନ ଥିବା ବେଳେ ୨.୨୯ ଲକ୍ଷ ମେଟ୍ରିକ ଟନ ଉପଲବ୍ଧ ରହିଛି। ୧.୦୧ ଲକ୍ଷ ମେଟ୍ରିକ ଟନ୍ ବିକ୍ରି ହୋଇ ସାରିଥିବା ବେଳେ ଅବଶିଷ୍ଟ ୧.୨୯ ଲକ୍ଷ ମେଟ୍ରିକ ଟନ୍ ମହଜୁଦ୍ ରହିଛି।

କେନ୍ଦ୍ର ସରକାର କହିଛନ୍ତି, ସାରର ଉପଲବ୍ଧତା ଆବଶ୍ୟକତାଠାରୁ ଅଧିକ ଥିବା ଏବଂ ଉପଲବ୍ଧତା ବିକ୍ରିଠାରୁ ମଧ୍ୟ ଅଧିକ ରହିଛି। ଓଡ଼ିଶାରେ ସାରର ସ୍ଥିତି ସନ୍ତୋଷଜନକ ରହିଛି ଓ କୌଣସି ଅଭାବର ରିପୋର୍ଟ ନାହିଁ ବୋଲି କୁହାଯାଇଛି। ଏହା ବ୍ୟତୀତ ଚାଷୀଙ୍କ ଆବଶ୍ୟକତାକୁ ଧ୍ୟାନରେ ରଖି ସମୟସୀମା ଅନୁଯାୟୀ ପର୍ଯ୍ୟାପ୍ତ ସାର ଯୋଗାଇ ଦିଆଯାଇଛି। ସମୟମତେ ସାର ଯୋଗାଣ ପାଇଁ କେନ୍ଦ୍ର ସରକାର ୬ଟି ପ୍ରମୁଖ ପଦକ୍ଷେପ ଗ୍ରହଣ କରୁଛନ୍ତି ବୋଲି ମନ୍ତ୍ରୀ କହିଛନ୍ତି। ଚାହିଦା ଅନୁଯାୟୀ ସାର ଯୋଗାଣ ସୁନିଶ୍ଚିତ କରାଯାଇଥିବାରୁ କୃଷକମାନେ ସାର ଅଭାବର ସମ୍ମୁଖୀନ ହୋଇନାହାନ୍ତି ବୋଲି ସଂସଦରେ ସରକାର ସ୍ପଷ୍ଟ କରିଛନ୍ତି। ଏହା ସହ ଆଗାମୀ ଦିନରେ ମଧ୍ୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସମନ୍ୱରେ ସାର ଯୋଗାଣ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ ରଖାଯିବ ବୋଲି ସରକାର ସୂଚନା ଦେଇଛନ୍ତି।

# ରାଷ୍ଟ୍ରପତି ଭବନରେ ଶୋଭାପାଇବ ରଥ ଚକ

ପୁରୀ,୪।୮ (ସମିସ): ଓଡ଼ିଶାର ସମୃଦ୍ଧ ସାଂସ୍କୃତିକ ତଥା ଆଧ୍ୟାତ୍ମିକ ଐତିହ୍ୟର ବଡ଼ ସ୍ୱୀକୃତି ସ୍ୱରୂପ ରାଷ୍ଟ୍ରପତି ଭବନରେ ଶୋଭା ପାଇବ ମହାପ୍ରଭୁଙ୍କ ତିନି ରଥର ଗୋଟିଏ ଲେଖାଏଁ ପବିତ୍ର ଚକ। ଏହି ପ୍ରସ୍ତାବକୁ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ (ଏସ୍‌ଜେଟିଏ) ପକ୍ଷରୁ ଉପସ୍ଥାପନ କରାଯିବା ପରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନୁମୋଦନ ଦେଇଛନ୍ତି। ଫଳରେ ବିଶ୍ୱପ୍ରସିଦ୍ଧ ଶ୍ରୀଗୁଣ୍ଡିଚା ଯାତ୍ରାର



ଏହି ପ୍ରତୀକ ଏବେ ଦେଶର ସର୍ବୋଚ୍ଚ ସାମ୍ବିଧାନିକ ବାସଭବନର ଶୋଭାମଣ୍ଡନ କରିବ। ସୋମବାର ଭୁବନେଶ୍ୱରଠାରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ରାଷ୍ଟ୍ରପତିଙ୍କୁ ଭେଟି ଏହି ପ୍ରସ୍ତାବ ଦେଇଥିଲେ। ରାଷ୍ଟ୍ରପତି ଏହାକୁ ତୁରନ୍ତ ଅନୁମୋଦନ କରିଛନ୍ତି।

ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ପାଢ଼ୀ କହିଛନ୍ତି, ରାଷ୍ଟ୍ରପତିଙ୍କ ସହ ସାକ୍ଷାତ୍ ସମୟରେ ଘୋଷଯାତ୍ରାର ରଥତ୍ରୟର ଗୋଟିଏ ଲେଖାଏଁ ପବିତ୍ର ଚକକୁ ରାଷ୍ଟ୍ରପତି ଭବନରେ ସ୍ଥାପନ କରିବା ପାଇଁ ସହମତି ପ୍ରଦାନ କରିଛନ୍ତି। ଏହା ଓଡ଼ିଶାବାସୀ ଏବଂ ସମସ୍ତ ଜଗନ୍ନାଥ ପ୍ରେମୀଙ୍କ ପାଇଁ ଅତ୍ୟନ୍ତ ଆନନ୍ଦ ଓ ଗୌରବର ବିଷୟ। ମହାପ୍ରଭୁଙ୍କ ରଥର ଚକ ଏବେ ଦେଶର ସର୍ବୋଚ୍ଚ ପ୍ରାସାଦରେ ଶୋଭା ପାଇବ।

- ସମ୍ମତି ପ୍ରଦାନ କଲେ ରାଷ୍ଟ୍ରପତି
- ଗୌରବର ବିଷୟ କହିଲେ ମୁଖ୍ୟ ପ୍ରଶାସକ

ଉଲ୍ଲେଖଯୋଗ୍ୟ, ପ୍ରତିବର୍ଷ ବିଶ୍ୱପ୍ରସିଦ୍ଧ ରଥଯାତ୍ରା ପାଇଁ ନୂତନ ଭାବେ ତିନିରଥ ନିର୍ମାଣ କରାଯାଇଥାଏ। ଏହି ପବିତ୍ର ରଥ ଏବଂ ଏହାର ଚକ ରାଜ୍ୟର ଅନନ୍ୟ ସାଂସ୍କୃତିକ ପରିଚୟ, ଭକ୍ତି ଓ ବିଶ୍ୱାସର ପ୍ରତୀକ ଅଟେ। ପ୍ରତିବର୍ଷ ରଥଯାତ୍ରା ପରେ ତିନି ରଥକୁ ଭଙ୍ଗାଯାଏ। କିଛି ଅଂଶ ଶ୍ରୀମନ୍ଦିର ରୋଷଘରେ ବ୍ୟବହୃତ ହେଉଥିବାବେଳେ ରଥର ଗୁରୁତ୍ୱପୂର୍ଣ୍ଣ ଅଂଶ ଯେପରି କି, ଚକ, ଗୁଜ, ଅଶୁଆରୀ ଆଦି ସଂରକ୍ଷିତ ରଖାଯାଇଥାଏ। ପରବର୍ତ୍ତୀ ସମୟରେ ଶ୍ରୀମନ୍ଦିର ପ୍ରଶାସନକୁ ଆବେଦନ କରି ବିଭିନ୍ନ ଧର୍ମୀୟ ଅନୁଷ୍ଠାନ ଧାର୍ଯ୍ୟ ଦେୟ ଦେଇ ରଥ ଚକ ନେଇଥା'ନ୍ତି। ସେମାନେ ପୁରୀରୁ ଆଧ୍ୟାତ୍ମିକ ଶୋଭାଯାତ୍ରାରେ ଚକ ନେଇ ସ୍ଥାପନ କରିବା ସହ ପୂଜାର୍ଚ୍ଚନା ମଧ୍ୟ କରିଥା'ନ୍ତି। ଏବେ ପ୍ରଥମଥର ପାଇଁ ନନ୍ଦିଘୋଷ, ତାଳଧ୍ୱଜ ଓ ଦର୍ପଦଳନ ରଥର ଗୋଟିଏ ଲେଖାଏଁ ଚକ ରାଷ୍ଟ୍ରପତି ଭବନ ପରି ଜାତୀୟସ୍ତରରେ ସ୍ଥାନ ପାଇବାକୁ ଯାଉଛି। ଏହା ପୁରୀ ତଥା ଓଡ଼ିଶା ପାଇଁ ଗୌରବର ବିଷୟ ବୋଲି ସମସ୍ତେ ମତ ରଖିଛନ୍ତି। ଏହି ନିଷ୍ପତ୍ତିକୁ ସ୍ୱାଗତ କରି ବରିଷ୍ଠ ସେବାୟତ ବିଶ୍ୱାବସୁ ବିନାୟକ ଦାସ ମହାପାତ୍ର କହିଛନ୍ତି, ମହାପ୍ରଭୁଙ୍କ ରଥର ଚକ ଯେତେବେଳେ ରାଷ୍ଟ୍ରପତି ଭବନ ଭଳି ସ୍ଥାନରେ ଶୋଭା ପାଇବ, ସେତେବେଳେ ଏହା ସମଗ୍ର ଦେଶରେ ପୁରୀ ଏବଂ ଓଡ଼ିଶାର ସଂସ୍କୃତିକୁ ଆହୁରି ଉଚ୍ଚକୁ ନେଇଯିବ। ଅନେକ ବିଶିଷ୍ଟ ବ୍ୟକ୍ତି ଏହାକୁ ଦେଖିପାରିବେ। ଏହାଦ୍ୱାରା ଜଗନ୍ନାଥ ସଂସ୍କୃତି ସାରା ବିଶ୍ୱରେ ଅଧିକ ପ୍ରଚାରପ୍ରସାର ହୋଇପାରିବ। ଏହା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପରମ ସୌଭାଗ୍ୟ। ସେହିପରି ଜଣେ ଜଗନ୍ନାଥପ୍ରେମୀ ପ୍ରମୋଦ ସାହୁ କହିଛନ୍ତି, ଆମେ ପ୍ରତିବର୍ଷ ରଥଟଣା ଦେଖି ଧନ୍ୟ ହୋଇଥାଉ। ଆଜି ସେହି ରଥର ଚକ ରାଷ୍ଟ୍ରପତି ଭବନରେ ସ୍ଥାନ ପାଇବ ଶୁଣି ଛାତି ଗର୍ବରେ ଫୁଲି ଉଠୁଛି। ଏହା ପୁରୀ ପାଇଁ ଏକ ବଡ଼ ସମ୍ମାନ।

PARADEEP PARIVAHAN LIMITED
CIN: L52241OR2000PLC006379
Reg. Office- At -Room No 204 Above OBC Building, Bank Street Area, Port Town, Paradeep, Jagatsinghpur-754142, Odisha
Tel/ Fax- 06722-223416, Mail id: ho@paradeepparivahan.com
Corporate Office: A29, Pallaspalli, Near AirPort, Bhubaneswar, Pin- 751020, Odisha, India
Tel/ Fax- 0674-2590169, Mail id: info@paradeepparivahan.com
Website: www.paradeepparivahan.com

NOTICE OF 26TH ANNUAL GENERAL MEETING AND REMOTE E-VOTING

NOTICE IS HEREBY GIVEN THAT THE 26TH ANNUAL GENERAL MEETING (AGM) OF THE MEMBERS OF PARADEEP PARIVAHAN LIMITED WILL BE HELD ON WEDNESDAY, 26TH AUGUST, 2026 AT 12:30 PM (ISD) AT NUA SANDHAKUDA, MAYFAIR BAY RESORT, PLOT NO.47(P) & 56(P, MARINE DRIVE ROAD, PARADEEP-754142, ODISHA, INDIA.
Notice of the AGM setting out the business to be transacted, along with Proxy Form, Annual Report of the Company for the year ended March 31, 2026 have been sent in electronic mode on August 04, 2026 to the members whose e-mail IDs are registered with the Company or Depository Participant(s).
Members are hereby informed that the notice of the 26th Annual General Meeting and 26th Annual Report of the company are available on the website of the company www.paradeepparivahan.com . The Notice & Annual Report are also available for inspection at the registered office of the company on all working days during business hours of the Company.
Pursuant to the provisions of Section 108 of the Companies Act, 2013 read with Rule 20 of the Companies (Management and Administration) Amendment Rules, 2015 and Regulation 44 of SEBI (Listing Obligation and Disclosure Requirement) Regulations, 2015, and Secretarial Standard on General Meetings issued by the Institute of Company Secretaries of India members are provided with the facility to cast their votes on all resolutions set forth in the Notice of the Annual General Meeting using electronic voting. The facility for voting through Ballot Paper shall also be made available at the AGM and the members attending the AGM, who have not cast their vote by remote e-voting and otherwise not barred from attending the meeting, shall be able to exercise their right to vote at the AGM through Ballot Paper. The members who have already cast their vote by remote e-voting may attend the AGM but shall not be entitled to cast their vote again. In order to enable its members, who do not have access to e-voting facility, to send their assent or dissent in writing in respect of the resolutions as set out in the Notice of Annual General Meeting; the Company has also enclosed a ballot form with the Annual Report for 2025-26.
All members are hereby informed that:
1. The ordinary and special business as set out in the Notice of AGM may be transacted through voting by electronic means;
2. Date of completion of dispatch of Notice of AGM and Annual Report: August 04, 2026;
3. The remote e-voting shall commence on **Saturday, 22nd August, 2026 at 9:00 am (ISD)** and end on **Tuesday, 25th August, 2026 at 5:00 pm (ISD);**
4. The remote e-voting shall not be allowed beyond Tuesday, 25th August, 2026 at 5:00 pm (ISD);
5. The cut-off date for determining the eligibility to vote through remote e-voting or at the AGM will be Wednesday, 19th August, 2026;
6. A person who has acquired shares and become a member of the Company after the dispatch of notice of Annual General Meeting and holding shares as of cut-off date, may obtain the login ID and password by sending a request at www.evoting.nsdl.com and https://ivote.bigshareonline.com. However, if the person is already registered with NSDL for remote e-voting then the existing user ID and password can be used for casting vote.
7. The facility for voting, either through electronic voting system or ballot or polling paper shall also be made available at the venue of the Annual General Meeting and Members who have not already casted their vote by remote e-voting shall be able to exercise their right at the Annual General Meeting. The Members who have casted their vote by remote e-voting prior to the Annual General Meeting may also attend the Annual General Meeting but shall not be entitled to cast their vote again.
8. A person, whose name is registered in the Register of members or in the register of beneficial owners maintained by the depositories as on the cut-off date i.e. Wednesday, 19th August, 2026 only shall be entitled to avail the facility of remote e-voting or voting through" electronic voting system" or ballot form at the AGM;
9. Shareholders holding shares in physical form (who have not registered their e-mail address) are requested to furnish their e-mail addresses and mobile numbers with the Company's RTA viz. Bigshare Services Pvt. Ltd.
10. Members holding shares in physical form or who have not registered their e-mail addresses with the Company can cast their vote through remote e-voting or e-voting at the AGM by following the below process for obtaining the e-voting credentials:
a) In case of shares held in physical form, please provide copy of the signed request letter mentioning the Folio Number, name and address of the shareholder, scanned copy of the share certificate (front and back), Self- attested copy of the PAN card and self-attested copy of any document (e.g. Driving License, Election Identity Card, Passport) in support of the address of the shareholder by email to RTA E-mail Id: ivote@bigshareonline.com or to the Company E-mail Id: cs@paradeepparivahan.com.
b) In case of shares held in demat form, please provide Demat account details (CDSL:-16 digit beneficiary ID or NSDL:-16 digit DPID + CLIO), Name of shareholder, client master or copy of consolidated Account statement, Self-attested copy of the PAN card and self-attested copy of Aadhaar Card by email to ivote@bigshareonline.com or to the Company E-mail Id: cs@paradeepparivahan.com
11. In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at https://ivote.bigshareonline.com, under download section or you can email us to ivote@bigshareonline.com or call us at: 1800 22 54 22. Alternatively, the Members may also write an e-mail to the Company at cs@paradeepparivahan.com for any queries/ information.

By Order of the Board of Directors
For PARADEEP PARIVAHAN LIMITED
SD/-
USHA RANI RAY
Company Secretary & Compliance Officer
ACS No.79021

Place: Bhubaneswar
Date: 04.08.2026

# ଘରେ ଘରେ ସୌରଶକ୍ତି ଉତ୍ପାଦନ ବଢ଼ାଇବାକୁ ୭୫,୦୨୧ କୋଟି ବରାଦ

ଭୁବନେଶ୍ୱର,୪।୮ (ସମିସ): ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନାରେ ଚଳିତ ଆର୍ଥିକ ବର୍ଷରେ ଅନ୍ୟୁନ କୋଟିଏ ବାସଗୃହରେ ସୌରଶକ୍ତି ଉତ୍ପାଦନ ଲାଗି କେନ୍ଦ୍ର ସରକାର ଲକ୍ଷ୍ୟ ରଖିଛନ୍ତି। ଏଥିପାଇଁ ୭୫,୦୨୧ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା ମଧ୍ୟ କରାଯାଇଛି। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ନିର୍ଦ୍ଦିଷ୍ଟ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସରକାରଙ୍କ ନୂତନ ଅକ୍ଷୟ ଶକ୍ତି ବିଭାଗ ମନ୍ତ୍ରୀ ଶ୍ରୀପଦ ନାଏକ ଏହି ସୂଚନା ଦେଇଛନ୍ତି।

କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ, ୨୦୨୪ ଫେବୃଆରୀ ମାସରୁ ପ୍ରଧାନମନ୍ତ୍ରୀ ସୂର୍ଯ୍ୟଘର ମାଗଣା ବିଜୁଳି ଯୋଜନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଯେଉଁସବୁ ଘରକୁ ବିଦ୍ୟୁତ ସଂଯୋଗ ରହିଛି ସେଗୁଡ଼ିକର ଛାତ ଉପରେ ସୌର ଶକ୍ତି ଉତ୍ପାଦନ କରାଯାଇ ଲୋକଙ୍କୁ ବିଜୁଳି ବିଲ୍‌ରୁ ଆଶ୍ୱସ୍ତି ଦିଆଯାଉଛି। ଘର ଛାତ ଉପରେ ଉତ୍ପାଦିତ ହେଉଥିବା ବିଜୁଳି ଶକ୍ତିକୁ ବିଦ୍ୟୁତ ପରିବଣ୍ଟନକାରୀ ସଂସ୍ଥାମାନଙ୍କ ମୁଖ୍ୟ ସ୍ରୋତକୁ ନିଆଯାଇ ବିଦ୍ୟୁତ ଉତ୍ପାଦନରେ ପରିବାର ଗୁଡ଼ିକୁ ଯୋଡ଼ାଯାଉଛି। ଏଥିପାଇଁ କେନ୍ଦ୍ର ସରକାର ହିତାଧିକାରୀମାନଙ୍କୁ ୬୦ ପ୍ରତିଶତ ପର୍ଯ୍ୟନ୍ତ ଆର୍ଥିକ ସହାୟତା ଯୋଗାଇ ଦେଉଛନ୍ତି। ଏ ଯାବତ୍ ଏହି ଯୋଜନାରେ ପାଖାପାଖି ଦେଢ଼ଲକ୍ଷ ଘର ଓଡ଼ିଶାରେ ସାମିଲ ହୋଇସାରିଲେଣି ଏବଂ ଏଥିଲାଗି ଗତ ଜୁଲାଇ ୨୯ ସୁଦ୍ଧା ଓଡ଼ିଶାକୁ ୭୧୪ କୋଟି ୩୨ଲକ୍ଷ ଟଙ୍କାର ସହାୟତା କେନ୍ଦ୍ରରୁ ମିଳିଛି।

ଜଳ ବିଦ୍ୟୁତ ଉତ୍ପାଦନ କ୍ଷେତ୍ରରେ ଉପୁଜୁଥିବା ସମସ୍ୟା ଏବଂ ତାପଜ ବିଦ୍ୟୁତ ଉତ୍ପାଦନ ପାଇଁ ଦେଖାଦେଉଥିବା ପ୍ରଦୂଷଣ ସମସ୍ୟାର ସଫଳ ମୁକାବିଲା ସୌର ଶକ୍ତି ଦ୍ୱାରା ହୋଇପାରିବ ବୋଲି ସାଂସଦ ଶ୍ରୀ ରାୟ ଆଶାବ୍ୟକ୍ତ କରିଛନ୍ତି। ଏବେ ଓଡ଼ିଶା ସମେତ ସାରା ଦେଶରେ ଇଲେକ୍ଟ୍ରିକ୍ ଯାନବାହନର ବ୍ୟବହାର ବୃଦ୍ଧି ପାଉଥିବା ପରିପ୍ରେକ୍ଷୀରେ ସୌରଶକ୍ତି ଯୁକ୍ତ ଇଭି ଚାର୍ଜି ଷ୍ଟେସନ୍‌ମାନ ପ୍ରତିଷ୍ଠା କରିବା ଏବଂ ପ୍ରତି ଘରକୁ ଯେଭଳି ସୌରଶକ୍ତି ଉତ୍ପାଦନ କେନ୍ଦ୍ରରେ ପରିଣତ କରାଯାଇପାରିବ ତାହା ଉପରେ ଅଧିକ ଧ୍ୟାନ ଦେବା ସହିତ ଓଡ଼ିଶା ଭଳି ରାଜ୍ୟକୁ ଏଥିପାଇଁ ସ୍ୱତନ୍ତ୍ର ଆର୍ଥିକ ସହାୟତା ବ୍ୟବସ୍ଥା କରିବାକୁ ସାଂସଦ ଶ୍ରୀ ରାୟ ଏକ ବିବୃତିରେ ଦାବି କରିଛନ୍ତି।

# ଓଡ଼ିଶାରେ ୪୨୨ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ

ଭୁବନେଶ୍ୱର,୪।୮ (ସମିସ): ଜାତୀୟ ସ୍ୱାସ୍ଥ୍ୟ ମିଶନ ଯୋଜନାରେ କେନ୍ଦ୍ର ସରକାର ଓଡ଼ିଶାର ୪୨୨ଟି ଆୟୁଷ ଡିସପେନ୍ସରୀକୁ ୱେଲନେସ୍ ସେଣ୍ଟର ଭାବେ ବିକାଶ କରିବା ସହିତ ଏଗୁଡ଼ିକୁ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ପରିଣତ କରିଛନ୍ତି। ଏ ସମସ୍ତ ଆୟୁଷ୍ମାନ ଆରୋଗ୍ୟ ମନ୍ଦିରରେ ରାଜ୍ୟର ବିଭିନ୍ନ ଜିଲ୍ଲାରେ କାର୍ଯ୍ୟକ୍ଷମ ରହିଛି। ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ ରାଜ୍ୟସଭାରେ ଏହି ତଥ୍ୟ ଦେଇଛନ୍ତି ବିଭାଗୀୟ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ।

ଓଡ଼ିଶାରେ ଆୟୁର୍ବେଦିକ ଚିକିତ୍ସାର ବିକାଶ ଏବଂ ଲୋକଙ୍କ ହାତ ପାଆନ୍ତାରେ ଏହି ପ୍ରାଚୀନ ତଥା ପାରମ୍ପରିକ ଚିକିତ୍ସା ପଦ୍ଧତିକୁ ବିଜ୍ଞାନ ସମ୍ମତ ଭାବେ ପହଞ୍ଚାଇବା ସଂକ୍ରାନ୍ତରେ ଶ୍ରୀ ରାୟ ସଂସଦରେ ପ୍ରଶ୍ନ ଉଠାଇଥିଲେ। କେନ୍ଦ୍ରମନ୍ତ୍ରୀ କହିଛନ୍ତି ଯେ ଜନସ୍ୱାସ୍ଥ୍ୟ ରାଜ୍ୟ ସରକାରମାନଙ୍କ ବ୍ୟାପାର ହୋଇଥିବାବେଳେ ଏହାର ବିକାଶ ଦିଗରେ କେନ୍ଦ୍ର ସରକାର ସହଯୋଗ କରିଥାନ୍ତି। ସ୍ୱାସ୍ଥ୍ୟସେବା କାର୍ଯ୍ୟକ୍ରମକୁ ସୁଦୃଢ଼ କରିବା ପାଇଁ କେନ୍ଦ୍ର ସରକାର ଜାତୀୟ ସ୍ୱାସ୍ଥ୍ୟ ମିଶନ ଓ ଜାତୀୟ ଆୟୁଷ ମିଶନ ଭଳି କେନ୍ଦ୍ର ପ୍ରବର୍ତ୍ତିତ ଯୋଜନାମାନ କାର୍ଯ୍ୟକାରୀ କରିଥାନ୍ତି। ଏହି କ୍ରମରେ ଓଡ଼ିଶାର ୨୯ଟି ଜିଲ୍ଲାର ୪୨୨ଟି ଆୟୁଷ ଡିସପେନ୍ସରୀକୁ ଆୟୁଷ ସ୍ୱାସ୍ଥ୍ୟ ଓ ନିରାମୟ କେନ୍ଦ୍ର ଭାବେ କେନ୍ଦ୍ରୀୟ ଯୋଜନାରେ ଉନ୍ନତି କରାଯାଇଛି। ଏଗୁଡ଼ିକ ଏବେ ଆୟୁଷ୍ମାନ ଆରୋଗ୍ୟ ମନ୍ଦିର ଭାବେ ପରିଚିତ। ଏଥିମଧ୍ୟରେ ଅନେକ ଆୟୁର୍ବେଦିକ ଡିସପେନ୍ସରୀ ମଧ୍ୟ ରହିଛି। ସୁନ୍ଦରଗଡ଼ ଜିଲ୍ଲାରେ ଏବେ ୧୩ଟି ଆୟୁଷ୍ମାନ ଆରୋଗ୍ୟ ମନ୍ଦିର କାର୍ଯ୍ୟକ୍ଷମ ରହିଛି। ଦେବଗଡ଼ ଜିଲ୍ଲାକୁ ଛାଡ଼ିଦେଇ ରାଜ୍ୟର ଅନ୍ୟ ୨୯ଟି ଜିଲ୍ଲାରେ ଏଭଳି ଆରୋଗ୍ୟ ମନ୍ଦିରମାନ ରହିଛି। ଓଡ଼ିଶାରେ ଲୋକଙ୍କ ବାଡ଼ିବଗିଚାଠାରୁ ଆରମ୍ଭ କରି ବଣଜଙ୍ଗଲରେ ବିରଳ ଔଷଧୀୟ ବୃକ୍ଷଲତାମାନ ରହିଥିବାରୁ ଆୟୁର୍ବେଦ ଚିକିତ୍ସା ଉପରେ ଅଧିକ ଗବେଷଣା ଓ ତା'ର ପ୍ରୟୋଗ ଲାଗି ଶ୍ରୀ ରାୟ କେନ୍ଦ୍ର ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ବନ୍ୟା ମୁକାବିଲା ପାଇଁ କେନ୍ଦ୍ର ଅନୁଦାନ ପ୍ରସଙ୍ଗରେ ବର୍ଷିଲା ବିଜେଡି

# କେନ୍ଦ୍ରୀୟ ଅନୁଦାନ ହ୍ରାସ ଲୁଚାଇବାକୁ ବନ୍ୟା ସହାୟତା ପ୍ରଚାର

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ବନ୍ୟା ମୁକାବିଲା ପାଇଁ କେନ୍ଦ୍ର ସରକାର ୫୦୦ କୋଟି ଟଙ୍କା ଅନୁଦାନ ଘୋଷଣା କରିଥିବାକୁ ନେଇ ରାଜ୍ୟ ସରକାର ଓ ବିଜେପି ପକ୍ଷରୁ ଏହାକୁ ବିଶେଷ ପ୍ରଚାର କରାଯାଉଛି। ମାତ୍ର ଏହି ଅନୁଦାନ କିଛି ବିଶେଷ ଅନୁଦାନ ନୁହେଁ। ବନ୍ୟା ବା ଅନ୍ୟ କୌଣସି ପ୍ରାକୃତିକ ବିପର୍ଯ୍ୟୟ ଘଟିଲେ ରାଜ୍ୟକୁ କେନ୍ଦ୍ରର ଅନୁଦାନ ମିଳିଥାଏ। ତେଣୁ ଏଥିପାଇଁ ବିଶେଷ ଉଲ୍ଲସିତ ହେବାର କୌଣସି କାରଣ ନାହିଁ ବୋଲି ବିଜେଡି ପକ୍ଷରୁ କୁହାଯାଇଛି। ଦଳ ପକ୍ଷରୁ ଜାରି କରାଯାଇଥିବା ଏକ ପ୍ରେସ ବିବୃତିରେ ଦଳର ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ଲେନିନ ମହାନ୍ତି କହିଛନ୍ତି ଯେ ଓଡ଼ିଶାରେ ଡବଲ୍ ଇଞ୍ଜିନ୍ ସରକାର ଗଠନ ହେଲେ ରାଜ୍ୟକୁ କେନ୍ଦ୍ରରୁ ଅଧିକ ଅର୍ଥ ଓ ବିକାଶ ମିଳିବ ବୋଲି ବିଜେପି ଯେଉଁ ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲା, ଦୁଇ ବର୍ଷର ତଥ୍ୟ ଦେଖିଲେ କେନ୍ଦ୍ର ଅନୁଦାନ ବଢିବା ପରିବର୍ତ୍ତେ କମିଛି। ରାଜ୍ୟର ବିଜେପି ନେତାମାନେ ବାସ୍ତବ ଚିତ୍ରକୁ ଲୁଚାଇବା ଉଦ୍ଦେଶ୍ୟରେ ବନ୍ୟା ମୁକାବିଲା ପାଇଁ ମିଳିଥିବା ସହାୟତାକୁ ପ୍ରଚାର କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି।

ଡ. ମହାନ୍ତି କହିଥିଲେ ଯେ ପ୍ରମୁଖ ବିକାଶମୂଳକ ଯୋଜନାଗୁଡ଼ିକରେ ଓଡ଼ିଶାକୁ ମିଳୁଥିବା କେନ୍ଦ୍ରୀୟ ଅନୁଦାନ ୨୦୨୩–୨୪ରେ ୨୧,୫୦୦ କୋଟିରୁ ୨୦୨୪–୨୫ରେ ୧୭,୦୦୦ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୨ ବର୍ଷ ମଧ୍ୟରେ ପ୍ରାୟ ୪,୫୦୦ କୋଟି ବା ୧୮.୧୯ ପ୍ରତିଶତ ହ୍ରାସ ପାଇଛି। ଏହା କେବଳ ଏକ ଅର୍ଥନୈତିକ ହିସାବ ନୁହେଁ; ଏହାର ସିଧାସଳଖ

**■ ଦୁଇ ବର୍ଷରେ ପ୍ରମୁଖ ବିକାଶ ଯୋଜନାରେ ୪,୫୦୦ କୋଟି ହ୍ରାସ**
**■ ଆବାସ, ପାନୀୟ ଜଳ, ଗ୍ରାମୀଣ ସଡ଼କ ଓ କୃଷି ଯୋଜନା ପ୍ରଭାବିତ**

ପ୍ରଭାବ ଓଡ଼ିଶାର ଗରିବ, କୃଷକ ଓ ଗ୍ରାମାଞ୍ଚଳର ଲୋକଙ୍କ ଉପରେ ପଡ଼ିବ। ଗ୍ରାମାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଓଡ଼ିଶାକୁ ମିଳୁଥିବା ଅନୁଦାନ ୪,୩୧୦ କୋଟିରୁ ୮୨୫ କୋଟିକୁ ଖସିଆସିଛି, ଅର୍ଥାତ୍ ପ୍ରାୟ ୩,୫୦୦ କୋଟି ହ୍ରାସ ଘଟିଛି। ସେହିପରି ସହାରାଞ୍ଚଳରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳିଥିବା ଅନୁଦାନ ୨୯୬ କୋଟିରୁ ୦.୭୩ କୋଟିକୁ ହ୍ରାସ ପାଇଛି, ଅର୍ଥାତ୍ ପ୍ରାୟ ୨୯୫ କୋଟି ହ୍ରାସ ପାଇଛି। ଯେଉଁ ସରକାର ଗରିବଙ୍କୁ ଘର ଦେବାର କଥା କହୁଛି, ସେହି ସରକାର ସମୟରେ ଆବାସ ଯୋଜନାରେ ଅନୁଦାନ କାହିଁକି ଏତେ କମିଲା ତା'ର ଉତ୍ତର ଦେବାର ଆବଶ୍ୟକତା ରହିଛି ବୋଲି ଡଃ ମହାନ୍ତି କହିଛନ୍ତି।

ଅନୁରୂପ ଭାବେ ଜଳ ଜୀବନ ମିଶନରେ ମଧ୍ୟ ଓଡ଼ିଶାକୁ ମିଳୁଥିବା ଅନୁଦାନ ୧,୫୮୧ କୋଟିରୁ ୩୬୮ କୋଟିକୁ ହ୍ରାସ ପାଇଛି। ଅର୍ଥାତ୍ ୧,୨୦୦ କୋଟିରୁ ଅଧିକ ହ୍ରାସ। ପ୍ରତ୍ୟେକ ଘରକୁ ପାଇପ୍ ଯୋଗେ ପାନୀୟ ଜଳ ପହଞ୍ଚାଇବାର ଲକ୍ଷ୍ୟ ଥିବାବେଳେ ଅନୁଦାନରେ ଏଭଳି ବଡ଼ ହ୍ରାସ କାହିଁକି ବୋଲି ଡଃ ମହାନ୍ତି ପ୍ରଶ୍ନ କରିଛନ୍ତି। ସେହିପରି ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ଓଡ଼ିଶାର ଅନୁଦାନ ୧,୨୬୨ କୋଟିରୁ ୭୧୨ କୋଟିକୁ ହ୍ରାସ ପାଇଛି। ରାଷ୍ଟ୍ରୀୟ କୃଷି ବିକାଶ ଯୋଜନାରେ ୨୦୨୩–୨୪ରେ ଓଡ଼ିଶା ୨୨୩ କୋଟି ପାଇଥିବା ବେଳେ ୨୦୨୪–୨୫ରେ ଅନୁଦାନ ଶୂନ୍ୟ ହୋଇଛି। ଡ. ମହାନ୍ତି ଆହୁରି କହିଥିଲେ ଯେ ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନାରେ ଅନୁଦାନ ୧୪୬ କୋଟିରୁ ୩୨ କୋଟିକୁ ହ୍ରାସ ପାଇଥିବା ବେଳେ ଅମୃତ ଭାରତ ରେଳ ଷ୍ଟେସନ୍ ବିକାଶ ପ୍ରକଳ୍ପରେ ଓଡ଼ିଶାକୁ ଦେଶର ସର୍ବନିମ୍ନ ଆବଣ୍ଟନ ପାଇଥିବା ରାଜ୍ୟଗୁଡ଼ିକ ମଧ୍ୟରେ ରଖାଯାଇଛି। ସେହିପରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣର ଆବଣ୍ଟନରେ ଓଡ଼ିଶା ଦେଶର ୧୪ତମ ସର୍ବନିମ୍ନ ଆବଣ୍ଟନ ପାଇଥିବା ରାଜ୍ୟ ବୋଲି ତଥ୍ୟରୁ ଜଣାପଡୁଛି। ନିର୍ବାଚନ ପୂର୍ବରୁ ବିଜେପି ଡବଲ୍ ଇଞ୍ଜିନ୍ ସରକାର ଡବଲ ବିକାଶ ନାରା ଦେଇଥିଲା। କିନ୍ତୁ ଉପଲବ୍ଧ ତଥ୍ୟ ଅନୁସାରେ ଗରିବଙ୍କ ଘର, ପାନୀୟ ଜଳ, ଗ୍ରାମୀଣ ସଡ଼କ, କୃଷି ଓ ଜଳସେଚନ ଭଳି ମୌଳିକ କ୍ଷେତ୍ରରେ କେନ୍ଦ୍ରୀୟ ଅନୁଦାନ ହ୍ରାସ ପାଇଛି। ଏହାକୁ ଲୁଚାଇ ରାଜ୍ୟ ବିଜେପି ସରକାର ବନ୍ୟା ମୁକାବିଲା ପାଇଁ ମିଳିଥିବା ୫୦୦ କୋଟି ଟଙ୍କାକୁ ନେଇ ପ୍ରଚାର କରୁଛି। ଅନୁଦାନ ହ୍ରାସ ସମ୍ପର୍କରେ ରାଜ୍ୟ ବିଜେପି ସରକାର ଏହାର ସ୍ପଷ୍ଟ ଓ ତଥ୍ୟଭିତ୍ତିକ ଉତ୍ତର ଦେବାକୁ ଡ. ମହାନ୍ତି ଆହ୍ୱାନ ଦେଇଛନ୍ତି।

# ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ ୨୦୦ରୁ-୨୫୦ ବ୍ୟକ୍ତି ସମ୍ପୃକ୍ତ: କ୍ରାଇମବ୍ରାଞ୍ଚ ଡିଜି


ଭୁବନେଶ୍ୱର,୪।୮ (ସମିସ): ସ୍କୁଲ ପାଠ୍ୟପୁସ୍ତକ ବିଭ୍ରାଟ ମାମଲାରେ ୨୦୦ରୁ ୨୫୦ ଜଣଙ୍କ ଭୂମିକା ରହିଛି। ସମସ୍ତଙ୍କୁ କ୍ରାଇମ୍‌ବ୍ରାଞ୍ଚ ଚିହ୍ନଟ କରିସାରିଛି। ତେବେ ଏହି ମାମଲାରେ ସମସ୍ତଙ୍କ ଭୂମିକା କଣ ରହିଛି ତାହା ସ୍ପଷ୍ଟ ହୋଇନାହିଁ। ସେମାନଙ୍କର ଜେରା କରାଯାଉଛି। ଆଗାମୀ ଦିନରେ ଚିହ୍ନଟ ହୋଇଥିବା ଲୋକମାନଙ୍କୁ ଆହୁରି ପଚରାଉଚରା କରାଯିବ। ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରଯାଇଛି। ସେମାନେ ତଥ୍ୟ ଓ ପ୍ରମାଣ ସଂଗ୍ରହ କରି ତଦନ୍ତ ଜାରି ରଖିଛନ୍ତି ବୋଲି କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି। ସୂଚନାଯୋଗ୍ୟ, ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ସ୍କୁଲ ପାଠ୍ୟପୁସ୍ତକର ପ୍ରସ୍ତୁତି, ଅନୁମୋଦନ ଏବଂ ପ୍ରକାଶନ ପ୍ରକ୍ରିୟାରେ ହୋଇଥିବା ଅନିୟମିତତାର ତଦନ୍ତ ଭାର କ୍ରାଇମବ୍ରାଞ୍ଚ ଗ୍ରହଣ କରିଛି। ଶିକ୍ଷକ ଶିକ୍ଷା ନିର୍ଦ୍ଦେଶାଳୟ ଏବଂ ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦର ନିର୍ଦ୍ଦେଶିକା ମଧୁସ୍ମିତା ସାହୁଙ୍କ ଲିଖିତ ଅଭିଯୋଗକୁ ଆଧାର କରି କ୍ରାଇମବ୍ରାଞ୍ଚ ପକ୍ଷରୁ ମାମଲା (ନଂ.୦୮/୨୦୨୬) ରୁଜୁ କରାଯାଇଥିଲା। ଏହି ମାମଲା ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୫), ୨୦୧, ୩(୫) ଏବଂ ୬୧(୨) ଅନୁଯାୟୀ ଦାୟର କରାଯାଇଛି। କ୍ରାଇମବ୍ରାଞ୍ଚ ଏସ୍‌ପିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଡିଏସ୍‌ପି ନରେନ୍ଦ୍ର କୁମାର ବେହେରାଙ୍କୁ ଏହି ସମ୍ବେଦନଶୀଳ ମାମଲାର ମୁଖ୍ୟ ତଦନ୍ତକାରୀ ଅଧିକାରୀ ଭାବେ ନିଯୁକ୍ତ କରାଯାଇଥିଲା।

## ଏସ୍‌ଏସ୍‌ଡି ହାଇସ୍କୁଲ ହଷ୍ଟେଲରେ ଉତ୍ତେଜନା

# ଜୁନିୟର ଛାତ୍ରଙ୍କୁ ଗୋଡ଼ାଇଗୋଡ଼ାଇ ପିଟିଲେ ସିନିଅର ଛାତ୍ର

ରାୟଗଡ,୪।୮ (ସମିସ): ରାୟଗଡ଼ା ଜିଲ୍ଲା କୋଲନରା ବ୍ଲକ ଅନ୍ତର୍ଗତ ରିଭଲକଣାସ୍ଥିତ ଅନୁସୂଚିତ ଜାତି ଓ ଜନଜାତି ବିଭାଗ ପରିଚାଳିତ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟର ହଷ୍ଟେଲରେ ଗତ ଶନିବାର ଓ ରବିବାର ଜୁନିୟର ଛାତ୍ରଙ୍କୁ ସିନିୟର ଛାତ୍ରମାନେ ବାଡ଼ି ଓ ନଡ଼ିଆ ଗଛର ବାହାଙ୍ଗାରେ ମାଡ଼ ମାରୁଥିବା ଭିଡିଓ ଭାଇରାଲ ହୋଇଛି। ଏହି ଘଟଣା ନେଇ ଅନୁଷ୍ଠାନ ପକ୍ଷରୁ ଥାନାରେ ଏତଲା ହୋଇଥିବା ଜଣାପଡିଛି।

ସୂଚନା ଅନୁଯାୟୀ, ଅଷ୍ଟମ ଓ ନବମ ଶ୍ରେଣୀର ୨୦ରୁ ଅଧିକ ହଷ୍ଟେଲ ଅନ୍ତେବାସୀଙ୍କୁ ଦଶମ ଶ୍ରେଣୀର ଜଣେ ଛାତ୍ରଙ୍କ ସମେତ କିଛି ସିନିୟର ଛାତ୍ର ଡାକି ମାଡ଼ ମାରିଥିବା ଅଭିଯୋଗ ହୋଇଛି। ପୀଡ଼ିତ ଛାତ୍ରଙ୍କ କହିବା ଅନୁସାରେ, ସେମାନେ କ୍ରିକେଟ ଖେଳୁଥିବା ସମୟରେ ସ୍କୁଲର ସଫେଇ କାର୍ଯ୍ୟ ପାଇଁ ଘଣ୍ଟି ବାଜିଥିଲା। ଖେଳରେ ବ୍ୟସ୍ତ ଥିବାରୁ କିଛି ଛାତ୍ର ସଫେଇ କାର୍ଯ୍ୟକୁ ଯାଇନଥିଲେ। ପରେ ରୋଲ୍‌କଲ୍‌ରେ ଅନୁପସ୍ଥିତ ଥିବା କାରଣ ଦର୍ଶାଇ ସେମାନଙ୍କୁ ଡକାଯାଇଥିଲା ଏବଂ ନଡ଼ିଆ ବାହାଙ୍ଗା ଓ ବାଡ଼ିରେ ମାଡ଼ ମରାଯାଇଥିଲା। କେହି ଜଣେ ମୋବାଇଲରେ ଏହାକୁ ରେକର୍ଡିଂ କରି ସୋସିଆଲ୍ ମିଡିଆରେ ଭାଇରାଲ କରିଥିବା କୁହାଯାଉଛି। ଏହି ଘଟଣା ପରେ ଭୟରେ ଛାତ୍ରମାନେ ଶିକ୍ଷକଙ୍କୁ କିଛି ଜଣାଇ ନଥିଲେ। ସିନିୟର ଛାତ୍ରଙ୍କ ପକ୍ଷରୁ ଧମକ ଦିଆଯାଇଥିବାରୁ ସେମାନେ ଚୁପ୍ ରହିଥିବା କୁହାଯାଉଛି। ଏହି ଘଟଣାକୁ ନେଇ ହଷ୍ଟେଲ ପରିଚାଳନା ଦାୟିତ୍ୱରେ ଥିବା ଶିକ୍ଷକ ଡମ୍ବୁରୁଧର ତ୍ରିପାଠୀ କହିଛନ୍ତି ଯେ, ଛାତ୍ରମାନଙ୍କୁ ନିୟମିତ କାଉନ୍‌ସେଲିଂ କରାଯାଉଛି।



■ ଭିଡିଓ ଭାଇରାଲ୍ ପରେ ଥାନାରେ ଏତଲା
■ ଅଭିଯୁକ୍ତ ଛାତ୍ରଙ୍କୁ ସ୍କୁଲ ଆସିବାକୁ ମନା

ଛାତ୍ରମାନେ ଭୟଭୀତ ଥିବାରୁ ପୂର୍ବରୁ ଘଟଣା ସମ୍ପର୍କରେ କିଛି ଜଣାଇନଥିଲେ। ଉପରିସ୍ଥ ଅଧିକାରୀଙ୍କ ଆଦେଶକ୍ରମେ ମାଡ଼ ମାରିଥିବା ଛାତ୍ରଙ୍କୁ ବିଦ୍ୟାଳୟକୁ ଆସିବା ଉପରେ ପ୍ରତିବନ୍ଧ ଲଗାଯିବା ସହ ତାଙ୍କ ବିରୋଧରେ ଚାନ୍ଦିଲି ଥାନାରେ ବିଦ୍ୟାଳୟ ପକ୍ଷରୁ ଲିଖିତ ଏତଲା ଦିଆଯାଇଥିବା ସେ ପ୍ରକାଶ କରିଛନ୍ତି। ପୁଲିସ ଏନେଇ ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିବା ଜଣାପଡ଼ିଛି। ଘଟଣାରେ କେଉଁମାନେ ସମ୍ପୃକ୍ତ, ମାଡ଼ ମାରିବାର ପ୍ରକୃତ କାରଣ କ'ଣ ଏବଂ ଘଟଣାଟି ରାଗିଂର ରୂପ ନେଇଥିଲା କି ନାହିଁ, ତଦନ୍ତ ପରେ ସ୍ପଷ୍ଟ ହେବ। ଅନ୍ୟପକ୍ଷରେ ଘଟଣା ସମ୍ପର୍କରେ ଖବର ପାଇ ଜିଲ୍ଲା ମଙ୍ଗଳ ଅଧିକାରୀ ଅସୀମା ରାଓ ସ୍ଥାନୀୟ ଡବଲ୍ୟୁଇଓଙ୍କୁ ରିପୋର୍ଟ ତଲବ କରିଛନ୍ତି। ଘଟଣା ସମ୍ପର୍କରେ ଜିଲ୍ଲାପାଳଙ୍କୁ ଅବଗତ କରାଯାଇଥିବା ଶ୍ରୀମତୀ ରାଓ ପ୍ରକାଶ କରିଛନ୍ତି। ଫଳରେ ଘଟଣାଟି ଏବେ ପୁଲିସ ଓ ବିଭାଗୀୟ ସ୍ତରରେ ତଦନ୍ତ ପରିସରକୁ ଆସିଛି। ଘଟଣାକୁ ନେଇ ହଷ୍ଟେଲ ପରିଚାଳନା ବ୍ୟବସ୍ଥା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ସ୍କୁଲ ପରିସରରେ ହଷ୍ଟେଲ ଥିବା ସତ୍ତ୍ୱେ ଘଟଣା ସମ୍ପର୍କରେ ତୁରନ୍ତ କର୍ତ୍ତୃପକ୍ଷ ଜାଣିପାରିନଥିବା ଅଭିଯୋଗ ହୋଇଛି। ହଷ୍ଟେଲରେ ରହୁଥିବା ଛାତ୍ରମାନେ ନିଜ ପରିବାରଠାରୁ ଦୂରରେ ରହି ପାଠ ପଢୁଥିବାରୁ ସେମାନଙ୍କ ସୁରକ୍ଷା ଓ ମାନସିକ ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବା ଆବଶ୍ୟକ। ଏଭଳି ଘଟଣା ପରେ ହଷ୍ଟେଲରେ ରହୁଥିବା ଅନ୍ୟ ଅନ୍ତେବାସୀମାନେ ଭୟଭୀତ ଥିବା ଜଣାପଡ଼ିଛି। ତେଣୁ ଘଟଣାର ନିରପେକ୍ଷ ତଦନ୍ତ ହଷ୍ଟେଲର ସୁରକ୍ଷା ଓ ନିରୀକ୍ଷଣ ବ୍ୟବସ୍ଥାକୁ ସୁଦୃଢ଼ କରିବା ଦାବି ହେଉଛି।

# ପୁଲିସ ବିଭାଗରେ ବ୍ୟକ୍ତିଗତ ଇଭି ଚାର୍ଜିଂରେ କଟକଣା

କଟକ,୪।୮ (ସମିସ): କର୍ମଚାରୀମାନେ କାର୍ଯ୍ୟାଳୟର ବିଦ୍ୟୁତ ବ୍ୟବହାର କରି ନିଜସ୍ୱ ଇଲେକ୍ଟ୍ରିକ ଭେହିକିଲ (ଇଭି) ଚାର୍ଜ କରିବା ଉପରେ ସମ୍ପୂର୍ଣ୍ଣ କଟକଣା ଲଗାଯାଇଛି ପୁଲିସ ବିଭାଗ। ପୁଲିସ ମୁଖ୍ୟାଳୟ ପକ୍ଷରୁ ଜାରି ହୋଇଥିବା ଏହି ନିର୍ଦ୍ଦେଶନାମାରେ କୁହାଯାଇଛି ଯେ କାର୍ଯ୍ୟାଳୟ ପରିସରରୁ କ୍ୱାର୍ଟର୍ସ ବା ବାରାକକୁ ନିଆଯାଇଥିବା ବେଆଇନ ବିଦ୍ୟୁତ ସଂଯୋଗକୁ ତୁରନ୍ତ ବିଚ୍ଛିନ୍ନ କରାଯିବା ସହ ନିୟମ ଭଙ୍ଗ କରୁଥିବା କର୍ମଚାରୀଙ୍କ ବିରୋଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଅତିରିକ୍ତ ପୁଲିସ ମହାନିରୀକ୍ଷକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ଦ୍ୱାରା ଜାରି ଏହି ନିର୍ଦ୍ଦେଶନାମାରେ ଦର୍ଶାଯାଇଛି ଯେ ନିଜସ୍ୱ ଇଭି ଚାର୍ଜିଂ ପାଇଁ ବେଆଇନ ଭାବେ ବିଦ୍ୟୁତ ସଂଯୋଗ କରିବା ନିୟମର ସ୍ପଷ୍ଟ ଉଲ୍ଲଂଘନ। ବ୍ୟକ୍ତିଗତ ଗାଡ଼ି ଚାର୍ଜିଂ ଯୋଗୁଁ ବିଦ୍ୟୁତ ଖର୍ଚ୍ଚ ପ୍ରଚୁର ପରିମାଣରେ ବୃଦ୍ଧି ପାଉଛି, ଯାହା ସରକାରଙ୍କ ଉପରେ ଅନାବଶ୍ୟକ ଆର୍ଥିକ ବୋଝ ପକାଉଛି। କେବଳ ସରକାରୀ କିମ୍ବା ପୁଲିସ ବିଭାଗର ଗାଡ଼ିଗୁଡ଼ିକୁ କାର୍ଯ୍ୟାଳୟ ବିଦ୍ୟୁତରେ ଚାର୍ଜ କରିବାକୁ ଅନୁମତି ଦିଆଯିବ। ଏହି ନିୟମ କଡ଼ାକଡ଼ି ଭାବେ ପାଳନ ହେଉଛି କି ନାହିଁ ତାହା ଯାଞ୍ଚ କରିବା ପାଇଁ ସମସ୍ତ ଜିଲ୍ଲା ପୁଲିସ ମୁଖ୍ୟ, ବାଟାଲିୟନ ଏବଂ ପ୍ରତିଷ୍ଠାନଗୁଡ଼ିକର ପ୍ରମୁଖଙ୍କୁ ନିଜ ନିଜ ପରିସର ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ବନ୍ୟା ପୀଡିତଙ୍କ ଦୁର୍ଦ୍ଦଶା କମୁନି

# ରିଲିଫ-କ୍ଷତିପୂରଣ ପ୍ରଦାନରେ ସରକାର ବିଫଳ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟରେ ବନ୍ୟା ପରିଚାଳନା, ରିଲିଫ ବଣ୍ଟନ, କ୍ଷୟକ୍ଷତି ଆକଳନ ଓ କ୍ଷତିପୂରଣ ଘୋଷଣାରେ ଘୋର ଅବ୍ୟବସ୍ଥା ହୋଇଛି। ବନ୍ୟାହେବା ଜାଣି ମଧ୍ୟ ସରକାର ଆଦୌ କୌଣସି ପୂର୍ବ ପ୍ରସ୍ତୁତି କରିନଥିଲେ। ଏବେ ଲୋକେ ଏହାର ଦୁର୍ଦ୍ଦଶା ଭୋଗୁଛନ୍ତି ବୋଲି କହି ସରକାରଙ୍କ ଉପରେ ବର୍ଷିଛି ଓଜେସି।

ମଙ୍ଗଳବାର ଏକ ସାମ୍ବାଦିକ ସମ୍ମିଳନୀରେ କୃଷକ ଜନତା କଂଗ୍ରେସର ଅଧ୍ୟକ୍ଷ ସଂଗ୍ରାମ କିଶୋର ମାଝୀ କହିଛନ୍ତି, ବନ୍ୟା ଯୋଗୁଁ ରାଜ୍ୟର ୬ଟି ମୂଲ୍ୟବାନ ଜୀବନହାନୀ ହୋଇଛି। ବନ୍ୟାପରେ ମୁଖ୍ୟମନ୍ତ୍ରୀଙ୍କ ହେଲିକପ୍ଟର ଗସ୍ତ କ୍ଷୟକ୍ଷତି ଆକଳନ ନାଁରେ ଏକ ପ୍ରହସନ ଥିଲା। ସରକାର ଯେଉଁ କ୍ଷୟକ୍ଷତି ରାଶି ଦେବା ପାଇଁ ଘୋଷଣା କଲେ ତାହା ସମୁଦ୍ରକୁ ଶଙ୍ଖେ। ଜଳସେଚିତ ଜମି ପାଇଁ ହେକ୍ଟର ପିଛା ୧୭ହଜାର ଟଙ୍କା ଦେବାକୁ ସରକାର ଘୋଷଣା କରିଥିବାସ୍ଥଳେ ଚାଷୀଙ୍କ ଖର୍ଚ୍ଚ ପ୍ରାୟ ୮୦ରୁ ୯୦ ହଜାର ଟଙ୍କା ହୋଇଛି। ସେହିପରି ଅଣଜଳସେଚିତ ଜମି ପାଇଁ ହେକ୍ଟର ପିଛା ମାତ୍ର ୮,୫୦୦ ଟଙ୍କା ସହାୟତା ରାଶି ଘୋଷଣା ହୋଇଥିବାବେଳେ, ଖର୍ଚ୍ଚ କିନ୍ତୁ ୮୦ ହଜାର ଟଙ୍କା। ଯେଉଁ ଚାଷୀମାନେ ପନିପରିବା ଚାଷ କରିଥିଲେ ସେମାନଙ୍କର ସଂପୂର୍ଣ୍ଣ ଚାଷ ଉଜୁଡ଼ି ଯାଇଛି। ୨୦୧୮ ମସିହାରେ ବିଧାନସଭାରେ ପାରିତ ହୋଇଥିବା ସର୍ବଦଳୀୟ ପ୍ରସ୍ତାବ ଅନୁସାରେ, ପ୍ରତି କ୍ୱିଣ୍ଟାଲ ପିଛା ଚାଷୀର ଖର୍ଚ୍ଚ ଅତିକମରେ ୨୩୪୪ ଟଙ୍କାକୁ ଅନୁମୋଦନ ମିଳିଥିଲା। ସେହି ଅନୁସାରେ



ହେକ୍ଟର ପିଛା ଧାନ ଚାଷ ପାଇଁ ଖର୍ଚ୍ଚ ଅତିକମରେ ୯୦ ହଜାର ଟଙ୍କା ହୋଇଥିବାବେଳେ, ବନ୍ୟା ସହାୟତା ରାଶି ଚାଷୀଙ୍କ ଦୁର୍ଦ୍ଦଶାପ୍ରତି ଚରମ ଉପହାସ। ଡବଲ ଇଞ୍ଜିନ ସରକାର ପଖାଳ ଖାଇବାରେ, ରଙ୍ଗବୋଳିବାରେ, ସରକାରୀ ଉତ୍ସବ ପାଳନରେ ଏବଂ ମୁଖ୍ୟମନ୍ତ୍ରୀ ତାଙ୍କ ଥାଟବାଟ ଦେଖାଇ ବୁଲିବାରେ ଶହ ଶହ କୋଟି ଖର୍ଚ୍ଚ ହେଉଥିବାବେଳେ, ଚାଷୀର ମୃତ୍ୟୁରେ ମାତ୍ର ୪ ଲକ୍ଷ ଟଙ୍କା ଘୋଷଣା ସରକାରଙ୍କ ସମ୍ବେଦନହୀନତାକୁ ପ୍ରମାଣିତ କରୁଛି ବୋଲି ପାର୍ଟି କହିଛି।

ଏ ସବୁକୁ ଦୃଷ୍ଟିରେ ରଖି ଓଜେସି କୃଷକ ମୋର୍ଚ୍ଚା ୯ଟି ପ୍ରମୁଖ ଦାବି କରିଛି। ଏଥିରେ ହେକ୍ଟର ପିଛା ସର୍ବନିମ୍ନ ୮୦ ହଜାର ପର୍ଯ୍ୟନ୍ତ ସହାୟତା, କ୍ଷତିଗ୍ରସ୍ତ ଚାଷୀଙ୍କର ଅବିଳମ୍ବେ ଋଣ ଛାଡ, ଚାଷୀଙ୍କୁ ମାଗଣାରେ ବିହନ ଓ ସାର ଯୋଗାଣ, ଗୋ, ମତ୍ସ୍ୟ ଓ କୁକୁଡ଼ା ଚାଷୀଙ୍କୁ କ୍ଷତିପୂରଣ ରାଶି ପ୍ରଦାନ, ଘର ଭଙ୍ଗା ପାଇଁ ଅତିକମରେ ୨ ଲକ୍ଷ ୫୦

**ଚାଷୀଙ୍କ କ୍ଷତିପୂରଣ ବଢ଼ାଅ, ଋଣ ଛାଡ଼ କର: ଓଜେସି**

ହଜାର, ବନ୍ୟାରେ ମୃତକଙ୍କ ପରିବାକୁ ୧୦ ଲକ୍ଷ ଅନୁକମ୍ପା ରାଶି, ବନ୍ୟା ପ୍ରଭାବିତ ଅଞ୍ଚଳକୁ ସ୍ୱତନ୍ତ୍ର ମେଡିକାଲ ଟିମ ପ୍ରେରଣ, ଦଳୀୟ ରାଜନୀତିରୁ ଉର୍ଦ୍ଧ୍ୱକୁ ଉଠି କ୍ଷୟକ୍ଷତି ଆକଳନ, ବାଲିଚର ଚାଷଜମିରୁ ବାଲି ଉଦ୍ଧାର ପାଇଁ ପଦକ୍ଷେପ ଆଦି ନେବାକୁ ପାର୍ଟି ଦାବି କରିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ଓଜେସି ସାଧାରଣ ସମ୍ପାଦକ ଶୁଭେନ୍ଦୁ ମଲ୍ଲିକ ଏବଂ ବରିଷ୍ଠ କୃଷକ ନେତା ଦୁର୍ଗାଚରଣ ବାରିକ ପ୍ରମୁଖ ଉପସ୍ଥିତ ଥିଲେ।

# ଅନୀଲ ଦେ ଆଉ ନାହାନ୍ତି

କଟକ, ୪।୮ (ସମିସ): ବାଖରାବାଦରେ ୧୯୩୧ ମେ ୧୮ ତାରିଖରେ ଜନ୍ମିତ 'ଅର୍କକ୍ଷେତ୍ର କୋଣାର୍କ' ପୁସ୍ତକର ରଚୟିତା ତଥା ପୂର୍ବତନ ଯୁଗ୍ମ ପରିବହନ କମିସନର ଅନୀଲ ଦେ'ଙ୍କ ୯୬ ବର୍ଷ ବୟସରେ ପରଲୋକ



ହୋଇଯାଇଛି। ସେ ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ସମୟେରେ ପ୍ରାଣବାୟୁ ଉଡ଼ି ଯାଇଥିଲା। ଶ୍ରୀ ଦେ କଳିଙ୍ଗ ଐତିହ୍ୟ ସଂରକ୍ଷଣ ନ୍ୟାସର ସଭାପତି ଭାବେ କାର୍ଯ୍ୟ କରିବା ସହ କୋଣାର୍କ ସୂର୍ଯ୍ୟ ମନ୍ଦିରକୁ ବିଶ୍ୱ ଦରବାର ପରିଚୟ କରାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ତାଙ୍କ ମରଶରୀରକୁ ଅରୁଣୋଦୟ ନଗରସ୍ଥିତ ବାସଭବନକୁ ଅଣାଯିବା ପରେ ଏକ ଶୋଭାଯାତ୍ରା ମାଧ୍ୟମରେ ଖାନନଗରସ୍ଥିତ ଶ୍ମଶାନକୁ ନିଆଯାଇ ଶେଷ ସତ୍କାର କରାଯାଇଥିଲା। ସାନପୁଅ ମାନସ ଦେ ମୁଖାଗ୍ନି ଦେଇଥିଲେ। ଏହାପୂର୍ବରୁ ପତ୍ନୀ ଗୌରୀ ଦେ, ଦୁଇ ପୁଅଙ୍କ ସହ ବଡ଼ ଭାଇ ଆଇନଜୀବୀ ସଲିଲ ଦେ'ଙ୍କ ପରଲୋକ ହୋଇସାରିଛି। ତାଙ୍କ ବାସଭବନରେ ପରିବାର ବର୍ଗ, ଆତ୍ମୀୟ ସ୍ୱଜନ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରିଥିଲେ। ଶ୍ରୀ ଦେ ବେଙ୍ଗାଲୁରୁରେ ଇଞ୍ଜିନିୟରିଂ ଶିକ୍ଷାଲାଭ କଲା ପରେ ପରିବହନ ବିଭାଗରେ ନିରୀକ୍ଷକ ଭାବେ ପ୍ରଥମେ କାର୍ଯ୍ୟ ଆରମ୍ଭ କରିଥିଲେ। ଏହାମଧ୍ୟରେ ସେ ଅର୍କକ୍ଷେତ୍ର କୋଣାର୍କ ପୁସ୍ତକ ରଚନା କରିଥିଲେ; ଯାହା ପରବର୍ତ୍ତୀ ସମୟରେ ଇଂରାଜୀ ଓ ବଙ୍ଗଳା ଭାଷାରେ ଅନୁଦିତ ହୋଇ ବେଶ୍ ଚର୍ଚ୍ଚାକୁ ଆସିଥିଲା।

# ବିଭିନ୍ନ ଅନୁଷ୍ଠାନ ସହ ସ୍ୱାସ୍ଥ୍ୟ ବିଭାଗର ୧୦ ବୁଝାମଣାପତ୍ର ସ୍ୱାକ୍ଷରିତ

ଭୁବନେଶ୍ୱର,୪।୮ (ସମିସ): ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ମଙ୍ଗଳବାର ଖାରବେଳ ଭବନଠାରେ ବିଭିନ୍ନ ଅନୁଷ୍ଠାନ ସହ ୧୦ ଗୋଟି ବୁଝାମଣା ପତ୍ର ସ୍ୱାକ୍ଷରିତ ହୋଇଛି। ସମସ୍ତ ବୁଝାମଣା ପତ୍ର ବିଭାଗର ବିଭିନ୍ନ ଦିଗରେ ସେବା ଯୋଗାଇବାକୁ ସ୍ୱାକ୍ଷରିତ କରିଛନ୍ତି ବୋଲି ସ୍ୱାସ୍ଥ୍ୟ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି।

ଏହି ଅବସରରେ ସେ କହିଛନ୍ତି ଯେ ଆଜି ସ୍ୱାସ୍ଥ୍ୟ ବିଭାଗ ପାଇଁ ଏକ ଐତିହାସିକ ଦିନ ଅଟେ। ଏମ୍ସ ଦିଲ୍ଲୀ ଟ୍ରମାକେୟାର ସେଣ୍ଟର ସହ ଯେଉଁ ବୁଝାମଣା ହୋଇଛି ସେଥିରେ ଜିଲ୍ଲା ମୁଖ୍ୟାଳୟର କୌଣସି ମେଡିକାଲ କଲେଜକୁ ଟ୍ରମା କେୟାର ଉତ୍କର୍ଷ କେନ୍ଦ୍ରରୂପେ ଗ୍ରହଣ କରାଯିବ ଏବଂ ରାଜ୍ୟର ଟ୍ରମା କେୟାରକୁ ଉନ୍ନତ କରାଯିବାକୁ ବ୍ୟବସ୍ଥା କରାଯିବ। ସେହିପରି ସର୍ବଭାରତୀୟ ଆୟୁର୍ବେଦ ସଂସ୍ଥାନ ଓଡ଼ିଶାରେ ଭାରତୀୟ ଜ୍ଞାନ କୌଶଳରେ ତିଆରି ଔଷଧ ଏବଂ ଆୟୁର୍ବେଦିକ ଚିକିତ୍ସା ପଦ୍ଧତିକୁ ଆଗକୁ ନେବାକୁ ବ୍ୟବସ୍ଥା କରିବେ। ଗୁଜୁରାଟର ଆଇ-ହବ ଦ୍ୱାରା ମେଡିକାଲ ଶିକ୍ଷାରେ ଷ୍ଟାର୍ଟ ଅପ, ନବସୃଜନ, ଶିକ୍ଷାଦାନ ପ୍ରଣାଳୀକୁ ଉନ୍ନତ କରିବାକୁ ସମସ୍ତ ବ୍ୟବସ୍ଥା କରାଯିବ। କ୍ୱାଲିଟି କଣ୍ଟ୍ରୋଲ ଦ୍ୱାରା ଜିଲ୍ଲା ମୁଖ୍ୟାଳୟ ହସ୍ପିଟାଲ ଏବଂ ଉପଖଣ୍ଡ




ହସ୍ପିଟାଲରେ ଥିବା ଲ୍ୟାବ ଗୁଡିକ ଏନଏବିଏଲ ମାନ୍ୟତା ଦ୍ୱାରା ଲ୍ୟାବ ଗୁଡିକ ମାନ ବଢିବ। ଡ. ମହାଲିଙ୍ଗ କହିଛନ୍ତି ଯେ ଏହା ଦ୍ୱାରା ଲୋକଙ୍କୁ ସ୍ୱାସ୍ଥ୍ୟ ବ୍ୟବସ୍ଥାରେ ଉନ୍ନତି ଏବଂ ଡାକ୍ତରୀ ଶିକ୍ଷାକୁ ଆଗକୁ ନେବା ପାଇଁ ସରକାରଙ୍କ ପକ୍ଷରୁ ଏହା ବଡ ପଦକ୍ଷେପ। ସେହିପରି ସେବାଦାନ ଫାଉଣ୍ଡେସନ ଦ୍ୱାରା ରାଜ୍ୟର ଛଅଟି ମେଡିକାଲ କଲେଜ ଏବଂ ହସ୍ପିଟାଲରେ ବିଶ୍ରାମଗୃହ ପ୍ରତିଷ୍ଠା ହେବ ଏବଂ ରୋଗୀଙ୍କ ସହ ଆସୁଥିବା ସମ୍ପର୍କୀୟମାନେ ସୁରକ୍ଷିତ ଓ ସୁବିଧାଜନକ ରହଣି ବ୍ୟବସ୍ଥାର ଲାଭ ପାଇବେ। ଦୁର୍ଗମ ଅଞ୍ଚଳରେ ଛୋଟ ପିଲାଙ୍କ ହୃଦ ରୋଗ ଯାଞ୍ଚ ପାଇଁ ମାଗଣା ସ୍ୱାସ୍ଥ୍ୟ ଶିବିର ହେବ, ଅମୃତା ହସ୍ପିଟାଲ୍, କୋଚି ସହ ହୋଇଥିବା ଚୁକ୍ତି ଅନୁଯାୟୀ ଓଡ଼ିଶାର ଜନ୍ମରୁ ଥିବା ହୃଦ୍‌ରୋଗ ଆକ୍ରାନ୍ତ ଶିଶୁମାନଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ଅସ୍ତ୍ରୋପଚାର, ଇଣ୍ଟରଭେନ୍ସନାଲ୍ କାର୍ଡିଆକ୍ ଚିକିତ୍ସା, ଅପରେସନ୍ ପରବର୍ତ୍ତୀ ଚିକିତ୍ସା ଏବଂ 'ଫଲୋ-ଅପ୍ ସେବା ଯୋଗାଇ ଦିଆଯିବ। ବିଶ୍ୱ ବ୍ୟାଙ୍କ ଗ୍ରୁପର ସଦସ୍ୟ ଆନ୍ତର୍ଜାତୀୟ ଅର୍ଥ ନିଗମ ସହିତ ରାଜ୍ୟସ୍ତରୀୟ ଜଳବାୟୁ-ସ୍ମାର୍ଟ ଔଷଧ ଗୋଦାମ ନେଟୱାର୍କ ବିକାଶ, ପ୍ରୋଜେକ୍ଟ ସ୍ୱସ୍ଥ ପାଇଁ ଟାଟା ଷ୍ଟିଲ୍ ଫାଉଣ୍ଡେସନ୍ ଏବଂ କୈବଲ୍ୟ ଶିକ୍ଷା ଫାଉଣ୍ଡେସନ୍ ସହ ଗୁରୁତ୍ୱପୂର୍ଣ୍ଣ ଏମ୍‌ଓୟୁ ସ୍ୱାକ୍ଷର. ସେବା, ଗବେଷଣା ଓ ଭିତ୍ତିଭୂମିରେ ଉନ୍ନତି ଆଣିବା ବୋଲି ମନ୍ତ୍ରୀ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଆଭାଷୀ ମାଧ୍ୟମରେ ଏସସିବି କଟକ ମେଡିକାଲ କଲେଜ ଏବଂ ହସ୍ପିଟାଲର ମାନସିକ ସ୍ୱାସ୍ଥ୍ୟ ସଂସ୍ଥା ଭବନ ଦ୍ୱିତୀୟ ମହଲାରେ ଟେଲି-ମାନସ ସେବାର ଉନ୍ନତ ସୁବିଧା ଭିତ୍ତିଭୂମିକୁ ଉଦଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ୱାସ୍ଥ୍ୟ ବିଭାଗ ଶାସନ ସଚିବ ଅଶ୍ୱଥୀ ଏସ, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମ୍‌ଡି ଡ. ବୃନ୍ଦା ଡି , ସମସ୍ତ ଅନୁଷ୍ଠାନର ଅଧିକାରୀ, ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

# ସମ୍ବଲପୁର -ବିଶାଖାପାଟଣା ବସ୍‌ସେବା ଆରମ୍ଭ

ସମ୍ବଲପୁର, ୪।୮ (ସମିସ) : ସମ୍ବଲପୁର ତଥା ଅଞ୍ଚଳବାସୀଙ୍କ ଗମନାଗମନ ସୁବିଧାକୁ ଦୃଷ୍ଟିରେ ରଖି ଓଡ଼ିଶା ରାଜ୍ୟ ସଡ଼କ ପରିବହନ ନିଗମ (ଓଏସ୍‌ଆର୍‌ଟିସି) ସମ୍ବଲପୁର ଡିଭିଜନ ପକ୍ଷରୁ ସମ୍ବଲପୁର ଏବଂ ବିଶାଖାପାଟଣା ମଧ୍ୟରେ ଏକ ନୂତନ ଦୈନିକ ସିଧାସଳଖ ବସ୍‌ସେବା ଆରମ୍ଭ କରାଯାଇଛି। ଆନ୍ତଃରାଜ୍ୟ ଯୋଗାଯୋଗ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ସହିତ ଯାତ୍ରୀମାନଙ୍କୁ ସୁରକ୍ଷିତ, ଆରାମଦାୟକ ପରିବହନ ସେବା ଯୋଗାଇଦେବା ଏହି ପଦକ୍ଷେପର ମୂଳଲକ୍ଷ୍ୟ। ଏହି ବସ୍ ପ୍ରତିଦିନ ଭବାନୀପାଟଣା ଏବଂ ପାର୍ବତୀପୁରମ୍ ଦେଇ ଯାତାୟାତ କରିବ। ବସ୍‌ଟି ସମ୍ବଲପୁରରୁ ସନ୍ଧ୍ୟା ୭ଟା (୧୯:୦୦) ରେ ଛାଡ଼ି ବିଶାଖାପାଟଣାରେ ପରଦିନ ସକାଳ ୬ଟା ୨୫ ମିନିଟ୍‌ରେ ପହଞ୍ଚିବ। ଏହି ବସ୍ ବରଗଡ଼ (୨୦:୦୪), ବରପାଲି (୨୦:୨୧), ବଲାଙ୍ଗିର (୨୨:୧୩), କେସିଙ୍ଗା (୨୩:୦୭), ଭବାନୀପାଟଣା (୨୩:୫୯), ଅମ୍ବାଦୋଳା (୧୨:୪୩), ମୁନିଗୁଡ଼ା (୦୧:୧୮), ରାୟଗଡ଼ା (୦୨:୩୩), ପାର୍ବତୀପୁରମ୍ (୦୩:୩୧) ଏବଂ ବିଜୟନଗରମ୍ (୦୫:୨୩) ଦେଇ ଯାତ୍ରା କରିବ। ସେହିପରି ବସ୍‌ଟି ବିଶାଖାପାଟଣାରୁ ସନ୍ଧ୍ୟା ୭ଟା ୫ ମିନିଟ୍ (୧୯:୦୫) ରେ ବାହାରି ସମ୍ବଲପୁରରେ ପରଦିନ ସକାଳ ୬ଟା ୨୫ ମିନିଟ୍‌ରେ ପହଞ୍ଚିବ। ଏହି ବସ୍ ବିଜୟନଗରମ୍ (୨୦:୩୨), ପାର୍ବତୀପୁରମ୍ (୨୧:୫୯), ରାୟଗଡ଼ା (୨୩:୦୧), ମୁନିଗୁଡ଼ା (୧୨:୦୧୨), ଅମ୍ବାଦୋଳା (୧୨:୪୫), ଭବାନୀପାଟଣା (୦୧:୪୬), କେସିଙ୍ଗା (୦୨:୨୨), ବଲାଙ୍ଗୀର (୦୪:୨୫), ବରପାଲି (୦୫:୧୦) ଏବଂ ବରଗଡ଼ (୦୫:୪୧) ଦେଇ ଯାତ୍ରା କରିବ। ଏହି ସୁବିଧା




ଦ୍ୱାରା ଦୁଇ ରାଜ୍ୟର ଦୁଇ ସହର ମଧ୍ୟରେ ଯାତାୟାତ କରୁଥିବା ବ୍ୟବସାୟୀ, ଛାତ୍ରଛାତ୍ରୀ ତଥା ଜନସାଧାରଣ ବିଶେଷ ଭାବେ ଉପକୃତ ହୋଇପାରିବେ। ଟିକେଟ୍ ବୁକିଂ ଏବଂ ଅଧିକ ସୂଚନା ପାଇଁ ଯାତ୍ରୀମାନେ ଓଏସ୍‌ଆର୍‌ଟିସିର ୱେବସାଇଟ୍ କିମ୍ବା ଆଧିକାରିକ ମୋବାଇଲ୍ ଆପ୍ ବ୍ୟବହାର କରିପାରିବେ କିମ୍ବା ନିକଟସ୍ଥ ବସ୍‌ଷ୍ଟାଣ୍ଡରେ ଯୋଗାଯୋଗ କରିପାରିବାକୁ ପରିବହନ ବିଭାଗ ପକ୍ଷରୁ ଅନୁରୋଧ କରାଯାଇଛି।



## ଭୁବନେଶ୍ୱର ବିମାନବନ୍ଦରରେ ଅବତରଣ ଚିନ୍ତା

# ଉଚ୍ଚ ଅଟ୍ଟାଳିକା ପାଇଁ ଜାରିହେଲା 'ନୋଟାମ୍'

ଭୁବନେଶ୍ୱର, ୪।୮(ସମିସ): ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ବିମାନ ସୁରକ୍ଷାକୁ ନେଇ ଏକ ବିରାଟ ଆହ୍ୱାନ ସୃଷ୍ଟି ହୋଇଛି। ବିମାନବନ୍ଦରର ଅବତରଣ ପଥରେ ନିର୍ମାଣଧୀନ ଏକ ବହୁତଳ କୋଠା ପାଇଁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କ ଚିନ୍ତା ବଢ଼ିଛି। ନିର୍ଦ୍ଧାରିତ ଉଚ୍ଚତା ସୀମା ଉଲ୍ଲଂଘନ ସହ ଏହି କୋଠା ଅଧିକ ଉଚ୍ଚତା ପର୍ଯ୍ୟନ୍ତ ନିର୍ମାଣ ହୋଇଥିବା ବିମାନବନ୍ଦର କର୍ତ୍ତୃପକ୍ଷ ଅବଗତ ହେବା ପରେ ନୋଟିସ୍ ଟୁ ଏୟାରମେନ୍ ବା 'ନୋଟାମ୍' ଜାରି ହୋଇଛି। ଏହା ଫଳରେ ଭୁବନେଶ୍ୱର ବିମାନବନ୍ଦରକୁ ଆସୁଥିବା ବିମାନଗୁଡ଼ିକୁ ଅବତରଣ ସମୟରେ ବିକଳ୍ପ ଆପ୍ରୋଚ୍ ପଥ ବ୍ୟବହାର କରିବାକୁ ପାଇଲଟମାନଙ୍କୁ ସୂଚନା ଦିଆଯାଇଛି।

ବିମାନବନ୍ଦର ସୂତ୍ର ଅନୁଯାୟୀ, ଡେଲ୍ଟା ଛକ ନିକଟରେ ଏକ ବହୁତଳ କୋଠା ନିର୍ମାଣ ହେଉଛି। ଉକ୍ତ ବହୁତଳ କୋଠାଟି ବିମାନ ଅବତରଣ ପଥରେ ବାଧା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି ହୋଇଛି। ବିଶେଷକରି ଖରାପ ପାଗ କିମ୍ବା କମ୍ ଦୃଶ୍ୟମାନତା ସମୟରେ ଏପରି ବାଧା ବିମାନ ଚଳାଚଳ ସୁରକ୍ଷା ଉପରେ ପ୍ରଭାବ ପକାଇପାରେ। ସେଥିପାଇଁ ସତର୍କତାମୂଳକ ବ୍ୟବସ୍ଥା ଭାବେ ବିମାବନ୍ଦର କର୍ତ୍ତୃପକ୍ଷ ନୋଟାମ୍ ଜାରି କରିଛନ୍ତି। ବିମାନ ଚଳାଚଳ ନିୟମ ଅନୁସାରେ ବିମାନବନ୍ଦରର୨୦କିଲୋମିଟରପରିଧିମଧ୍ୟରେକୌଣସି ଉଚ୍ଚ ଅଟ୍ଟାଳିକା, ଟାୱାର କିମ୍ବା ଅନ୍ୟ କୌଣସି ସ୍ଥାୟୀ ସଂରଚନା ନିର୍ମାଣ ପୂର୍ବରୁ ବିମାନବନ୍ଦର କର୍ତ୍ତୃପକ୍ଷଙ୍କଠାରୁ ଉଚ୍ଚତା ଅନୁମୋଦନ ବା ଏନ୍ଓସି ନେବା ବାଧ୍ୟତାମୂଳକ। ବିମାନ ଉଡ଼ାଣ ଓ ଅବତରଣ ସମୟରେ କୌଣସି



**ଅବତରଣ ପାଇଁ ବଦଳିଲା ବିମାନର ଆପ୍ରୋଚ୍ ପଥ**

ବାଧା ସୃଷ୍ଟି ନହେବା ଏହି ନିୟମର ପ୍ରମୁଖ ଉଦ୍ଦେଶ୍ୟ। ଘଟଣା ପରେ ସହରରେ ବିମାନବନ୍ଦର ନିକଟରେ ହେଉଥିବା ବହୁତଳ ନିର୍ମାଣକୁ ନେଇ ପ୍ରଶ୍ନ ଉଠିଛି।

ବିଶେଷଜ୍ଞମାନଙ୍କ କହିବା ଅନୁସାରେ, ଯଦି ନିର୍ମାଣ ଅନୁମତି ପ୍ରକ୍ରିୟାରେ ସମସ୍ତ ସଂସ୍ଥା ମଧ୍ୟରେ ସଠିକ୍ ସମନ୍ୱୟ ନ ରହେ, ତେବେ ଏଭଳି ପରିସ୍ଥିତି ପୁଣି ଦେଖାଦେଇପାରେ। ଅନ୍ୟପକ୍ଷରେ ବିମାନବନ୍ଦର କର୍ତ୍ତୃପକ୍ଷ ସ୍ପଷ୍ଟ କରିଛନ୍ତି ଯେ ଯାତ୍ରୀମାନଙ୍କ ପାଇଁ ଏବେ କୌଣସି ତତ୍କାଳ ବିପଦ ସ୍ଥିତି ନାହିଁ। ସମସ୍ତ ବିମାନ ନିରାପଦ ଭାବରେ ଚଳାଚଳ କରୁଛି ଏବଂ ପାଇଲଟମାନଙ୍କୁ ଆବଶ୍ୟକ ନିର୍ଦ୍ଦେଶନା ଜାରି କରାଯାଇଛି। ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦେଇ ଏହି ପଦକ୍ଷେପ ନିଆଯାଇଛି। ବର୍ତ୍ତମାନ ଉଚ୍ଚତା ସୀମା ଉଲ୍ଲଂଘନ କରିଥିବା କୋଠା ସମ୍ପର୍କରେ ତଦନ୍ତ ଚାଲିଛି। ନିୟମ ଉଲ୍ଲଂଘନ ପ୍ରମାଣିତ ହେଲେ ଆବଶ୍ୟକ ଆଇନଗତ ଓ ପ୍ରଶାସନିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ମିଳିଛି।

## ଥଣ୍ଡା ବୋତଲ ଭୁସି ହତ୍ୟା ଉଦ୍ୟମ; ଜଣେ ଗିରଫ



ଭୁବନେଶ୍ୱର, ୪।୮(ସମିସ): ପୂର୍ବଶତ୍ରୁତାରୁ ଥଣ୍ଡା ବୋତଲ ଭୁସି ହତ୍ୟା ଉଦ୍ୟମ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ଏୟାରଫିଲ୍ଡ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଜାମୁକୋଳିର ପ୍ରତାପ ବାରିକ (୨୮)। ପୁଲିସ ସୂଚନାନୁସାରେ, ଜାମୁକୋଳିର ଧରଣୀଧର ନାୟକ ଓ ପ୍ରତାପର ପରିବାର ମଧ୍ୟରେ ପୂର୍ବରୁ ଶତ୍ରୁତା ଲାଗି ରହିଥିଲା। ଗତ ମେ' ମାସ ୨୦ ତାରିଖ ରାତି ପ୍ରାୟ ୧୧ଟା ବେଳେ ଧରଣୀଧର କାର୍ ଯୋଗେ ମେଳନ ପଡ଼ିଆରୁ ଘରକୁ ଫେରୁଥିଲେ। ରାସ୍ତାରେ ଗୋଟିଏ ସ୍ଥାନରେ ଗାଡ଼ି ଅଟକାଇ ଜଣଙ୍କ ସହ କଥାବାର୍ତ୍ତା ହେଉଥିଲେ। ସେହି ସମୟରେ ପ୍ରତାପ ଓ ତାଙ୍କ ଭଉଣୀ ଏକ ବାଇକରେ ପହଞ୍ଚି ଧରଣୀଧରଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ପଳାଇଥିଲେ। କିଛି ସମୟ ପରେ ପ୍ରତାପ ନିଜ ଭଉଣୀଙ୍କୁ ଘରେ ଛାଡ଼ିଦେବା ସହ ଫେରିଆସି ଧରଣୀଧରଙ୍କୁ ଗାଳିଗୁଲଜ କରିଥିଲା। ଧରଣୀଧର ବିରୋଧ କରିବାରୁ ପ୍ରତାପ ପାଖ ଦୋକାନରୁ ଏକ ଥଣ୍ଡା କାଚ ବୋତଲ ଆଣି ଭାଙ୍ଗି ଦେଇଥିଲା। ଏହାପରେ ଭଙ୍ଗା କାଚ ବୋତଲରେ ଧରଣୀଧରଙ୍କ ପେଟକୁ ଭୁସି ହତ୍ୟା କରିବାକୁ ଉଦ୍ୟମ କରିଥିଲା। ନିଜକୁ ବଞ୍ଚାଇବାକୁ ଚେଷ୍ଟା କଲାବେଳେ ପ୍ରତାପ ଭଙ୍ଗା ବୋତଲରେ ତାଙ୍କ ମୁଣ୍ଡକୁ ବାରମ୍ବାର ଆକ୍ରମଣ କରି ରକ୍ତାକ୍ତ କରା ଦେଇଥିଲା। ଖବରପାଇ ପିସିଆର ଟିମ୍ ଧରଣୀଧରଙ୍କୁ ଉଦ୍ଧାର କରି ଚିକିତ୍ସା ନିମନ୍ତେ କ୍ୟାପିଟାଲ୍ ହସ୍ପିଟାଲରେ ଭର୍ତ୍ତି କରିଥିଲା। ଏନେଇ ଧରଣୀଧର ଏୟାରଫିଲ୍ଡ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା।

## କୁଖ୍ୟାତ ଚୋର ବିଶ୍ୱଜିତ ପୁଣି ଗିରଫ

ଭୁବନେଶ୍ୱର, ୪।୮(ସମିସ): ତାଲା ଭାଙ୍ଗି ଚୋରି କରିଥିବା ଅଭିଯୋଗରେ କୁଖ୍ୟାତ ଚୋର ବିଶ୍ୱଜିତ ଓ ତାର ସହଯୋଗୀକୁ ପୁଣିଥରେ ଗିରଫ କରିଛି ତମାଣ୍ଡୋ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିରେ ରହୁଥିବା ବାଙ୍କୀ ବୋତଲମାର ବିଶ୍ୱଜିତ ବେହେରା ଓରଫ୍ ବାପୁ (୩୨) ଓ ରେହମତ ନଗର କବାଡ଼ିଆ ବସ୍ତିର ହନ୍ନନ ନାୟକ (୨୪)। ପୁଲିସ ସୂଚନାନୁସାରେ, କଳିଙ୍ଗନଗର କେ୫ ଅଞ୍ଚଳର ସଂକଳ୍ପ ସୁହାଗ ଦାଶ ଓ ତାଙ୍କ ପରିବାର ଲୋକେ ଘର ତାଲା ପକାଇ ଶୁଦ୍ଧିକ୍ରିୟାରେ ଯୋଗ ଦେବାକୁ ଯାଇଥିଲେ। ଗତକାଲି ଅପହ୍ନରେ ବିଶ୍ୱଜିତ ପାଚେରି ଡେଇଁ ଘର ଭିତରେ ପଶିଥିଲା। ଶାବଳ ଓ ଲୁହା ରଡ୍ ସାହାଯ୍ୟରେ ଗ୍ରିଲ୍ ଏବଂ କବାଟ ତାଲା ଭାଙ୍ଗି ଘର ଭିତରୁ ବହୁ ପିତ୍ତଳ/କଂସା ବାସନକୁସନ, ବାଥରୁମ୍ ଫିଟିଙ୍ଗ୍ସ ଓ ନଗଦ ଟଙ୍କା ଚୋରି କରିନେଇଥିଲା। ରାତିରେ ଘରକୁ ଫେରି କବାଟ ତାଲା ଭଙ୍ଗାଯାଇଥିବା ଓ ଆଲମିରା ଭଙ୍ଗାଯାଇ ଜିନିଷପତ୍ର ଖେଳାଇ ହୋଇପଡ଼ିଥିବା ଦେଖି ସଂକଳ୍ପ ତମାଣ୍ଡୋ ଥାନାରେ ଏତଲା ଦେଇଥିଲେ। ତମାଣ୍ଡୋ ଥାନା ପୁଲିସ ସିସିଟିଭି ଫୁଟେଜ୍ ଆଧାରରେ ବିଶ୍ୱଜିତକୁ କାବୁ କରିଥିଲା। ସେ ଚୋରି ସାମଗ୍ରୀଗୁଡ଼ିକୁ ରେହେମତ୍ ନଗରର କବାଡ଼ିଆ ଦୋକାନୀର ହନ୍ନନକୁ ବିକ୍ରି କରିଥିବା ମାନିଥିଲା। ପୁଲିସ ହନ୍ନନକୁ ଗିରଫ କରି ଚୋରି ହୋଇଥିବା ପିତ୍ତଳ/କଂସା ବାସନ, ପୂଜା ସାମଗ୍ରୀ, ୩୪ଟି ଷ୍ଟେନଲେସ୍ ଷ୍ଟିଲ୍ ପାଣି ଟ୍ୟାପ୍, ଗୋଟିଏ ୱାଟର ପମ୍ପ ମୋଟର, ନଗଦ ୯ ହଜାର ୯୭୦ ଟଙ୍କା, ଘର ଭାଙ୍ଗିବାରେ ବ୍ୟବହୃତ ଶାବଳ ଓ ରଡ୍ ଜବତ କରିଥିଲା। ବିଶ୍ୱଜିତ୍ ଜଣେ ପେସାଦାର ଅପରାଧୀ ହୋଇଥିବା ବେଳେ ପୂର୍ବରୁ ତା' ନାମରେ ବିଭିନ୍ନ ଥାନାରେ ୨୭ଟି ଚୋରି ଓ ସିନ୍ଧିଚୋରୀ ମାମଲା ରହିଥିବା ବେଳେ ରିସିଭର୍ ହନ୍ନନ୍ ନାମରେ ପୂର୍ବରୁ ତମାଣ୍ଡୋ ଥାନାରେ ୫ଟି ସଙ୍ଗିନ ଅପରାଧିକ ମାମଲା ରହିଛି।

## ଲକ୍ଷେ ଟଙ୍କାର ଆଲୁମିନିୟମ ସାମଗ୍ରୀ ଚୋରି; ଜଣେ ଗିରଫ

ଭୁବନେଶ୍ୱର, ୪।୮(ସମିସ): ଲକ୍ଷେ ଟଙ୍କାର ଆଲୁମିନିୟମ ଚୋରି କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ୟୁନିଟ୍ ୩ ଶାନ୍ତି ନଗରର ଏସକେ ହବିବୁଲ୍ଲା (୩୨)। ପୁଲିସ ସୂଚନାନୁଯାୟୀ, ୟୁନିଟ୍ ୨ ସ୍ଥିତ କେଶରୀ ମଲ୍ କମ୍ପ୍ଲେକ୍ସ ପରିସରରେ ପ୍ରାୟ ୧ ଲକ୍ଷ ଟଙ୍କା ମୂଲ୍ୟର ଆଲୁମିନିୟମ୍ କବାଟ ଓ ଝରକା ଚ୍ୟାନେଲ୍ ରଖା ଯାଇଥିଲା। ହବିବୁଲ୍ଲା ସୁଯୋଗ ଦେଖି ସେହି ଆଲୁମିନିୟମ ସାମଗ୍ରୀ ଚୋରି କରି ନେଇଥିଲା। ଏନେଇ ଅଦ୍ୱ?ତ କୁମାର ଦାସ କ୍ୟାପିଟାଲ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ମଙ୍ଗଳବାର ଅଶୋକ ନଗରସ୍ଥିତ ଫାଲିକିଆ ବସ୍ତିରୁ ହବିବୁଲ୍ଲାକୁ ଗିରଫ କରିବା ସହ କଳା ପଲିଥିନରେ ଥିବା ୩୫ କେଜି ଚୋରା ଆଲୁମିନିୟମ୍ ଚ୍ୟାନେଲ୍ ଗୁଡ଼ିକୁ ଜବତ କରିଥିଲା। ସେକ୍ ହବିବୁଲ୍ଲା ଜଣେ ଅଭ୍ୟାସଗତ ଅପରାଧୀ ହୋଇଥିବା ବେଳେ ତା' ନାମରେ ପୂର୍ବରୁ କଟକ ଜିଆରପି ଓ ଖାରବେଳ ନଗର ଥାନାରେ ଚୋରି ଓ ଡକାୟତି ପ୍ରସ୍ତୁତି ଭଳି ସଙ୍ଗୀନ ମାମଲା ରହିଛି।

## କର୍ପୋରେଟରଙ୍କ ଘରେ ଖଣ୍ଡା ବୁଲାଇ ୨ ଗିରଫ

ଭୁବନେଶ୍ୱର, ୪।୮ (ସମିସ): ଅଭିଯୋଗକାରୀ ସମ୍ବିତ ମହାନ୍ତିଙ୍କ ଏତଲା ଆଧାରରେ ସହିଦ ନଗର ଥାନା ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ୨ ଅଭିଯୁକ୍ତ ଚିନ୍ମୟ ରଞ୍ଜନ ସେଠୀ ଓରଫ ଚିନ୍ (୨୬) ଓ ଅଜିତ୍ ବେହେରା ଓରଫ ରାହୁଲ (୨୦)କୁ ଗିରଫ ପରେ କୋର୍ଟ ଚାଲାଣ କରିଛି। ଗତ ୨୮ ତାରିଖ ରାତିରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଖଣ୍ଡା ଏବଂ ଲାଠି ଧରି ଭିଏସ୍ଏସ୍ ନଗରସ୍ଥିତ ଅଭିଯୋଗକାରୀଙ୍କ ଘର ହତା ଭିତରେ ପଶିଥିଲେ। ଅଭିଯୋଗକାରୀଙ୍କ ମା' ଜଣେ କର୍ପୋରେଟର ହୋଇଥିବାବେଳେ ରାଜନୈତିକ ଶତ୍ରୁତା କାରଣରୁ ଅଭିଯୁକ୍ତମାନେ ଏହି କାଣ୍ଡ କରିଥିଲେ। ସେମାନେ ସେଠାରେ ପାର୍କିଂ ହୋଇଥିବା ମହିନ୍ଦ୍ରା ଥାର୍ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ଗାଡ଼ି ଭିତରେ ଥିବା ଏକ ବ୍ୟାଗ୍ ଚୋରି କରି ନେଇଯାଇଥିଲେ। ଯେଉଁଥିରେ ୨ ଲକ୍ଷ ଟଙ୍କା ଥିବା ଅଭିଯୋଗ ହୋଇଥିଲା। ସିସିଟିଭି ଫୁଟେଜ୍ ଏବଂ ଗୁଇନ୍ଦା ସୂଚନା ଆଧାରରେ ସହିଦ ନଗର ଥାନା ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଘଟଣାରେ ସମ୍ପୃକ୍ତଥିବା ମୁଖ୍ୟ ଅଭିଯୁକ୍ତ ଚିନ୍ମୟରଞ୍ଜନ ସେଠୀ ଏବଂ ଅଭିଜିତ ବେହେରାକୁ କାବୁ କରିଛି। ଚିନ୍ମୟଙ୍କ ସୂଚନା କ୍ରମେ ପୋଲିସ ଅପରାଧରେ ବ୍ୟବହୃତ ଖଣ୍ଡା ଓ ଲାଠିକୁ ଉଦ୍ଧାର କରି ଜବତ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଜଣେ ନାବାଳକଙ୍କୁ ମଧ୍ୟ ଚିହ୍ନଟ କରାଯାଇଛି ଏବଂ ତା ବିରୋଧରେ ଆଇନ ଅନୁଯାୟୀ ସ୍ୱତନ୍ତ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## ନିଜ ଅଶ୍ଳୀଳ ଫଟୋ ପଠାଇ ଫେବର୍ ମାଗିବା ମହଙ୍ଗା ପଡ଼ିଲା



ଭୁବନେଶ୍ୱର, ୪।୮(ସମିସ): ଜଣେ ଯୁବତୀଙ୍କୁ ନିଜର ଅଶ୍ଳୀଳ ଫଟୋ ପଠାଇ ଫେବର୍ ମାଗିବା ମହଙ୍ଗା ପଡ଼ିଛି। କାରନାମା ପଦାକୁ ଆସିବା ପରେ ଅଭିଯୁକ୍ତ ଅଟୋ ଚାଳକକୁ ଗିରଫ କରିଛି ଏୟାରପୋର୍ଟ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ତମାଣ୍ଡୋ ଅଞ୍ଚଳରେ ରହୁଥିବା ଜଙ୍କିଆ ଥାନା ମୁଣ୍ଡାଆମ୍ବର ଅମୂଲ୍ୟ କୁମାର ଚମ୍ପତି (୫୧)। ପୁଲିସ ସୂଚନାନୁଯାୟୀ, ୟୁନିଟ୍ ୬ ଅଞ୍ଚଳର ଜଣେ ୨୫ ବର୍ଷୀୟା ଯୁବତୀ ଏକ ବେସରକାରୀ ସଂସ୍ଥାରେ ଚାକିରି କରିଛନ୍ତି। ସେ ବିଭିନ୍ନ ସମୟରେ ଅମୂଲ୍ୟ ଅଟୋକୁ ଭଡ଼ାରେ ନେଇ ଅଫିସ୍ ଓ ଅନ୍ୟାନ୍ୟ କାମରେ ଯାଆନ୍ତି। ବିଭିନ୍ନ ସ୍ଥାନକୁ ଯିବାଆସିବା କରିବା ସମୟରେ ଅମୂଲ୍ୟ ତାଙ୍କ ମୋବାଇଲ ନମ୍ବର ସଂଗ୍ରହ କରି ନେଇଥିଲା। ପରବର୍ତ୍ତୀ ସମୟରେ ଯୁବତୀଙ୍କୁ ମେସେଜ କରିଥିଲା। ନିଜ ଗୁପ୍ତାଙ୍ଗର ଫଟୋ ଉଠାଇ ଯୁବତୀଙ୍କ ହ୍ୱାଟ୍ସଆପକୁ ପଠାଇବା ସହ ଶାରୀରିକ ସମ୍ପର୍କ ରଖିବାକୁ ଫେବର୍ ମାଗିଥିଲା। ଯୁବତୀ ଜଣକ ତା ନମ୍ବରକୁ ବ୍ଲକ କରିଦେବା ପରେ ଅମୂଲ୍ୟ ବିଭିନ୍ନ ଫୋନରୁ କଲ୍ ଓ ମେସେଜ କରିଥିଲା। ଏତିକିରେ ଅମୂଲ୍ୟର କାଣ୍ଡ କାରନାମା ସରିନଥିଲା। ଯୁବତୀ ଜଣକ ଦେହ ବ୍ୟବସାୟରେ ଲିପ୍ତ ଥିବା ତାଙ୍କ ବାପାଙ୍କୁ କହିଥିଲା। ସେ ତାଙ୍କ ଝିଅର ଅଶ୍ଳୀଳ ଫଟୋ ରଖିଛି ଓ ତା କଥାରେ ରାଜି ନହେଲେ ଫଟୋ ଗୁଡ଼ିକୁ ଭାଇରାଲ କରିଦେବ ବୋଲି ଧମକ ଦେଇଥିଲା। ଏନେଇ ଯୁବତୀ ଜଣକ ଏୟାରପୋର୍ଟ ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ଅମୂଲ୍ୟକୁ ଗିରଫ କରିବା ସହ ମୋବାଇଲ୍ ଫୋନ୍ ଓ ହ୍ୱାଟ୍ସଆପ ଚାଟ୍ ଜବତ କରିଥିଲା।

## ଅଭ୍ୟାସଗତ ଅପରାଧୀକୁ ଧରାଇଲା ଏଫ୍ଆରଏସ୍

ଭୁବନେଶ୍ୱର, ୪।୮(ସମିସ): ଫେସିଆଲ୍ ରେକଗନାଇଜେସନ୍ ସିଷ୍ଟମ୍ (ଏଫ୍ଆରଏସ୍) ମାଧ୍ୟମରେ ଅଭ୍ୟାସଗତ ଅପରାଧୀକୁ ଧରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ବାୟା ବାବା ବସ୍ତିର କାଳନ୍ଦୀ ଓରଫ୍ ତପନ ନାୟକ (୨୬)।



ପୁଲିସ ସୂଚନାନୁଯାୟୀ, ସୋମବାର ରାତିରେ କ୍ୟାପିଟାଲ ଥାନା ପୁଲିସ ମାଷ୍ଟର କ୍ୟାଣ୍ଟିନ ବସଷ୍ଟାଣ୍ଡରେ ପାଟ୍ରୋଲିଂ କରୁଥିବା ବେଳେ ଜଣେ ଯୁବକ ସନ୍ଦେହଜନକ ଅବସ୍ଥାରେ ବୁଲୁଥିଲା। ପୁଲିସ ଟିମ୍ ତାକୁ ଅଟକ ରଖି ଯାଞ୍ଚ କରିଥିଲା। ଫେସିଆଲ୍ ରେକଗନାଇଜେସନ୍ ସିଷ୍ଟମ୍ (ଏଫ୍ଆରଏସ୍) ଜରିଆରେ ତା'ର ଫଟୋ ଉଠାଇ ଯାଞ୍ଚ କରିଥିଲା। ଏହାପରେ ସମ୍ପୃକ୍ତ ଯୁବକର ଅପରାଧିକ କୁଣ୍ଡଳୀ ସାମ୍ନାକୁ ଆସିଥିଲା। ସେ ଅଭ୍ୟାସଗତ ଅପରାଧୀ ତପନ ହୋଇଥିବା ବେଳେ ୧୨ଟି ମାମଲାରେ ତା'ର ସମ୍ପୃକ୍ତି ରହିଥିବା ଏଫ୍ଆରଏସ୍ ମାଧ୍ୟମରେ ଜଣାପଡ଼ିଥିଲା। ଯାଞ୍ଚ ବେଳେ ତପନ ଠାରୁ ୨ଟି ଚୋରା ମୋବାଇଲ୍ ଫୋନ୍ ଜବତ କରିଥିଲା। ବିଳମ୍ବିତ ରାତିରେ ଘରକୁ ଫେରୁଥିବା ଲୋକଙ୍କୁ ଟାର୍ଗେଟ କରି ଲୁଟପାଟ କରିବାକୁ ଯୋଜନା କରିଥିବା ତପନ ପୁଲିସ ଆଗରେ ସ୍ୱୀକାର କରିଥିଲା। ନିକଟରେ ଖାରବେଳ ନଗର ଥାନାରେ ରୁଜୁ ହୋଇଥିବା ଏକ ମାମଲାରେ ତପନ ସମ୍ପୃକ୍ତି ଥିବା ତଦନ୍ତ ବେଳେ ଜଣାପଡ଼ିଥିଲା। ଏମିତିକି ସେ ପୂର୍ବରୁ ଦୋଷୀ ସାବ୍ୟସ୍ତ ହୋଇଥିବା ମଧ୍ୟ ଜଣାପଡ଼ିଛି। ଏନେଇ କ୍ୟାପିଟାଲ ଥାନା ପୁଲିସ ଏକ ମାମଲା ରୁଜୁ କରି ତପନଉ କୋର୍ଟ ଚାଲାଣ କରିଛି।

## ବାସି ଖାଦ୍ୟକୁ ବିରୋଧ କରିବାରୁ ସଂଘବଦ୍ଧ ଆକ୍ରମଣ



ଭୁବନେଶ୍ୱର, ୪।୮ (ସମିସ): ବାସି ଖାଦ୍ୟକୁ ବିରୋଧ କରିବାରୁ ଦୁଇ ବନ୍ଧୁ ସଙ୍ଘବଦ୍ଧ ଆକ୍ରମଣର ଶିକାର ହୋଇଛନ୍ତି। ଆଉ କେହି ନୁହେଁ, ଖୋଦ୍ ହୋଟେଲ ମାଲିକ ମିଶି ସଙ୍ଘବଦ୍ଧ ଆକ୍ରମଣ କରିଛନ୍ତି। ଘରୋଇ ଡାକ୍ତରଖାନା ନିକଟରେ ଏଭଳି ଘଟଣା ଘଟିଥିବା ବେଳେ ହୋଟେଲର ଦୁଇ ମାଲିକଙ୍କୁ ଗିରଫ କରିଛି ଭରତପୁର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି ଦୁର୍ଗାମାଧବ ନଗରରେ ରହୁଥିବା କାଳୀ କଲ୍ୟାଣ ବିଶ୍ୱ ପ୍ରକାଶ ସ୍ୱାଇଁ (୪୦) ଓ ବରମୁଣ୍ଡା ହାଉସିଂ ବୋର୍ଡ କଲୋନୀର ଅମୀୟ ରଞ୍ଜନ ସାହୁ (୪୨)।

ପୁଲିସ ସୂଚନାନୁଯାୟୀ, ସୋମବାର ରାତିରେ ଧିରେନ୍ଦ୍ର କୁମାର ବେହେରା ଓ ତାଙ୍କ ସାଙ୍ଗ ଦିଲ୍ଲୀପ କୁମାର ବେହେରା ମିଶି କଳିଙ୍ଗନଗର ସ୍ଥିତ ଘରୋଇ ଡାକ୍ତରଖାନା ନିକଟରେ ଥିବା ଭେଜ୍ ଦୋସା ନାମକ ଏକ ହୋଟେଲକୁ ଖାଇବାକୁ ଯାଇଥିଲେ। ସେଠାରେ ହୋଟେଲ କର୍ମଚାରୀମାନେ ସେମାନଙ୍କୁ ବାସି ରୁଟି ଖାଇବାକୁ ଦେଇଥିଲେ। ଏନେଇ ଧିରେନ୍ଦ୍ର ହୋଟେଲ ମାଲିକ କାଳୀ ଓ ଅମିୟଙ୍କୁ ଅଭିଯୋଗ କରିଥିଲେ। ହେଲେ ଅଭିଯୋଗ ଶୁଣିବା ପରିବର୍ତ୍ତେ କାଳୀ, ଅମୀୟ ଓ ୫/୬ ଜଣ କର୍ମଚାରୀ ମିଶି ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏହାପରେ ଅଭିଯୁକ୍ତମାନେ ସଂଘବଦ୍ଧ ଭାବେ ଧିରେନ୍ଦ୍ର ଓ ଦିଲ୍ଲୀପଙ୍କୁ ତଳେ ପକାଇ ଗୋଇଠା ଓ ବିଧା ମାରି ଅତି ନିର୍ମମ ଭାବେ ଆକ୍ରମଣ କରିଥିଲେ। ଖବର ପାଇ ଶ୍ୟାମପୁର ଓ ନୂଆଗାଁ ଅଞ୍ଚଳର ସ୍ଥାନୀୟ ଲୋକ ସେଠାରେ ପହଞ୍ଚିବାରୁ ଅଭିଯୁକ୍ତମାନେ ସେମାନଙ୍କୁ ମଧ୍ୟ ଦୁର୍ବ୍ୟବହାର କରିଥିଲେ। ପିସିଆର ଭ୍ୟାନ୍ ଘଟଣାସ୍ଥଳରେ ପହଞ୍ଚି ଆହତମାନଙ୍କୁ ଉଦ୍ଧାର କରି ହସ୍ପିଟାଲ୍ ପଠାଇଥିଲା ଓ ଉଭୟ ହୋଟେଲ ମାଲିକଙ୍କୁ କାବୁ କରି ଥାନାକୁ ଆଣିଥିଲା। ଧିରେନ୍ଦ୍ରଙ୍କ ଅଭିଯୋଗ କ୍ରମେ ଭରତପୁର ଥାନା ପୁଲିସ ଏକ ମାମଲା ରୁଜୁ କରିଥିଲା। ଆଜି କାଳୀ ଓ ଅମୀୟଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ସାଙ୍ଗ ଘରୁ ଗହଣା ଲୁଟ୍ | ୧୧ ଭରି ସୁନା ଜବତ, ସାଙ୍ଗ ଗିରଫ



ଭୁବନେଶ୍ୱର, ୪।୮(ସମିସ): ଇନ୍ଫୋସିଟି ଥାନା ଶିଖରଚଣ୍ଡୀ ନଗରରେ ହୋଇଥିବା ଏକ ବଡ଼ ଧରଣର ଚୋରି ମାମଲାର ପର୍ଦ୍ଦାଫାସ କରିଛି କମିସନରେଟ୍ ପୁଲିସ। ସାଙ୍ଗ ଘରୁ ଚୋରି କରିବା ଅଭିଯୋଗରେ ମୁଖ୍ୟ ଅଭିଯୁକ୍ତ କେ. ଭେଙ୍କେଟସ ରେ‡ୀକୁ ଗିରଫ କରିବା ସହ ତା' ଠାରୁ ୧୧୦ ଗ୍ରାମ୍ର ସୁନା ଜବତ ହୋଇଛି। ଚୋରିର ଗୋଟିଏ ଦିନ ମଧ୍ୟରେ ଜବତ ହୋଇଥିବା ଏହି ସୁନାର ପରିମାଣ ୨୦ ଲକ୍ଷ ଟଙ୍କା ହେବ ବୋଲି ଅନୁମାନ କରାଯାଇଛି। ଜବତ ସୁନା ମଧ୍ୟରେ ସୁନା ବ୍ରେସଲେଟ, ମୁଦି, କାନଫୁଲ ଓ ହାର ରହିଛି ବୋଲି ପୁଲିସ କମିସନର ଏସ୍. ଦେବଦତ୍ତ ସିଂ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି।

ପୁଲିସ ସୂଚନା ମୁତାବକ, ଶିଖରଚଣ୍ଡୀରେ ରହୁଥିବା କେ. ରାମାରାଓ ମାଛ ବ୍ୟବସାୟ କରନ୍ତି। ଭେଙ୍କେଟେସ୍ ତାଙ୍କର ସାଙ୍ଗ ହୋଇଥିବାରୁ ନିୟମିତ ଭାବେ ତାଙ୍କ ଘରକୁ ଯିବାଆସିବା କରନ୍ତି। ଗତ ୨ତାରିଖରେ ଦିନ ରାମାରାଓ ଓ ତାଙ୍କର ସ୍ତ୍ରୀ ବ୍ୟବସାୟିକ କାର୍ଯ୍ୟରେ ଭୋର ୩ଟା ସମୟରେ ବାହାରକୁ ଯାଇଥିଲେ। ଭେଙ୍କେଟେସ୍ କବାଟ ଭାଙ୍ଗି ତାଙ୍କ ଘରେ ପଶିଥିଲେ। ଏହାପରେ ଘରେ ଥିବା ଆଲମିରାରୁ ସୁନା ଏବଂ ନଗଦ ଟଙ୍କା ଚୋରି କରିଥିଲା। ଯେଉଁଥିରେ ରହିଥିଲା ୩ଟି ସୁନା ଚେନ୍, ଗୋଟିଏ ବ୍ରେସ୍ଲେଟ୍, ଗୋଟିଏ ମଙ୍ଗଳସୂତ୍ର ଏବଂ ନଗଦ ୧ଲକ୍ଷ ୬୧ ହଜାର ଟଙ୍କା।

ଏନେଇ ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଜଣାପଡ଼ିଥିଲା ଚୋର କବାଟ ଭାଙ୍ଗିବା ପରେ ଆଉ କେଉଁଠି କିଛି ବି ଖୋଜାଖୋଜି କରି ନାହିଁ। ସିଧାସଳଖ ଆଲମିରା ଭାଙ୍ଗିଛି। ଘର ଅନ୍ୟ କୌଣସି ସାମଗ୍ରୀ ମଧ୍ୟ ଚୋରି ହୋଇ ନାହିଁ। ପୁଲିସ ଏହି ନିର୍ଯ୍ୟାସରେ ପହଞ୍ଚିଥିଲା ଯେ ନିୟମିତ ଭାବେ ଘରକୁ ଆସୁଥିବା ବ୍ୟକ୍ତି ହିଁ ଏହି କାଣ୍ଡ ଭିଆଇ ପାରିବ। ଏହାପରେ ଏକ ତାଲିକା ପ୍ରସ୍ତୁତ କରି ପଚରାଉଚରା କରିଥିଲା। ଶେଷରେ ଭେଙ୍କେଟେସ୍କୁ ପୁଲିସ ଧରିପକାଇଥିଲା। ତା'ଠାରୁ ପୁଲିସ ଚୋରି ସାମଗ୍ରୀ ଜବତ ହୋଇଥିଲା। ତେବେ ପୁଲିସ ପାଇଁ ଏହା ଏକ ବଡ଼ ସଫଳତା ବୋଲି ପୁଲିସ ଶ୍ରୀ ସିଂ କହିଛନ୍ତି।

## ଉପଭୋକ୍ତାଙ୍କୁ ବିଦ୍ୟୁତ୍ ଯନ୍ତ୍ରୀଙ୍କ ଦୁର୍ବ୍ୟବହାର ଅଭିଯୋଗ

ବାଲିପାଟଣା, ୪।୮(ସମିସ): ବାଲିପାଟଣା ବିଦ୍ୟୁତ୍ ବିଭାଗ ବିରୁଦ୍ଧରେ ଉପଭୋକ୍ତାଙ୍କୁ ବିଭାଗୀୟ ଯନ୍ତ୍ରୀ ଦୁର୍ବ୍ୟବହାର କରିଥିବା ଅଭିଯୋଗ ହୋଇଛି। ବାଲିପାଟଣା ବିଦ୍ୟୁତ୍ ଉପଭୋକ୍ତା ସଂଘ୍ ଏହି ଘଟଣାରେ ଉଦବେଗ ପ୍ରକାଶ ସହିତ ବାଲିପାଟଣା ଥାନାରେ ଲିଖିତ ଅଭିଯୋଗ କରି ଯନ୍ତ୍ରୀଙ୍କ ସହିତ ଅନ୍ୟାନ୍ୟ କର୍ମଚାରୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି କରିଛନ୍ତି।

## ବାଲିଅନ୍ତା ସୌମ୍ୟ ଭିଡ଼ହତ୍ୟା ମାମଲା

# ଆଜି ଚାର୍ଜସିଟ୍ ଦାଖଲ କରିବ କ୍ରାଇମବ୍ରାଞ୍ଚ

ଭୁବନେଶ୍ୱର, ୪।୮(ସମିସ): ବାଲିଅନ୍ତା ଭିଡ଼ ହତ୍ୟା ମାମଲାରେ ବୁଧବାର ଚର୍ଜସିଟ୍ ଦାଖଲ ହେବ। ୯୦ ଦିନ ପୂର୍ବରୁ ଚାର୍ଜସିଟ୍ ଦାଖଲ କରିବ କ୍ରାଇମ୍ବ୍ରାଞ୍ଚ। ପ୍ରାୟ ୬୦୦ରୁ ଊର୍ଦ୍ଧ୍ୱ ଫର୍ଦ୍ଦର ଚାର୍ଜସିଟ୍ ଦାଖଲ ହେବା ଯାଉଛି ବୋଲି କ୍ରାଇମ୍ବ୍ରାଞ୍ଚର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି। ଜିଆର୍ପି କନ୍ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କ ହତ୍ୟା ମାମଲାରେ ୫ରୁ ଊର୍ଦ୍ଧ୍ୱ ବ୍ୟକ୍ତିଙ୍କୁ ମୁଖ୍ୟ ଅଭିଯୁକ୍ତ ଭାବେ ଦର୍ଶାଯାଇଛି ବୋଲି ସୂଚନା ମିଳିଛି। ତେବେ ଚାର୍ଜସିଟ୍ ଦାଲଖ ହେବା ପରେ ତଦନ୍ତରୁ ସ୍ପଷ୍ଟ ହେବ ସୌମ୍ୟଙ୍କୁ କିଏ କାହିଁକି ଏବଂ କେଉଁଥିପାଇଁ ହତ୍ୟା କରିଥିଲେ। ହତ୍ୟାକାଣ୍ଡ ପଛର ମୂଳ କାରଣ କଣ ସ୍ପଷ୍ଟ ଭାବେ ଜଣାପଡ଼ିବ। ଏହାସହ ସୌମ୍ୟଙ୍କ ପରିବାର ଲୋକେ ଜାଣି ପାରିବେ ଘଟଣାଦିନ ଉପସ୍ଥିତ ଥିବା ସୌମ୍ୟଙ୍କ ସହଯୋଗୀ ଓମ୍ଙ୍କ ଏହି ମାମଲା ସହ ସମ୍ପୃକ୍ତି ରହିଛି କି ନାହିଁ। ମିଛ ଧରା ପରୀକ୍ଷା ସମୟରେ ଓମ୍ କଣ ସବୁ କହିଥିଲା। ସେଥିରେ କେତେ ସତ ଏବଂ କେତେ ମିଛ କହିଛି ସବୁ କିଛି ଏହି ରାର୍ଜସିଟ୍ରେ ତଦନ୍ତକାରୀ ଟିମ୍ ଉଲ୍ଲେଖ କରିଥିବା କୁହାଯାଉଛି। ତେବେ ଚାର୍ଜସିଟ୍ରେ ନିଲମ୍ବିତ ଆଇପିଏସ୍ ଅଧିକାରୀଙ୍କ ନାଆ ନଥିବା ବିଶ୍ୱସ୍ତ ସୂତ୍ରରୁ ଜଣାପଡ଼ିଛି।


କେଉଁମାନେ ସୌମ୍ୟଙ୍କ ସମ୍ବେଦନଶୀଳ ସ୍ଥାନରେ ମାଡ଼ ମାରିବା ସହ ମୁଣ୍ଡକୁ ଆଘାତ କରିଥିଲେ। ଫଳରେ ଶରୀରର ଆଭ୍ୟନ୍ତରୀଣ ଅଙ୍ଗରେ ଆଘାତ ଲାଗିବାରୁ ତାଙ୍କର ମୃତ୍ୟୁ ଘଟିଥିଲା। ମାମଲାରେ ଗିରଫ ହୋଇଥିବା ସମସ୍ତ ୨୦ ଜଣ ଅଭିଯୁକ୍ତଙ୍କ ବିରୋଧରେ ଚାର୍ଜସିଟ ଦାଖଲ କରିବ। ତଦନ୍ତ ସମୟରେ କ୍ରାଇମବ୍ରାଞ୍ଚ ଅନେକ ସାକ୍ଷୀଙ୍କ ବୟାନ ରେକର୍ଡ କରିବା ସହ ଘଟଣାସ୍ଥଳରୁ ମିଳିଥିବା ପ୍ରମାଣ, ଫରେନସିକ ରିପୋର୍ଟ ଏବଂ ଡିଜିଟାଲ ସାକ୍ଷ୍ୟକୁ ମଧ୍ୟ ଯାଞ୍ଚ କରିଛି। ସେହିସବୁ ଆଧାରରେ ଚାର୍ଜସିଟ ପ୍ରସ୍ତୁତ କରାଯାଇଥିବା ସୂଚନା ମିଳିଛି।

ଗତ ମେ ମାସ ୭ ତାରିଖରେ ଜିଆର୍ପି କନ୍ଷ୍ଟେବଲ୍ ସୌମ୍ୟ ରଞ୍ଜନ ସ୍ୱାଇଁଙ୍କୁ ବାଲିଅନ୍ତା କାଜ ନିକଟରେ ପିଟି ପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଦୁଇଟି ମାମଲା ରୁଜୁ କରାଯାଇଥିଲା। ସୌମ୍ୟ ହତ୍ୟା ମାମଲାରେ ମୋଟ୍ ୨୦ ଜଣଙ୍କୁ ଗିରଫ କରାଯାଇଛି। ୫ରୁ ଊର୍ଦ୍ଧ୍ୱ ଏବେ ବି ଫେରାର୍ ଅଛନ୍ତି। ସୌମ୍ୟଙ୍କୁ ନିର୍ଯ୍ୟାତନା ମାମଲାରେ ରାଜ୍ୟର ଜଣେ ବରିଷ୍ଠ ଆଇପିଏସ୍ ଅଧିକାରୀଙ୍କୁ ନିଲମ୍ବନ କରାଯାଇଥିଲା ବେଳେ ଜଣେ ଏସ୍ଆଇ, ଜଣେ ଏଏସ୍ଆଇ, ୨ ଜବାନଙ୍କୁ ନିଲମ୍ବିତ କରାଯାଇଥିଲା। ବାଲିଅନ୍ତା ଥାନା ଅଧିକାରୀଙ୍କୁ ବଦଳି କରାଯାଇଥିଲା। ଅନ୍ୟପକ୍ଷରେ ୨ଯୁବତୀଙ୍କ ଅଭିଯୋଗକ୍ରମେ ଅନ୍ୟ ମାମଲା ରୁଜୁ କରାଯାଇଥିଲା। ଏହି ମାମଲାର ଚାର୍ଜସିଟ୍ କ୍ରାଇମ୍ବ୍ରାଞ୍ଚ ଦାଖଲ କରି ସାରିଛି।

# ଓୟୁଟିଆର ହଷ୍ଟେଲ ଡାଲିରୁ ବାହାରିଲା ପୋକ

ଭୁବନେଶ୍ୱର, ୪।୮ (ସମିସ): ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍) ଛାତ୍ରୀନିବାସରେ ନିମ୍ନମାନର ଖାଦ୍ୟ ଦିଆଯାଉଥିବା ଅଭିଯୋଗ କରି ଆଜି ଛାତ୍ରୀମାନେ ବିଶ୍ୱବିଦ୍ୟାଳୟ ମୁଖ୍ୟ ଫାଟକ ସମ୍ମୁଖରେ ବିକ୍ଷୋଭ କରିବା ସହିତ କୁଳପତିଙ୍କ କାର୍ଯ୍ୟାଳୟ ଘେରାଉ କରିଛନ୍ତି। ଖାଦ୍ୟରେ ପୋକ ବାହାରୁଥିବା ଦେଖାଇ ଦାୟିତ୍ୱରେ ଥିବା ଭେଣ୍ଡରକୁ ପରିବର୍ତ୍ତନ କରିବା ପାଇଁ ଦାବି କରିଛନ୍ତି। ଫଳରେ ବିଳମ୍ବିତ ରାତି ଯାଏଁ ଚାପା ଉତ୍ତେଜନା ଦେଖାଦେଇଛି।





**ଆନ୍ଦୋଳନକୁ ଓହ୍ଲାଇଲେ ଛାତ୍ରୀ**

ସୂଚନା ଅନୁଯାୟୀ ଖରା ଛୁଟି ସରିବା ପରେ ଗତ ଏକ ତାରିଖରେ ଛାତ୍ରୀ ନିବାସ ଖୋଲିଛି। ପ୍ରାୟ ୫ ଶହ ଛାତ୍ରୀ ହଷ୍ଟେଲରେ ରହୁଥିବା ବେଳେ ଗତ କିଛି ଦିନ ହେଲା ବାସି ଓ ନିମ୍ନମାନର ଖାଦ୍ୟ ଦେଉଥିବା ଅଭିଯୋଗ ହୋଇଛି। ଖାଦ୍ୟ ପଦାର୍ଥରୁ ପୋକ ବାହାରୁଥିବା ମଧ୍ୟ ଅଭିଯୋଗ କରିଛନ୍ତି। ଏନେଇ ପୂର୍ବରୁ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଅଭିଯୋଗ କରିଥିଲେ ମଧ୍ୟ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ଆଜି ସନ୍ଧ୍ୟାରେ ଛାତ୍ରୀମାନଙ୍କୁ ଖାଇବାକୁ ଦେଲାବେଳେ ଡାଲିରୁ ପୋକ ବାହାରିବା ନେଇ ଉତ୍ତେଜନା ଆରମ୍ଭ ହୋଇଥିଲା ଓ କଲେଜ ମୁଖ୍ୟ ଫାଟକ ଆଗରେ ବିକ୍ଷୋଭ କରିଥିଲେ। ଉନ୍ନତ ମାନର ଖାଦ୍ୟ ସାଙ୍ଗକୁ ଭେଣ୍ଡରକୁ ପରିବର୍ତ୍ତନ କରିବା ଦାବିରେ ହୋହାଲ୍ଲା କରିଥିଲେ। ଶତାଧିକ ଛାତ୍ରୀ ବିଭିନ୍ନ ନାରାବାଜି କରି ପ୍ରାୟ ଏକ ଘଣ୍ଟା ବିରୋଧ ପ୍ରଦର୍ଶନ କରିଥିଲେ। କୁଳପତି ପ୍ରଫେସର ବିଭୂତି ଭୂଷଣ ବିଶ୍ୱାଳ ଆନ୍ଦୋଳନରତ ଛାତ୍ରୀଙ୍କ ସହିତ ଆଲୋଚନା କରି ଭେଣ୍ଡର ପରିବର୍ତ୍ତନ କରିବା ଏବଂ ଉନ୍ନତ ମାନର ଖାଦ୍ୟ ଦେବାକୁ ପ୍ରତିଶ୍ରୁତି ଦେବା ପରେ ଉତ୍ତ୍ୟକ୍ତ ଛାତ୍ରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରିଥିଲେ।

ସକାଳ
THE SAKALA

# ସମ୍ପାଦକୀୟ



ମଣିଷର ନିର୍ବୋଧତାକୁ ହେୟଜ୍ଞାନ କରାଯାଇପାରିବ ନାହିଁ।
-ୟୁଭାଲ୍ ନୋ ହରାରି

## 'ଜୟ ଜଗନ୍ନାଥ' କହିବା ଛାଡ଼ିଦିଅନ୍ତୁ!

ଶ୍ରୀଜଗନ୍ନାଥଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ତାଲିକାରେ ସାମିଲ୍ ହେବାର ପୁଣି ଏକ ଆଶା ସଞ୍ଚାର ହୋଇଛି। ବିଳମ୍ବରେ ହେଲେ ମଧ୍ୟ ଶେଷରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏହି ପ୍ରସଙ୍ଗରେ ହସ୍ତକ୍ଷେପ କରିବା ପାଇଁ କେନ୍ଦ୍ର ସଂସ୍କୃତି ମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ୍‌ଙ୍କୁ ଗତ ୧ ତାରିଖରେ ଚିଠି ଲେଖିଛନ୍ତି। ପୁରୀ ଶ୍ରୀମନ୍ଦିର ପ୍ରଶାସନ ଏହି ମର୍ମରେ ଯେଉଁ ଆବେଦନ କରିଛନ୍ତି ତାହାର ବିଚାର ଯେପରି ତ୍ୱରାନ୍ୱିତ ହୋଇପାରିବ ସେ ବିଷୟରେ ଦୃଷ୍ଟି ଦେବାକୁ ମୁଖ୍ୟମନ୍ତ୍ରୀ ତାଙ୍କ ପତ୍ରରେ ଅନୁରୋଧ କରିଛନ୍ତି। ଏହା ସର୍ବଦୌ ସ୍ୱାଗତଯୋଗ୍ୟ।

ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ସୁରକ୍ଷା ଘୋଷଣାନାମାରେ ସ୍ୱାକ୍ଷର କରିଥିବାରୁ ଭାରତ ସରକାର ବିଭିନ୍ନ ରାଜ୍ୟର ସର୍ବାଦୃତ ସାଂସ୍କୃତିକ ଐତିହ୍ୟଗୁଡ଼ିକୁ ମାନ୍ୟତା ପ୍ରଦାନ କରିବା ବା ତାଲିକାଭୁକ୍ତ କରିବା ପାଇଁ ସୁପାରିସ କରିବାର ବିଧିବ୍ୟବସ୍ଥା ରହିଛି। ରାଜ୍ୟମାନଙ୍କର ସୁପାରିସକ୍ରମେ ୟୁନେସ୍କୋକୁ ଏହି ତାଲିକା ପଠାଇବାର ଦାୟିତ୍ୱ କେନ୍ଦ୍ର ସଂସ୍କୃତି ମନ୍ତ୍ରଣାଳୟର। ଏହାପରେ ୟୁନେସ୍କୋ ପ୍ରତିନିଧି ପ୍ରତ୍ୟକ୍ଷ ଭାବେ ମହତ୍ତ୍ୱ ଉପଲବ୍ଧି କରିବା ପରେ ଉକ୍ତ ଐତିହ୍ୟକୁ ମାନ୍ୟତା ଦେଇଥା'ନ୍ତି। ହୁଏତ ଦଳୀୟ ରାଜନୀତି ଦୃଷ୍ଟିରୁ ହେଉ କିମ୍ବା ଆଞ୍ଚଳିକ ଅସୂୟା ଯୋଗୁଁ ଅନେକ ସମୟରେ ରାଜ୍ୟ ସରକାରମାନଙ୍କର ସୁପାରିସ କେନ୍ଦ୍ରରେ କ୍ଷମତାସୀନ ଦଳର ପ୍ରଚ୍ଛନ୍ନ ଇଙ୍ଗିତରେ କାଟ୍ ଖାଇଯାଏ। ଏହାର ଉଦାହରଣ ମଧ୍ୟ ବହୁଳ। ଶ୍ରୀଜଗନ୍ନାଥଙ୍କୁ ପ୍ରସଙ୍ଗ କରି କ୍ଷମତାକୁ ଆସିଥିବା ଡବଲ୍ ଇଞ୍ଜିନ ସରକାର ଏ ଦିଗରେ ସୁପାରିସକୁ ଅଗ୍ରାଧିକାର ଦେଇଥିଲେ ଭଲ ହୋଇଥା'ନ୍ତା। ଗତବର୍ଷ ଓଡ଼ିଶା ବିଧାନସଭାର ବଜେଟ୍ ଅଧିବେଶନ କାଳରେ ଏକ ପ୍ରଶ୍ନୋତ୍ତର ଛଳରେ ରାଜ୍ୟ ସଂସ୍କୃତି ମନ୍ତ୍ରୀ କଟକ ବାଲିଯାତ୍ରା ଓ ବରଗଡ଼ ଧନୁଯାତ୍ରାକୁ ୟୁନେସ୍କୋ ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ(ଇନ୍‌ଟାଞ୍ଜିବଲ୍ କଲ୍‌ଚରାଲ୍ ହେରିଟେଜ୍) ତାଲିକାରେ ସାମିଲ୍ କରିବା ପାଇଁ ଉଦ୍ୟମ ଜାରି ରହିଥିବା ସୂଚନା ଦେଇଥିଲେ। କିନ୍ତୁ ବିଶ୍ୱପ୍ରସିଦ୍ଧ ରଥଯାତ୍ରା କଥା ସରକାର ଭୁଲିଗଲେ।

ବିଶ୍ୱପ୍ରସିଦ୍ଧ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା କେବଳ ଆଞ୍ଚଳିକ ପରମ୍ପରା ଓ ରୀତିନୀତିରେ ସୀମିତ ନୁହେଁ। ଏହା ସାମ୍ୟତା, ସର୍ବଧର୍ମ-ସମ୍ପ୍ରଦାୟ ସମନ୍ୱୟ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ, ସାହିତ୍ୟ, ବିଜ୍ଞାନ, ଭୂଗୋଳ, ଇତିହାସର ଅପୂର୍ବ ସମନ୍ୱୟରେ ଋଦ୍ଧିମନ୍ତ। ବିଶ୍ୱର ଅନେକ ରାଷ୍ଟ୍ରରେ ରଥଯାତ୍ରା ପାଳିତ ହୋଇଆସୁଛି। ଅନ୍ୟ ଧର୍ମାବଲମ୍ବୀମାନେ ଶ୍ରୀଜଗନ୍ନାଥଙ୍କ ପ୍ରତି ଆକୃଷ୍ଟ ହୋଇ ସନାତନ ଧର୍ମ ସ୍ୱତଃ ଗ୍ରହଣ କରୁଛନ୍ତି। ରଥଯାତ୍ରାର ସାଙ୍ଗୀତିକତା, ଚିତ୍ରକଳା, ନୃତ୍ୟ ତତ୍ତ୍ୱ ମୌଳିକ ଓ ଶାସ୍ତ୍ରସମ୍ମତ। ବିଶ୍ୱ ପର୍ଯ୍ୟଟନରେ ମଧ୍ୟ ପୁରୀ ରଥଯାତ୍ରା ଏକ ସ୍ୱତନ୍ତ୍ର ସ୍ଥାନ ହାସଲ କରିଛି। ୟୁନେସ୍କୋର ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନଦଣ୍ଡର ଏପରି କୌଣସି ବିଭାଗ ନାହିଁ, ଯାହା ରଥଯାତ୍ରାରେ ସନ୍ନିହିତ ହୋଇନାହିଁ। ତଥାପି କାହିଁକି ଯେ ରଥଯାତ୍ରା ଏହି ତାଲିକାରୁ ଏତେଦିନ ଧରି ବଞ୍ଚିତ ହୋଇରହିଛି ତାହାର ଉତ୍ତର କିଏ ଦେବା ଉଚିତ ତାହା ଆଉ ଅଧିକ ବୁଝାଇ କହିବା ଆବଶ୍ୟକ ନାହିଁ।

ଓଡ଼ିଶାର ସୌଭାଗ୍ୟ, ଗର୍ବ ଓ ଗୌରବ ଯେ ଭାରତର ରାଷ୍ଟ୍ରମୁଖ୍ୟ ଜଣେ ଓଡ଼ିଆ। ପୁରୀର ସାଂସଦ କେନ୍ଦ୍ର ସରକାରୀ ଦଳରେ ଗୁରୁତ୍ୱପୂର୍ଣ୍ଣ ପଦ ମଣ୍ଡନ କରୁଛନ୍ତି; ବିଧାୟକ ମଧ୍ୟ ରାଜ୍ୟ ଶାସକ ଦଳର। ଉଭୟ କେନ୍ଦ୍ର ଓ ରାଜ୍ୟରେ ଗୋଟିଏ ଦଳର ଶାସନ ଚାଲିଛି। 'ଜାତୀୟ ସ୍ମାରକୀ କର୍ତ୍ତୃପକ୍ଷ'ର ସର୍ବୋଚ୍ଚ ପଦରେ ଜଣେ ଓଡ଼ିଆ ଗତ ଦୀର୍ଘବର୍ଷ ଧରି ଅଧିଷ୍ଠିତ। ପିଏମ୍‌ଓର ମୁଖ୍ୟ ସଚିବ ମଧ୍ୟ ଓଡ଼ିଆ। ଏଭଳି ଅପୂର୍ବ ସଂଯୋଗ ଓ ସୁଯୋଗ କେବେ ଆସି ନଥିଲା କି ଆଉ ଆସିବ ନାହିଁ। ବୋଧହୁଏ ଏହି ବିରଳ ସଂଯୋଗ ଓଡ଼ିଆ ପ୍ରାଣର ଆରାଧ୍ୟ ଦେବତା ଏବଂ ଓଡ଼ିଶାର ସର୍ବୋଚ୍ଚ ଓ ସର୍ବମାନ୍ୟ ନେତା ଶ୍ରୀଜଗନ୍ନାଥଙ୍କ ଇଚ୍ଛାରେ ସୃଷ୍ଟି ହୋଇଛି। ଏହି ସୁଯୋଗର ସଦୁପଯୋଗ କରିବା ଆମର କର୍ତ୍ତବ୍ୟ ଓ ଦାୟିତ୍ୱ। ଅବହେଳା କଲେ ଇତିହାସ ଆମକୁ କ୍ଷମା ଦେବ ନାହିଁ; ବିଶେଷକରି ସେମାନଙ୍କୁ, ଯେଉଁମାନେ ସାମର୍ଥ୍ୟ, କ୍ଷମତା, ଅଧିକାର ଥିବା ସତ୍ତ୍ୱେ ଜଗନ୍ନାଥଙ୍କ କାମକୁ ହତାଦର କରିଛନ୍ତି।

ଯେକୌଣସି କେନ୍ଦ୍ରୀୟ ନେତୃମଣ୍ଡଳୀ ଓଡ଼ିଶା ଗସ୍ତରେ ଆସିଲେ 'ଜୟଜଗନ୍ନାଥ' ଶବ୍ଦରୁ ଭାଷଣ ଆରମ୍ଭ କରନ୍ତି। ଏପରିକି ଶ୍ରୀଜଗନ୍ନାଥଙ୍କୁ ନାବ କରି ନିର୍ବାଚନୀ ବୈତରଣୀ ପାର ହେଉଛନ୍ତି। କିନ୍ତୁ ଜଗନ୍ନାଥଙ୍କ କାମ ବେଳେ, ସେ ପରିକ୍ରମା ପ୍ରକଳ୍ପ ହେଉ କି ଅସ୍ପର୍ଶମାନ ସାଂସ୍କୃତିକ ଐତିହ୍ୟ ମାନ୍ୟତା ହେଉ, ହୁଏତ ବିରୋଧ କିମ୍ବା ହତାଦର କରୁଛନ୍ତି। ଅଧିକାର ମାଗିବାରେ ଆମେ ଆମ ଦୁର୍ବଳତା ପ୍ରଦର୍ଶନ କରିଆସୁଥିବା ବେଳେ ପ୍ରଶ୍ନ ପଚାରିବାର ସାହସ ମଧ୍ୟ ବୋଧହୁଏ ହରେଇ ବସିଛୁ। ତେଣୁ ଆମର ଏହି ଦୁର୍ବଳତା ଓ ଅଜଣା ବାଧ୍ୟବାଧକତାର ସୁଯୋଗ ନେଇ ୟୁନେସ୍କୋର ଉପରୋକ୍ତ ସମ୍ମାନଜନକ ତାଲିକାର ପରବର୍ତ୍ତୀ ସଂସ୍କରଣରେ ସ୍ଥାନ ଦେବା ଲାଗି ରଥଯାତ୍ରାକୁ ପୁଣି ଥରେ ଉପେକ୍ଷା କରି ବିହାର 'ଛଟ୍ ପୂଜା'କୁ ସୁପାରିସ କରାଯାଇଛି। ଅର୍ଥାତ୍ ୨୦୨୯ ପର୍ଯ୍ୟନ୍ତ ରଥଯାତ୍ରା ଏହି ତାଲିକାରେ ସାମିଲ୍ ହେବାର ସମ୍ଭାବନା ନାହିଁ। ବିଡ଼ମ୍ବନା ହେଉଛି ରଥଯାତ୍ରା ପାଇଁ ଶ୍ରୀମନ୍ଦିର ପ୍ରଶାସନ ଆବେଦନ କରିବାର ବହୁ ପରେ 'ଛଟ ପୂଜା' ପାଇଁ ଆବେଦନ ହେଲା; ଅଥଚ ଏହା ୨୦୨୬-୨୭ ପାଇଁ 'ଛଟ୍ ପୂଜା' ଯୋଗ୍ୟ ବିବେଚିତ ହୋଇଗଲା। ଏହା ପଛର ରାଜନୀତି ବୁଦ୍ଧିଜୀବୀ ଓ ସଂସ୍କୃତିପ୍ରେମୀଙ୍କୁ ଅଛପା ନାହିଁ।

ଓଡ଼ିଶାରୁ ପ୍ରତିନିଧିତ୍ୱ କରୁଥିବା ସାଂସଦମାନେ ଦଳୀୟ ରାଜନୀତିର ବାଧ୍ୟବାଧକତାରୁ ଊର୍ଦ୍ଧ୍ୱକୁ ଉଠି ଓଡ଼ିଶାର ବୃହତ୍ତର ସ୍ୱାର୍ଥ, ସ୍ୱାଭିମାନ ଓ ସମ୍ମାନ ସମ୍ବଳିତ ଏହି ପ୍ରସଙ୍ଗ କେନ୍ଦ୍ର ସରକାରଙ୍କ ଆଗରେ ଉପସ୍ଥାପନ କରନ୍ତୁ। ଓଡ଼ିଶା ଆଉ କେତେଦିନ ଅବହେଳିତ ହୋଇ ରହିବ - ଏ ଅସ୍ମିତା ବିଜଡ଼ିତ ପ୍ରଶ୍ନ ପଚାରନ୍ତୁ। 'ଛଟ୍ ପୂଜା' ଠାରୁ ରଥଯାତ୍ରା କ'ଣ ଅର୍ବାଚୀନ? ଏବେ ଦଳମତ ନିର୍ବିଶେଷରେ ଏହି ପ୍ରଶ୍ନ ମଧ୍ୟ ଉଠିବା ଜରୁରୀ। ସଂସଦର ମୌସୁମୀ ଅଧିବେଶନ ଜାରି ରହିଥିବାରୁ ଏ ପ୍ରଶ୍ନ ସମଗ୍ର ଦେଶରେ ଗୁଞ୍ଜରିତ ହୋଇପାରିବ। ସରକାର ଚାହିଁଲେ ରଥଯାତ୍ରା ମଧ୍ୟ ଛଟ୍ ପୂଜା ସହିତ ୨୦୨୬-୨୭ ପାଇଁ ଯୁଗ୍ମ ତାଲିକାରେ ସ୍ଥାନିତ ହୋଇପାରିବ। କେବଳ ଆନ୍ତରିକତା ଆବଶ୍ୟକ।

ଶେଷ କଥାଟି ହେଉଛି, ବିଳମ୍ବ ହେଉ ପଛେ ଯେଉଁ ପଦକ୍ଷେପଟି ଆରମ୍ଭ ହୋଇଛି ତାହା କେବଳ ଲୋକଦେଖାଣିଆ ହୋଇ ରହି ନ ଯାଉ। ଆନ୍ତରିକତା ରହିଲେ କୌଣସି କାର୍ଯ୍ୟ ଅସମ୍ଭବ ନୁହେଁ। ସବୁ କାମ ଜଗନ୍ନାଥଙ୍କ ଉପରେ ଛାଡ଼ି ଦେଇ ବସିଗଲେ ଚଳିବ ନାହିଁ। ଅନିଚ୍ଛା ସତ୍ତ୍ୱେ କ୍ଷମାପ୍ରାର୍ଥନା ସହିତ ଏହି କଠୋର ବାକ୍ୟ କହିବାକୁ ପଡୁଛି ଯେ - ଯେଉଁମାନେ ସମ୍ଭାଷଣରେ 'ଜୟ ଜଗନ୍ନାଥ' ଉଚ୍ଚାରଣ କରୁଛନ୍ତି; ଅଥଚ ଜଗନ୍ନାଥଙ୍କ କାମ କରୁନାହାନ୍ତି ସେମାନେ ବରଂ ସେହି ଛଳନା ବିଜଡ଼ିତ ଲୋକଦେଖାଣିଆ ଅଭ୍ୟାସଟି ଛାଡ଼ି ଦିଅନ୍ତୁ। କାରଣ ଜଗନ୍ନାଥ ସବୁ ସହିପାରନ୍ତି, କପଟାଚରଣ ନୁହେଁ। ●

# ଗଣତନ୍ତ୍ର ଓ ଗଣତାନ୍ତ୍ରିକ ଅନୁଷ୍ଠାନ

ଡ.ବିମଳ ଷଡ଼ଙ୍ଗୀ

ଗଣତନ୍ତ୍ରର ସବୁଠାରୁ ବଡ଼ ଶକ୍ତି ହେଉଛି ତାହାର ସମ୍ବିଧାନ, ସ୍ୱାଧୀନ ନ୍ୟାୟପାଳିକା, ନିରପେକ୍ଷ ନିର୍ବାଚନ ବ୍ୟବସ୍ଥା, ସ୍ୱାଧୀନ ଗଣମାଧ୍ୟମ ଓ ଉତ୍ତରଦାୟୀ ସରକାର। କୌଣସି ଦେଶର ଉନ୍ନତି କେବଳ ଜଣେ ନେତାଙ୍କ ଲୋକପ୍ରିୟତା ବା ନିର୍ବାଚନ ଫଳାଫଳ ଉପରେ ନିର୍ଭର କରେନାହିଁ, ବରଂ ଅନ୍ୟାନ୍ୟ ସ୍ୱାଧୀନ ପ୍ରତିଷ୍ଠାନଗୁଡ଼ିକର ସ୍ୱଚ୍ଛତା ଓ ସ୍ଥାୟୀତ୍ୱ ଉପରେ ନିର୍ଭର କରିଥାଏ। ଭାରତର ସମ୍ବିଧାନ ପ୍ରଣେତା ଡ. ବି. ଆର୍. ଆମ୍ବେଦକରଙ୍କ ଅନୁସାରେ 'ସମ୍ବିଧାନ କେତେ ଭଲ ହେଉନା କାହିଁକି, ଯଦି ତାହାକୁ ପରିଚାଳନା କରୁଥିବା ଲୋକମାନେ ଭଲ ହୋଇ ନ ଥିବେ, ତେବେ ସେହି ସମ୍ବିଧାନ କେବେ ବି ଉତ୍ତମ ଭଲ ଫଳ ଦେଇପାରିବ ନାହିଁ।' ସେହିପରି ଆବ୍ରାହାମ ଲିଙ୍କନଙ୍କ ପ୍ରସିଦ୍ଧ ଉକ୍ତି 'ଲୋକଙ୍କର, ଲୋକଙ୍କ ଦ୍ୱାରା, ଲୋକଙ୍କ ପାଇଁ ସରକାର' ହିଁ ଗଣତନ୍ତ୍ରର ପ୍ରକୃତ ପରିଚୟ। ଇତିହାସ କହେ, ମହାନ ଗଣତାନ୍ତ୍ରିକ ରାଷ୍ଟ୍ରଗୁଡ଼ିକ କୌଣସି ବ୍ୟକ୍ତିଙ୍କ ଦ୍ୱାରା ନୁହେଁ, ବରଂ ଶକ୍ତିଶାଳୀ ପ୍ରତିଷ୍ଠାନ, ସକ୍ରିୟ ଓ ସଚେତନ ନାଗରିକ ଏବଂ ସମ୍ବିଧାନିକ ମୂଲ୍ୟବୋଧ ଦ୍ୱାରା ତିଷ୍ଠି ରହିଥାଏ। ଭାରତର ଆଗାମୀ ବର୍ଷର ଯାତ୍ରା ମଧ୍ୟ ଏହି ମୂଲ୍ୟବୋଧକୁ କେତେ ସୁଦୃଢ଼ କରିପାରୁଛି ତାହା ମୁଖ୍ୟ ଆଲୋଚ୍ୟର ବିଷୟ।

ଭାରତ ସ୍ୱାଧୀନତାର ପରବର୍ତ୍ତୀ ଇତିହାସ ଦେଖିଲେ ଜଣାପଡ଼େ ଯେ, ଗଣତାନ୍ତ୍ରିକ ଅନୁଷ୍ଠାନ ଉପରେ ଚାପ କୌଣସି ଗୋଟିଏ ଦଳ କିମ୍ବା ଗୋଟିଏ ଯୁଗର ସମସ୍ୟା ନୁହେଁ। ବିଭିନ୍ନ ସମୟରେ ଭିନ୍ନ ଭିନ୍ନ ସରକାର ନିଜ ନିଜର ରାଜନୈତିକ ଫାଇଦା ଅନୁସାରେ ସମ୍ବିଧାନ, ଆଇନ ଓ ପ୍ରଶାସନିକ ବ୍ୟବସ୍ଥାକୁ ପ୍ରଭାବିତ କରିବାର ଚେଷ୍ଟା କରିଛନ୍ତି ଏବଂ ଏବେ ବି ଚେଷ୍ଟା ଚାଲିଛି। ଏହି ସତ୍ୟକୁ ସ୍ୱୀକାର କରିବା ହିଁ ଗଣତାନ୍ତ୍ରିକ ପରିପକ୍ୱତାର ପ୍ରଥମ ପଦକ୍ଷେପ। ଭାରତୀୟ ସମ୍ବିଧାନ ନାଗରିକଙ୍କୁ କେବଳ ଭୋଟ ଦେବାର ଅଧିକାର ଦେଇନାହିଁ; ଏହା ମତପ୍ରକାଶ, ସମାଲୋଚନା ଓ ଶାନ୍ତିପୂର୍ଣ୍ଣ ପ୍ରତିବାଦର ଅଧିକାର ମଧ୍ୟ ଦେଇଛି।

ନିକଟରେ ବମ୍ବେ ଉଚ୍ଚ ନ୍ୟାୟାଳୟର ଜଣେ ବିଚାରପତି ସ୍ମରଣ କରାଇଥିଲେ ଯେ, ପ୍ରତିବାଦ କରିବା ନାଗରିକଙ୍କ ସାମ୍ବିଧାନିକ ଅଧିକାର। ଦୁଃଖର ବିଷୟ, ଦେଶରେ ଯେତେବେଳେ କୌଣସି ପ୍ରତିବାଦ ହୁଏ, ସରକାରର ସମର୍ଥକ ନେତା, ପ୍ରବକ୍ତାମାନେ ବିଭିନ୍ନ ସାମାଜିକ ଗଣମାଧ୍ୟମ ଦ୍ୱାରା ପ୍ରତିବାଦକାରୀଙ୍କୁ ବଦନାମ କରିବାରେ ଲାଗିପଡ଼ନ୍ତି। କୃଷକମାନେ କୃଷି ଆଇନ ବିରୋଧରେ ଦୀର୍ଘ ସମୟ ଧରି ଆନ୍ଦୋଳନ କରିଥିବା ବେଳେ ସେମାନଙ୍କୁ ଦେଶଦ୍ରୋହୀ, ଖାଲିସ୍ତାନୀ ଓ ରାଷ୍ଟ୍ରବିରୋଧୀ ବୋଲି କୁହାଯାଇଥିଲା। ବାସ୍ତବରେ ଶାସନ କ୍ଷମତାରେ ରହିଥିବା ବ୍ୟକ୍ତିମାନେ ସେମାନଙ୍କୁ ଆଲୋଚନା ପାଇଁ ଡାକି ସେମାନଙ୍କ କଥା ଶୁଣିବାର ଆବଶ୍ୟକତା ଥିଲା। ତାହା କାହିଁକି ହେଲା ନାହିଁ, ଆଜି ମଧ୍ୟ ଅସ୍ପଷ୍ଟ।

ଗତ ଦୁଇ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ଧରି କକ୍ରୋଚ ଜନତା ପାର୍ଟିର ନେତା ଓ ସମର୍ଥକମାନେ ଯନ୍ତରମନ୍ତରରେ ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି। ଅତୀତରେ ମହାନ ରାଷ୍ଟ୍ର ନେତା ଲାଲ ବାହାଦୁର ଶାସ୍ତ୍ରୀ ଗୋଟିଏ ରେଳ ଦୁର୍ଘଟଣାରେ ନିଜକୁ ଦାୟୀ କରି ମନ୍ତ୍ରୀ ପଦରୁ ଇସ୍ତଫା ଦେଇଥିଲେ, ଯାହାକୁ କୁହାଯାଏ ସଂବେଦନଶୀଳ ଉତ୍ତରଦାୟୀ। ମାତ୍ର ଆଜି ସେପରି ସଂବେଦନଶୀଳତାର ଅଭାବ ପରିଲକ୍ଷିତ। ଯେ କୌଣସି ଘଟଣା ବା ଦୁର୍ଘଟଣା ପାଇଁ ଶାସନତନ୍ତ୍ର ନିଜକୁ ଦାୟୀ କରିବାକୁ କୁଣ୍ଠିତ। ସୋନମ ୱାଙ୍ଗଚୁକଙ୍କ ଅନଶନ ଭଳି ପଦକ୍ଷେପ ଆଜିର ପରିସ୍ଥିତିରେ ବିଶେଷ ପ୍ରଭାବଶାଳୀ ନୁହେଁ ବୋଲି ହୃଦବୋଧ ହୁଏ। ଆଜିର ଯୁବପିଢ଼ି ଦେଶର ଶିକ୍ଷା ବ୍ୟବସ୍ଥାର ଦୟନୀୟ ଅବସ୍ଥା ଏବଂ ଶିକ୍ଷା ପାଇବା ପରେ ମଧ୍ୟ ଚାକିରିର ଭୟଙ୍କର ଅଭାବ ପ୍ରତି କ୍ଷୁବ୍ଧ ହେବାର ପୂର୍ଣ୍ଣ ଅଧିକାର ରଖିପାରିବେ। ତା' ବ୍ୟତୀତ ଦୁର୍ନୀତି, ସ୍ୱାସ୍ଥ୍ୟ, ଗମନାଗମନ, ପରିବେଶ, ବିଜୁଳି, ପାନୀୟଜଳ, ପୋଷଣଯୁକ୍ତ ଖାଦ୍ୟ, ଭିତ୍ତିଭୂମି ନିର୍ମାଣ ଓ ଅତିରିକ୍ତ ଘରୋଇକରଣ ବ୍ୟବସ୍ଥାର ପ୍ରୟୋଗ ଆଦି ଅନେକ ଅବ୍ୟବସ୍ଥିତ କାର୍ଯ୍ୟ ପାଇଁ ନିଜର ଅଭିବ୍ୟକ୍ତି ରଖିପାରିବାର ଅଧିକାର ରହିଛି। କାରଣ ସେମାନେ ହିଁ ଦେଶର ଭବିଷ୍ୟତ।

ଆମ ଗଣତନ୍ତ୍ରକୁ ଆଉ ଗୋଟିଏ ବଡ଼ ବିପଦ ହେଉଛି ବ୍ୟକ୍ତିପୂଜାର ସଂସ୍କୃତି। ଅନେକ ରାଜନେତା ନିଜର ଛବିକୁ ବିଦ୍ୟୁତ୍ ଖୁଣ୍ଟ, ପେଟ୍ରୋଲ ପମ୍ପ, ସରକାରୀ ବିଜ୍ଞାପନ, ସମ୍ବାଦପତ୍ର ଓ ଟେଲିଭିଜନ ଆଦି ସ୍ଥାନରେ ପ୍ରଚାର କରିବାକୁ ଆଗ୍ରହୀ, ଯାହା ଗଣତନ୍ତ୍ର ପାଇଁ କେବେ ବି ସ୍ୱାସ୍ଥ୍ୟକର ନୁହେଁ। ଏପରି ଆତ୍ମପ୍ରଚାର ଆଉ ଗୋଟିଏ କଥା ପ୍ରମାଣ କରେ ଯେ ବିକାଶ ଓ ଆଧୁନିକତାର ଦାବି ସତ୍ତ୍ୱେ ଆମେ ଏପର୍ଯ୍ୟନ୍ତ ଏପରି ଗୋଟିଏ ସମାଜରେ ବାସ କରୁଛୁ, ଯେଉଁଠାରେ ନିର୍ବାଚିତ ନେତାମାନେ ରାଜାଙ୍କ ଭଳି ବ୍ୟବହାର କରିବାକୁ ଆଗଭର।

ସେହିପରି ଗଣତନ୍ତ୍ରରେ ସଂଳାପର କୌଣସି ବିକଳ୍ପ ନାହିଁ। ଯଦି ଲକ୍ଷ ଲକ୍ଷ ଲୋକ ବିଭିନ୍ନ ଦାବି ନେଇ ଶାନ୍ତିପୂର୍ଣ୍ଣ ଆନ୍ଦୋଳନକୁ ଆସୁଛନ୍ତି, ତେବେ ତାହାକୁ କେବଳ ଆଇନ-ଶୃଙ୍ଖଳାର ସମସ୍ୟା ଭାବେ ନଦେଖି, ଜନଅସନ୍ତୋଷର ସଙ୍କେତ ଭାବେ ଗ୍ରହଣ କରିବା ଦରକାର। ଶାସନର ଶକ୍ତି ନିରବତାରେ ନୁହେଁ, ଶୁଣିବାର କ୍ଷମତାରେ ପ୍ରକାଶ ପାଏ। ଭାରତର ଶିକ୍ଷା ବ୍ୟବସ୍ଥା ଆଜି ଅନେକ ପ୍ରଶ୍ନର ସମ୍ମୁଖୀନ। ପରୀକ୍ଷା ପରିଚାଳନାରେ ତ୍ରୁଟି, ନିଯୁକ୍ତିରେ ବିଳମ୍ବ, ଗବେଷଣାର ଦୁର୍ବଳତା, ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ଉପରେ ବିତର୍କ, ଘରୋଇ ଶିକ୍ଷାୟତନଗୁଡ଼ିକର ପରିଚାଳନାଗତ ଓ ଭିତ୍ତିଭୂମିର ଅନିୟମିତତା ତଥା ଅତ୍ୟଧିକ ପଢ଼ା ଖର୍ଚ୍ଚ ଏବଂ ଶିକ୍ଷିତ ବେକାରଙ୍କ ସଂଖ୍ୟା ବୃଦ୍ଧି ଯୁବପିଢ଼ିକୁ ନିରାଶ କରୁଛି। ତେଣୁ ସେମାନଙ୍କ କ୍ରୋଧକୁ କେବଳ ରାଜନୈତିକ ପ୍ରାୟୋଜିତ ବୋଲି ଅବହେଳା କରିବା ସମାଧାନ ନୁହେଁ। ସେମାନଙ୍କ ଆଶଙ୍କାର ଯଥାର୍ଥ ସମାଧାନ ହିଁ ସରକାରର ପ୍ରକୃତ ଦାୟିତ୍ୱ।

ଆମେରିକାର ସାମ୍ପ୍ରତିକ ରାଜନୀତି ମଧ୍ୟ ଦେଖାଇଛି ଯେ ଲୋକପ୍ରିୟ ନେତୃତ୍ୱ ଓ ଗଣତାନ୍ତ୍ରିକ ଅନୁଷ୍ଠାନ ମଧ୍ୟରେ କେବେ କେବେ ତୀବ୍ର ସଂଘର୍ଷ ହୋଇପାରେ। କିନ୍ତୁ ଶେଷ ପର୍ଯ୍ୟନ୍ତ ଯଦି ସମ୍ବିଧାନ, ନ୍ୟାୟପାଳିକା, ନିର୍ବାଚନ ବ୍ୟବସ୍ଥା ଓ ସ୍ୱାଧୀନ ଗଣମାଧ୍ୟମ ସଠିକ ଭାବରେ ନିଜ ଭୂମିକା ପାଳନ କରନ୍ତି, ତେବେ ଗଣତନ୍ତ୍ର ସୁରକ୍ଷିତ ହୋଇପାରେ। ଭାରତ ପାଇଁ ମଧ୍ୟ ଏହି ଶିକ୍ଷା ସମାନ ଭାବେ ପ୍ରଯୁଜ୍ୟ। ଗଣତନ୍ତ୍ରର ଭବିଷ୍ୟତ କୌଣସି ଜଣେ ନେତା, ଗୋଟିଏ ଦଳ କିମ୍ବା ଗୋଟିଏ ନିର୍ବାଚନ ଉପରେ ନିର୍ଭର କରେନାହିଁ। ଏହା ନିର୍ଭର କରେ ଆମର ଅନୁଷ୍ଠାନ କେତେ ସ୍ୱାଧୀନ, ଆମର ନାଗରିକ କେତେ ସଚେତନ ଏବଂ ଆମର ଶାସକମାନେ ସମାଲୋଚନାକୁ କେତେ ସହଜତାର ସହ ଗ୍ରହଣ କରିପାରୁଛନ୍ତି।

ଗଣତନ୍ତ୍ରର ସବୁଠାରୁ ବଡ଼ ଶତ୍ରୁ ବିରୋଧୀ ଦଳ ନୁହେଁ; ବରଂ ଅସହିଷ୍ଣୁତା, ଭ୍ରାନ୍ତ ସୂଚନା, ବ୍ୟକ୍ତିପୂଜା, ପ୍ରତିଷ୍ଠାନ ପ୍ରତି ଅବିଶ୍ୱାସ ଏବଂ ନାଗରିକଙ୍କ ସମସ୍ୟା ପ୍ରତି ଉଦାସୀନତା। ଆଜି ଭାରତରେ କିଛି ଚିନ୍ତାଜନକ ପ୍ରବୃତ୍ତି ଦେଖାଯାଉଛି। ରାଜନୀତିର ଅତ୍ୟଧିକ ବ୍ୟକ୍ତିକୈନ୍ଦ୍ରିକ, ସଂସଦରେ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗଗୁଡ଼ିକର ଆଲୋଚନା ହ୍ରାସ, ସାମାଜିକ ଗଣମାଧ୍ୟମରେ ଅନେକ ଭ୍ରାନ୍ତ ସୂଚନା ଓ ଆପତ୍ତିଜନକ କଥୋପକଥନ, ରାଜନୈତିକ ଭାଷାରେ ଶାଳୀନତାର ଅବକ୍ଷୟ, ସରକାର ଓ ବିରୋଧୀଙ୍କ ମଧ୍ୟରେ ସଂଳାପର ଅଭାବ ଆଦି ନିନ୍ଦନୀୟ। ଗଣତନ୍ତ୍ରର ପ୍ରକୃତ ପରୀକ୍ଷା ନିର୍ବାଚନ ସମୟରେ ହୁଏନାହିଁ; ବରଂ ସେତେବେଳେ ହୁଏ, ଯେତେବେଳେ ଶାସନ କ୍ଷମତାରେ ରହିଥିବା ସରକାର ସମାଲୋଚନାର ସମ୍ମୁଖୀନ ହୁଏ। ଯେଉଁ ରାଷ୍ଟ୍ର ପ୍ରତିବାଦକୁ ଶୁଣିବା ଶିଖାକରେ, ସ୍ୱାଧୀନ ଅନୁଷ୍ଠାନଗୁଡ଼ିକୁ ସମ୍ମାନ ଦିଏ ଏବଂ ସମ୍ବିଧାନକୁ ସର୍ବୋଚ୍ଚ ସ୍ଥାନରେ ରଖେ, ସେହି ରାଷ୍ଟ୍ରର ଗଣତନ୍ତ୍ର ଦୀର୍ଘଜୀବୀ ହୁଏ। ବ୍ୟକ୍ତିର ଲୋକପ୍ରିୟତା କ୍ଷଣସ୍ଥାୟୀ, କିନ୍ତୁ ଶକ୍ତିଶାଳୀ ଅନୁଷ୍ଠାନ ହିଁ ଗୋଟିଏ ଗଣତାନ୍ତ୍ରିକ ରାଷ୍ଟ୍ରର ସ୍ଥାୟୀ ସମ୍ପଦ। ●

ଭୁବନେଶ୍ୱର, ମୋ: ୯୪୩୭୧୨୩୮ ୯୨

# ପରିବା ଚାଷୀଙ୍କ ଦୁଃଖ

ଅମର ପଟ୍ଟନାୟକ

ଏବେ ପରିବା ବଜାରରେ ନିଆଁ। ସପ୍ତାହକରେ ବିଭିନ୍ନ ପରିବା ଦର ପ୍ରାୟ ଦୁଇଗୁଣା ବଢ଼ିଛି। ବାଇଗଣ, ଜହ୍ନି, ଝୁଡ଼ଙ୍ଗ, କଲରା ଭଳି ପରିବା ୮୦ରୁ ୧୦୦ ଟଙ୍କାରେ ବିକ୍ରି ହେଉଛି। ତେବେ 'ଗଛରେ ବେଲ ପାଚିଲେ କାଉର କି ଯାଏ' ନ୍ୟାୟରେ ଏହି ଦରବୃଦ୍ଧିର ଲାଭ ଆମ ରାଜ୍ୟର ଚାଷୀ ପାଇପାରୁନାହାନ୍ତି। ଅସ୍ୱାଭାବିକ ମୌସୁମୀ ବର୍ଷା ଯୋଗୁଁ ରାଜ୍ୟର ଉତ୍ତର ଓ ଉପକୂଳ ନଦୀମାନଙ୍କରେ ବନ୍ୟା ଆସିବା ସହିତ ଅନେକ ସ୍ଥାନ ଜଳବନ୍ଦୀରେ ରହିଛି। ତେଣୁ ପରିବା ଚାଷ ଗୁରୁତର ପ୍ରଭାବିତ ହୋଇଛି। କିନ୍ତୁ ଏହା କେବଳ ସାମୟିକ ବା ସାମ୍ପ୍ରତିକ ସମସ୍ୟା ନୁହେଁ। ଓଡ଼ିଶାର ଚାଷୀ ପ୍ରାୟତଃ ଏଭଳି ସମସ୍ୟାର ସମ୍ମୁଖୀନ ହୋଇଆସୁଛନ୍ତି। ଅମଳ ସମୟରେ ପରିବା ଦର କମ୍ ରହୁଥିବାରୁ ସେମାନେ ଅଭାବୀ ବିକ୍ରିର ସମ୍ମୁଖୀନ ହେଉଛନ୍ତି। ଅପରପକ୍ଷରେ ତିରୋଟ ସମୟରେ ବ୍ୟବସାୟୀମାନେ ବାହାର ରାଜ୍ୟରୁ ଆମଦାନୀ କରୁଥିବା ବେଳେ ଆମ ଚାଷୀଙ୍କ ଜମିରେ ପରିବା ରହୁନାହିଁ। ଏହି ସ୍ଥିତିରେ ଆନ୍ଧ୍ର, ମହାରାଷ୍ଟ୍ର, ଛତିଶଗଡ଼, ପଶ୍ଚିମବଙ୍ଗ ଭଳି ରାଜ୍ୟର ବ୍ୟବସାୟୀ ଲାଭବାନ ହେଉଛନ୍ତି।

ଓଡ଼ିଶା ସରକାରଙ୍କ 'କୃଷକ ଓଡ଼ିଶା ପୋର୍ଟାଲ'ର ତଥ୍ୟ ଅନୁଯାୟୀ ରାଜ୍ୟରେ ୭୮ ଲକ୍ଷ ୭୮ ହଜାର ପଞ୍ଜିକୃତ ଚାଷୀ ରହିଛନ୍ତି। କିନ୍ତୁ ଅଣପଞ୍ଜିକୃତ ଚାଷୀଙ୍କ ହିସାବ ଏଥିରେ ନାହିଁ। ବେସରକାରୀ ଭାବେ ଏହି ସଂଖ୍ୟା କୋଟିଏରୁ ଅଧିକ। ମୋଟ ପଞ୍ଜିକୃତ ଚାଷୀଙ୍କ ମଧ୍ୟରୁ ୯୩ ପ୍ରତିଶତ କ୍ଷୁଦ୍ର ଓ ନାମମାତ୍ର ଚାଷୀ, ଯେଉଁମାନେ ସରକାରୀ ସୁବିଧାରୁ ବଞ୍ଚିତ। ସେ ଦୃଷ୍ଟିରୁ ଦେଖିଲେ ରାଜ୍ୟରେ ପରିବା ଚାଷ ଉପରେ ନିର୍ଭର କରୁଥିବା ଚାଷୀଙ୍କ ସଂଖ୍ୟା ଆନୁମାନିକ ୬୦-୭୦ ଲକ୍ଷ ଏବଂ ରାଜ୍ୟରେ ପରିବା ଚାଷ ହେଉଥିବା ଜମିର ପରିମାଣ ପ୍ରାୟ ୭ ଲକ୍ଷ ୯ ହଜାର ହେକ୍ଟର। ବିଡ଼ମ୍ବନା ହେଉଛି ଯେତେବେଳେ ବିଲାତି ବାଇଗଣ ଭଳି ପରିବା ଦର ବଢ଼େ ସେତେବେଳେ ବେଙ୍ଗାଲୁରୁ କିମ୍ବା ନାସିକ ଭଳି ଅଞ୍ଚଳର ଫାର୍ମ ଉତ୍ପାଦନ ଅଧିକ ଦାମରେ ଆମ ବଜାରରେ ମିଳେ। କିନ୍ତୁ ଆମ ଚାଷୀ ବିଲାତି ବାଇଗଣ ଉତ୍ପାଦନ କଲା ବେଳେ ଅଭାବୀ ବିକ୍ରିର ସାମ୍ନା କରନ୍ତି କିମ୍ବା କ୍ଷୋଭରେ ନିଜ ଫସଲ ଉପରେ ଟ୍ରାକ୍ଟର ଚଲାଇ ଦିଅନ୍ତି। ସେତେବେଳେ ସଂପୃକ୍ତ ଚାଷୀଙ୍କୁ ସେମାନଙ୍କ ତୋଳା ମଜୁରୀ ମଧ୍ୟ ମିଳିପାରେ ନାହିଁ।

ଆଜିର ବଜାର ଦର ଆମ ରାଜ୍ୟର ପରିବା ଚାଷୀଙ୍କୁ ଲାଭ ଦେବା ପରିବର୍ତ୍ତେ ଚିନ୍ତାରେ ପକାଇଛି। ବିଲରେ ଫସଲ ନାହିଁ, ଏଣେ ଚଢ଼ା ଦରରେ ପରିବା କିଣିବାକୁ ପକେଟରେ ପଇସା ନାହିଁ। ଏହି ପରିସ୍ଥିତିରେ ପ୍ରଚୁର ଲାଭବାନ ହେଉଛନ୍ତି ବ୍ୟବସାୟୀ ବା ମଧ୍ୟସ୍ଥି ଗୋଷ୍ଠୀ। ଆମଦାନୀ ପରିବା ହେଉ କିମ୍ବା ଘରୋଇ, ସେଥିରେ ସେମାନଙ୍କ ବିଶେଷ କିଛି ଫରକ ନାହିଁ। ପରିବହନ ଖର୍ଚ୍ଚ ଯିବା ପରେ ଯାହା ପାଇକାରୀ ଦର ସ୍ଥିର ହୁଏ ସେ ଅନୁଯାୟୀ ଖୁଚୁରା ବ୍ୟବସାୟୀଙ୍କୁ ବିକ୍ରି କରାଯାଏ। ଖୁଚୁରା ପାଇକାରୀ ବ୍ୟବସାୟୀ ସାଧାରଣ ଗ୍ରାହକଙ୍କୁ ନିଜର ଲାଭ ରଖି ବିକ୍ରି କରିଥା'ନ୍ତି। ଏହି ବ୍ୟବସ୍ଥାରେ ନା ଚାଷୀ ଲାଭ ପାଏ ନା ଖାଉଟି କିଛି ସୁବିଧା ପାଏ। ମାତ୍ର ୧୫ ଦିନ ତଳେ ପୋଟଳ ଖାଉଟିଙ୍କ ପାଖରେ ୪୦ ଟଙ୍କାରୁ କମ୍ ଦାମ୍‌ରେ ମିଳୁଥିବା ବେଳେ ବର୍ତ୍ତମାନ ସ୍ଥାନବିଶେଷରେ ୬୦ ଟଙ୍କାରୁ ୮୦ ଟଙ୍କା ବିକ୍ରି ହେଉଛି। ପୋଟଳ ପାଇଁ ଏବେ ପଶ୍ଚିମବଙ୍ଗର ମୁର୍ଶିଦାବାଦ ଉପରେ ନିର୍ଭର କରିବାକୁ ପଡୁଛି, ଯାହାକୁ ଲୋକେ ଚାଲାଣ ପୋଟଳ କହୁଛନ୍ତି। ଓଡ଼ିଶା ଖାଉଟି ଏହା ଖାଇବାକୁ ବାଧ୍ୟ।

ଆମ ରାଜ୍ୟରେ ପରିବା ଚାଷ କ୍ଷେତ୍ରରେ ଜଳସେଚନ ପ୍ରମୁଖ ସମସ୍ୟା। ଅଣଜଳସେଚିତ ଅଞ୍ଚଳରେ ଲୋକେ ପମ୍ପ ଲଗାଇ ନିକଟସ୍ଥ ଜଳ ଉତ୍ସରୁ କ୍ଷେତକୁ ପାଣି ମଡ଼ାଇଥା'ନ୍ତି। ଓଡ଼ିଶାରେ ଏଭଳି ଅଞ୍ଚଳ ମଧ୍ୟ ରହିଛି ଯେଉଁଠାରେ ଚାଷୀ ତେଣ୍ଡା ଏପରିକି ପାଣି ଗରା କିମ୍ବା ବାଲ୍ଟିରେ ବୋହି ଜମିରେ ପାଣି ମଡ଼ାଇବାକୁ ବାଧ୍ୟ ହୁଅନ୍ତି। ଅନେକ ଆଦିବାସୀ ଅଞ୍ଚଳରେ ଝରଣା ପାଣି ପରିବା ଚାଷ ପାଇଁ ଜଳସେଚନର ମୁଖ୍ୟ ମାଧ୍ୟମ। ଉପକୂଳ ଜିଲ୍ଲାମାନଙ୍କରେ ବର୍ଷା ଯୋଗୁଁ ପନିପରିବା ଉତ୍ପାଦନ ବାଧାପ୍ରାପ୍ତ ହେଲେ ବରଗଡ଼, ବଲାଙ୍ଗୀର ଓ କୋରାପୁଟ ଭଳି ଜିଲ୍ଲାରୁ ପରିବା ଆସିଥାଏ। ରାଜଧାନୀ ଭୁବନେଶ୍ୱର ଓ କଟକର ବର୍ଷାଦିନିଆ ପରିବା ବଜାର ମୁଖ୍ୟତଃ ଆଠଗଡ଼ ଉପରେ ନିର୍ଭରଶୀଳ। ଜହ୍ନି, କଲରା, କାକୁଡି, ଝୁଡ଼ଙ୍ଗ, ବାଇଗଣ ଓ ଭେଣ୍ଡି ଆଠଗଡ଼ରୁ ଆସେ। ତେବେ ଚଳିତ ଥରର ଲଘୁଚାପ, ମୌସୁମୀ ବର୍ଷା ଓ ପରେ ପରେ ବନ୍ୟା ସ୍ଥିତି ସେଠାକାର ପରିବା ଉତ୍ପାଦନକୁ ପ୍ରଭାବିତ କରିଛି। ତେଣୁ ଦର ଉଚ୍ଚା ରହିଛି।

ଏହାଛଡ଼ା ବର୍ଷ ତମାମ ସାରାରାଜ୍ୟରେ ପରିବା ଚାଷୀଙ୍କ ପାଇଁ ମୁଖ୍ୟ ସମସ୍ୟା ହେଉଛି ଉପଯୁକ୍ତ ବଜାର। ପ୍ରାୟ ଗ୍ରାମାଞ୍ଚଳରେ ପରିବା ଚାଷ ହେଉଥିବା ବେଳେ ସେଠାକାର ଚାଷୀ ପାଇକାରୀ ବଜାର କିମ୍ବା ମଣ୍ଡିର ସୁବିଧା ପାଇନଥା'ନ୍ତି। ଆମ ରାଜ୍ୟ ସରକାରଙ୍କ ଆରଏମ୍‌ସିଏସ୍ ବିଭିନ୍ନ ହାଟ ବଜାରରୁ ମାହାସୁଲ ଆଦାୟ କରେ ଏବଂ କିଛି କିଛି ଭିତ୍ତିଭୂମି ନିର୍ମାଣ କରେ। କିନ୍ତୁ ଆନ୍ଧ୍ରପ୍ରଦେଶ ଓ ତେଲାଙ୍ଗାନା ଢାଞ୍ଚାରେ ପନିପରିବା ଓ ଫଳ ବିପଣନ ସୁଗମ ବ୍ୟବସ୍ଥା ଆମ ରାଜ୍ୟରେ ନାହିଁ। ଉଦାହରଣ ସ୍ୱରୂପ ବିଶାଖାପାଟଣା ମଣ୍ଡଳରେ କଞ୍ଚା ଆମ୍ବ କିମ୍ବା ବିଲାତି ବାଇଗଣ ଉତ୍ପାଦନ ଅଧିକ ହୋଇ ଦର କମିଯାଏ। ସ୍ଥାନୀୟ ଚାଷୀ ଅଭାବୀ ବିକ୍ରିର ସମ୍ମୁଖୀନ ହେବା ପୂର୍ବରୁ ଚାଷୀଙ୍କଠାରୁ ଉପଯୁକ୍ତ ମୂଲ୍ୟରେ କିଣି ସେଠାକାର ରୟତ ବଜାର ବ୍ୟବସ୍ଥାରେ ବଜାର ଦର ଠିକ ଥିବା ହାଇଦ୍ରାବାଦ ଭଳି କିଛି ସହରକୁ ସେହି ପରିବା କିମ୍ବା ଫଳକୁ ଚାଲାଣ କରାଯାଏ। ଏଭଳି ବ୍ୟବସ୍ଥିତ ବିପଣନ ବ୍ୟବସ୍ଥା ଆଜି ପର୍ଯ୍ୟନ୍ତ ଆମ ରାଜ୍ୟରେ ହୋଇପାରିନାହିଁ। ଫଳରେ ଆମ ଚାଷୀ ଋତୁକାଳୀନ ଅଭାବୀ ବିକ୍ରିର ସମ୍ମୁଖୀନ ହୋଇଆସୁଛନ୍ତି।

ଗୁଜୁରାଟ, ତାମିଲନାଡୁ, ମହାରାଷ୍ଟ୍ର ଓ କର୍ଣ୍ଣାଟକ ଭଳି ରାଜ୍ୟରେ ଫଳ ଓ ପନିପରିବାର ପ୍ରକ୍ରିୟାକରଣ ଶିଳ୍ପକୁ ପ୍ରୋତ୍ସାହନ ଦିଆଯାଉଛି। ଫଳରେ ଜୁସ୍, ଆଚାର, ସସ୍, ଜାମ୍, ଜେଲି ଓ ଚିପ୍ସ ଭଳି ବଜାର ଚାହିଦା ଥିବା ସାମଗ୍ରୀ ସେମାନେ ଉତ୍ପାଦନ କରୁଛନ୍ତି ଏବଂ ସେଠାକାର ଚାଷୀ ଅପେକ୍ଷାକୃତ ଭଲ ମୂଲ୍ୟ ପାଇପାରୁଛନ୍ତି। ସେମାନେ ପ୍ରାୟତଃ ଆମ ରାଜ୍ୟ ଭଳି ଅଭାବୀ ବିକ୍ରିର ସମ୍ମୁଖୀନ ହେଉନାହାନ୍ତି। ଆମ ମାଟିରେ ଆଳୁ, ପିଆଜ ଭଲ ଉତ୍ପାଦନ ହେଉଥିଲେ ମଧ୍ୟ ଉପଯୁକ୍ତ ସଂରକ୍ଷଣ ଭିତ୍ତିଭୂମିର ଅଭାବ ଯୋଗୁଁ ଚାଷୀ ଆଗ୍ରହ ପ୍ରକାଶ କରୁନାହାନ୍ତି। ସେହିଭଳି କଦଳୀ ଉତ୍ପାଦନ ପାଇଁ ଆମ ମାଟି ଓ ଜଳବାୟୁ ଅନୁକୂଳ। କିନ୍ତୁ ଆମ ବଜାରରେ ଆନ୍ଧ୍ର ଓ ମହାରାଷ୍ଟ୍ର କଦଳୀର ଆଧିପତ୍ୟ ଜାରି ରହିଛି। ତେଣୁ କେଉଁଠି ତ୍ରୁଟି ରହୁଛି ଦେଖିବାର ସମୟ ଆସିଛି।

ଓଡ଼ିଶା ଏକ କୃଷିପ୍ରଧାନ ରାଜ୍ୟ। ଏଠାକାର ବ୍ୟବସ୍ଥା କୃଷି ଓ କୃଷକ ଅନୁକୂଳ ହେବା ନିହାତି ଜରୁରୀ। ଆନୁସଙ୍ଗିକ ଭିତ୍ତିଭୂମି ଏବଂ ଆବଶ୍ୟକ ବଜାର ବ୍ୟବସ୍ଥା କଲେ ଅଧିକରୁ ଅଧିକ କର୍ମନିଯୁକ୍ତି ସହିତ ସାଧାରଣ ଲୋକଙ୍କ ଅର୍ଥନୀତି ସୁଦୃଢ଼ ହୋଇପାରନ୍ତା। ●

(ଭଣ୍ଡାରିଡିହା, କେନ୍ଦୁଝର,
ମୋ:୭୯୭୮୫୨୮୧୪୫)

# ରାଜା ଗାଲ ମାଧବ

## ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଗତ ଅଧ୍ୟାୟରେ ଆମେ ଶ୍ରୀମନ୍ଦିର ପ୍ରତିଷ୍ଠା ପାଇଁ ଇନ୍ଦ୍ରଦ୍ୟୁମ୍ନଙ୍କ ବ୍ରହ୍ମଲୋକ ଗମନ ଏବଂ ପ୍ରତ୍ୟାବର୍ତ୍ତନ ବୃତ୍ତାନ୍ତ ବିଷୟରେ ପଢ଼ିଥିଲେ। ଇନ୍ଦ୍ରଦ୍ୟୁମ୍ନ ବ୍ରହ୍ମଲୋକରେ ବେଦବର ବ୍ରହ୍ମାଙ୍କ ସାକ୍ଷାତ ଅପେକ୍ଷାରେ ଥିବା ବେଳେ ମର୍ତ୍ତ୍ୟରେ ହଜାର ହଜାର ବର୍ଷ ବିତି ଯାଇଥିଲା। ସେହି କାଳଖଣ୍ଡରେ ଉତ୍କଳରେ ଗାଲମାଧବ ନାମକ ଜଣେ ରାଜା ରାଜୁତି କରୁଥିଲେ। ସେ ଥରେ ଘୋଡ଼ା ଚଢ଼ି ଶିକାର କରିବା ପାଇଁ ଯାଉଥିବା ବେଳେ ନୀଳାଚଳ ପାଦଦେଶର ବାଲୁକା ପରିପୂର୍ଣ୍ଣ କ୍ଷେତ୍ରରେ ଘୋଡ଼ାର ଖୁରା ପୋତି ହୋଇଥିବା ମନ୍ଦିରର ନୀଳଚକ୍ରରେ ବାଜିଲା। ରାଜା ଘୋଡ଼ାରୁ ଓହ୍ଲେଇ ନୀଳଚକ୍ରକୁ ଦେଖି ବାଲି କାଢ଼ି ଦେଉଳକୁ ଉଦ୍ଧାର କଲେ। ରାଜା ଭାବିଲେ ଯେ ତାଙ୍କର ପୂର୍ବପୁରୁଷମାନେ ଏ ମନ୍ଦିର ନିର୍ମାଣ କରିଥିଲେ। ଏହାପରେ ରାଜା ଦେବତା ପ୍ରତିଷ୍ଠା ପାଇଁ ଆୟୋଜନରେ ଲାଗିପଡ଼ିଲେ।

ତେଣେ ବ୍ରହ୍ମାଙ୍କର ତର୍ପଣ ସରିବା ପରେ ଇନ୍ଦ୍ରଦ୍ୟୁମ୍ନଙ୍କୁ ସାକ୍ଷାତ ଦେଇ କହିଲେ, 'ତୁମେ ମୋ ପାଇଁ ଅପେକ୍ଷା କରିଥିବା ବେଳେ ଗାଲମାଧବ ନାମକ ଜଣେ ରାଜା ଉତ୍କଳରେ ଶାସନ କରୁଛନ୍ତି। ସେ ମନ୍ଦିରକୁ ନିଜ ଅଧିକାରକୁ ନେଇ ସାରିଛନ୍ତି। ତେଣୁ ମନ୍ଦିରର ମାଲିକାନା ସ୍ୱତ୍ତ୍ୱ ପ୍ରମାଣିତ ନ ହେବା ପର୍ଯ୍ୟନ୍ତ ମୁଁ ତା'ର ପ୍ରତିଷ୍ଠା କରିପାରିବି ନାହିଁ।' ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ଗାଲ ମାଧବଙ୍କ ପାଖକୁ ଯାଇ ମନ୍ଦିର ସେ ନିର୍ମାଣ କରିଥିବା କଥା କହିଲେ। କିନ୍ତୁ ଗାଲ ମାଧବ ରାଜି ହେଲେ ନାହିଁ। ଦୁହିଁଙ୍କ ଭିତରେ ମନ୍ଦିରର ମାଲିକାନାକୁ ନେଇ ବିବାଦ ତୀବ୍ର ହେବାରୁ ବ୍ରହ୍ମା ସେଠାରେ ପହଞ୍ଚି ମନ୍ଦିର ନିର୍ମାଣ ବେଳର କେହି ସାକ୍ଷୀ ଅଛନ୍ତି କି ବୋଲି ଗାଲ ମାଧବଙ୍କୁ ପଚାରିଲେ। ମନ୍ଦିର ନିର୍ମାଣର ସାକ୍ଷୀ ଆବଶ୍ୟକ ନାହିଁ ବୋଲି ଗାଲ ମାଧବ କହିଲେ। ଅପରପକ୍ଷରେ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜ ସପକ୍ଷରେ ସାକ୍ଷୀ ଦେବା ପାଇଁ ସମ୍ମତ ହେଲେ।

ଏହାପରେ ବ୍ରହ୍ମା ଓ ଗାଲ ମାଧବଙ୍କୁ ସାଙ୍ଗରେ ନେଇ ଇନ୍ଦ୍ରଦ୍ୟୁମ୍ନ କଳ୍ପବଟ ପାଖରେ ପହଞ୍ଚିଲେ। ସେ ଗଛର ଡାଳରେ ଭୂଷଣ୍ଡ କାକ ବସିଥିଲେ। ସେହି କାକ ତାଙ୍କର ସାକ୍ଷୀ ବୋଲି ରାଜା ଇନ୍ଦ୍ରଦ୍ୟୁମ୍ନ କହିବାରୁ ବ୍ରହ୍ମା କାକକୁ ସେ ବିଷୟରେ ପଚାରିଲେ। ଭୂଷଣ୍ଡ କାକ ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ନିର୍ମାଣ କରିଥିବା କହିଲେ। କିନ୍ତୁ ଗାଲ ମାଧବ ତାହା ମାନିବାକୁ ପ୍ରସ୍ତୁତ ନ ଥିଲେ। ଏହାପରେ ଇନ୍ଦ୍ରଦ୍ୟୁମ୍ନ ଉଭୟଙ୍କୁ ନେଇ ଇନ୍ଦ୍ରଦ୍ୟୁମ୍ନ ସରୋବର ନିକଟରେ ପହଞ୍ଚିଲେ। ପୋଖରୀରେ ବାସ କରୁଥିବା କଇଁଛମାନେ ତାଙ୍କ ଦେଉଳ ନିର୍ମାଣର ସାକ୍ଷୀ ବୋଲି ସେ ବ୍ରହ୍ମାଙ୍କୁ କହୁ କହୁ କଇଁଛମାନେ ପାଣି ଭିତରେ ଲୁଚିବାକୁ ଚାଲିଗଲେ। ଏହା ଦେଖି ଇନ୍ଦ୍ରଦ୍ୟୁମ୍ନ କହିଲେ-

- 'ବ୍ରହ୍ମା ଡାକନ୍ତି କୁର୍ମେ ହୋ ପଳାଅ କାହିଁ କି?, ସାକ୍ଷୀ ତୁମ୍ଭେ ଅଟ ଆମ୍ଭେ ଆସିଛୁ ତହିଁକି।'

ବ୍ରହ୍ମାଙ୍କୁ ଦେଖି କଇଁଛମାନେ ଆଶ୍ୱସ୍ତ ହୋଇ କହିଲେ, 'ରାଜା ଇନ୍ଦ୍ରଦ୍ୟୁମ୍ନ ସେମାନଙ୍କୁ ମନ୍ଦିର ନିର୍ମାଣ ପାଇଁ ପଥର ବୋହିବା କାମରେ ନିଯୁକ୍ତି ଦେଇଥିଲେ। ଏହି କଷ୍ଟକର କାମରେ ସେମାନଙ୍କ ଅନେକ ବଂଶଧର ନିପାତ ହୋଇଥିଲେ। ଆହୁରି ଅନେକଙ୍କ ଶାରୀରିକ ପୀଡ଼ା ଏ ପର୍ଯ୍ୟନ୍ତ ରହିଛି। ତେଣୁ ସେମାନେ ରାଜାଙ୍କୁ ଦେଖି ଲୁଚି ଯାଇଥିଲେ।'

'ବ୍ରହ୍ମା ବୋଇଲେ ଦେଉଳ ଅଟଇ କାହାର, କୁର୍ମେ ବୋଇଲେ ଦେଉଳ ଇନ୍ଦ୍ରଦ୍ୟୁମନର / ଦେଉଳ ଗଢ଼ାକୁ ଆମ୍ଭେ ବୋହିଛୁ ପଥର, ସ୍ୱରୂପ କହିଲୁ ଆମ୍ଭେ ଶୁଣ ବେଦବର / ଦେଉଳ ତୋଳିଣ ରାଜା ତୋତେ ଆଣିଗଲା, ଗାଲ ମାଧବ ଯେ ତହିଁ ବାଲି କଢ଼ାଇଲା।

'ଦେଉଳ ନିର୍ମାଣ କିଏ କରିଥିଲା' ଆଉ ତାହାର ପ୍ରମାଣ ଆବଶ୍ୟକ ନଥିଲା। ଶେଷରେ ଗାଲମାଧବ ସତ୍ୟ ସ୍ୱୀକାର କଲେ। ବ୍ରହ୍ମା ଅସନ୍ତୋଷ ପ୍ରକାଶ କରି ଗାଲ ମାଧବଙ୍କୁ କଳିଯୁଗରେ ଅପୂଜା ରହିବା ପାଇଁ ଅଭିଶାପ ଦେଲେ। ଏହାପରେ ରାଜା ଇନ୍ଦ୍ରଦ୍ୟୁମ୍ନ ମନ୍ଦିର ପ୍ରତିଷ୍ଠା କରିବା ପାଇଁ ବ୍ରହ୍ମାଙ୍କୁ ନିବେଦନ କଲେ।

ବ୍ରହ୍ମା କହିଲେ, 'ରାଜା ହୋଇଲୁ କି ବାଇ, କ୍ଷେତ୍ରପାଳ ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ। କ୍ଷେତ୍ରମାନଙ୍କରେ ବର ଶ୍ରୀପୁରୁଷୋତ୍ତମ, ଏହା ପ୍ରତିଷ୍ଠା କରିବା କାହାର ଯେ କ୍ଷମ।' ଏହା ଶୁଣି ରାଜା ବ୍ରହ୍ମାଙ୍କୁ ସବିନୟ ବାରମ୍ବାର ନିବେଦନ କରିବାରୁ ବେଦବର କହିଲେ-'ବ୍ରହ୍ମା ବୋଇଲେ ରାଜା ଏ କଥା ଏମନ୍ତ, ମୂର୍ତ୍ତିମନ୍ତ ହୋଇଣ ବସିବେ ଜଗନ୍ନାଥ। ଦେଉଳର ପ୍ରତିଷ୍ଠାକୁ ମୋର କ୍ଷମ ନାହିଁ, ଏହା କଥାରେ ପ୍ରତିଷ୍ଠା କରିବଇଁ ମୁହିଁ। ଚକ୍ରର ଉପରେ ମୁହିଁ ବାନ୍ଧିଗଲେ ନେତ, ଦୂରୁ ଦେଖି ଲୋକମାନେ ହୋଇବେ ମୁକତ।' ●

(ଆଧାର- କୃଷ୍ଣ ଦାସଙ୍କ 'ଦେଉଳ ତୋଳା')

ମୋ: ୯୯୦୦୦୮୩୪୩୩

## ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା

# ଅଗଷ୍ଟ ୧୧ରେ ବିଧାୟକଙ୍କୁ ଶେଷ ସୁଯୋଗ

କଟକ,୪।୮(ସମିସ): ବ୍ରହ୍ମପୁର ବିଧାନସଭା ନିର୍ବାଚନୀ ଅନିୟମିତତା ମାମଲାରେ ବିଧାୟକ କେ. ଅନିଲ କୁମାରଙ୍କୁ ଜେରା ପାଇଁ ହାଜର ହେବାକୁ ହାଇକୋର୍ଟ ଶେଷ ସୁଯୋଗ ପ୍ରଦାନ କରିଛନ୍ତି। ଜେରା ପାଇଁ ଆସନ୍ତା ଅଗଷ୍ଟ ୧୧ ତାରିଖରେ କୋର୍ଟରେ ବିଧାୟକ କୌଣସି କାରଣରୁ ଅନୁପସ୍ଥିତ ରହନ୍ତି, ତେବେ ତାଙ୍କ ସାକ୍ଷ୍ୟକୁ କୋର୍ଟ ନଥିରୁ ବାଦ୍ ଦିଆଯିବ ବୋଲି କହିଛନ୍ତି ହାଇକୋର୍ଟ। ମନୋଜ କୁମାର ପଣ୍ଡାଙ୍କ ତରଫରୁ ଦାୟର ହୋଇଥିବା ନିର୍ବାଚନୀ ମାମଲାର ଶୁଣାଣି କରି ଜଷ୍ଟିସ ଶଶିକାନ୍ତ ମିଶ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆଜି ବିଧାୟକଙ୍କୁ ଜେରା ପ୍ରକ୍ରିୟା ଆରମ୍ଭ ପାଇଁ ତାରିଖ ଧାର୍ଯ୍ୟ ହୋଇଥିଲା। ମାତ୍ର ବିଧାୟକଙ୍କ ପକ୍ଷରୁ ଗୋଟିଏ ସପ୍ତାହର ସମୟ ଲୋଡି ଏକ ଅନ୍ତରୀଣ ଆବେଦନ ଦାଖଲ କରାଯାଇଥିଲା। ଆବେଦନରେ ଦର୍ଶାଯାଇଥିଲା ଯେ ବ୍ରହ୍ମପୁରରେ ରାଷ୍ଟ୍ରପତିଙ୍କ ଗସ୍ତ କାର୍ଯ୍ୟକ୍ରମ ଥିବାରୁ ସ୍ଥାନୀୟ ବିଧାୟକ ଭାବେ ସେ ସେଠାରେ ଉପସ୍ଥିତ ରହିବା ଆବଶ୍ୟକ, ଯେଉଁଥିପାଇଁ ସେ ଆଜି କୋର୍ଟରେ ହାଜର ହୋଇପାରିନାହାନ୍ତି। ଅପରପକ୍ଷରେ, ଆବେଦନକାରୀଙ୍କ ତରଫରୁ ମାମଲା ପରିଚାଳନା କରୁଥିବା ବରିଷ୍ଠ ଆଇନଜୀବୀ ଗୋପାଳ ଅଗ୍ରୱାଲ ଏହି ଆବେଦନକୁ ଦୃଢ଼ ବିରୋଧ କରିଥିଲେ। ସେ ଅଭିଯୋଗ କରିଥିଲେ ଯେ ବିଧାୟକ ଇଚ୍ଛାକୃତ ଭାବେ କୋର୍ଟରେ ହାଜର ହେବାରୁ ଓହରି ଯାଉଛନ୍ତି, ଯେତେବେଳେ କି ସେ ଅନ୍ୟାନ୍ୟ ସରକାରୀ କାର୍ଯ୍ୟକ୍ରମରେ ଯୋଗ ଦେଉଛନ୍ତି। ଆଜି ମଧ୍ୟ ସେ ବ୍ରହ୍ମପୁରଠାରେ ଏକ ଆଧାର କେନ୍ଦ୍ରର ଉଦଘାଟନ କରିଛନ୍ତି କୋର୍ଟଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ହାଇକୋର୍ଟ ଆବେଦନକୁ ଗ୍ରହଣ କରିଥିଲେ ସୁଦ୍ଧା ଆଉ କୌଣସି ପରିସ୍ଥିତିରେ ବିଧାୟକଙ୍କୁ ଅଧିକ ସମୟ ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରିଛନ୍ତି।

## ପୁରୁଣା ନିୟମରେ ପେନ୍‌ସନ୍‌ର ହକ୍‌ଦାର ଅସ୍ଥାୟୀ କର୍ମଚାରୀ

# ରାଜ୍ୟ ସରକାରଙ୍କ ଆବେଦନ ହାଇକୋର୍ଟରେ ଖାରଜ

କଟକ,୪।୮(ସମିସ): ୨୦୦୫ ପେନସନ ନିୟମ ସଂଶୋଧନ ପୂର୍ବରୁ କାର୍ଯ୍ୟରତ ଅସ୍ଥାୟୀ (ଏନଏମଆର) କର୍ମଚାରୀଙ୍କ ପାଇଁ ଓଡ଼ିଶା ହାଇକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଶୁଣାଇଛନ୍ତି। ୨୦୦୫ ପୂର୍ବରୁ ନିଯୁକ୍ତି ପାଇ ପରବର୍ତ୍ତୀ ସମୟରେ ନିୟମିତ ହୋଇଥିବା କର୍ମଚାରୀମାନେ ୧୯୯୨ର ପୁରୁଣା ପେନସନ ନିୟମ ଅଧୀନରେ ପେନସନ ପାଇବାକୁ ହକ୍‌ଦାର ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। ଏହାସହ ରାଜ୍ୟ ସରକାରଙ୍କ ପକ୍ଷରୁ ଦାୟର କରାଯାଇଥିବା ରିଟ୍ ଅପିଲ୍‌କୁ ହାଇକୋର୍ଟ ଖାରଜ କରିଛନ୍ତି। ଜଷ୍ଟିସ କୃଷ୍ଣରାମ ମହାପାତ୍ର ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ସରକାରଙ୍କ ଆବେଦନର ଶୁଣାଣି କରି ଏପରି ରାୟ ପ୍ରକାଶ କରିଛନ୍ତି। ଏଥିସହ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନାଙ୍କୁ ୧୯୯୨ ପେନସନ ନିୟମ ଅନୁସାରେ ସମସ୍ତ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ପ୍ରକ୍ରିୟାକୁ ଆସନ୍ତା ୮ ସପ୍ତାହ ମଧ୍ୟରେ ଶେଷ କରି ଭୁବନେଶ୍ୱରର ଆରଆଣ୍ଡବି ଅଧୀକ୍ଷଣ ଯନ୍ତ୍ରୀ ହାଇକୋର୍ଟଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟରେ ଅନୁପାଳନ ରିପୋର୍ଟ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ପୂର୍ବରୁ ସୁପ୍ରିମକୋର୍ଟ ଓ ହାଇକୋର୍ଟଙ୍କ ଦ୍ୱାରା ଏହି ପ୍ରସଙ୍ଗରେ ନିଷ୍ପତ୍ତି ହୋଇସାରିଥିବା ସତ୍ତ୍ୱେ ସରକାରୀ ଅଧିକାରୀମାନେ କର୍ମଚାରୀଙ୍କୁ ଅନାବଶ୍ୟକ ଆଇନଗତ ଲଢେଇ ଭିତରକୁ ଠେଲି ଦେଉଛନ୍ତି, ଯାହାକି ଆଶ୍ଚର୍ଯ୍ୟଜନକ ବୋଲି ହାଇକୋର୍ଟ କହିଛନ୍ତି। ମାମଲାରୁ ପ୍ରକାଶ ଯେ ସମ୍ବଲପୁର ଜିଇଡି ଅଧୀନରେ ୧୯୮୧ ନଭେମ୍ବର ୧୩ରୁ ଏନ୍‌ଏମ୍‌ଆର୍ ୱାୟାରମ୍ୟାନ୍ ଭାବେ ନିଯୁକ୍ତି ପାଇଥିଲେ ପ୍ରତିପକ୍ଷ ରବୀନ୍ଦ୍ର କୁମାର ଜେନା। ଦୀର୍ଘ ଦିନର ସେବା ପରେ ୨୦୦୯ ଅକ୍ଟୋବର ୩୧ରେ ତାଙ୍କ ଚାକିରି ନିୟମିତ ହୋଇଥିଲା ଏବଂ ୩୯ ବର୍ଷର ନିରବଚ୍ଛିନ୍ନ ସେବା ପରେ ୨୦୨୧ ଜୁନ ୩୦ରେ ସେ ଅବସର ଗ୍ରହଣ କରିଥିଲେ। ଅବସର ପରେ ପେନସନ ସୁବିଧା ନ ମିଳିବାରୁ ସେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଡିସେମ୍ବର ୭ରେ ଜଣିକିଆ ବିଚାରପତି ତାଙ୍କ ସପକ୍ଷରେ ରାୟ ଦେଇ ପେନସନ ପ୍ରଦାନ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ଆଦେଶକୁ ଚ୍ୟାଲେଞ୍ଜ କରି ରାଜ୍ୟ ସରକାରଙ୍କ ପୂର୍ତ୍ତ ବିଭାଗ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲା।

---

### ପଶ୍ଚିମ ରେଳବାଇ - ରତଲାମ ମଣ୍ଡଳ

**ଇ-ଟେଣ୍ଡର ବିଜ୍ଞପ୍ତି**

କ୍ରମିକ ନଂ. ୧: • ଟେଣ୍ଡର ନଂ.: E-IND-WLII-2026-A-RT • କାର୍ଯ୍ୟର ନାମ ଓ ସ୍ଥାନ: ଅଣ୍ଡରସ୍ଲଙ୍ଗ ଏବଂ ଓଭରହେଡ୍ ପାଣି ଟାଙ୍କି ଥିବା କୋଚ୍‌ଗୁଡ଼ିକ ପାଇଁ ଜଳସ୍ତର ସୂଚକ ବ୍ୟବସ୍ଥା। • କାର୍ଯ୍ୟର ଆନୁମାନିକ ମୂଲ୍ୟ : ଟ. ୫,୧୪,୭୨,୫୦୬.୬୦/- • ଜମା କରିବାକୁ ଥିବା ଅମାନତ ରାଶି (E M D) : ଟ. ୧୦,୨୯,୫୦୦/- • କାର୍ଯ୍ୟ ସମାପ୍ତି ଅବଧି: ସ୍ୱୀକୃତି ପତ୍ର (L O A) ଜାରି ତାରିଖଠାରୁ ୦୧ ବର୍ଷ। • ଟେଣ୍ଡର ଖୋଲାଯିବା କାର୍ଯ୍ୟାଳୟର ଠିକଣା: ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟ, ପଶ୍ଚିମ ରେଳବାଇ, ରତଲାମ ଡିଭିଜନ। • ଦାଖଲର ତାରିଖ ଓ ସମୟ: ୨୭.୦୮.୨୦୨୬ ଅପରାହ୍ନ ୧୫:୦୦ ଘଣ୍ଟା। • ୱେବସାଇଟ୍ ବିବରଣୀ ଓ ନୋଟିସ୍ ବୋର୍ଡ ସ୍ଥାନ: ଟେଣ୍ଡର ଦସ୍ତାବିଜଗୁଡ଼ିକ IREPS ୱେବସାଇଟ୍ (www.ireps.gov.in) ରୁ ମଧ୍ୟ ଡାଉନଲୋଡ୍ କରାଯାଇପାରିବ। ଟେଣ୍ଡରଦାତାଙ୍କୁ ଆବଶ୍ୟକ ଅନ୍ୟ କୌଣସି ସୂଚନା କାର୍ଯ୍ୟ ସମୟ ମଧ୍ୟରେ ବରିଷ୍ଠ CDO/INDଙ୍କ କାର୍ଯ୍ୟାଳୟରୁ ପ୍ରାପ୍ତ କରିପାରିବେ। V/0186

Like us on: facebook.com/WesternRly

### AFFIDAVIT

I, Jagadish Prasad Agarwalla(48), S/o-Late Prabhu Dayal Agarwal, resident of At-Purnachandrapur, Ward No-26, Grand Road, Po/Ps-Bhanjpur, Dist-Myurbhanj, Pin No-757002, Odisha, declared by this affidavit No-80, dated 04-08-2026 that now onwards I shall be known as **JAGADISH AGARWAL** for all future purposes.

**JAGADISH AGARWAL**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 1084, Dtd. 04.08.2026, I, JASOBANTA SAHU, Son of - Bhagaban Sahu, permanent resident of Village - Mentri, PO - Mentri, PS - Tentulikhunti, Dist - Nabarangpur, Odisha, Pin - 764070, declare that I have changed my name from JASHABANTA SAHU to JASOBANTA SAHU. Henceforth, I shall be known as **JASOBANTA SAHU** for all purposes.

**Sd/- Jasobanta Sahu**

### AFFIDAVIT

I, SACHI, aged about 19 years D/o- ARUN KUMAR TRIPATHI, Resident of AT/PO-BLOCK NO-7, FLAT NO-7-B, SPRINGVILLE HOMES, NEAR MANPUR OVERBRIDGE, DANAGADI, JAJPUR ROAD, JAJPUR, PIN-755026, declared by this Affidavit No.881/2026, Dated. 04.08.2026, That now onwards I shall Be Known as **SACHI TRIPATHI** for all future Purposes.

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 803, Dated 27-07-2026, I, JAGANANTH BHATRA, S/o - Debo Bhatara, permanent resident of Village - Purniguda, PO - Sindhigaon, PS - Nabarangpur, Dist - Nabarangpur, Odisha, Pin - 764063, declare that I have changed the name of my Daughter from HABITS BHATARA to BABITA BHATRA. Henceforth, she shall be known as **BABITA BHATRA** for all purposes.

**Sd/- Jagananth Bhatra**

### AFFIDAVIT

By virtue of an affidavit before the Executive Magistrate, Baramba Vide Affidavit No-3151/Dt. 5.6.2026 I, Jayanti Jena W/o Gurubari Jena of Vill/Po-Ratapata, Ps-Baramba, Dist-Cuttack declare that I have changed my minor son's name from ON JENA to OMM JENA. Henceforth he shall be known as **OMM JENA** for all propose.

**Jayanti Jena**

### AFFIDAVIT

By virtue of an affidavit (CF No.01, date: 24/07/2026) sworn before the Executive Magistrate, Padampur. I, Abdul Rasul Khan, S/o Abdul Khan, permanent & current resident of At: Padampur, PO: Rajborasambar, PS: Padampur, Dist: Bargarh, State: Odisha, PIN: 768036 declare that I have changed my name from Abdur Rasul Khan (Old name)to Abdul Rasul Khan. Henceforth, I shall be known as **Abdul Rasul Khan** (new name) for all purposes.

### AFFIDAVIT

I, SHAIK SABIR TULLAHA, aged about 43 years S/o- SHAIK RAJAQ TULLAHA, Resident of AT/PO-GOP, PATHANA MAHALA, PS-GOP, DIST-PURI, PIN-752110, ODISHA, declared by this Affidavit No.880/2026, Dated.03.08.2026, That now onwards I shall Be Known as **SEK SABIR TULLA** That for all future Purposes.

### AFFIDAVIT

By virtue of an affidavit no 1015, dtd-01.08.2026 sworn before Executive Magistrate, Rairakhol, I, Kshirod Raul, resident of Village Ghosaramal, P.S. Rairakhol, Dist. Sambalpur, Odisha, hereby declare that my minor daughter's name has been changed from Santos I Roul to Santoshi Raul. Both names refer to one and the same person. Henceforth she shall be known as **Santoshi Raul** for all purposes.

**Kshirod Raul**

### AFFIDAVIT

By virtue of an affidavit sworn before the Executive Magistrate, Nabarangpur, Vide no - 813, dated 28-07-2026, I, SANJUKTA NAG, W/o - Sanjay Nag, permanent resident of Village - Khaliguda, PO - Patri, PS - Dabugam, Dist - Nabarangpur, Odisha, Pin - 764071, declare that I have changed the name of my Son from ABI NAG to SAYAN KUMAR NAG. Henceforth, he shall be known as **SAYAN KUMAR NAG** for all purposes.

**Sd/- Sanjukta Nag**

### AFFIDAVIT

I, Amit Kumar Agrawla, S/o- Ramnibash Agrawal, R/o- Vill./Po./Ps.- Sohela, Dist.- Bargarh state vide affidavit no.4841 dtd.20.08.2013 that, in my voter id card no. FJB1295146 my name has been wrongly mentioned as Amita Kumar Agrawal, S/o- Rama Nibash Agrawala. My correct name is **Amit Kumar Agrawla**, S/o- Ramnibash Agrawal.

Sd/- Amit Kumar Agrawla

### AFFIDAVIT

By virtue of an affidavit sworn before the Executive Magistrate, Bargarh vide affidavit no 465 dated 04.08.2026 I, Debjani Nayak, W/o- Ashish Kumbhar resident of At/Po-Chhuriapali, PS- Sohela, Dist - Bargarh, Pin -768033 declare that now onwards I shall be known as **Debajani Nayak** for all future purposes.

---

### ODISHA HYDRO POWER CORPORATION LTD.

O/o Sr. GENERAL MANAGER, HIRAKUD HYDRO ELECTRIC PROJECT
ADMINISTRATIVE OFFICE BUILDING, NEAR BURLA POWER HOUSE,
BURLA – 768017, DISTRICT: SAMBALPUR (ODISHA), INDIA
PHONE: 0663-2910721(O), 2950765(R), E-Mail: srgmhps_burla@yahoo.co.in
CIN : U40101OR1995SGC003963

4001/239/2627

No. HHEP PUR-110, Vol-I / 5945 — Date: 03.08.2026

**TENDER CALL NOTICE NO. HHEP-63/2026**

Sealed Tenders are invited in two parts i.e. (i) Techno Commercial bid & (ii) Price bid in separate sealed envelopes from the reputed Manufacturer / authorized dealer or distributor/ reputed firms/ agency/ order suppliers only for supply of the following materials to HHEP, Burla as mentioned below.

| Description of work | Cost of tender paper (Non-refundable) in Rs. | EMD in shape of DD/BC only (Refundable) in Rs. |
|---|---|---|
| Supply of AC-DC/ DC converters to HHEP, Burla | Rs. 7080/- (Rs. 6000/- + GST@18%) | 17,100.00 |

- Sale of tender paper : 10.08.2026 (10.00AM) to 24.08.2026 upto 05:30 PM
- Receipt of tender paper : 25.08.2026 upto 03:30 PM
- Date & time of opening of tender : 25.08.2026 at 04:00 PM

Further details like tender documents / terms & conditions (corrigendum / erratum / addendum, if any), please visit our official website www.ohpc.co.in

Sd/-
C & P Head, HHEP, Burla

OIPR-4001/4007/1/26-27/0021

### OFFICE OF THE SR. GENERAL MANAGER (ELECTRICAL)

UPPER INDRAVATI HYDRO ELECTRIC PROJECT, MUKHIGUDA,
DIST: KALAHANDI-766026, E-mail: serge.uihep@ohpcltd.com
ODISHA HYDRO POWER CORPORATION LTD. (A GOVERNMENT OF ODISHA UNDERTAKING)
Regd. Office OSPH & WC Building, Vanivihar Chhak, Janpath, Bholanagar, Bhubaneswar-751022,
Tel: 91-0674-2542983, 2542801, 2545286, Fax:2542802, E-Mail: mdce.corp@gmail.com / md@ohpcltd.com
WEB: www.ohpcltd.com, CIN: U40101OR1995SGC003963

32001/643/2627

**'e'-Procurement Notice**

**NOTICE INVITING TENDER NO.UIHEP/16/2026-27 DATED.29.07.2026**

The Unit Head, UIHEP, Mukhiguda, Dist.- Kalahandi invites percentage rate bids in double cover system i.e. Cover-I (Technical Bid) & Cover II (Price Bid) in **Online mode** from eligible contractors for the work as detailed in the table below.

| Sl. No. | Name of work | Approx. Estimated cost (in Rs.) | EMD (in Rs.) (online) | Class of Contractor | Cost of bid document (in Rs.) (online) | Period of contract |
|---|---|---|---|---|---|---|
| 1 | Fabrication of railing over parapet wall including aluminium partition room at roof top of Erectors Hostel of UIHEP, Mukhiguda. | 10,62,774/- (Excluding GST) | 10,630/- | 'D' & 'C' Class Contractor registered with State Govt./Central Govt. / MES / Railways. | 6,000/- + GST @18% = 7,080/- | Three (03) calendar months |

Availability of tender document in the portal: From 06.08.2026 (10:00 Hrs) to 17.08.2026 (up to 13:00 Hrs.)
Last date & time of submission of tenders in the portal: 17.08.2026 up to 13:00 Hrs.
The date & time of opening of the bid: 17.08.2026 at 16:30 Hrs (Only Technical Bid)
The bidders have to participate in **ONLINE** bidding only. Further details can be seen and tender document can be downloaded from the e-Procurement Portal 'https://tendersodisha.gov.in'.

Unit Head
UIHEP, Mukhiguda

OIPR-32001/32136/1/26-27/0015

### OFFICE OF THE NOTIFIED AREA COUNCIL, BALIMELA

E-Mail:eonacbalimela@gmail.com

Odisha, Pin-764051

**ନିବେଦନ**

ବାଲିମେଳା ସହରର ସମସ୍ତ ନାଗରିକଙ୍କୁ ଶୁଭେଚ୍ଛା ଜଣାଇ ସର୍ବନିମ୍ନ ମୌଳିକ ସେବା ଯୋଗାଇ ଦେବାରେ ନିମ୍ନଲିଖିତ ସହାୟତା ପ୍ରଦାନ କରିବା ଲାଗି ଅନୁରୋଧ କରୁଅଛୁ ।

୦୧ ॥ ସହରର ସମସ୍ତ ନାଗରିକ ନିଜ ଗୃହରେ ଉତ୍ପନ୍ନ ବର୍ଜ୍ୟ ବସ୍ତୁ ପୃଥକ ପୃଥକ ଭାବେ (ଓଦା ଓ ଶୁଖିଲା) ଆବର୍ଜନା ବାହନରେ ପକାଇବେ ।
୦୨ ॥ କୌଣସି ନାଗରିକ ନିର୍ମାଣ ସାମଗ୍ରୀ ନର୍ଦ୍ଦମା କିମ୍ବା ରାସ୍ତାରେ ପକାଇ ଅବରୋଧ କରିବେ ନାହିଁ।
୦୩ ॥ କୌଣସି ନାଗରିକ ନିଜ ଗୃହପାଳିତ ପ୍ରାଣୀ ଯଥା:- ଗାଈ, ମହିଷୀ, ଛେଳି, କୁକୁର ଇତ୍ୟାଦି ସର୍ବସାଧାରଣ ରାସ୍ତାରେ ଛାଡ଼ିବେ ନାହିଁ।
୦୪ ॥ ସହରର ସମସ୍ତ ବ୍ୟବସାୟୀ ନିଜ ନିଜର ବ୍ୟବସାୟୀ ପ୍ରତିଷ୍ଠା କରିବା ନିମନ୍ତେ ଅନୁମତି (Trade License ) ବିଜ୍ଞାପିତ ଅଞ୍ଚଳ, ବାଲିମେଳା ଠାରୁ ଗ୍ରହଣ କରିବା ନିତ୍ୟାନ୍ତ ଜରୁରୀ ଅଟେ ଏବଂ ଉକ୍ତ ପ୍ରମାଣପତ୍ର ନିଜ ନିଜ ବ୍ୟବସାୟୀ ସ୍ଥଳୀରେ ଲଗାଇ ରଖିବେ ।
୦୫ ॥ ପରିଷଦର ଟିକସ ଆଦି ଠିକ ସମୟରେ ପୈଠ କରନ୍ତୁ ।
୦୬ ॥ ପଲିଥିନ ବ୍ୟାଗ ବ୍ୟବହାର ଠାରୁ ଦୁରେଇ ରୁହନ୍ତୁ ।

ଆସନ୍ତୁ ଆମେ ସମସ୍ତେ ମିଳିମିଶି ଆମ ସହରକୁ ଏକ ସୁସ୍ଥ ସବୁଜ ସହରରେ ପରିଣତ କରି କେନ୍ଦ୍ର ତଥା ରାଜ୍ୟ ସରକାରଙ୍କ ସ୍ୱପ୍ନକୁ ସାକାର କରିବା ।

**କାର୍ଯ୍ୟନିର୍ବାହୀ ଅଧିକାରୀ**
**ବିଜ୍ଞାପିତ ଅଞ୍ଚଳ, ବାଲିମେଳା**

**ଅଧକ୍ଷ**
**ବିଜ୍ଞାପିତ ଅଞ୍ଚଳ, ବାଲିମେଳା**

### OFFICE OF THE ROURKELA MUNICIPAL CORPORATION

Uditnagar, Rourkela Dist.-Sundargarh (Odisha) Pin-769012
Website: www.rmc.myrourkela.in EmailId: rourkelamunicipality@gmail.com

No. 10424 — Date: 04/08/26
13001/1413/2627

**TENDER CALL NOTICE**

Sealed tenders are invited from the reputed firms /Agencies for **"Overall Management of Table Tennis & Volley Ball/Lawn Tennis Court in side BPIS, Panposh on outsource Basis".**

Detail technical specifications, along with terms & conditions etc. may be seen from the Web site of Rourkela Municipal Corporation i.e. www.rmc.nic.in. Date of issue of tender documents from dtd.

The last date for receipt of sealed tender is 17.08.26 till 1:00 P.M. through Speed Post/ Regd. Post /Courier/ or by hand in the office address of the undersigned.

Commissioner
Rourkela Municipal Corporation

OIPR-13001/13131/1/26-27/0048

### KORAPUT CENTRAL CO-OPERATIVE BANK LTD.,

Phone No. (06854) 241159 / 232714
Email: ceo@koraputccb.com

HEAD OFFICE: N.K.T. ROAD, JEYPORE – 764003: DIST: KORAPUT (ODISHA)

Letter No. 1907 / P&S / 2026-27 — / Date 04/08/2026

**QUOTATION CALL NOTICE**

Sealed quotations are invited from the intending registered firm for procurement of Standard fire, Burglary, Cash and fidelity guarantee master insurance policy for LAMPCS/ MPCS affiliated to Koraput Central Cooperative Bank Ltd., Jeypore for a period of one year i.e., from Dt.11.08.2026 to 10.08.2027 (Mid-night).

The interested vendors /agencies are requested to submit their sealed quotations before the undersigned on or before Dt.07.08.2026 (3.30 P.M) latest as per following table and the same will be opened on the same date at 4.00 P.M in presence of the members or their authorized representatives.

(Rs. In Lakhs)

| Sl. No. | No. of LAMPCS/ MPCS | Content in Premises | Money in Premises | Money in Transit | Dishonesty of Employees of the LAMPCS/ MPCS | Total Coverage (Sum Assured) |
|---|---|---|---|---|---|---|
| 1 | 55 | 136.00 | 925.00 | 1355.00 | 140.00 | 2556.00 |

The quotation received incomplete or after the scheduled date shall be rejected and will not be entertained by the Bank. The short list shall be made basing upon the rates offered by the firms/agencies. The authority reserves the right to reject all or any quotations without assigning any reason thereof. Taxes will be deducted as applicable at the time of payment of Bill amount.

Contact to Sri Jaya Pradeep Patnaik, P&S,
KCC Bank Ltd., Head Office, Jeypore.
Mobile No. : 97775 19964.

Secretary,
KCC Bank Ltd., Jeypore.

### ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ

(ଭାରତ ସରକାରଙ୍କ ଏକ ଉପକ୍ରମ)
କ୍ଷେତ୍ରୀୟ କାର୍ଯ୍ୟାଳୟ, ବି/୨, ପଶ୍ଚିମ, ସହୀଦ ନଗର, ଭୁବନେଶ୍ୱର-୭୫୧୦୦୭,
ଫୋନ୍: ୦୬୭୪-୨୫୪୦୦୩୨, ଇ-ମେଲ: bhubaneswar-samd@iob.bank.in

**ଇ-ନିଲାମ / ବିକ୍ରୟ ବିଜ୍ଞପ୍ତି**

4001/239/2627

**ସିକ୍ୟୁରିଟାଇଜେସନ୍ ଆଣ୍ଡ ରିକନ୍‌ଷ୍ଟ୍ରକସନ୍ ଅଫ୍ ଫାଇନାନ୍ସିଆଲ ଆସେଟ୍ସ ଆଣ୍ଡ ଏନ୍‌ଫୋର୍ସମେଣ୍ଟ ଅଫ୍ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ, ୨୦୦୨ ସହିତ ସିକ୍ୟୁରିଟୀ ଇଣ୍ଟରେଷ୍ଟ ଆକ୍ଟ(ଏନ୍‌ଫୋର୍ସମେଣ୍ଟ)ରୁଲ୍ସ ୨୦୦୨ ର ନିୟମ ୯(୧) ବ୍ୟବସ୍ଥା ଅନ୍ତର୍ଗତ ସ୍ଥାବର ସମ୍ପତ୍ତି ବିକ୍ରୟ ପାଇଁ ଇ-ନିଲାମ ବିକ୍ରୟ ବିଜ୍ଞପ୍ତି।**

ଏତଦ୍ଦ୍ୱାରା ସର୍ବସାଧାରଣ ଏବଂ ବିଶେଷ କରି ଋଣଗ୍ରହୀତା ଓ ଗ୍ୟାରେଣ୍ଟିଦାତାମାନଙ୍କୁ ଜଣାଇ ଦିଆଯାଉଛି ଯେ ନିମ୍ନରେ ବର୍ଣ୍ଣିତ ସ୍ଥାବର / ଅସ୍ଥାବର ସମ୍ପତ୍ତି ସୁରକ୍ଷିତ ଋଣଦାତାଙ୍କନିକଟରେ ବନ୍ଧକ / ଚାର୍ଜ ସୂତ୍ରରେ ରହିଅଛି ଯାହା ବ୍ୟାଙ୍କ / ସୁରକ୍ଷିତ ଋଣଦାତାଙ୍କ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଦ୍ୱାରା ଗଠନାତ୍ମକ / ଭୌତିକ / ସାଙ୍କେତିକ ଦଖଲ ନିଆଯାଇଛି,ଯାହାକୁ **"ଯେଉଁଠାରେ ଯେପରି ଅଛି" "ଯାହା ଯେପରି ଅଛି"** ଏବଂ **"ସେଠାରେ ଯାହା ଅଛି"** ଭିତ୍ତିରେ ସମ୍ପୃକ୍ତ ଋଣଗ୍ରହୀତା / ଗ୍ୟାରେଣ୍ଟିଦାତାଙ୍କ ଠାରୁ ବ୍ୟାଙ୍କ /ସୁରକ୍ଷିତଋଣଦାତାଙ୍କ ଋଣ ଆଦାୟକରଣ ନିମନ୍ତେ ନିମ୍ନରେ ଦର୍ଶିତ ସାରଣୀରେ ଦର୍ଶାଯାଇଥିବା ତାରିଖରେ ବିକ୍ରୟ କରାଯିବ । ସୁରକ୍ଷିତ ମୂଲ୍ୟ ଏବଂ ଅମାନତ ଜମା ରାଶି ନିମ୍ନ ସାରଣୀରେ ସମ୍ପୃକ୍ତ ସମ୍ପତ୍ତି ପାଇଁ ଦର୍ଶାଯାଇଅଛି।

| ଶାଖା / ଋଣଗ୍ରହୀତା/ ଗ୍ୟାରେଣ୍ଟିଦାତା/ବନ୍ଧକଦାତାମାନଙ୍କ ନାମ ଓ ଠିକଣା | ସ୍ଥାବର ସମ୍ପତ୍ତିଗୁଡ଼ିକର ବିବରଣୀ | ବକେୟା ପରିମାଣ | ସଂରକ୍ଷିତ ମୂଲ୍ୟ / ଅମାନତ ଜମା ରାଶି |
|---|---|---|---|
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ /** **ଋଣଗ୍ରହୀତା / ବନ୍ଧକଦାତା: ଶ୍ରୀ ସୁରେନ୍ଦ୍ର ସେନ,** ପିତା: କୈଳାସ ସେନ୍ / **ଗ୍ୟାରେଣ୍ଟିଦାତା: ଶ୍ରୀ ଉପେନ୍ଦ୍ର ସେନ,** ପିତା: କୈଳାସ ସେନ୍, ଉଭୟଙ୍କ ଠିକଣା ସା: ପ୍ଲଟ୍ ନଂ.: ୩୫୬/୩୭୪୬, ପୁରୁଣା ରାଉସପାଟଣା, ହରିପୁର, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧ | **ଶ୍ରୀ ସୁରେନ୍ଦ୍ର ସେନଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୩୫୬/୩୭୪୬, ଖାତା ନଂ.: ୧୨୦୫/୮୮୩, କ୍ଷେତ୍ର: ଏକର ୦.୦୦୭୫ ଡିସିମିଲି ଏବଂ ପ୍ଲଟ୍ ନଂ.: ୩୫୬/୩୪୦୪, ଖାତା ନଂ.: ୧୨୦୫/୫୩୪, କ୍ଷେତ୍ର: ଏକର ୦.୦୧୫ ଡିସିମିଲି, **ମୋଟ କ୍ଷେତ୍ର: ଏକର ୦.୦୨୨୫ ଡିସିମିଲି,** ମୌଜା: ସାମନ୍ତସାହି, ୟୁନିଟ୍ ନଂ.: ୨୩, ଥାନା: ପୁରୀଘାଟ, ପୋ: ବକ୍ସି ବଜାର, ତହସିଲ: କଟକ, ଜିଲ୍ଲା: କଟକ, ଓଡ଼ିଶା - ୭୫୩୦୦୧, ଏହାର ଚାରିପାର୍ଶ୍ୱରେ ପୂର୍ବ: ନାଗିନ୍ ସେନ୍, ପଶ୍ଚିମ: ସର୍ବସାଧାରଣ ଗଳି ରାସ୍ତା, ଉତ୍ତର: ରାସ୍ତା, ଦକ୍ଷିଣ: ଉପେନ୍ଦ୍ର ସେନ୍ | ୧୪.୦୭.୨୦୨୬ ସୁଦ୍ଧା ଟ.୧୬,୨୭,୩୧୭.୬୨ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୪୨,୭୭,୦୦୦/-<br>ଟ.୪,୨୭,୭୦୦/- |
| **ରସୁଲଗଡ ଶାଖା, ଫୋନ.: ୮୯୨୫୯୫୧୬୭୬/** **ଋଣଗ୍ରହୀତା: ଶ୍ରୀମତୀ ସନ୍ଧ୍ୟାରାଣୀ ଜେନା,** ସ୍ୱାମୀ: ଶ୍ରୀ ବିଭୁତି ଭୂଷଣ ପ୍ରଧାନ, **ସ୍ଥାୟୀ ଠିକଣା:** ସା/ପୋ: ତାଳଜଙ୍ଗ, ଜିଲ୍ଲା: ପୁରୀ, ଓଡ଼ିଶା - ୭୫୨୦୦୨, **ଯୋଗାଯୋଗ ଠିକଣା- (କ)** ପ୍ଲଟ୍ ନଂ.: ୪୪୪/୨୮୬୧, ଫେଜ୍-୨, ଲିଙ୍ଗିପୁର, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା - ୭୫୨୦୦୨, **(ଖ)** ଫ୍ଲାଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪ | **ଶ୍ରୀମତୀ ସନ୍ଧ୍ୟାରାଣୀ ଜେନାଙ୍କ** ନାମରେ ଥିବା ବାସୋପଯୋଗୀ ଫ୍ଲାଟର ସମସ୍ତ ଅଂଶବିଶେଷ ଯାହାର ସୁପର ବିଲ୍ଟ ଅପ୍ ଏରିଆ: ୯୨୫ ବର୍ଗଫୁଟ, ଫ୍ଲାଟ୍ ନଂ.: ୦୧୦, ୨ବିଏଚ୍‌କେ, ତଳ ମହଲା, ବ୍ଲକ୍-ଏ, **"ଶ୍ରେୟାସ୍ ଶ୍ରୀ ବାଲାଜୀ ସିଟି",** ମୌଜା: ବାଲିପଡା, ଥାନା: ପିପିଲି, ପୁରୀ - ୭୫୨୧୦୪, ଏହାର ଚାରିପାର୍ଶ୍ୱରେ ଉତ୍ତର: ଫ୍ଲାଟ୍ ନଂ.: ୦୧୧, ଦକ୍ଷିଣ: ଖୋଲା ଡକ୍ ଏରିଆ, ପୂର୍ବ: ସର୍ବସାଧାରଣ କରିଡର, ପଶ୍ଚିମ: ଖୋଲା ଜମି / ରାସ୍ତା | ୧୮.୦୭.୨୦୨୬ ସୁଦ୍ଧା ଟ.୨୮,୬୧,୮୪୩.୧୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୨,୮୬,୦୦୦/-<br>ଟ.୨,୨୮,୬୦୦/- |
| **ବାଲେଶ୍ୱର ଶାଖା, ଫୋନ.: ୮୯୨୫୯୫୦୮୩୨ /** **ଋଣଗ୍ରହୀତା: ମେସର୍ସ ଶ୍ରୀ ଭଗବତୀ କ୍ରିଏସନ୍, ସ୍ୱତ୍ୱାଧିକାରୀ: ଶ୍ରୀ ଦିଲ୍ଲିପ କୁମାର ଦାଶ,** ସା: ୫୭, ଭାସ୍କରଗଞ୍ଜ-ଏ, ଏଫ୍.ଏମ୍ ସର୍କଲ, ବାଲେଶ୍ୱର, ଓଡ଼ିଶା - ୭୫୬୦୦୧ / **ବନ୍ଧକଦାତା: ଶ୍ରୀ ଦିଲ୍ଲିପ କୁମାର ଦାଶ,** ପିତା: ଶ୍ରୀ ନିରଞ୍ଜନ ଦାଶ, ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ / **ଗ୍ୟାରେଣ୍ଟିଦାତା: ଶ୍ରୀ ନିରଞ୍ଜନ ଦାଶ,** ସା: ଦୁର୍ଗାପୁର, ପୋ: ନରସିଂହପୁର, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦ | **ଶ୍ରୀ ଦିଲ୍ଲିପ କୁମାର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୧୨୬/୧୬୩୯, ଖାତା ନଂ.: ୧୩୭, ଜମିର କ୍ଷେତ୍ର: ଏକର ୦.୧୮୦ ଡିସିମିଲି, ମୌଜା: ଦୁର୍ଗାପୁର, ପୋ: ନରସିଂହପୁର, ଥାନା/ତହସିଲ: ନୀଳଗିରି, ଜିଲ୍ଲା: ବାଲେଶ୍ୱର, ଓଡ଼ିଶା - ୭୫୬୦୨୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୨୩୪ ଏବଂ ୧୨୫୮, ଦକ୍ଷିଣ: ପ୍ଲଟ୍ ନଂ.: ୧୨୪୯ ଏବଂ ୧୨୫୦, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୧୨୪୧ ଏବଂ ୧୨୪୫ | ୩୦.୦୭.୨୦୨୬ ସୁଦ୍ଧା ଟ.୧୭,୮୯,୨୪୭.୫୧ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୯,୭୭,୦୦୦/-<br>ଟ.୯୭,୭୦୦/- |
| **କଟକ ଶାଖା, ଫୋନ.: ୯୦୪୩୪୫୦୦୨୨ /** **ଋଣଗ୍ରହୀତା: ମେସର୍ସ ସିଦ୍ଧି ଗଣେଷ ମେଟାଲ ଇଣ୍ଡଷ୍ଟ୍ରିଜ୍, ସ୍ୱତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ଷ୍ଟେସନ ବଜାର, ଜଗତ୍‌ପୁର, କଟକ-୭୫୪୦୨୧/**ଋଣଗ୍ରହୀତା ଏବଂ ସ୍ୱତ୍ୱାଧିକାରୀ: ଶ୍ରୀ ବ୍ରଜ କିଶୋର ଦାସ,** ପିତା: ବାବାଜୀ ଦାସ, ସା: ପାଇକସ୍ତା, ପୋ: ବୋରିଖି, ଜଗତ୍‌ସିଂହପୁର, ଓଡ଼ିଶା-୭୫୪୧୪୦ | **ଶ୍ରୀ ବ୍ରଜ କିଶୋର ଦାସଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୮୬୫, ଖାତା ନଂ.: ୭୬୯/୧୭୭, ପ୍ଲଟ୍‌ର କ୍ଷେତ୍ର: ଏକର ୦.୦୫୦ ଡିସିମିଲି ମୌଜା: ପାଇକସ୍ତା, ଥାନା: କୁଜଙ୍ଗ, ତହସିଲ: କୁଜଙ୍ଗ, ଜଗତ୍‌ସିଂହପୁର, ଓଡ଼ିଶା - ୭୫୪୧୪୦, ଏହାର ଚାରିପାର୍ଶ୍ୱରେ ଉତ୍ତର: ବିଷ୍ଣୁ ଓଝା, ଦକ୍ଷିଣ: ନିଜ ପ୍ଲଟ୍, ପୂର୍ବ: ରାସ୍ତା, ପଶ୍ଚିମ: ପିତାମ୍ବର ଖୁଣ୍ଟିଆ | ୦୮.୦୩.୨୦୧୬ ସୁଦ୍ଧା ଟ.୪୩,୮୪,୦୦୦/- ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩,୨୪,୦୦୦/-<br>ଟ.୩୨,୪୦୦/- |
| **ଦଶରଥପୁର ଶାଖା, ଫୋନ.: ୮୯୨୫୯୫୨୬୩୦ /** **ଋଣଗ୍ରହୀତା: ମେସର୍ସ ବାଦଶାହା ରେଷ୍ଟୁରାଣ୍ଟ, ସ୍ୱତ୍ୱାଧିକାରୀ: ଶ୍ରୀ ଧର୍ମରାଜ ଧିର,** ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ସା: ଓଡେଇ, ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ / **ବନ୍ଧକଦାତା: ଶ୍ରୀ ଧର୍ମରାଜ ଧିର,** ପିତା: ଶ୍ରୀ ବାବୁଲି ଧିର, ସା/ପୋ: ଦଶରଥପୁର, ଥାନା: ଦଶରଥପୁର, ଯାଜପୁର, ଓଡ଼ିଶା-୭୫୫୦୦୬ | **ଶ୍ରୀ ଧର୍ମରାଜ ଧିରଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର ପ୍ଲଟ୍ ନଂ.: ୧୭୮୩, ଖାତା ନଂ.: ୩୩୪, ପ୍ଲଟ୍‌ର କ୍ଷେତ୍ର: ଏକର ୦.୧୬୦୦ ଡିସିମିଲି ମୌଜା: ଓଡେଇ, ତହସିଲ: ଦଶରଥପୁର, ଥାନା: ମଙ୍ଗଳପୁର, ଜିଲ୍ଲା: ଯାଜପୁର, ଓଡ଼ିଶା-୭୫୫୦୦୬, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୧୭୮୫ (ରାସ୍ତା, ମାଲିକ- ସର୍ବସାଧାରଣ), ଦକ୍ଷିଣ: ପ୍ଲଟ୍ ନଂ.: ୧୭୮୨ (ଗୋପୀନାଥ ବାରିକ), ପୂର୍ବ: ପ୍ଲଟ୍ ନଂ.: ୧୭୮୪ (ପୂର୍ଣ୍ଣ ଚନ୍ଦ୍ର ସାହୁ), ପଶ୍ଚିମ: ପ୍ଲଟ୍ ନଂ.: ୧୭୭୨ (ରାମ ସାହୁ ଏବଂ ଅନ୍ୟମାନେ) | ୩୧.୦୭.୨୦୨୬ ସୁଦ୍ଧା ଟ.୧୪,୮୦,୬୭୮.୯୦ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୩୬,୨୪,୦୦୦/-<br>ଟ.୩,୬୨,୪୦୦/- |
| **ଧୁରୁକୁଡିଆ ଶାଖା, ଫୋନ.: ୮୯୨୫୯୫୧୧୨୪ /** **ଋଣଗ୍ରହୀତା: ମେସର୍ସ ସର୍ବେଶ୍ୱର ଡାଲ ମିଲ୍, ସ୍ୱତ୍ୱାଧିକାରୀ: ବିଜୟ କୁମାର ସ୍ୱାଇଁ,** ସା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଭାୟା: ଚଷାପଡା, କଟକ, ଓଡ଼ିଶା - ୭୫୪୦୨୭ / **ସ୍ୱତ୍ୱାଧିକାରୀ ଏବଂ ବନ୍ଧକଦାତା: ଶ୍ରୀ ବିଜୟ କୁମାର ସ୍ୱାଇଁ,** ପିତା: ସ୍ୱ ଉମାକାନ୍ତ ସ୍ୱାଇଁ, ସା: କଟକିଆସାହି, ପୋ: ବଳରାମପୁର, ଥାନା: ଆଠଗଡ, କଟକ, ଓଡ଼ିଶା - ୭୫୪୦୨୯ | ୧) **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ଥିବା ସମ୍ପତ୍ତିର ସମସ୍ତ ଅଂଶବିଶେଷ ଯାହାର କ୍ଷେତ୍ର: ଏକର ୦.୮୩ ଡିସିମିଲି, ପ୍ଲଟ୍ ନଂ.: ୧, ଅନୁରୂପ ହାଲ ବନ୍ଦୋବସ୍ତ ପ୍ଲଟ୍ ନଂ.: ୫, ଖାତା ନଂ.: ୧, ମୌଜା: ଶ୍ରୀରଙ୍ଗପୁର, ପୋ: ଧୁରୁସିଆ, ଥାନା: ଗୁରୁଡିଝାଟିଆ, ତହସିଲ: ଆଠଗଡ, ଜିଲ୍ଲା: କଟକ, ଏହାର ଚାରିପାର୍ଶ୍ୱରେ ଉତ୍ତର: ପ୍ଲଟ୍ ନଂ.: ୨, ଦକ୍ଷିଣ: ପ୍ଲଟ୍ ନଂ.: ପ୍ଲଟ୍ ନଂ.: ୧ର ଅଂଶ, ପୂର୍ବ: ରାସ୍ତା, ପଶ୍ଚିମ: ପ୍ଲଟ୍ ନଂ.: ୬୮୨ ୨) ସ୍ଥାପିତ ହୋଇଥିବା କଳକବ୍ଜା ଏବଂ ଯନ୍ତ୍ରପାତି ଯାହାର ପ୍ଲଟ୍ ନଂ.: ୦୫, ଖାତା ନଂ.: ୦୧, ମୌଜା: ଶ୍ରୀରଙ୍ଗପୁର, ଥାନା: ଗୁରୁଡିଝାଟିଆ, ପୋ: ଧୁରୁସିଆ, ଜିଲ୍ଲା: କଟକ, ଓଡ଼ିଶା - ୭୫୪୦୨୭ (କଳକବ୍ଜା ଏବଂ ଯନ୍ତ୍ରପାତିର ବିବରଣୀ: Fatka, worm, pocular machine with machine, pocular connect elemetre, stoner, dryer section, elemtre 5 nos, brofler, blower, Rola with motor (10 HP), Thukar Chala with motor, 4 chala with motor)। **ଶ୍ରୀ ବିଜୟ କୁମାର ସ୍ୱାଇଁଙ୍କ** ନାମରେ ରେକର୍ଡଭୁକ୍ତ କଳକବ୍ଜା ଓ ଯନ୍ତ୍ରପାତି ଯାହା ଆଇଓବି, ଧୁରୁକୁଡିଆ ଶାଖାକୁ ବନ୍ଧକ ଦିଆଯାଇଛି। | ୦୩.୦୬.୨୦୨୬ ସୁଦ୍ଧା ଟ.୬୧,୮୩,୦୧୯.୨୬ ଏବଂ ତତ୍‌ପରବର୍ତ୍ତୀ ସୁଧ ଓ ସେବାବଦ ଖର୍ଚ୍ଚ (ବିଯୁକ୍ତ ପରିଶୋଧ ରାଶି) | ଟ.୨୬,୯୦,୦୦୦/-<br>ଟ.୨,୬୯,୦୦୦/- |

**ସମ୍ପତ୍ତି ତନଖି ତାରିଖ ଏବଂ ସମୟ : ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଅନ୍‌ଲାଇନ ଅମାନତ ରାଶି ଦାଖଲ କରିବାର ଅନ୍ତିମ ତାରିଖ: ତା.୨୫.୦୮.୨୦୨୬ ରିଖ ଅପରାହ୍ନ ୬.୦୦ ଘଟିକା ସୁଦ୍ଧା**

**ଇ-ନିଲାମ ତାରିଖ ଓ ସମୟ: ୨୬.୦୮.୨୦୨୬ ପୂର୍ବାହ୍ନ ୧୧.୦୦ଘଟିକାରୁ ଅପରାହ୍ନ ୨.୦୦ ଘଟିକା** (୫ ମିନିଟ୍ ସ୍ୱତଃ ବର୍ଦ୍ଧିତ ସମୟ ସହିତ)

**ନିୟମ ଏବଂ ସର୍ତ୍ତାବଳୀ :**

୧) ସମ୍ପତ୍ତିଗୁଡ଼ିକ ବ୍ୟାଙ୍କ ଅନୁମୋଦିତ ସେବା ପ୍ରଦାନକାରୀ : **https://baanknet.com/eauction-psb/bidder-registration** ଙ୍କ ଦ୍ୱାରା ବ୍ୟାଙ୍କର କ୍ଷମତାପ୍ରାପ୍ତ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଇ-ନିଲାମ ମାଧ୍ୟମରେ ବିକ୍ରୟ କରାଯିବ। (୨) ଇଚ୍ଛୁକ ବିଡ୍‌ଧାରୀ/କ୍ରେତାଙ୍କୁ ଅନୁରୋଧ କରାଯାଉଛିକି ସେମାନେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration**ରେ ରେଜିଷ୍ଟର କରନ୍ତୁ ଏବଂ **KYC** କାଗଜପତ୍ର ଅପ୍‌ଲୋଡ କରନ୍ତୁ। (୩) ବିଡ୍‌ଗୁଡ଼ିକ ଧାର୍ଯ୍ୟ ଫର୍ମାଟରେ "ଅନ୍‌ଲାଇନ" ମାଧ୍ୟମରେ ପୋର୍ଟାଲ **https://baanknet.com/eauction-psb/bidder-registration** ମାଧ୍ୟମରେ ଅମାନତ ରାଶି ଦାଖଲର ପ୍ରାମାଣ ଏବଂ ସ୍ୱହସ୍ତଖତ ଥିବା **KYC** କାଗଜପତ୍ରର ନକଲ ଯଥା: ଫଟୋ, ପାନ୍‌କାର୍ଡ/ଆଧାରକାର୍ଡ ଏବଂ ଠିକଣା ପ୍ରମାଣପତ୍ର ଇତ୍ୟାଦି ସହିତ ଉପର ବର୍ଣ୍ଣିତ ବିଡ୍ ଦାଖଲର ତାରିଖ ସୁଦ୍ଧା ଦାଖଲ କରିବେ। (୪) ଅମାନତ ରାଶି ଏବଂ ଅନ୍ୟାନ୍ୟ ଜମାଗୁଡ଼ିକ **UPI / Net Banking / NEFT / RTGS PSB Alliance (baanknet.com)** ର ୱାଲେଟ୍ ମାଧ୍ୟମରେ ଇ-ନିଲାମ ସାଇଟ୍ **https://baanknet.com/eauction-psb/bidder-registration** ମାଧ୍ୟମରେ ପୈଠ କରାଯିବ ଏବଂ ଅମାନତ ରାଶି ଉପରେ କୌଣସି ସୁଧ ପ୍ରଦାନ କରାଯିବ ନାହିଁ। ସଫଳ ନିଲାମଧାରୀ ଦାଖଲ କରିଥିବା ଅମାନତ ରାଶିକୁ ବିକ୍ରୟ ମୂଲ୍ୟରେ ଭରଣା କରାଯିବ। ନିଲାମଧାରୀମାନଙ୍କ ଦ୍ୱାରା ଅମାନତ ରାଶି **PSB Alliance (baanknet.com)** ଦ୍ୱାରା ପ୍ରଦତ୍ତ ନିଜର ୱାଲେଟ୍ ମାଧ୍ୟମରେ ଜମା କରାଯିବ ଯାହାକି ଇ-ନିଲାମ ୱେବ୍‌ସାଇଟ୍: **https://baanknet.com/eauction-psb/bidder-registration** ଦ୍ୱାରା **UPI / Net Banking / NEFT / RTGS** ମାଧ୍ୟମରେ ଦାଖଲ କରାଯିବ। (୫) ଅମାନତ ରାଶି ବିନା ପ୍ରସ୍ତାବଗୁଡ଼ିକ ବାତିଲ କରାଯିବ। (୬) ଅନ୍‌ଲାଇନ୍ ନିଲାମ ବିକ୍ରୟ ସ୍ୱୟଂଚାଳିତ ଭାବରେ ଏବଂ ଉପରୋକ୍ତ ସମୟରେ ଆରମ୍ଭ ହେବ। ନିଲାମ/ବିକ୍ରୟର ସ୍ୱତଃ ବର୍ଦ୍ଧିତ ସମୟ ଶେଷ ୫ ମିନିଟ୍ ସହିତ ପ୍ରାରମ୍ଭିକ ଭାବେ ୧୮୦ ମିନିଟ୍ ସମୟ ଅବଧି ପାଇଁ ଆରମ୍ଭ ହେବ। (୭) ଉପର ଦର୍ଶିତ ପ୍ରତ୍ୟେକ ସମ୍ପତ୍ତି ନିମନ୍ତେ ପ୍ରତି ବିଡ୍ ବୃଦ୍ଧି ରାଶି: **ଟ.୨୦,୦୦୦/-,** ଇ-ନିଲାମ ବନ୍ଦ ହେବାର ପୂର୍ବ ୫ ମିନିଟ୍ ମଧ୍ୟରେ ପ୍ରସ୍ତାବ ପ୍ରଦାନ କରାଗଲେ ଇ-ନିଲାମ ବନ୍ଦ ସମୟ ସ୍ୱତଃ ୫ ମିନିଟ୍ ବୃଦ୍ଧି ପାଇବ। (୮) ସଫଳ ନିଲାମଧାରୀଙ୍କୁ ସମ୍ପତ୍ତି ବିକ୍ରୟ କରାଯିବ। କ୍ଷମତାପ୍ରାପ୍ତ ଅଧିକାରୀଙ୍କଦ୍ୱାରା ସଫଳ ନିଲାମଧାରୀ (କ୍ରେତା) ଘୋଷଣା ହେବା ପରେ ସେ ସଙ୍ଗେ ସଙ୍ଗେ ବିକ୍ରୟ ମୂଲ୍ୟର **୨୫%** (ଅମାନତ ରାଶି ଜମାକୁ ମିଶାଇ) ଦାଖଲ କରିବେ ଏବଂ ତାହା ପରବର୍ତ୍ତୀ କାର୍ଯ୍ୟ ଦିବସ ପରେ କିନ୍ତୁ ନୁହେଁ। ବିକ୍ରୟ ମୂଲ୍ୟର ଅବଶିଷ୍ଟ ଅର୍ଥ ରାଶି ନିଲାମ ବିକ୍ରୟ ଚୂଡ଼ାନ୍ତ ହେବାର ୧୫ ଦିନ ମଧ୍ୟରେ ପ୍ରଦାନ କରିବାକୁ ହେବ। ଧାର୍ଯ୍ୟ ସମୟ ସୀମା ମଧ୍ୟରେ ସମସ୍ତ ବିକ୍ରୟ ମୂଲ୍ୟ ପୈଠ ନକଲେ ବିକ୍ରୟ ମୂଲ୍ୟର **୨୫%** ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବାଜ୍ୟାପ୍ତି କରାଯିବ ଏବଂ କ୍ରେତାଙ୍କ ସମ୍ପତ୍ତି ଉପରେ ସମସ୍ତ ଦାବୀ ବାଜ୍ୟାପ୍ତି କରାଯିବା ସହିତ ସମ୍ପତ୍ତି ପୁନଃ ବିକ୍ରୟ କରାଯିବ। (୯) ସମସ୍ତ ବିକ୍ରୟ ମୂଲ୍ୟ ଏବଂ ଅନ୍ୟାନ୍ୟ ଟିକସ / ଦେୟ ଯଦି ଥାଏ ତାହା ପ୍ରଦାନ କରିସାରିବା ପରେ କ୍ରେତାଙ୍କ ନାମରେ ବିକ୍ରୟ ସାର୍ଟିଫିକେଟ୍ ପ୍ରଦାନ କରାଯିବ। (୧୦) କ୍ରେତା ଜମି ହସ୍ତାନ୍ତରିତ ଫି ଯଥା- ରେଜିଷ୍ଟ୍ରେସନ୍ ଫିସ୍, ଷ୍ଟାମ୍ପ ଡ୍ୟୁଟି, ଆଇନଗତ ଖର୍ଚ୍ଚ ଇତ୍ୟାଦି ଯାହା ଆଇନ ଅନୁସାରେ ପ୍ରଯୁଜ୍ୟ ତାହା ବହନ କରିବେ। (୧୧) କ୍ଷମତାପ୍ରାପ୍ତ ଅଧିକାରୀ/ବ୍ୟାଙ୍କ କୌଣସି କାରଣ ନଦର୍ଶାଇ ଯେକୌଣସି ପ୍ରସ୍ତାବକୁ ଗ୍ରହଣ/ବାତିଲ କିମ୍ବା ବିକ୍ରୟକୁ ସ୍ଥଗିତ/ବାତିଲ କରିବାର ଅଖଣ୍ଡ କ୍ଷମତା ରହିଛି। (୧୨) ସମ୍ପତ୍ତିଗୁଡ଼ିକ **"ଯେଉଁଠାରେ ଯେପରିଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ କରାଯିବ। ବ୍ୟାଙ୍କ ସମସ୍ତ ଜ୍ଞାତ ଏନ୍‌କମ୍ବ୍ରାନ୍ସ, ବୈଧାନିକ ଦେୟ ଯଦି କିଛି ଥାଏ ତାହା ପ୍ରକାଶ କରିଛି ଏବଂ ଏହା କ୍ରେତାଙ୍କର ସମ୍ପୂର୍ଣ୍ଣ ଦାୟିତ୍ୱ କି ସେ ନିଲାମରେ ଅଂଶଗ୍ରହଣ କରିବା ପୂର୍ବରୁ ନିଜ ଖର୍ଚ୍ଚରେ ନିଜେ ସମ୍ପତ୍ତିର ସ୍ୱତନ୍ତ୍ର ଅନୁସନ୍ଧାନ କରିବା ଉଚିତ୍। (୧୩) ଉପରଦର୍ଶିତ ବୈଧାନିକ ଦେୟ ଠାରୁ ବ୍ୟାଙ୍କର ଦେୟକୁ ଅଗ୍ରାଧିକାର ଦିଆଯିବ। ଏହା ବ୍ୟତୀତ ଯଦି କିଛି ବୈଧାନିକ ଦେୟ ଥାଏ ତାହାକୁ କ୍ରେତା ବହନ କରିବେ ଏବଂ ବ୍ୟାଙ୍କର ଏ ବିଷୟରେ କୌଣସି ଦାୟିତ୍ୱ ରହିବ ନାହିଁ। (୧୪) ସୁରକ୍ଷିତ ଋଣଦାତାଙ୍କ ଦ୍ୱାରା ବିକ୍ରୟ ଚୂଡ଼ାନ୍ତ ହେବ। (୧୫) ସମ୍ପତ୍ତିଗୁଡ଼ିକର ଇ-ନିଲାମ ସମାପ୍ତ ପରେ ଅସଫଳ ନିଲାମଧାରୀମାନଙ୍କୁ ସେମାନଙ୍କର ଅମାନତ ରାଶି ବିଡ୍ ଫର୍ମରେ ସେମାନେ ଦର୍ଶାଇଥିବା ସେମାନଙ୍କର ଆକାଉଣ୍ଟ ନମ୍ବରକୁ **EFT/NEFT/RTGS** ମାଧ୍ୟମରେ ଫେରସ୍ତ କରାଯିବ ଏବଂ ସେମାନଙ୍କୁ ଇ-ମେଲ୍ ଆଇଡି ମାଧ୍ୟମରେ ଜଣାଇ ଦିଆଯିବ। (୧୬) ଇ- ନିଲାମ ବିଜ୍ଞାପନଟି ବ୍ୟାଙ୍କ ପକ୍ଷରୁ କୌଣସି ପ୍ରତିନିଧିତ୍ୱ କିମ୍ବା କୌଣସି ପ୍ରତିଶ୍ରୁତି ବହନ କରୁଛି ବୋଲି ବିଚାର କରାଯିବ ନାହିଁ। କ୍ଷମତାପ୍ରାପ୍ତ ଅଧିକାରୀ / ସୁରକ୍ଷିତ ଋଣଦାତା କୌଣସି ତୃତୀୟ ପକ୍ଷର ଦାବୀ / ଅଧିକାର / ଦେୟ ନିମନ୍ତେ ଦାୟୀ ରହିବେ ନାହିଁ। (୧୭) ଆୟକର ଆଇନ ୧୯୬୧ର ଧାରା ୧୯୪ ଆଇ-ଏ ଅନୁସାରେ ସଂରକ୍ଷିତ ମୂଲ୍ୟର ୧% ଆୟକର କାଟି ଦିଆଯିବ ଏବଂ ତାହା କ୍ରେତାଙ୍କ ପ୍ୟାନ୍ ନମ୍ବରରେ ଜମା କରାଯିବ। ଯେହେତୁ ସଂରକ୍ଷିତ ମୂଲ୍ୟ ଉପରେ ଟ୍ୟାକ୍ସ ହିସାବ କରାଯାଇଛି, ତେଣୁ ନିଲାମଧାରୀ ବିଡ୍‌ର ଗୁଣକ ହିସାବରେ ୧% ଆୟକର ପରିମାଣ ବହନ କରିବେ ଏବଂ ଏଥି ନିମନ୍ତେ ବ୍ୟାଙ୍କ କୌଣସି ଦାୟିତ୍ୱ ନେବନାହିଁ। ପଚାଶ ଲକ୍ଷରୁ ଅଧିକ ମୂଲ୍ୟର ସ୍ଥାବର ସମ୍ପତ୍ତି ହସ୍ତାନ୍ତର କ୍ଷେତ୍ରରେ ବିକ୍ରୟ ମୂଲ୍ୟର ୧% ଆୟକର ଟ୍ରାନ୍ସଫରି (ହସ୍ତାନ୍ତରିତ ବ୍ୟକ୍ତି) ବହନ କରିବେ। (୧୮) **ଇ-ନିଲାମ / ସମ୍ପତ୍ତି ଯାଞ୍ଚ ଓ ସବିଶେଷ ବିବରଣୀ ପାଇଁ ଇଚ୍ଛୁକ ନିଲାମଧାରୀମାନେ ଯୋଗାଯୋଗ କରନ୍ତୁ: ସଂପୃକ୍ତ ଶାଖା ପ୍ରବନ୍ଧକ କିମ୍ବା Authorized Officer, Indian Overseas Bank, Regional Office, Bhubaneswar, Phone No.: 0674-2540032, E-mail: bhubaneswar-samd@iob.bank.in or visit website: https://baanknet.com/eauction-psb/bidder-registration.** (୧୯) **ଏହି ପ୍ରକାଶନଟି ସିକ୍ୟୁରିଟି ଇଣ୍ଟରେଷ୍ଟ (ଏନ୍‌ଫୋର୍ସମେଣ୍ଟ) ରୁଲ୍ସ ୨୦୦୨ର ୯(୧) ଅନୁଯାୟୀ ଉପରୋକ୍ତ ଋଣଗ୍ରହୀତା/ଗ୍ୟାରେଣ୍ଟିଦାତାମାନଙ୍କ ନିମନ୍ତେ ଏହା ୧୫ ଦିନିଆ ନୋଟିସ୍ ଅଟେ ।** (୨୦) ଉପର ଦର୍ଶିତ ସମ୍ପତ୍ତିଗୁଡ଼ିକ ବ୍ୟାଙ୍କର ସାଙ୍କେତିକ / ଗଠନାତ୍ମକ ଦଖଲରେ ଅଛି ଏବଂ ସମ୍ପତ୍ତି **"ଯେଉଁଠାରେ ଯେପରି ଅଛି"** ଏବଂ **"ଯାହା ଯେପରି ଅଛି"** ଭିତ୍ତିରେ ବିକ୍ରୟ ନିମନ୍ତେ ଦିଆଯାଇଛି। କେବଳ ସମ୍ପତ୍ତିର ହସ୍ତାନ୍ତର ଏବଂ ସୁରକ୍ଷିତ ସମ୍ପତ୍ତିର ଭୌତିକ ଦଖଲର ହସ୍ତାନ୍ତର ଏବଂ ନିଲାମଧାରୀଙ୍କ ପାଇଁ ସମ୍ପତ୍ତି, ବ୍ୟାଙ୍କ ଦ୍ୱାରା କେବଳ ଆଇନ ଅନୁଯାୟୀ ଭୌତିକ ଦଖଲ ପାଇବା ପରେ ଏବଂ ସେହି ତାରିଖ କିମ୍ବା ବିଳମ୍ବରେ କର୍ତ୍ତୃପକ୍ଷ / କୋର୍ଟ / ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ ଅନୁଯାୟୀ ପ୍ରଦାନ କରାଯିବ। ସଫଳ ନିଲାମଧାରୀମାନଙ୍କୁ ସେହି ତାରିଖ ସୁଦ୍ଧା ସେମାନଙ୍କର ଅମାନତ ରାଶି / ଚୂଡ଼ାନ୍ତ ବିଡ୍ ରାଶି ଉପରେ କୌଣସି ସୁଧ/ ଦାବୀ / କ୍ଷତିପୂରଣ ଦିଆଯିବ ନାହିଁ। (୨୧) ଯଦି ଉପରୋକ୍ତ ଇ-ନିଲାମ ବିକ୍ରୟକୁ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଇତ୍ୟାଦି ପୂର୍ବରୁ ଅନୁମୋଦନ କରାଯାଏ ତେବେ ବିକ୍ରୟ /ନିଲାମର ଚୂଡାନ୍ତ କେବଳ ଉପରୋକ୍ତ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ଏବଂ କୋର୍ଟ/ଫୋରମ/ଟ୍ରିବ୍ୟୁନାଲ ଦ୍ୱାରା ଚୂଡାନ୍ତ ସମାଧାନ ପର୍ଯ୍ୟନ୍ତ, ନିଲାମଧାରୀମାନଙ୍କୁ ଅମାନତ ରାଶି/ଚୂଡାନ୍ତ ବିଡ୍ ରାଶି ଉପରେ ବ୍ୟାଙ୍କ କୌଣସି ପ୍ରକାରର ସୁଧ/ଦାବୀ/କ୍ଷତିପୁରଣ ଇତ୍ୟାଦି ପ୍ରଦାନ କରିବ ନାହିଁ।

ସ୍ଥାନ : ଭୁବନେଶ୍ୱର
ତାରିଖ: ୦୪.୦୮.୨୦୨୬

କ୍ଷମତାପ୍ରାପ୍ତ ଅଧିକାରୀ
ଇଣ୍ଡିଆନ୍ ଓଭରସିଜ୍ ବ୍ୟାଙ୍କ





# ରାସ୍ତାକଡ଼ର ଆକର୍ଷଣ: ପୁରୁଣା ଟାୟାର କଳାକୃତି

ଭୁବନେଶ୍ୱର, ୪।୮ (ସମିସ): କେଉଁ ଛକରେ ବାଜା ଧରିଥିବା ବିଶାଳ ଭାଲୁର ମଡେଲ ତ କେଉଁ ଛକରେ ଚିଲ ଏବଂ ମାଙ୍କଡ ତ ଆଉ କେଉଁଠି ଶଣ୍ଢର ମଡେଲ ଲଗାଯାଇଛି। ଯାହା ସେହି ବାଟ ଦେଇ ଯାତାୟତ କରୁଥିବା ଲୋକଙ୍କୁ ବେଶ୍ ଆକର୍ଷିତ କରୁଛି। କେବଳ ସେତିକି ନୁହଁ ବରଂ ସେଲ୍‌ଫି ନେବାକୁ ମଧ୍ୟ ଘଡିଏ ଅଟକି ଯାଉଛନ୍ତି। ସବୁଠୁ ବଡ କଥା ହେଲା ଏହିସବୁ ମଡେଲ ଅନାବଶ୍ୟକ ତଥା ଖରାପ ଟାୟାରରୁ ତିଆରି ହୋଇଥିବା ଜଣାପଡ଼ିଛି।



## ପଶୁପକ୍ଷୀଙ୍କ ମଡେଲ ସହ ସେଲ୍‌ଫି ନେବାକୁ ଭିଡ଼

ନିକଟ କିଛି ମାସ ତଳେ ରାଜଧାନୀର ପ୍ରମୁଖ ସ୍ଥାନ ତଥା ବରମୁଣ୍ଡା ବସଷ୍ଟାରୁ ଖଣ୍ଡଗିରି ଆଡେ ଗଲେ ଦେଖିବାକୁ ମିଳୁଛି ଏହିସବୁ ଆକର୍ଷଣୀୟ ମଡେଲ। ଯାହା ଏବେ ଲୋକଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ବିଏମ୍‌ସି ଦ୍ୱାରା କିଛି ପ୍ରମୁଖ ସ୍ଥାନ ଗୁଡିକରେ ଆକର୍ଷିତ କଳାଭଳି ଉପକରଣ ଲଗାଯାଇଛି। ହେଲେ ସେସବୁ ଉପକରଣ କେଉଁଥିରୁ ତିଆରି ହୋଇଛି ଏବଂ କିଏ ତିଆରି କରିଛି ହୁଏତ କିଏ ଜାଣିଥିବେ। ଏହି ମଡେଲଗୁଡିକ ଅଦରକାରୀ ତଥା ପୁରୁଣା ଟାୟାରରେ ହିଁ ନିର୍ମିତ ହୋଇଛି। ଯାହା ଶୁଣିଲେ ଟିକେ ଆଶ୍ଚର୍ଯ୍ୟ ଲାଗୁଥାଇପାରେ ହେଲେ ଏପରି ନିଆରା ପ୍ରୟାସ କରିଛନ୍ତି ପ୍ରିୟ ରଞ୍ଜନ ବରାଳ। ଏହା ତାଙ୍କ ପାଇଁ କୌଣସି ନୂଆ ନୁହଁ କାରଣ ଦୀର୍ଘ ବର୍ଷ ହେବ ସେ ଏଭଳି କଳାକୃତି କରୁଛନ୍ତି। ଯାହାର ଉଦାହରଣ ରାଜଧାନୀର ବରମୁଣ୍ଡାରେ ଲାଗିଥିବା ଭାଲୁ, ଚିଲ ଏବଂ ମାଙ୍କଡ ମଡେଲ, ମଧୁସୁଦନ ପାର୍କ ପରିସରରେ ଏହିଭଳି ଦୁଇଟି ମଡେଲ ଏବଂ ଜନପଥସ୍ଥିତ ଏକ ସ୍କୁଲ ନିକଟରେ ପୁସ୍ତକ ପଢୁଥିବା ଏକ ପିଲାର ମଡେଲ ସେ ତିଆରି କରିଛନ୍ତି। ଏହି ସମସ୍ତ ମଡେଲକୁ ସେ ଟାୟାରରେ ହିଁ ତିଆରି କରିଛନ୍ତି। ପ୍ରତି ମଡେଲ ପିଛା ତାଙ୍କୁ ୧୫ ଦିନ ସମୟ ଲାଗିଥିବାବେଳେ ମୋଟ ୬ଟି ମଡେଲ ସେ ତିଆରି କରିଛନ୍ତି। ଏହିସବୁ ମଡେଲ ତିଆରି ପାଇଁ ପାଖାପାଖି ୮ ଟ୍ରିପ ଟାୟାର ବ୍ୟବହାର ହୋଇଛି। ଯାହା ବିଏମସି ପକ୍ଷରୁ ସଂଗ୍ରହକରି ତାଙ୍କୁ ପ୍ରଦାନ କରାଯାଇଥିଲା। ଏହିସବୁ ମଡେଲ ସେ ତମାଣ୍ଡୋ ସ୍ଥିତ ତାଙ୍କ ୱାର୍କସପରେ ତିଆରି କରିଥାନ୍ତି। ସଂଗ୍ରହ କରିବା ପରେ, ଆଇରନ ଫ୍ରେମକରି



ସେଥିରେ ଟାୟାରର କଟ୍‌ପିସକୁ ନଟ୍ ସାହାଯ୍ୟରେ ଏହାକୁ ପ୍ରସ୍ତୁତ କରାଯାଇଥିବା ସେ କହିଛନ୍ତି। ଏହା ବ୍ୟତୀତ ସେ ବିଭିନ୍ନ ଜିଲ୍ଲାକୁ ମଧ୍ୟ ତାଙ୍କ ତିଆରି ମଡେଲ ଅର୍ଡର ମୁତାବିକ ପଠାଇଥାନ୍ତି। ଯାହା ବିଭିନ୍ନ ପାର୍କରେ ସୌନ୍ଦର୍ଯ୍ୟୀକରଣ କାମରେ ବ୍ୟବହାର ହୋଇଥାଏ।

# ପୁଣ୍ୟତିଥିରେ ନନ୍ଦିନୀଙ୍କୁ ବିଜେଡିର ଶ୍ରଦ୍ଧାଞ୍ଜଳି




ଭୁବନେଶ୍ୱର, ୪।୮ (ସମିସ): ପ୍ରଶାସନିକ ଏବଂ ସାଂଗଠନିକ କ୍ଷେତ୍ରରେ ଅନେକ ଐତିହାସିକ ସଂସ୍କାର ଆଣିଥିଲେ ପୂର୍ବତନ ମୁଖ୍ୟମନ୍ତ୍ରୀ ନନ୍ଦିନୀ ଶତପଥୀ। ସେ ଥିଲେ ଓଡ଼ିଶାର ପ୍ରଥମ ଓ ଏକମାତ୍ର ମହିଳା ମୁଖ୍ୟମନ୍ତ୍ରୀ। ସେ ଏକ ସଂଘର୍ଷପୂର୍ଣ୍ଣ ରାଜନୀତିକ ଜୀବନ ଅତିବାହିତ କରି ମଧ୍ୟ ସେ ଜଣେ ଉଚ୍ଚମାନର ସାହିତ୍ୟିକ ଓ ସାରସ୍ୱତ ସାଧିକା ଭାବେ ନିଜକୁ ଜନସାଧାରଣଙ୍କ ମଧ୍ୟରେ ବେଶ ପ୍ରତିଷ୍ଠିତ କରାଇ ପାରିଥିଲେ ବୋଲି ମଙ୍ଗଳବାର ତାଙ୍କର ପୁଣ୍ୟତିଥିରେ ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ରାଜଭବନ ଛକଠାରେ ଅବସ୍ଥିତ ତାଙ୍କ ପୂର୍ଣ୍ଣାବୟବ ପ୍ରତିମୂର୍ତ୍ତି ସ୍ଥଳରେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟ ଦ୍ୱାରା ତାଙ୍କର ପୁଣ୍ୟତିଥି ପାଳନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ ବିଜେଡି ସାଂସ୍କୃତିକ ସମନ୍ୱୟ ସାମ୍ମୁଖ୍ୟର ରାଜ୍ୟ ସଂଯୋଜକ ପ୍ରବୀର ମହାନ୍ତି। ଅନ୍ୟମାନଙ୍କ ମଧ୍ୟରେ ପୃଥିରାଜ କିଶୋର ପ୍ରତାପ ସିଂ, ପଣ୍ଡିତ ଗିରିଜା ଶଙ୍କର ମହାପାତ୍ର, ଅଶୋକ ମହାନ୍ତି, ପ୍ରାଧ୍ୟାପକ ରମେଶ ଚନ୍ଦ୍ର ପାତାଳ ସିଂ, ସୁରଜିତ ପରିଡ଼ା, ମିହିର କୁମାର ରଥ ଶର୍ମା, ସଂଯୁକ୍ତା ପାଣିଗ୍ରାହୀ, ଅମିତ୍ ପାତାଳ ସିଂ ପ୍ରମୁଖ ଯୋଗଦେଇ ଜନନେତ୍ରୀଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ।

# ଅଢ଼େଇ ବର୍ଷ ହେଲା ଗଠନ ହୋଇପାରୁନି ପଛୁଆବର୍ଗ କମିସନ

## ମୁଖ୍ୟ ସଚିବଙ୍କୁ ଭେଟିଲା ଓବିସି ଫୋରମ୍

ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟରେ ପଛୁଆବର୍ଗ କମିଶନ ପୁନଃ ଗଠନ, ପଛୁଆବର୍ଗଙ୍କୁ ଶିକ୍ଷା, ନିଯୁକ୍ତିରେ ୨୭ ପ୍ରତିଶତ ସଂରକ୍ଷଣ ଓ ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ଓ ମ୍ୟୁନିସିପାଲ ନିର୍ବାଚନରେ ଓବିସିଙ୍କୁ ୨୭ ପ୍ରତିଶତ ସଂରକ୍ଷଣ ଦାବି କରି ଓବିସି ଫୋରମ ରାଜ୍ୟ କମିଟି ପକ୍ଷରୁ ମଙ୍ଗଳବାର ମୁଖ୍ୟଶାସନ ସଚିବଙ୍କ ଜରିଆରେ ରାଜ୍ୟ ସରକାରଙ୍କୁ ଏକ ସ୍ମାରକ ପତ୍ର ପ୍ରଦାନ କରାଯାଇଛି। ଫୋରମର ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଓ ସମ୍ପାଦକ ନାରାୟଣ ଡ଼ାଲୁଆ ମୁଖ୍ୟ ସଚିବ ଅନୁ ଗର୍ଗଙ୍କୁ ଲୋକସେବା ଭବନ କାର୍ଯ୍ୟାଳୟରେ ଭେଟି ଏହି ସ୍ମାରକପତ୍ର ଦେବା ସହ ଆଲୋଚନା କରିଛନ୍ତି। ରାଜ୍ୟରେ ୧୯ ୯୩ ମସିହାରେ ପ୍ରଥମ ପଛୁଆ ବର୍ଗ କମିଶନ ଗଠନ ହୋଇଥିଲା। ଗତ ପଛୁଆବର୍ଗ କମିଶନଙ୍କ କାର୍ଯ୍ୟକାଳ ଆଜିକୁ ଅଢେଇ ବର୍ଷ ହେଲାଣି ସରିଲାଣି। ହେଲେ ଏଯାଏଁ ରାଜ୍ୟରେ ପଛୁଆବର୍ଗ କମିଶନ ଗଠନ ହୋଇନାହିଁ। ପଛୁଆବର୍ଗ କମିଶନ ଗଠନ ନେଇ ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଏପ୍ରିଲ ମାସରୁ ଦାଏର ହୋଇଥିବା ସତ୍ତ୍ୱେ ସରକାର ନିଦାବିଷ୍ଟୁ ସାଜିଛନ୍ତି। ତାରିଖ ପରେ ତାରିଖ ଗଡ଼ିଚାଲିଛି, ଫଳରେ ରାଜ୍ୟର ୫୨ଭାଗ ପଛୁଆ ବର୍ଗ ଲୋକେ ସେମାନଙ୍କ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି। ତେଣୁ ସରକାର ତୁରନ୍ତ ରାଜ୍ୟରେ ପଛୁଆବର୍ଗ କମିଶନ ପୁନଃ ଗଠନ କରିବାକୁ ଓବିସି ଫୋରମ ପକ୍ଷରୁ ମୁଖ୍ୟ ସଚିବଙ୍କ ପାଖରେ ଦାବି କରାଯାଇଛି। ସେହିଭଳି ରାଜ୍ୟରେ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ପଛୁଆ ବର୍ଗଙ୍କୁ ମାତ୍ର ୧୧.୨୫ ପ୍ରତିଶତ ସଂରକ୍ଷଣ ଦିଆଯାଉଛି। କିନ୍ତୁ କେନ୍ଦ୍ର ସରକାର ଓବିସିମାନଙ୍କୁ ଶିକ୍ଷା ଓ ନିଯୁକ୍ତି କ୍ଷେତ୍ରରେ ୨୭ ପ୍ରତିଶତ ସଂରକ୍ଷଣ ଦେଉଛନ୍ତି। ମୁଖ୍ୟ ସଚିବ ସ୍ମାରକପତ୍ର ଗ୍ରହଣ କରି ଏ ଦିଗରେ ଆଇନ୍ ଅନୁଯାୟୀ ପଦକ୍ଷେପ ନେବେ ବୋଲି ପ୍ରତିନିଧିମାନଙ୍କୁ ପ୍ରତିଶ୍ରୁତି ଦେଇଛନ୍ତି।

# ସ୍ୱଭାବ କବିଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ସ୍ମୃତିସଭା

● କବି ପରିବାରର ଐତିହ୍ୟ ଓ ସଂସ୍କୃତିର ସୁରକ୍ଷା ପ୍ରେମଶୀଳାଙ୍କ ଶ୍ରେଷ୍ଠ ଅବଦାନ



ଭୁବନେଶ୍ୱର, ୪।୮ (ସମିସ): ସ୍ୱଭାବ କବିଙ୍କ ପୌତ୍ରବଧୂ ପ୍ରେମଶୀଳା ମେହେରଙ୍କ ଏକାଦଶାହ ଅବସରରେ ଗଜପତି ନଗର ପ୍ରେସ୍ ଛକସ୍ଥିତ ମା' ଦକ୍ଷିଣ କାଳୀ ମନ୍ଦିର ପରିସରରେ ମଙ୍ଗଳବାର ସ୍ମୃତିସଭା ଅନୁଷ୍ଠିତ ହୋଇଯାଇଛି। ଡ. ସୁଶୀଲ କୁମାର ବାଗଙ୍କ ସଂଯୋଜନରେ ଅନୁଷ୍ଠିତ ସ୍ମୃତିସଭାରେ ପ୍ରଫେସର ଆଦିକନ୍ଦ ସାହୁ, ବରପାଲି କଲେଜର ଅବସରପ୍ରାପ୍ତ ଅଧ୍ୟକ୍ଷ ବିନୋଦାନନ୍ଦ ସାହୁ, ପୂର୍ବତନ ପ୍ରଶାସକ ଗଙ୍ଗାଧର ମହାନନ୍ଦ, ବାଦ୍ୟଶିଳ୍ପୀ ସୁରେନ୍ଦ୍ର ମେହେର ପ୍ରମୁଖ ସ୍ୱର୍ଗତା ମେହେରଙ୍କ ଜୀବନ ଓ ବ୍ୟକ୍ତିତ୍ୱର ମହନୀୟ ଦିଗ ଉପରେ ଆଲୋକପାତ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହି ଅବସରରେ 'ସ୍ୱୟଂସିଦ୍ଧା ଫାଉଣ୍ଡେସନ୍' ପକ୍ଷରୁ ପ୍ରକାଶିତ ସ୍ମରଣିକା 'ତପସ୍ୱିନୀ ପ୍ରେମଶୀଳା'କୁ ଅତିଥି ଓ କବି ପରିବାରର ସଦସ୍ୟମାନେ ଉନ୍ମୋଚନ କରିଥିଲେ। ଶେଷରେ କବିଙ୍କ ପ୍ରପୌତ୍ର ମହେନ୍ଦ୍ର କୁମାର ମେହେର ଧନ୍ୟବାଦ ଅର୍ପଣ କରିଥିଲେ। ଏହି ସ୍ମୃତିସଭାରେ ଅନ୍ୟମାନଙ୍କ ମଧ୍ୟରେ କବିଙ୍କ ପ୍ରପୌତ୍ର ତଥା ସ୍ୱର୍ଗତା ମେହେରଙ୍କ ସୁପୁତ୍ର ପ୍ରଫେସର ମଣୀନ୍ଦ୍ର କୁମାର ମେହେର, ଗାଳ୍ପିକା ଜୟନ୍ତୀ ରଥ, ଗାଳ୍ପିକ ଅରବିନ୍ଦ ରାୟ, ସ୍ତମ୍ଭକାର ପ୍ରୀତିଶ ଆଚାର୍ଯ୍ୟଙ୍କ ସମେତ ବହୁ ସାହିତ୍ୟିକ, ଗବେଷକ, ଛାତ୍ରଛାତ୍ରୀ ଉପସ୍ଥିତ ରହିଥିଲେ।

# ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ପକ୍ଷରୁ ପୁସ୍ତକ ଲୋକାର୍ପିତ

ଭୁବନେଶ୍ୱର, ୪।୮ (ସମିସ): ଲେଖକର ବକ୍ତବ୍ୟ ତା ଲେଖାରେ ପ୍ରତିଫଳିତ ହୋଇଥାଏ। ପ୍ରତି ଲେଖା ଭିନ୍ନ ଭିନ୍ନ ଭାବରେ ପାଠକଙ୍କ ଦ୍ୱାରା ବିଚାର କରାଯାଏ ବୋଲି ଅତିଥିମାନେ ମତ ଦେଇଛନ୍ତି। ମଙ୍ଗଳବାର ସନ୍ଧ୍ୟାରେ ଗୀତଗୋବିନ୍ଦ ସଦନରେ ଭୁବନେଶ୍ୱର ସାହିତ୍ୟ ସମାଜ ଟ୍ରଷ୍ଟ ଆନୁକୂଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାହିତ୍ୟିକ ନନ୍ଦ କିଶୋର ସିଂହଙ୍କ ଲିଖିତ 'ଓଡ଼ିଆ ମୁଁ ଓଡ଼ିଆ' ଓ ଡ଼. ଅଶୋକ କୁମାର ସିଂହଙ୍କ ଲିଖିତ 'ଦି ଗ୍ରାମାର ଅଫ୍ ଡିକେ' ଲୋକାର୍ପିତ ହୋଇଛି। କାର୍ଯ୍ୟକ୍ରମରେ ପ୍ର. ଯତୀନ ନାୟକ ଅତିଥି ଭାବରେ ଯୋଗଦେଇ ଡିକେ ବା କ୍ଷୟ ମଧ୍ୟ ଆମ ଜୀବନର ଅଂଶ ଓ ଏହା ଚେତନାକୁ ଅଧିକ ରସାଣିତ କରିବାରେ ସାହାଯ୍ୟ କରିଥାଏ ବୋଲି ଉଲ୍ଲେଖ କରିଥିଲେ। ଅତିଥି ଡ଼. ନନ୍ଦ କିଶୋର ବିଶ୍ୱାଳ, ଶଙ୍କର ନାରାୟଣ ମଲ୍ଲିକ, ଲକ୍ଷ୍ମୀକାନ୍ତ ଖୁଣ୍ଟିଆ ଓ ପୁସ୍ତକଦୁଇଟି ସମ୍ପର୍କରେ ଆଲୋଚନା କରିଥିଲେ। ଡ଼. ଆଦ୍ୟାଶା ଦାସ ଓ ଅଶୋକ ସିଂହଙ୍କ ମଧ୍ୟରେ ବାର୍ତାଳାପ ହେବା ସହ ଲେଖକଦ୍ୱୟ ସେମାନଙ୍କ ଅଭିମତ ଉପସ୍ଥାପନ କରିଥିଲେ। ଅନୁଷ୍ଠାନର ସଭାପତି ସୂର୍ଯ୍ୟ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ବହୁ କବି ଓ ଲେଖକଙ୍କ ସମେତ ଉଭୟ ପୁସ୍ତକର ପ୍ରକାଶକ ଓ ସାହିତ୍ୟପ୍ରେମୀ ଉପସ୍ଥିତ ରହିଥିଲେ। ଶେଷରେ କାର୍ଯ୍ୟକାରୀ ସଭାପତି ରକ୍ଷକ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଅଧ୍ୟାପିକା ସ୍ମିତାଶ୍ରୀ ଘଡ଼ାଇଙ୍କ ବିୟୋଗରେ ସ୍ମୃତି ଶ୍ରଦ୍ଧାଞ୍ଜଳି

ଭୁବନେଶ୍ୱର, ୪।୮ (ସମିସ): କମଳା ନେହରୁ ମହିଳା ମହାବିଦ୍ୟାଳୟର ଇତିହାସ ବିଭାଗର ପ୍ରାଧ୍ୟାପିକା ପ୍ରଫେସର ସ୍ମିତାଶ୍ରୀ ଘଡ଼ାଇଙ୍କର ଆକସ୍ମିକ ବିୟୋଗରେ ଲୋହିଆ ଏକାଡେମୀ ପରିସରରେ ବିଭିନ୍ନ ମହାବିଦ୍ୟାଳୟ ଓ ବ୍ୟକ୍ତିବିଶେଷଙ୍କ ପକ୍ଷରୁ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଗବେଷକ ତଥା ଇତିହାସବିତ୍ ପ୍ରଫେସର ନିରଞ୍ଜନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଶ୍ରଦ୍ଧାଞ୍ଜଳି ସଭାରେ ମୁଖ୍ୟବକ୍ତା ଭାବେ ସାହିତ୍ୟିକ ଓ ଶିକ୍ଷାବିତ୍ ପ୍ରଫେସର ଶଶାଙ୍କ ଚୂଡ଼ାମଣି, ସମ୍ମାନିତ ବକ୍ତା ଭାବରେ ଯୋଗଦେଇ କମଳା ନେହରୁ ମହିଳା ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ର. ବିବାସିନୀ ରଥ ସ୍ୱର୍ଗତା ଘଡେଇଙ୍କର ଗୁଣାବଳୀର ବିଭିନ୍ନ ଦିଗ ସମ୍ପର୍କରେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ର. ସଂଧ୍ୟା ଦାସ, ପ୍ର. ସୁଲେଖା ସାମନ୍ତରାୟ, ଡ. ରମାକାନ୍ତ ମହାପାତ୍ର, ଡ. ଗିରିଧାରୀ ଦାସ ପ୍ରମୁଖ ଚର୍ଚ୍ଚା ଓ ଆଲୋଚନା କରିଥିଲେ। ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ଆବାହକତ୍ୱରେ ଓ ପ୍ରଫେସର ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ସ୍ମିତାଶ୍ରୀଙ୍କର କନ୍ୟା ଦିଶା ରାୟ, ଈଶା ରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ସମୀକ୍ଷା

# ବନ୍ୟାଞ୍ଚଳ ଦରଦାମ ନିୟନ୍ତ୍ରଣ ଉପରେ ଗୁରୁତ୍ୱାରୋପ

ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟର ବନ୍ୟା ପ୍ରଭାବିତ ଜିଲ୍ଲାଗୁଡିକରେ ଅତ୍ୟାବଶ୍ୟକ ସାମଗ୍ରୀ ଯୋଗାଣ ଶୃଙ୍ଖଳ ବଜାୟ ରଖିବା ଓ ଏହାର ସହଜ ଉପଲବ୍ଧତା ଉପରେ ରାଜ୍ୟ ସରକାରଙ୍କ ପକ୍ଷରୁ ଏକ ସମୀକ୍ଷା ବୈଠକ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହଙ୍କ ଅଧ୍ୟକ୍ଷତାରେ ବିଭାଗର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଛି। ବିଭାଗୀୟ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ପରାମର୍ଶ କ୍ରମେ ଅନୁଷ୍ଠିତ ଉକ୍ତ ବୈଠକରେ ବିଭାଗର ବିଭିନ୍ନ କାର୍ଯ୍ୟକ୍ରମ ଉପରେ ସବିଶେଷ ଆଲୋଚନା ହୋଇଛି। ବୈଠକରେ ରାଜ୍ୟ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ, ବିଭାଗୀୟ ପ୍ରମୁଖ ଅଧିକାରୀଙ୍କ ସମେତ ଭିଡିଓ କନଫରେନସିଂ ମାଧ୍ୟମରେ ସମସ୍ତ ଜିଲ୍ଲାର ଯୋଗାଣ ଅଧିକାରୀ ମାନେ ଯୋଗ ଦେଇଥିଲେ।

# ପରିବେଶ ସୁରକ୍ଷା ପାଇଁ ଓଡ଼ିଆ ଝିଅଙ୍କୁ 'ପ୍ରାଇଡ୍ ଅଫ୍ ଇଣ୍ଡିଆ'

ଭୁବନେଶ୍ୱର, ୪।୮ (ସମିସ): ଗ୍ରୀନ୍ ଉଦ୍ୟୋଗ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ନିଜର ଅସାଧାରଣ ଯୋଗଦାନ ପାଇଁ ୧୩ବର୍ଷୀୟା ଜଳବାୟୁ କର୍ମୀ ମୋକ୍ଷା ଧୃତି ପାଣିଗ୍ରାହୀଙ୍କୁ 'ପ୍ରାଇଡ୍ ଅଫ୍ ଇଣ୍ଡିଆ-୨୦୨୬' ସମ୍ମାନରେ ସମ୍ମାନୀତ କରାଯାଇଛି। ଗ୍ରୀନ୍ ଷ୍ଟାର୍ଟଅପ୍ ବର୍ଗରେ ତାଙ୍କୁ ଏହି ସମ୍ମାନ ମିଳିଛି। ନୂଆଦିଲ୍ଲୀଠାରେ ଆୟୋଜିତ 'ପ୍ରାଇଡ୍ ଅଫ୍ ଭାରତ ଲିଡରସିପ୍ ସମିଟ୍-୨୦୨୬' ଅବସରରେ କେନ୍ଦ୍ର ଏମଏସଏମ୍‌ଇ ମନ୍ତ୍ରୀ ଜିତନ୍ ରାମ ମାଞ୍ଝୀ, ସାଂସଦ ଏବଂ ସେସେଲ୍‌ସର ହାଇକମିଶନରଙ୍କ ଉପସ୍ଥିତିରେ ମୋକ୍ଷାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସୂଚନା ଅନୁସାରେ, ମୋକ୍ଷା ହେଉଛନ୍ତି ଗଜପତି ଜିଲ୍ଲା ପାରଳାଖେମୁଣ୍ଡିର ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ଏବଂ ହାଇଟେକ୍ ମେଡିକାଲ କଲେଜ ଓ ହସ୍ପିଟାଲ ନିର୍ଦ୍ଦେଶିକା ଏବଂ ଟ୍ରଷ୍ଟି ମଧୁମିତା ତ୍ରିପାଠୀଙ୍କ ଜ୍ୟେଷ୍ଠ କନ୍ୟା। ବର୍ତ୍ତମାନ ସେ 'ଅର୍ଥ ଆଗେନ୍ ମୁଭମେଣ୍ଟ', 'ଦି ଚାଇଲ୍ଡ ମୁଭମେଣ୍ଟ' ଏବଂ 'ସିଟିବିଟିଓ ୟୁଥ୍ ଗ୍ରୁପ୍' ର ଜଣେ ସକ୍ରିୟ ସଦସ୍ୟା ଭାବେ କାର୍ଯ୍ୟ କରି ସାରା ଦେଶରେ ପରିବେଶ ସଚେତନତାରେ ବିଶାଳ ପରିବର୍ତ୍ତନ ଆଣିଛନ୍ତି। ମୋକ୍ଷାଙ୍କର ଏହି ଜାତୀୟସ୍ତରର ସମଗ୍ର ଓଡ଼ିଶା ପାଇଁ ଗୌରବ ଆଣିଦେବା ସହ




ଏକ ସୁସ୍ଥ, ସବୁଜ ଓ ସ୍ଥାୟୀ ଭବିଷ୍ୟତ ଗଠନ ଦିଗରେ ଯୁବପିଢ଼ୀଙ୍କୁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ତିରୁପତି ପାଣିଗ୍ରାହୀ ଓ ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ, ନିର୍ଦ୍ଦେଶକ ଡାକ୍ତର ପାଣିଗ୍ରାହୀ କହିଛନ୍ତି।

# ନ୍ୟାସ୍‌ନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ରାଙ୍କିଙ୍ଗ୍; ତୃତୀୟ ସ୍ଥାନରେ କିସ୍

ଭୁବନେଶ୍ୱର, ୪।୮ (ସମିସ): ନ୍ୟାସ୍‌ନାଲ୍ ଗ୍ରୀନ୍ ୟୁନିଭର୍‌ସିଟି ରାଙ୍କିଙ୍ଗ୍ ୨୦୨୬ରେ କିସ୍ ବିଶ୍ୱବିଦ୍ୟାଳୟ ସମଗ୍ର ଭାରତରେ ତୃତୀୟ ସ୍ଥାନ ଅଧିକାର କରିଛି। ଆମେରିକା ଓ ଭାରତରେ ପଞ୍ଜୀକୃତ ବିଶ୍ୱସ୍ତରୀୟ ଗ୍ରୀନିଂ ଏଜୁକେସନ୍ ସଂଗଠନ 'ଗ୍ରୀନ୍ ମେଣ୍ଟର୍ସ' ପକ୍ଷରୁ ପ୍ରସ୍ତୁତ ଓ ପ୍ରକାଶିତ ଏହି ରାଙ୍କିଙ୍ଗ୍‌ରେ ଭାରତର ବିଭିନ୍ନ ବିଶ୍ୱବିଦ୍ୟାଳୟଗୁଡିକୁ ସେମାନଙ୍କର ସ୍ଥାୟୀ ବିକାଶ ଓ ପରିବେଶ-ଅନୁକୂଳ କାର୍ଯ୍ୟକ୍ରମ ଆଧାରରେ ମୂଲ୍ୟାୟନ କରାଯାଇଛି। ଏଥିରେ ସବୁଜ ଭିତ୍ତିଭୂମି, ବର୍ଜ୍ୟବସ୍ତୁ ପରିଚାଳନା, ଶକ୍ତି ସଂରକ୍ଷଣ, ବର୍ଷାଜଳ ସଂରକ୍ଷଣ ଏବଂ ପରିବେଶ ଶିକ୍ଷାକୁ ପାଠ୍ୟକ୍ରମରେ ସାମିଲ କରିବା ଭଳି ବିଭିନ୍ନ ମାନଦଣ୍ଡକୁ ବିଚାରକୁ ନିଆଯାଇଛି। 'ଗ୍ରୀନ୍ ମେଣ୍ଟର୍ସ'କୁ ଜାତିସଂଘର ଆର୍ଥିକ ଓ ସାମାଜିକ ପରିଷଦ ପକ୍ଷରୁ ସ୍ପେଶାଲ୍ କନସଲଟେଟିଭ୍ ଷ୍ଟାଟସ୍ ପ୍ରଦାନ କରାଯିବା ସହ ମିଳିତ ଜାତିସଂଘର ଗ୍ରୀନିଂ ଏଜୁକେସନ୍ ପାର୍ଟନରସିପର ସହଭାଗୀ ଏବଂ ଜାତିସଂଘର ଆର୍ଥିକ ଓ ସାମାଜିକ ବ୍ୟାପାର ବିଭାଗ ଅଧୀନରେ ଥିବା ହାୟର ଏଜୁକେସନ୍ ସଷ୍ଟେନେବିଲିଟି ଇନିସିଏଟିଭ୍‌ର ମଧ୍ୟ ସଦସ୍ୟ ରହିଛି। ଏହି ସଫଳତାରେ ଖୁସି ବ୍ୟକ୍ତ କରି କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ କହିଛନ୍ତି, ପ୍ରାରମ୍ଭରୁ କିଟ୍ ଓ କିସ୍ ପରିବେଶ ସୁରକ୍ଷା ଏବଂ ସବୁଜ ପଦକ୍ଷେପକୁ ସର୍ବୋଚ୍ଚ ପ୍ରାଥମିକତା ଦେଇଆସୁଛି। ଏହି କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ କିସ୍ ଦେଶ-ବିଦେଶର ବିଭିନ୍ନ ସଂସ୍ଥା ପକ୍ଷରୁ ସମ୍ମାନିତ ହୋଇଛି ବୋଲି ଶ୍ରୀ ସାମନ୍ତ କହିଛନ୍ତି।


# ରାଷ୍ଟ୍ରପତିଙ୍କୁ ଓଡ଼ିଶାର ହସ୍ତତନ୍ତ ଓ ହସ୍ତଶିଳ୍ପର କଳାକୃତି ଉପହାର ପ୍ରଦାନ କଲେ ରାଜ୍ୟପାଳ

ଭୁବନେଶ୍ୱର, ୪।୮ (ସମିସ): ଭାରତର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ତିନି ଦିନିଆ ଓଡ଼ିଶା ଗସ୍ତରେ ଆସିଥିବା ପରିପ୍ରେକ୍ଷୀରେ ମଙ୍ଗଳବାର ଦିନ ଲୋକଭବନରେ ଓଡ଼ିଶାର ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି ରାଷ୍ଟ୍ରପତିଙ୍କୁ ଓଡ଼ିଶାର ସମୃଦ୍ଧ ହସ୍ତତନ୍ତ ଓ ହସ୍ତଶିଳ୍ପ ପରମ୍ପରାକୁ ପ୍ରତିଫଳିତ କରୁଥିବା ସ୍ୱତନ୍ତ୍ର ଉପହାର ପ୍ରଦାନ କରିଥିଲେ। ମହାମହିମ ରାଷ୍ଟ୍ରପତିଙ୍କ ବ୍ରହ୍ମପୁର ଅଭିମୁଖେ ଗସ୍ତ ପୂର୍ବରୁ ଏହି ଉପହାର ପ୍ରଦାନ କରାଯାଇଥିଲା। ଏହି ଅବସରର ରାଜ୍ୟର ପ୍ରଥମ ମହିଳା ଡ. ଜୟଶ୍ରୀ କମ୍ଭମପାଟି ମଧ୍ୟ ଉପସ୍ଥିତ ଥିଲେ। ଉପହାରରେ ଜାତୀୟ ହସ୍ତତନ୍ତ ପୁରସ୍କାରପ୍ରାପ୍ତ ତଥା ଜିଆଇ ଟ୍ୟାଗ ସ୍ୱୀକୃତିପ୍ରାପ୍ତ ସମ୍ବଲପୁରୀ ବାନ୍ଧ ଶାଢୀ, ପିପିଲିର ପାରମ୍ପରିକ ଚାନ୍ଦୁଆ ଭେଲଭେଟ ଉତ୍ତରୀୟ ଏବଂ କଟକର ସୂକ୍ଷ୍ମ ରୂପା ତାରକସି କଳାରେ ନିର୍ମିତ ଭଗବାନ ଗଣେଶଙ୍କ ଏକ ପ୍ରତିମୂର୍ତ୍ତି ଥିଲା। ଏହି କଳାକୃତିଗୁଡିକ ଓଡ଼ିଶାର ଅତୁଳନୀୟ କାରିଗରୀ ଦକ୍ଷତା, ସମୃଦ୍ଧ ପରମ୍ପରା ଓ କଳାତ୍ମକ ଉତ୍କର୍ଷତାର ପରିଚୟ ବହନ କରିବା ସହ ରାଜ୍ୟର ସମୃଦ୍ଧ ସାଂସ୍କୃତିକ ଐତିହ୍ୟକୁ ପ୍ରତିଫଳିତ କରୁଛି।

# ଚୋରି ଅଭିଯୋଗରେ ଜଣେ ଗିରଫ

ଧଉଳି, ୪।୮ (ସମିସ): ମନ୍ଦିର ଚୋରି ମାମଲାରେ ଶିଶୁପାଳଗଡ଼ ଅଞ୍ଚଳର ସୁଧାଂଶୁ ନାୟକ (୨୩) ଓରଫ ଗଦାଙ୍କୁ ଗିରଫ କରିଛି ଧଉଳି ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି। ଗତ ସୋମବାର ଅପରାହ୍ଣରେ ଶିଶୁପାଳଗଡ଼ସ୍ଥିତ ମା' ଯଦୁମଲ୍ଲୀ ମନ୍ଦିରର ହୁଣ୍ଡିରୁ ଟଙ୍କା ଚୋରି କରି ଜଣେ ଯୁବକ ଖସି ପଳାଇବାକୁ ଉଦ୍ୟମ କରୁଥିଲେ। ଏହି ସମୟରେ ମନ୍ଦିର ଟ୍ରଷ୍ଟର ସଦସ୍ୟମାନେ ତାଙ୍କୁ କାବୁ କରିନେଇଥିଲେ ଏବଂ ତାଙ୍କ ନିକଟରୁ ଏକ ଲୁହା ରଡ୍ ଉଦ୍ଧାର କରିଥିଲେ। ପରେ ସେମାନେ ଅଭିଯୁକ୍ତକୁ ଧଉଳି ଥାନା ପୋଲିସକୁ ହସ୍ତାନ୍ତର କରିଥିଲେ।

# ଏସ୍‌ସିବିରେ ଅଙ୍ଗଦାନ ସଚେତନତା



ଭୁବନେଶ୍ୱର, ୪।୮ (ସମିସ): ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲର ୟୁରୋଲୋଜି ଓ ରେନାଲ ଟ୍ରାନ୍ସପ୍ଲାଣ୍ଟ ବିଭାଗ ପକ୍ଷରୁ ନେଫ୍ରୋଲୋଜି ବିଭାଗ ଏବଂ ସୋଟୋ ଓଡ଼ିଶାର ସହଯୋଗରେ ନୂତନ ଅଡିଟୋରିୟମରେ ଜାତୀୟ ଅଙ୍ଗଦାନ ଦିବସ ପାଳିତ ହୋଇଯାଇଛି। ଡିଏମ୍‌ଇଟି ପ୍ରଫେସର ଦୁର୍ଗାମାଧବ ଶତପଥୀ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଯୁଗ୍ମ ଡିଏମ୍‌ଇଟି ପ୍ରଫେସର ଅନିଲ ସାହୁ, ଡିନ୍ ଓ ପ୍ରିନ୍ସିପାଲ ପ୍ରଫେସର ପ୍ରତିଭା ପଣ୍ଡା, ସୁପରିଣ୍ଟେଣ୍ଡେଣ୍ଟ ପ୍ରଫେସର ଜ୍ୟୋତିଶ ଚୌଧୁରୀ, ନେଫ୍ରୋଲୋଜି ବିଭାଗର ଭାରପ୍ରାପ୍ତ ମୁଖ୍ୟ ପ୍ରଫେସର ଜୟନ୍ତ ପଣ୍ଡା ଏବଂ ୟୁରୋଲୋଜି ଓ ରେନାଲ ଟ୍ରାନ୍ସପ୍ଲାଣ୍ଟ ବିଭାଗର ମୁଖ୍ୟ ପ୍ରଫେସର ସମୀର ସ୍ୱାଇଁ ଉପସ୍ଥିତ ଥିଲେ। ଏହି ଅବସରରେ ଅଙ୍ଗଦାନ ଉପରେ ଏକ ସିମ୍ପୋଜିୟମ୍ ଆୟୋଜିତ ହୋଇଥିଲା। ସାମାଜିକ ସଂଗଠନ, ସ୍ୱେଚ୍ଛାସେବୀ ସଂସ୍ଥା, ଗଣମାଧ୍ୟମ ଓ ସିନେ ଜଗତର ବ୍ୟକ୍ତିତ୍ୱମାନଙ୍କ ଭୂମିକା ସମ୍ପର୍କରେ ବିସ୍ତୃତ ଆଲୋଚନା ହୋଇଥିଲା। ସମାଜସେବୀ କୈଳାଶ ପଣ୍ଡା, ହରିହର ମହାପାତ୍ର ମଧ୍ୟ ଯୋଗଦେଇ ଅଙ୍ଗଦାନର ମହତ୍ତ୍ୱ ଉପରେ ମତ ରଖିଥିଲେ। ଉଦ୍‌ଘାଟନୀ ଅଧିବେଶନରେ ଅଙ୍ଗଦାତାଙ୍କ ପରିବାର ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଡା. ସଞ୍ଜୟ ଚୌଧୁରୀ ଓ ୟୁରୋଲୋଜି ବିଭାଗର ଟିମ୍ ପରିଚାଳନା କରିଥିଲେ। ୪୦୦ ଜଣ ଡାକ୍ତର, ନର୍ସିଂ କର୍ମଚାରୀ, ଫାର୍ମାସିଷ୍ଟ, ଟେକ୍ନିସିଆନ୍ ଓ ଅନ୍ୟାନ୍ୟ ପାରାମେଡିକାଲ କର୍ମଚାରୀ ଏଥିରେ ଯୋଗଦେଇଥିଲେ।

# ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ବିଦାୟ ସମ୍ବର୍ଦ୍ଧନା

ଭୁବନେଶ୍ୱର, ୪।୮ (ସମିସ): ଭୁବନେଶ୍ୱରସ୍ଥିତ ଭୀମଭୋଇ ଦୃଷ୍ଟିହୀନ ବିଦ୍ୟାଳୟରେ ଜାତୀୟ ପୁରସ୍କାରପ୍ରାପ୍ତ ବିଶିଷ୍ଟ ସ୍ୱତନ୍ତ୍ର ଶିକ୍ଷାବିତ୍ ତାପସ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶ୍ରୀ ମହାନ୍ତି ଦୃଷ୍ଟିବାଧିତ ଶିଶୁମାନଙ୍କ ପାଇଁ ବ୍ରେଲ୍ ୱାର୍ଡ଼ ବୁକ୍ ଭାଗ ୧ ଓ ୨, ଲର୍ଣ୍ଣିଂ ବ୍ରେଲ ଭାଗ ୧ ଓ ୨, ଅଡ଼ିଓ ଶିକ୍ଷା ସାମଗ୍ରୀ ପ୍ରସ୍ତୁତ କରି ବିଶେଷ ପରିଚିତି ଲାଭ କରିଛନ୍ତି। ତାଙ୍କ ପ୍ରଣୀତ ପୁସ୍ତକ ଏବଂ ମାଟ୍ରିକ୍ ପରୀକ୍ଷା ପାଇଁ ଅଡିଓ ଟେଷ୍ଟ ପେପର ଆଜି ମଧ୍ୟ ଦୃଷ୍ଟିବାଧିତ ଶିକ୍ଷାର୍ଥୀଙ୍କ ପାଇଁ ଉପଯୋଗୀ ହୋଇପାରିଛି। ୨୦୨୦ ମସିହାରେ ସେ ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ଶିକ୍ଷକ ପୁରସ୍କାର ପାଇଥିବାବେଳେ ରାଜ୍ୟ ଶିକ୍ଷକ ପୁରସ୍କାର, ଗୁରୁଶ୍ରୀ ପୁରସ୍କାର, ଏବିଲିଟି ଆୱାର୍ଡ ଓ ଦ୍ରୋଣାଚାର୍ଯ୍ୟ ରାଜ୍ୟ ପୁରସ୍କାର ସମେତ ଅନେକ ସମ୍ମାନରେ ସମ୍ମାନିତ ହୋଇଛନ୍ତି।

# ଓଡ଼ିଶା ପୁଲିସ ଏନ୍‌ଏଫ୍‌ଏସ୍‌ୟୁ ମଧ୍ୟରେ ୫ବର୍ଷିଆ ବୁଝାମଣା



ଭୁବନେଶ୍ୱର, ୪।୮ (ସମିସ): ସାଇବର ଅପରାଧର ସଠିକ ମୁକାବିଲା, ଡିଜିଟାଲ ଫରେନ୍ସିକ୍ସରେ ଦକ୍ଷତା ବୃଦ୍ଧି ଏବଂ ବୈଜ୍ଞାନିକ ତଦନ୍ତ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରିବା ଲକ୍ଷ୍ୟରେ ଓଡ଼ିଶା ପୁଲିସର ସିଆଇଡିକ୍ରାଇମବ୍ରାଞ୍ଚ ଏବଂ ରାଷ୍ଟ୍ରୀୟ ଫରେନ୍ସିକ ବିଜ୍ଞାନ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର ମଧ୍ୟରେ ଆଜି ଏକ ୫ ବର୍ଷିଆ ବୁଝାମଣାପତ୍ର (ଏମ୍‌ଓୟୁ) ସ୍ୱାକ୍ଷରିତ ହୋଇଛି। ଓଡ଼ିଶା ପୁଲିସର ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆଙ୍କ ଉପସ୍ଥିତିରେ ଡିଜିପି, କ୍ରାଇମବ୍ରାଞ୍ଚ ବିନୟତୋଷ ମିଶ୍ର ଓ ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ନିର୍ଦ୍ଦେଶିକା, ଡ଼ଃ ପୁରବୀ ପୋଖରିୟାଲ ଏମ୍‌ଓୟୁ ସ୍ୱାକ୍ଷର କରିଥିଲେ। ପରେ ଡିଜିପି ଶ୍ରୀ ଖୁରାନିଆ "ସାଇବର ଅପରାଧ ତଦନ୍ତ ଏବଂ ଡିଜିଟାଲ ଫରେନ୍ସିକ ଶୀର୍ଷକ ପ୍ରଶିକ୍ଷଣ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ।

ସାଇବର ଅପରାଧ ଚ୍ୟାଲେଞ୍ଜର ମୁକାବିଲା ପାଇଁ ରାଜ୍ୟରେ ୨୦ଟି ନୂତନ ସାଇବର ଅପରାଧ ଓ ଅର୍ଥନୈତିକ ଥାନା ସ୍ଥାପନ କରାଯାଇଥିବାବେଳେ ସମସ୍ତ ଥାନାକୁ ପ୍ରାୟ ୧୫ କୋଟି ଟଙ୍କା ମୂଲ୍ୟର ଆଧୁନିକ ହାର୍ଡୱେର ଓ ସଫ୍ଟୱେର ଯୋଗାଇ ଦିଆଯାଇଛି। ଏହି ଉପକରଣଗୁଡ଼ିକର ବ୍ୟବହାର ପାଇଁ ଉନ୍ନତମାନର ପ୍ରଶିକ୍ଷଣ ଅପରିହାର୍ଯ୍ୟ ବୋଲି ସେ କହିଥିଲେ।

ଆଜିର ଏହି କାର୍ଯ୍ୟକ୍ରମରେ ନିର୍ଦ୍ଦେଶିକା ଏସଏଫଏଲ, ଡ଼. ସନ୍ତୋଷ ବାଲା, ଏନ୍‌ଏଫ୍‌ଏସ୍‌ୟୁ କ୍ୟାମ୍ପସ ନିର୍ଦ୍ଦେଶିକା, ଡ଼ଃ ପୁରବୀ ପୋଖରିୟାଲ, ଆଇଜି (କ୍ରାଇମବ୍ରାଞ୍ଚ) ଡ଼ଃ ସାର୍ଥକ ଷଡ଼ଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ। ଏନ୍‌ଏଫ୍‌ଏସ୍‌ୟୁ ଆସୋସିଏଟ ପ୍ରଫେସର, ଡ଼ଃ ବିଶ୍ୱକଲ୍ୟାଣ ଦାଶ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

# ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ

ଭୁବନେଶ୍ୱର, ୪।୮ (ସମିସ): ଆଶାକିରଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ରେ ସତ୍ୟନଗର ଲେଡିଜ୍ ଫୋରମ ଓ ମଣିପାଲ୍ ହସ୍ପିଟାଲ୍‌ର ସହଯୋଗରେ ଏକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏଥିରେ ପ୍ରାୟ ଦୁଇଶହ ନର୍ସିଂ ଛାତ୍ରୀ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ମଣିପାଲ୍ ହସ୍ପିଟାଲ୍‌ର ଗାଇନୋଲୋଜିଷ୍ଟ ଡ. ଭାରତ ଭୂଷଣ ଉପସ୍ଥିତ ରହି ଛାତ୍ରୀମାନଙ୍କୁ



ହେପାଟାଇଟିସ୍ ରୋଗ ବିଷୟରେ ବିଶଦ ଭାବରେ ବୁଝାଇଥିଲେ। ଛାତ୍ରୀମାନଙ୍କର ବିଭିନ୍ନ ପ୍ରଶ୍ନର ଉତ୍ତର ମଧ୍ୟ ଡ. ଭାରତ ଭୂଷଣ ସୁନ୍ଦର ଭାବରେ ଦେଇଥିଲେ। ଏହି ଅବସରରେ ସତ୍ୟନଗର ଲେଡିଜ୍ ଫୋରମ୍‌ର ସଦସ୍ୟା ଦୀପ୍ତି ବେହେରା, କିରଣ ବାଳା ମିଶ୍ର ଏବଂ ଶର୍ମିଷ୍ଠା କର ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ସଫଳ କରିବାରେ ଆଶାକିରଣ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁଟ୍‌ର ଡାଏରେକ୍ଟର କମ୍ ସେକ୍ରେଟାରୀ, ପ୍ରିନ୍ସିପାଲ୍ ଓ ଡାଏରେକ୍ଟର ସହଯୋଗର ହାତ ବଢ଼ାଇଥିଲେ ବୋଲି ସତ୍ୟନଗର ଲେଡିଜ୍

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)

- ଡଲାର ୯୫.୩୪ ● ପାଉଣ୍ଡ ୧୨୮.୦୭
- ୟୁରୋ ୧୦୯.୭୭ ● ୟେନ୍ ୦.୬୦

**ସୁନା, ରୁପା ଦର (ଟଙ୍କାରେ)**



୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)


- ସୁନା: ୧,୩୨,୦୦୦ (ଭୁବନେଶ୍ୱର)
- ରୁପା : ୨,୩୫,୦୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)

- ସେନ୍‌ସେକ୍ସ ୭୮,୪୭୮.୦୦
- ନିଫ୍ଟି ୨୪,୬୧୪.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)

- ପେଟ୍ରୋଲ୍- ୧୦୯.୧୫ (ଭୁବନେଶ୍ୱର)
- ଡିଜେଲ୍ - ୧୦୦.୮୦



### ଅଟୋମୋବାଇଲ୍ ନିର୍ମାତା ସଂଘର ଚେତାବନୀ

# ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍; ଇଞ୍ଜିନ୍ ପାଇଁ ବିପଦ

ନୂଆଦିଲ୍ଲୀ,୪।୮ (ଏଜେନ୍ସି):




ସମ୍ପ୍ରତି ସାରା ଦେଶରେ ଇ-୨୦ ପେଟ୍ରୋଲକୁ ନେଇ ବିବାଦ ଥମିବାର ନାମ ଧରୁନାହିଁ। ଇ-୨୦ ପେଟ୍ରୋଲ ପ୍ରସଙ୍ଗରେ ଏବେ ଆଉ ଏକ ନୂଆ ବିବାଦ ସାମ୍ନାକୁ ଆସିଛି। ଏହି ଇ-୨୦ ପେଟ୍ରୋଲରେ କ୍ଲୋରାଇଡ୍ ମିଶିଥିବା କୁହାଯାଇଛି। ଏ ନେଇ ଭାରତୀୟ ଅଟୋମୋବାଇଲ୍ ନିର୍ମାତାଙ୍କ ସଂଗଠନ, ସୋସାଇଟି ଅଫ୍ ଇଣ୍ଡିଆନ୍ ଅଟୋମୋବାଇଲ୍ ମାନୁଫାକଚର୍ସ (ସିଆମ୍) ଚେତାବନୀ ଦେଇଛି। ଦେଶବ୍ୟାପୀ ପେଟ୍ରୋଲ ପମ୍ପଗୁଡ଼ିକରେ ବିକ୍ରି ହେଉଥିବା ଇ-୨୦ ପେଟ୍ରୋଲ (୨୦% ଇଥାନଲ୍ ମିଶ୍ରିତ ଇନ୍ଧନ)ର ଗୁଣବତ୍ତାକୁ ନେଇ ସିଆମ୍ ଗମ୍ଭୀର ଚିନ୍ତା ପ୍ରକଟ କରିଛି।

ସିଆମ୍‌ର କହିବାନୁଯାୟୀ, ଇ-୨୦ ପେଟ୍ରୋଲ ପ୍ରଚଳନ ହେବା ପରଠାରୁ ଗାଡ଼ି ଇନ୍ଧନ୍‌ର ଇଞ୍ଜେକ୍ଟର, ଇନ୍ଧନ ପମ୍ପ, ଇଜିଆର୍ ଭାଲଭ ଏବଂ ଏଗଜଷ୍ଟର ସିଷ୍ଟମରେ କ୍ଷୟ ଏବଂ ଯନ୍ତ୍ରାଂଶଗୁଡ଼ିକର ଦ୍ରୁତ ଖରାପ ହେଉଥିବା ନେଇ ଅଭିଯୋଗ ସଂଖ୍ୟା ବଢ଼ିବାରେ ଲାଗିଛି। ଯାନବାହାନଗୁଡିକର ତେଲ ଟାଙ୍କିରୁ ନିଆଯାଇଥିବା ଇନ୍ଧନ ନମୁନାରେ କ୍ଲୋରାଇଡ୍ ସ୍ତର ୫୦୦ ଏମ୍‌ଜି/କେଜି ପର୍ଯ୍ୟନ୍ତ ଥିବା ଜଣାପଡ଼ିଛି, ଯେତେବେଳେ କି ପେଟ୍ରୋଲ ପମ୍ପରୁ ନିଆଯାଇଥିବା ଇନ୍ଧନ ନମୁନାରେ ୩୫୦ ଏମ୍‌ଜି/କେଜି ପର୍ଯ୍ୟନ୍ତ ଥିବା ଜଣାପଡ଼ିଛି। ସିଆମ୍ ଦାବି କରିଛି ଯେ ଇ-୨୦ ଇନ୍ଧନ ପାଇଁ କ୍ଲୋରାଇଡ୍ ସୀମା ୧ ଏମ୍‌ଜି / କେଜି (ପିପିଏମ୍)ରୁ କମ୍ କରାଯିବା ଉଚିତ। ଇ-୨୦ ଇନ୍ଧନରେ ଅନୁମୋଦିତ ଆର୍ଦ୍ରତା ସୀମା ୩୦୦୦ ଏମ୍‌ଜି/କେଜି କିନ୍ତୁ ଅନେକ କ୍ଷେତ୍ରରେ ଏହା ୧୦,୦୦୦ ଏମ୍‌ଜି/କେଜି (୧%) ଅତିକ୍ରମ କରିଯାଇଥିବା ଜଣାପଡ଼ିଛି। ଅତ୍ୟଧିକ ଆର୍ଦ୍ରତା ପେଟ୍ରୋଲ ଏବଂ ଇଥାନଲକୁ ପୃଥକ କରିପାରେ, ଯାହା ଇନ୍ଧନ ଭର୍ତ୍ତି କରିବା ପରେ ତୁରନ୍ତ ଗାଡ଼ି ଅଟକିଯିବ। ସିଆମ୍ କହିବାନୁଯାୟୀ, ପେଟ୍ରୋଲ ପମ୍ପରେ ଭୂତଳ ସଂରକ୍ଷଣ ଟ୍ୟାଙ୍କ ଏବଂ ପାଇପଲାଇନର ଖରାପ ରକ୍ଷଣାବେକ୍ଷଣ ଏହି ଆର୍ଦ୍ରତା ଏବଂ ପ୍ରଦୂଷଣର ଏକ ପ୍ରମୁଖ କାରଣ ହୋଇପାରେ। ସଂଘ କହିଛି ଯେ ପେଟ୍ରୋଲରେ ଅତ୍ୟଧିକ କ୍ଲୋରାଇଡ୍ ପ୍ରଦୂଷଣ ଏବଂ ଆର୍ଦ୍ରତା ଯାନବାହାନ ଇଞ୍ଜିନ୍ ଅଂଶଗୁଡ଼ିକୁ କ୍ଷତି ପହଞ୍ଚାଉଛି। ଯାହା ଫଳରେ ଗାଡ଼ି ଇଞ୍ଜିନ୍ ଖରାପ ହେବାର ସମ୍ଭାବନା ରହିଛି। ସିଆମ୍ ଏହି ପ୍ରସଙ୍ଗରେ ଏବେ କେନ୍ଦ୍ର ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟକୁ ଚିଠି ଲେଖିଛି। ଅନ୍ୟପକ୍ଷରେ ଭାରତୀୟ ମାନକ ବ୍ୟୁରୋ (ବିଆଇଏସ୍) ଇନ୍ଧନ ମାନଦଣ୍ଡରେ ବାଧ୍ୟତାମୂଳକ କ୍ଲୋରାଇଡ୍ ସୀମା ଏବଂ ତୈଳ ବିପଣନ କମ୍ପାନୀଗୁଡ଼ିକ (ଓଏମ୍‌ସି) ଦ୍ୱାରା କଠୋର ଗୁଣବତ୍ତା ଅନୁପାଳନ ଦାବି କରିଛି। ତଥାପି, ସରକାର ମଧ୍ୟ ଏହି ପ୍ରସଙ୍ଗରେ ଇ-୨୦ ପେଟ୍ରୋଲ ସପକ୍ଷରେ ଯୁକ୍ତି ବାଢ଼ିଛନ୍ତି।

ସିଆମ୍ ସ୍ପଷ୍ଟ କରିଛି ଯେ ଅଟୋମୋବାଇଲ୍ ଶିଳ୍ପ ଭାରତର ଇଥାନଲ୍ ମିଶ୍ରଣ କାର୍ଯ୍ୟକ୍ରମକୁ ସମର୍ଥନ କରେ। ତଥାପି, ସଂଗଠନ କହିଛି ଯେ ଇ-୨୦ ଭଳି ଇନ୍ଧନ ସଫଳ ହେବା ପାଇଁ କଠୋର ଗୁଣବତ୍ତା ନିୟନ୍ତ୍ରଣ ଜରୁରୀ। ଅଟୋ କମ୍ପାନୀଗୁଡ଼ିକ ଅନୁଯାୟୀ, ଯଦି କ୍ଲୋରାଇଡ୍ ଏବଂ ଆର୍ଦ୍ରତା ଭଳି ସମସ୍ୟାକୁ ତୁରନ୍ତ ନିୟନ୍ତ୍ରଣ କରା ନ ଯାଏ, ତେବେ ଏଥିଯୋଗୁ ଯାନବାହାନର ଯନ୍ତ୍ରାଂଶ ଖରାପ ହେବା ଘଟଣା ବଢ଼ାଇବ, ଯାହା ଗ୍ରାହକମାନଙ୍କ ମଧ୍ୟରେ ଇ-୨୦ ପେଟ୍ରୋଲ ପ୍ରତି ଏକ ନକାରାତ୍ମକ ଧାରଣା ସୃଷ୍ଟି କରିପାରେ।

### ପେଟ୍ରୋଲିୟମ୍ ମନ୍ତ୍ରଣାଳୟର ସଫେଇ

## ୮୭ ହଜାର ପମ୍ପରେ ଦୈନିକ ୧୨ ଥର ହେଉଛି ପାଣି ଲିକେଜ୍ ଯାଞ୍ଚ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସିଆମ୍ ପ୍ରସଙ୍ଗ ଉପରେ ଚିନ୍ତା ପ୍ରକଟ କରିବା ପରେ ପେଟ୍ରୋଲିୟମ୍ ଏବଂ ପ୍ରାକୃତିକ ଗ୍ୟାସ ମନ୍ତ୍ରଣାଳୟ ତା'ର ମତ ସ୍ପଷ୍ଟ କରିଛି। ସରକାରଙ୍କ ଅନୁଯାୟୀ, ଦିନକୁ ୮ ରୁ ୧୨ ଥର ସାରା ଦେଶରେ ୮୭,୦୦୦ ରୁ ଅଧିକ ପେଟ୍ରୋଲ୍ ପମ୍ପରେ ପାଣି ଲିକେଜ୍ ଯାଞ୍ଚ କରାଯାଉଛି। ମନ୍ତ୍ରଣାଳୟ ଆହୁରିମଧ୍ୟ କହିଛି ଯେ, ସାରା ଦେଶରେ ୨୦୦୦ରୁ ଅଧିକ ଇନ୍ଧନ ନମୁନା ପରୀକ୍ଷା କରାଯାଇଥିଲା ଏବଂ କେବଳ ଦୁଇଟି ଆଉଟଲେଟରେ କ୍ଲୋରାଇଡ୍ ପ୍ରଦୂଷଣ ମିଳିଥିଲା। ସେହି ଦୁଇଟି ପେଟ୍ରୋଲ ପମ୍ପରୁ ଇନ୍ଧନ ବିକ୍ରି ତୁରନ୍ତ ବନ୍ଦ କରାଯାଇଥିଲା। ସରକାର ସ୍ପଷ୍ଟ କରିଛନ୍ତି ଯେ ଭେଜାଲ କିମ୍ବା ଗୁଣବତ୍ତା ହ୍ରାସ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ଏବଂ ଓଏମ୍‌ସିଗୁଡ଼ିକୁ ଯୋଗାଣ ଶୃଙ୍ଖଳାରେ ଇନ୍ଧନ କଠୋର ଭାବରେ ନିରୀକ୍ଷଣ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

### ■ ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶ

## ନୂଆ ଗାଡ଼ିର ଥାର୍ଡ ପାର୍ଟି ବୀମା ଅବଧି ବଢ଼ାଅ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ଦେଶରେ ନୂତନ କାର ଏବଂ ଦୁଇଚକିଆ ଯାନ ପାଇଁ ଥାର୍ଡ ପାର୍ଟି ବା ତୃତୀୟ ପକ୍ଷ ବୀମା ସମ୍ପର୍କରେ ସୁପ୍ରିମକୋର୍ଟ ଏକ ଗୁରୁତ୍ୱପୂର୍ଣ୍ଣ ରାୟ ଜାରି କରିଛନ୍ତି। ଏଣିକ ନୂତନ ବ୍ୟକ୍ତିଗତ କାର କ୍ରୟ ପାଇଁ ୪ ବର୍ଷର ଥାର୍ଡ ପାର୍ଟି ବୀମା ଆବଶ୍ୟକ ହେବ, ଏବଂ ନୂତନ ବାଇକ୍ କ୍ରୟ ପାଇଁ ୬ ବର୍ଷର ତୃତୀୟ ପକ୍ଷ ବୀମା ଆବଶ୍ୟକ ହେବ। ବୀମା ନ ଥିବା ଯାନଗୁଡ଼ିକର ବର୍ଦ୍ଧିତ ସଂଖ୍ୟାକୁ ସମାଧାନ କରିବା ଏବଂ ସଡ଼କ ଦୁର୍ଘଟଣା ପୀଡିତଙ୍କ ପାଇଁ ସମୟୋଚିତ କ୍ଷତିପୂରଣ ସୁନିଶ୍ଚିତ କରିବା ପାଇଁ କୋର୍ଟ ଏହି ରାୟ ଜାରି କରିଛନ୍ତି।

**କାର ୪ ବର୍ଷ ଓ ବାଇକ୍ ୬ ବର୍ଷ**

ଅଦାଲତ ଭାରତୀୟ ବୀମା ନିୟାମକ କର୍ତ୍ତୃପକ୍ଷ (ଆଇଆର୍‌ଡିଏଆଇ)ଙ୍କୁ ଏ ସମ୍ପର୍କରେ ତୁରନ୍ତ ନିର୍ଦ୍ଦେଶ ଜାରି କରିବାକୁ କହିଛନ୍ତି। ଏକ ମୋଟର ଦୁର୍ଘଟଣା କ୍ଷତିପୂରଣ ମାମଲାର ଶୁଣାଣି ସମୟରେ ବିଚାରପତି ସଞ୍ଜୟ କାରୋଲ ଏବଂ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କ ଖଣ୍ଡପୀଠ ଏହି ନିଷ୍ପତ୍ତି ଶୁଣାଇଛନ୍ତି। କୋର୍ଟ କେବଳ ମାମଲାର ସମାଧାନ କରି ନ ଥିଲେ ବରଂ ଏଥିରେ ଦେଶରେ ତୃତୀୟ ପକ୍ଷ ବୀମା ନିୟମକୁ ସୁଦୃଢ଼ କରିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ମଧ୍ୟ ଜାରି କରିଛନ୍ତି।

୨୦୧୮ ରେ, ସୁପ୍ରିମକୋର୍ଟ ନିର୍ଦ୍ଦେଶ ଦେଇଥିଲେ ଯେ ନୂତନ ବ୍ୟକ୍ତିଗତ କାର ପାଇଁ ତିନି ବର୍ଷ ଏବଂ ନୂତନ ବାଇକ୍ ପାଇଁ ପାଞ୍ଚ ବର୍ଷ ପାଇଁ ତୃତୀୟ ପକ୍ଷ ବୀମା ବାଧ୍ୟତାମୂଳକ ହେବ। ବର୍ତ୍ତମାନ, ଏହି




ଅବଧିକୁ ଯଥାକ୍ରମେ ୪ଏବଂ ୬ ବର୍ଷକୁ ବୃଦ୍ଧି କରାଯାଇଛି। ସୁପ୍ରିମକୋର୍ଟ ଉଲ୍ଲେଖ କରିଛନ୍ତି ଯେ ଗତ ୮ ବର୍ଷ ମଧ୍ୟରେ ମଧ୍ୟ ବହୁ ସଂଖ୍ୟକ ଯାନବାହନ ବୈଧ ବୀମା ବିନା ରାସ୍ତାରେ ଚଳାଚଳ କରୁଛି। ସଂସଦୀୟ ସ୍ଥାୟୀ କମିଟିର ଏକ ରିପୋର୍ଟକୁ ଉଦ୍ଧୃତ କରି କୋର୍ଟ କହିଛନ୍ତି ଯେ ଦେଶରେ ପ୍ରାୟ ୩୦୪.୮ ନିୟୁତ ପଞ୍ଜିକୃତ ଯାନବାହନ ମଧ୍ୟରୁ ପ୍ରାୟ ୧୬୫.୪ ନିୟୁତ ଯାନବାହନର ବୈଧ ବୀମା ନାହିଁ। ଏହାର ଅର୍ଥ ହେଉଛି ପ୍ରାୟ ୫୬% ଯାନବାହନ ବୀମା ବିନା ଚାଲୁଛି। କୋର୍ଟ କହିଛନ୍ତି ଯେ ମୋଟର ଯାନ ଆଇନ ଅନୁଯାୟୀ ତୃତୀୟ ପକ୍ଷ ବୀମାର ଉଦ୍ଦେଶ୍ୟ କେବଳ ଦୁର୍ଘଟଣା ପୀଡିତଙ୍କୁ କ୍ଷତିପୂରଣ ପ୍ରଦାନ କରିବା ନୁହେଁ ବରଂ ସେମାନଙ୍କୁ ଦୀର୍ଘ ଆଇନଗତ ବିବାଦରୁ ରକ୍ଷା କରିବା।

## ବେଦାନ୍ତ ଆଲୁମିନିୟମ୍‌ର କୋଇଲା ଖଣି ପ୍ରକଳ୍ପ ବିଦ୍ୟା



ଭୁବନେଶ୍ୱର,୪।୮ (ସମିସ): ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ ଏହାର କୋଇଲା ଖଣିର ଏକ ମୁଖ୍ୟ ପଦକ୍ଷେପ ପ୍ରକଳ୍ପ ବିଦ୍ୟା ମାଧ୍ୟମରେ ଓଡ଼ିଶାର ଝାରସୁଗୁଡ଼ା ଏବଂ ସୁନ୍ଦରଗଡ ଜିଲ୍ଲାରେ ଗ୍ରାମୀଣ ଶିକ୍ଷାକୁ ମଜବୁତ କରୁଛି, ଯାହା ଶିକ୍ଷାର ସୁଯୋଗକୁ ବିସ୍ତାର କରୁଛି ଏବଂ ସରକାରୀ ବିଦ୍ୟାଳୟରେ ଶିକ୍ଷାଗତ ଫଳାଫଳକୁ ଉନ୍ନତ କରିବାରେ ସାହାଯ୍ୟ କରୁଛି। ଏହାର ଆରମ୍ଭ ପରଠାରୁ, ପ୍ରକଳ୍ପ ବିଦ୍ୟା କମ୍ପାନୀର କାର୍ଯ୍ୟକ୍ଷମ ଅଞ୍ଚଳ କୁରାଲୋଇ, ଜାମଖାନୀ ଏବଂ ଘୋଘରପାଲ୍ଲୀରେ ୩୨ ଟି ସରକାରୀ ବିଦ୍ୟାଳୟ ଏବଂ ୫୧ ଟି ଅଙ୍ଗନୱାଡି କେନ୍ଦ୍ରର ୨୫,୦୦୦ରୁ ଅଧିକ ଛାତ୍ରଙ୍କ ନିକଟରେ ପହଞ୍ଚିଛି।

## ସମାଖିଆଲି-ଭାଚୌ ଚତୁର୍ଭୁଜ ସେକ୍ସନର ସିଆର୍‌ଏସ୍ ଦ୍ୱାରା ସୁରକ୍ଷା ଯାଞ୍ଚ

ଅହମଦାବାଦ୍, ୪।୮ (ଏଜେନ୍ସି): ପଶ୍ଚିମ ରେଳପଥର ଅହମଦାବାଦ ଡିଭିଜନରେ ରେଳ ଭିତ୍ତିଭୂମିର ସମ୍ପ୍ରସାରଣ ଏବଂ ଆଧୁନିକୀକରଣରେ ଆଉ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ହାସଲ କରିବାକୁ ଯାଉଛି। ସମାଖିଆଲି-ଗାନ୍ଧିଧାମ ଚତୁର୍ଭୁଜ ପ୍ରକଳ୍ପର ଅଂଶ - ସମାଖିଆଲି ଏବଂ ଭାଚୌ ଷ୍ଟେସନ ମଧ୍ୟରେ ନବନିର୍ମିତ ୩୨.୯୦ ଟ୍ରାକ-କିମିର ତୃତୀୟ ଏବଂ ଚତୁର୍ଥ ରେଳ ଲାଇନରେ ଯାତ୍ରୀବାହୀ ଟ୍ରେନ୍ ସେବା ଆରମ୍ଭ ହେବା ପୂର୍ବରୁ - ରେଳ ସୁରକ୍ଷା କମିଶନର (ସିଆର୍‌ଏସ୍) ଦ୍ୱାରା ଅଗଷ୍ଟ ୫ ଏବଂ ୬ରେ ଏକ ସୁରକ୍ଷା ଯାଞ୍ଚ କରାଯିବ।



୫ ଅଗଷ୍ଟରେ, ସମାଖିଆଲି ଏବଂ ଭାଚୌ ମଧ୍ୟରେ 'ଡାଉନ୍' ଲାଇନରେ ମୋଟର ଟ୍ରଲି ମାଧ୍ୟମରେ ଏକ ବିସ୍ତୃତ ସୁରକ୍ଷା ଯାଞ୍ଚ କରାଯିବ।

## ରୁଫଟପ୍ ସୋଲାର ପାଇଁ ସୋଲାର ରଥ ଅଭିଯାନ


ଭୁବନେଶ୍ୱର, ୪।୮ (ସମିସ): ଟାଟା ପାୱାର ଏବଂ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ) ପିଏମ୍ ସୂର୍ଯ୍ୟ ଘର: ମୁଫ୍ତ ବିଜିଳି ଯୋଜନା ବିଷୟରେ ସଚେତନତା ସୃଷ୍ଟି କରିବା, ଏହାର ପ୍ରସାର କରିବା ପାଇଁ ଖୋର୍ଦ୍ଧା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରୁ ସୋଲାର ରଥର ଶୁଭାରମ୍ଭ କରିଛି। ଏହି ସୋଲାର ରଥକୁ ଖୋର୍ଦ୍ଧା ଅତିରିକ୍ତ ଜିଲ୍ଲାପାଳ ପ୍ରତାପ ଚନ୍ଦ୍ର ବେଉରା ଏବଂ ଖୋର୍ଦ୍ଧା ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ଟିପିସିଓଡିଏଲର



ବରିଷ୍ଠ ଅଧିକାରୀମାନଙ୍କ ଉପସ୍ଥିତିରେ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ।

## ଇନ୍ଦୋର-ଦାହୋଦ ରେଳ ଲାଇନ ପ୍ରକଳ୍ପ ପାଇଁ ସୁଡଙ୍ଗ ନିର୍ମାଣରେ ଅଗ୍ରଗତି

ରତଲାମ୍, ୪।୮ (ଏଜେନ୍ସି): ପଶ୍ଚିମ ରେଳବାଇର ରତଲାମ୍ ଡିଭିଜନ ଅଧୀନରେ କାର୍ଯ୍ୟକାରୀ ହେଉଥିବା ଇନ୍ଦୋର-ଦାହୋଦ ନୂତନ ରେଳ ଲାଇନ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ନିର୍ଦ୍ଧାରିତ ସମୟସୀମା ଅନୁସାରେ ଦ୍ରୁତ ଗତିରେ ଚାଲିଛି। ଅଗଷ୍ଟ ୩ ସୁଦ୍ଧା ସୁଡଙ୍ଗ ନିର୍ମାଣର ବିଭିନ୍ନ ପର୍ଯ୍ୟାୟରେ ଗୁରୁତ୍ୱପୂର୍ଣ୍ଣ ସଫଳତା ହାସଲ କରାଯାଇଛି। ପଶ୍ଚିମ ରେଳବାଇର ରତଲାମ୍ ଡିଭିଜନର ଜନସମ୍ପର୍କ ଅଧିକାରୀ ମୁକେଶ କୁମାରଙ୍କ ଦ୍ୱାରା ଜାରି ଏକ ପ୍ରେସ୍ ବିଜ୍ଞପ୍ତି ଅନୁଯାୟୀ, ଖନନ ପରେ ସୁଡଙ୍ଗ ଲାଇନିଂ - ଏକ ଗୁରୁତ୍ୱପୂର୍ଣ୍ଣ ପର୍ଯ୍ୟାୟ ଯାହା ସୁଡଙ୍ଗର ସ୍ଥିରତା, ଶକ୍ତି ଏବଂ ଦୀର୍ଘକାଳୀନ ସୁରକ୍ଷା ସୁନିଶ୍ଚିତ କରେ। ୨୯୫୭ ମିଟର ଲମ୍ବା ସୁଡଙ୍ଗ ପାଇଁ ଲାଇନିଂ କାର୍ଯ୍ୟ ସମାପ୍ତ ହୋଇଛି। ଏହା ପରେ, ସୁଡଙ୍ଗ ଭିତରେ ବାଲାଷ୍ଟଲେସ୍ ଟ୍ରାକ୍ ବିଛାଇବା ଦ୍ରୁତ ଗତିରେ କରାଯାଉଛି।



### ଆମେରିକାରେ ତେଜୁଛି ୬୦ ଦେଶକୁ ନେଇ ଟାରିଫ୍ ବିବାଦ

## ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତିକୁ କଡ଼ା ବିରୋଧ

ୱାଶିଂଟନ୍,୪।୮ (ଏଜେନ୍ସି):

ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୂତନ ଶୁଳ୍କ ନୀତି ପୁଣି ଥରେ ଆଇନଗତ ବିବାଦରେ ଫସି ଯାଇଛି। ଆମେରିକାର ୨୦ଟି ଡେମୋକ୍ରାଟିକ୍ ଶାସିତ ରାଜ୍ୟ ଏବେ ଟ୍ରମ୍ପ ପ୍ରଶାସନ ବିରୁଦ୍ଧରେ ଟାରିଫ୍ ପ୍ରସଙ୍ଗରେ ମାମଲା ରୁଜୁ କରିଛନ୍ତି। ସେମାନେ ଭାରତ ସମେତ ୬୦ ଟି ବାଣିଜ୍ୟିକ ସହଯୋଗୀ ଦେଶରୁ ଆମଦାନୀ ଉପରେ ଲାଗୁ ହୋଇଥିବା ନୂତନ ଶୁଳ୍କକୁ ଚ୍ୟାଲେଞ୍ଜ କରିଛନ୍ତି।

ସୋମବାର ଆମେରିକାର ନ୍ୟୁୟର୍କରେ ଥିବା ଆମେରିକାର ଅନ୍ତର୍ଜାତୀୟ ବାଣିଜ୍ୟ ଅଦାଲତରେ ଏହି ମାମଲା ରୁଜୁ କରାଯାଇଛି। ଏହି ଆବେଦନ ଗତ ମାସରେ ଲାଗୁ ହୋଇଥିବା ୧୦ ରୁ ୧୨.୫ ପ୍ରତିଶତ ଆମଦାନୀ ଶୁଳ୍କକୁ ଚ୍ୟାଲେଞ୍ଜ କରିଛି। ଏହି ଶୁଳ୍କ ୧୯୭୪ ବାଣିଜ୍ୟ ଆଇନର ଧାରା ୩୦୧ ଅନୁଯାୟୀ ଲାଗୁ କରାଯାଇଥିଲା। ଟ୍ରମ୍ପ ପ୍ରଶାସନ ଦାବି କରୁଛି ଯେ ଏହି ଶୁଳ୍କ ସେହି ଦେଶଗୁଡ଼ିକ ଉପରେ ଲାଗୁ କରାଯାଉଛି, ଯେଉଁମାନେ ବାଧ୍ୟତାମୂଳକ ଶ୍ରମ ସହିତ ଉତ୍ପାଦିତ ସାମଗ୍ରୀର ରପ୍ତାନିକୁ ରୋକିବା ପାଇଁ ପର୍ଯ୍ୟାପ୍ତ ପଦକ୍ଷେପ ନେଉନାହାଁନ୍ତି। ଏହି ମାମଲାକୁ ଟ୍ରମ୍ପଙ୍କ ଟାରିଫ୍ ନୀତିର ଏକ ନୂତନ ଆଇନଗତ ପରୀକ୍ଷା ଭାବରେ ବିବେଚନା କରାଯାଉଛି। ତାଙ୍କର ଅନେକ ଟାରିଫ୍ ନୀତି ପୂର୍ବରୁ ଆମେରିକାର କୋର୍ଟରେ ଚ୍ୟାଲେଞ୍ଜ କରାଯାଇଛି। ଓରେଗନ୍ ଏବଂ ନ୍ୟୁୟର୍କ ସମେତ ୨୫ଟି ରାଜ୍ୟ ଦ୍ୱାରା ଏହି ମାମଲା ଦାୟର କରାଯାଇଥିଲା। ସମସ୍ତ ରାଜ୍ୟରେ ଡେମୋକ୍ରାଟିକ୍ ପାର୍ଟିର ଗଭର୍ଣ୍ଣର କିମ୍ବା ଆଡ୍‌ଭୋକେଟ୍ ଜେନେରାଲ ଅଛନ୍ତି। ରାଜ୍ୟଗୁଡ଼ିକ ଅଭିଯୋଗ କରିଛନ୍ତି ଯେ ଟ୍ରମ୍ପ ପ୍ରଶାସନ ପୂର୍ବରୁ ଅଦାଲତ ଦ୍ୱାରା ଅବୈଧ ଘୋଷିତ ବ୍ୟାପକ ଆମଦାନୀ ଟାରିଫ୍ ପୁନଃ



ଲାଗୁ କରିବାକୁ ଚେଷ୍ଟା କରୁଛି, ଯାହା ଏକ ଭିନ୍ନ ଆଇନଗତ ଆଧାରରେ। ଆବେଦନରେ କୁହାଯାଇଛି ଯେ ଧାରା ୩୦୧ ପୂର୍ବରୁ କେବଳ ଅନୁଚିତ ବାଣିଜ୍ୟ ଅଭ୍ୟାସର ଅଭିଯୁକ୍ତ ଦେଶ କିମ୍ବା ଶିଳ୍ପ ବିରୁଦ୍ଧରେ ବ୍ୟବହାର କରାଯାଇଥିଲା। ଏହା ପ୍ରାୟ ସମସ୍ତ ଦେଶରୁ ଆମଦାନୀ ଉପରେ ବ୍ୟାପକ ଟାରିଫ୍ ଲାଗୁ କରିବା ପାଇଁ ଉଦ୍ଦିଷ୍ଟ ନଥିଲା। ରାଜ୍ୟଗୁଡ଼ିକ ଏହା ମଧ୍ୟ ଅଭିଯୋଗ କରିଛନ୍ତି ଯେ ବାଧ୍ୟତାମୂଳକ ଶ୍ରମିକ ପ୍ରସଙ୍ଗକୁ କେବଳ ପୂର୍ବରୁ ବାତିଲ କରାଯାଇଥିବା ଟାରିଫ୍ ପୁନଃ

**୨୫ ରାଜ୍ୟରେ ମାମଲା ରୁଜୁ**

ଲାଗୁ କରିବା ପାଇଁ ଏକ ବାହାନା ଭାବରେ ବ୍ୟବହାର କରାଯାଉଛି।

ଏଠାରେ ସୂଚନାଯୋଗ୍ୟ ଯେ, ଟ୍ରମ୍ପଙ୍କ ବିବାଦୀୟ ଟାରିଫ୍ ୨୪ ଜୁଲାଇରେ ଘୋଷଣା କରାଯାଇଥିଲା। ଏହି ଟାରିଫ୍ ଭାରତ ଏବଂ ୟୁରୋପୀୟ ୟୁନିଅନ ସମେତ ୬୦ଟି ବାଣିଜ୍ୟିକ ଅଂଶୀଦାର ଦେଶରୁ ଆମଦାନୀ ହେଉଥିବା ଉତ୍ପାଦଗୁଡ଼ିକ ପାଇଁ ପ୍ରଯୁଜ୍ୟ। ତଥାପି, କିଛି ଦେଶ ବାଧ୍ୟତାମୂଳକ ଶ୍ରମ ପ୍ରଥାକୁ ରୋକିବା ପାଇଁ ସେମାନଙ୍କର ଆଇନ ଏବଂ କାର୍ଯ୍ୟକୁ ସୁଦୃଢ଼ କରିଥିଲେ, ଯାହା ଫଳରେ ଟାରିଫ୍ ହାର କମ ହୋଇଥିଲା। ଜଣେ ବରିଷ୍ଠ ଆମେରିକୀୟ ଅଧିକାରୀଙ୍କ ଅନୁଯାୟୀ, ଭାରତ ଉପରେ ଲାଗୁ ହୋଇଥିବା ଶୁଳ୍କକୁ ୧୨.୫ରୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଛି। ଏହା ଉଲ୍ଲେଖନୀୟ ଯେ ଏହି ବର୍ଷ, ଆମେରିକାର ସୁପ୍ରିମକୋର୍ଟ ରାୟ ଦେଇଥିଲେ ଯେ ଆନ୍ତର୍ଜାତୀୟ ଜରୁରୀକାଳୀନ ଅର୍ଥନୈତିକ ଶକ୍ତି ଆଇନ ରାଷ୍ଟ୍ରପତିଙ୍କୁ ବିଶ୍ୱବ୍ୟାପୀ ବ୍ୟାପକ ଶୁଳ୍କ ଲାଗୁ କରିବାର ଅଧିକାର ଦିଏ ନାହିଁ। ସୁପ୍ରିମକୋର୍ଟଙ୍କ ନିଷ୍ପତ୍ତି ପରେ, ଟ୍ରମ୍ପ ପ୍ରଶାସନ ୧୯୭୪ ମସିହାର ବାଣିଜ୍ୟ ଆଇନର ଧାରା ୧୨୨ ଅନୁଯାୟୀ ଅସ୍ଥାୟୀ ବିଶ୍ୱ ଶୁଳ୍କ ଲାଗୁ କରିଥିଲା। ପରେ ଆମେରିକାର ଆନ୍ତର୍ଜାତୀୟ ବାଣିଜ୍ୟ ଅଦାଲତ ଏହି ଶୁଳ୍କଗୁଡ଼ିକୁ ଅବୈଧ ଘୋଷଣା କରିଥିଲା।

## କାକଟପୁର ମା' ମଙ୍ଗଳା ପୀଠର ହେବ ଉନ୍ନତୀକରଣ

ଭୁବନେଶ୍ୱର, ୪।୮ (ସମିସ): ପୁରୀ ଜିଲ୍ଲା କାକଟପୁର ମା'ମଙ୍ଗଳା ପୀଠର ବିଜେ ସ୍ଥଳୀ ଏବଂ ପାରିପାର୍ଶ୍ୱିକ ଅଞ୍ଚଳର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟକରଣ କରାଯିବ। ଆଜି ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା ଏବଂ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ମିଳିତ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ଉଚ୍ଚସ୍ତରୀୟ ବୈଠକରେ ମୁଖ୍ୟ ମନ୍ଦିରର ମରାମତି, ରୋଷଗୃହ ନିର୍ମାଣ, ପାର୍କିଂ ସ୍ଥଳୀର ଉନ୍ନତିକରଣ, ସେବାୟତ ଭବନ ନିର୍ମାଣ, ଯାତ୍ରୀନିବାସ ଓ ଚନ୍ଦନ ଘାଟର ଆଧୁନିକୀକରଣ, ଭୋଗ ଦୋକାନ ଓ ଐତିହ୍ୟ ଗେଟ୍ ନିର୍ମାଣ ନେଇ ଆଲୋଚନା ହୋଇଥିଲା। ସେହିପରି ଏସିଆର ସର୍ବବୃହତ କ୍ଷାରୀୟ ହ୍ରଦ ଚିଲିକା ଏବଂ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ କରାଯିବ। ଚିଲିକା ଆସୁଥିବା ପର୍ଯ୍ୟଟକଙ୍କ ସୁବିଧାସୁଯୋଗ ଲାଗି ଭିତ୍ତିଭୂମି ନିର୍ମାଣ କରାଯିବା ସହ ଆଖପାଖ ଅଞ୍ଚଳକୁ ପର୍ଯ୍ୟଟନ ଦୃଷ୍ଟିକୋଣରୁ ବିକଶିତ କରାଯିବ। ଚିଲିକାକୁ ଏକ ଆକର୍ଷଣୀୟ ଓ ବିଶ୍ୱସ୍ତରୀୟ ପର୍ଯ୍ୟଟନସ୍ଥଳୀ ଭାବେ ଗଢ଼ି ତୋଳିବା ସହ ମା' କାଳିଜାଇ ପୀଠର ସର୍ବାଙ୍ଗୀନ ବିକାଶ ସହ ଚିଲିକାର ପରିବେଶ,



**ଚିଲିକା, କାଳିଜାଇ ଓ ସାତପଡ଼ା ଅଞ୍ଚଳର ସାମଗ୍ରିକ ବିକାଶ ନେଇ ନକ୍ସା ପ୍ରସ୍ତୁତ ଉପରେ ଗୁରୁତ୍ୱ**

**ଇକୋ-ଟୁରିଜିମ୍ ସହ ଦୁଃସାହସିକ କ୍ରୀଡା, ୱାଟର ସ୍ପୋର୍ଟସ୍, ଟ୍ରେକିଂର ମଜାନେବେ ପର୍ଯ୍ୟଟକ**

ଜୈବବିବିଧତା ଓ ପ୍ରାକୃତିକ ସୌନ୍ଦର୍ଯ୍ୟର ସୁରକ୍ଷାକୁ ଗୁରୁତ୍ୱ ଦେଇ ପରିବେଶ ସମ୍ବେଦନଶୀଳ ବିକାଶ ଉପରେ ଗୁରୁତ୍ୱ ଦିଆଯିବ ବୋଲି ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଏନେଇ ଚିଲିକା ହ୍ରଦର ସାମଗ୍ରିକ ବିକାଶର ନକ୍ସା ପ୍ରସ୍ତୁତ ନେଇ ଆଲୋଚନା ହୋଇଥିଲା।

ବୈଠକରେ ବିଭିନ୍ନ ସଂସ୍ଥା ପକ୍ଷରୁ ଏହାର ବିକାଶ ନେଇ ପ୍ରସ୍ତୁତ ନକ୍ସା ପ୍ରଦର୍ଶିତ ହୋଇଥିଲା। ଏଥିରେ ଉନ୍ନତ ରାସ୍ତାଘାଟ ନିର୍ମାଣ ସହ ଜେଟିଗୁଡିକର ବିକାଶ, ପାର୍କିଂ ସ୍ଥାନ ନିର୍ମାଣ, ପକ୍ଷୀ ଦେଖିବା ପାଇଁ ବାର୍ଡସ ଭ୍ୟୁ ପଏଣ୍ଟ, ସାଇକେଲ ଟ୍ରାକ୍, ରୋଲର ସ୍କେଟିଂ, ୱାଟର ସ୍ପୋର୍ଟସ, ବୋଟିଂ ଭଳି ଦୁଃସାହସିକ କ୍ରୀଡ଼ା ଲାଗି ସୁବିଧା କରାଯିବା ସହ ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଟ୍ରି-ହାଉସ୍, ଟ୍ରେକିଂ ୱେ, ଓପନ୍ ଫୁଡ୍ କୋର୍ଟ, ବଣଭୋଜି ଅଞ୍ଚଳର ବିକାଶ ସହ ଓଡିଶାର ଐତିହ୍ୟକୁ ପ୍ରଦର୍ଶିତ କରିବା ଭଳି କଳାକୃତି ସ୍ଥାନିତ କରିବା ଉପରେ ଆଲୋଚନା ହୋଇଥିଲା। ଏହାସହ ଗୋପାଳପୁରଠାରୁ ବାହୁଦାକୁ ସଂଯୋଗ କରି ଗ୍ରୀନ୍‌ଫିଲ୍ଡ ରାସ୍ତା ନିର୍ମାଣ ସହ ପାରିପାର୍ଶ୍ୱିକ ଅଞ୍ଚଳରେ ପର୍ଯ୍ୟଟନ ବିକାଶ ନେଇ ଆଲୋଚନା ହୋଇଥିଲା। ବୈଠକରେ ଓବିସିସି ପରିଚାଳନା ନିର୍ଦ୍ଦେଶକ ଅନୁପମ୍ ସାହା, ପର୍ଯ୍ୟଟନ ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା, ଦେବୋତ୍ତର କମିଶନର ସତ୍ୟନାରାୟଣ ଷଡଙ୍ଗୀ, ଇଆଇସି ସିଭିଲ୍ ଇଂ ସତ୍ୟବ୍ରତ ବେହେରା, ଇଆଇସି ବିଲ୍‌ଡିଂ ଇଂ ପ୍ରିୟବ୍ରତ ସାମନ୍ତରାୟ ଓ ମୁଖ୍ୟଯନ୍ତ୍ରୀ ଇଂ ତ୍ରିନାଥ ବେହେରାଙ୍କ ସମେତ ମନ୍ଦିର ଟ୍ରଷ୍ଟ ବୋର୍ଡ ଓ ସେବାୟତମାନେ ଉପସ୍ଥିତ ଥିଲେ।

## କିଟ୍ ଓ କିସ୍‌ରେ ଜାତୀୟ ପାରିଭାଷିକ ବୈଠକ

ଭୁବନେଶ୍ୱର,୪।୮ (ସମିସ): ଶିକ୍ଷା ମନ୍ତ୍ରାଳୟ ଅଧୀନସ୍ଥ ଉଚ୍ଚଶିକ୍ଷା ବିଭାଗ ବୈଜ୍ଞାନିକ ଏବଂ ବୈଷୟିକ ପାରିଭାଷିକ ଶବ୍ଦାବଳୀ ଆୟୋଗ ପକ୍ଷରୁ କିଟ୍ ଓ କିସ୍‌ର ଛଅଟି ସମାନ୍ତରାଳ ଜାତୀୟ ପାରିଭାଷିକ ବୈଠକ ଆରମ୍ଭ ହୋଇଛି। ଜାତୀୟ ଶିକ୍ଷା ନୀତି-୨୦୨୦ ଅନୁରୂପ ଭାରତୀୟ ଭାଷାଗୁଡ଼ିକରେ ବୈଜ୍ଞାନିକ ଓ ବୈଷୟିକ ପାରିଭାଷିକ ଶବ୍ଦାବଳୀର ବିକାଶ ଓ ମାନକୀକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଏବଂ ଉଚ୍ଚଶିକ୍ଷା, ଗବେଷଣା ଏବଂ ପ୍ରଶାସନ କ୍ଷେତ୍ରରେ ଭାରତୀୟ ଭାଷାର ବ୍ୟବହାରକୁ ସୁଦୃଢ଼ କରିବା ପାଇଁ ମାନକୀକୃତ ପାରିଭାଷିକ ଶବ୍ଦାବଳୀ ପ୍ରସ୍ତୁତ ଓ ଚୂଡ଼ାନ୍ତ କରିବା ଉଦ୍ଦେଶ୍ୟରେ ୭ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା ଏହି ପାଞ୍ଚଦିନିଆ କାର୍ଯ୍ୟକ୍ରମରେ ଓଡ଼ିଶାର ବିଭିନ୍ନ ବିଶ୍ୱବିଦ୍ୟାଳୟ ଏବଂ ଗବେଷଣା ଅନୁଷ୍ଠାନର ୧୦୦ରୁ ଉର୍ଦ୍ଧ୍ୱ ଭାଷା ବିଶେଷଜ୍ଞ ଅଂଶଗ୍ରହଣ କରିଛନ୍ତି।

ଉଦ୍‌ଘାଟନୀ ଅଧିବେଶନକୁ ସମ୍ବୋଧିତ କରି ସିଏସ୍‌ଟିଟିର ସହକାରୀ ନିର୍ଦ୍ଦେଶକ ଇଂ ଜେଏସ୍ ରାୱତ କହିଛନ୍ତି, ଶିକ୍ଷାଦାନ, ଅଧ୍ୟୟନ, ଗବେଷଣା, ଅନୁବାଦ, ନବସୃଜନ ଏବଂ ଜ୍ଞାନର ପ୍ରସାର ପାଇଁ ମାନକୀକୃତ ପାରିଭାଷିକ ଶବ୍ଦାବଳୀ ଅତ୍ୟନ୍ତ ଆବଶ୍ୟକ। ଏହି ପାଞ୍ଚଦିନିଆ ଆଲୋଚନାଚକ୍ର ମଧ୍ୟରେ ବିଶେଷଜ୍ଞ କମିଟିଗୁଡ଼ିକ ଇଲେକ୍‌ଟ୍ରୋନିକ୍ସ, ପ୍ରସାରଣ, ଦୂରସଞ୍ଚାର, ଅର୍ଥନୀତି, ବାଣିଜ୍ୟ




ଏବଂ ରାଜନୀତି ବିଜ୍ଞାନ ବିଷୟରେ ହଜାର ହଜାର ଓଡ଼ିଆ ବୈଷୟିକ ପାରିଭାଷିକ ଶବ୍ଦର ସମୀକ୍ଷା କରି ସେଗୁଡ଼ିକର ବିକାଶ ଓ ମାନକୀକରଣ କରିବେ ବୋଲି ସେ ସୂଚନା ଦେଇଥିଲେ। କିଟ୍ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଶରଣଜିତ ସିଂହ କହିଲେ, ଜାତୀୟ ଶିକ୍ଷା ନୀତି-୨୦୨୦ ଭାରତୀୟ ଭାଷା ମାଧ୍ୟମରେ ଗୁଣାତ୍ମକ ଶିକ୍ଷା ପ୍ରଦାନ ପାଇଁ ନୂତନ ସୁଯୋଗ ସୃଷ୍ଟି କରିଛି। ଗବେଷଣା, ନବସୃଜନ ଏବଂ ଅନ୍ତର୍ଭୁକ୍ତିମୂଳକ ଶିକ୍ଷା ପାଇଁ ମାନକୀକୃତ ବୈଷୟିକ ପାରିଭାଷିକ ଶବ୍ଦାବଳୀ ଅତ୍ୟନ୍ତ ଜରୁରୀ ବୋଲି କହିଥିଲେ। ଏଥିରେ କିଟ ବିଶ୍ୱବିଦ୍ୟାଳୟ କୁଳସଚିବ ପ୍ରଫେସର ଜ୍ଞାନରଞ୍ଜନ ମହାନ୍ତି, କିସ୍ ବିଶ୍ୱବିଦ୍ୟାଳୟ ଡ. ପ୍ରଶାନ୍ତ କୁମାର ରାଉତରାୟ ଏବଂ କିଟ୍ କମ୍ପ୍ୟୁଟର ସାଇନ୍ସ ବିଭାଗର ପ୍ରଫେସର ଏବଂ ନିର୍ଦ୍ଦେଶକ ପ୍ରଫେସର ବେଣୁ ଗୋପାଳ ମହାପାତ୍ର ଉପସ୍ଥିତ ଥିଲେ।

■ ମହିଳାଙ୍କୁ ଯୌନ ନିର୍ଯାତନା ମାମଲା

# କ୍ରାଇମବ୍ରାଞ୍ଚରେ ହାଜର ହେଲେ ଶରଣକୁଳ ଆଇଆଇସି

ନୟାଗଡ଼/ଭୁବନେଶ୍ୱର/କଟକ,୪।୮ (ସମିସ): ଜଣେ ମହିଳାଙ୍କୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ ନିଲମ୍ବିତ ହୋଇଥିବା ନୟାଗଡ଼ ଜିଲା ଶରଣକୁଳ ଥାନାର ପୂର୍ବତନ ଆଇଆଇସି ସୁଜିତ କୁମାର ଦାଶ ଆଜି କ୍ରାଇମବ୍ରାଞ୍ଚରେ ହାଜର ହୋଇଛନ୍ତି। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁଜିତ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ଅପରାଧ

**ବାଉଁଶିଆସ୍ଥିତ ଭଡ଼ା ଘର ଓ ନୟାଗଡସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢ଼ଉ**



ନିରାକରଣ ଶାଖା ନିକଟରେ ହାଜର ହୋଇଛନ୍ତି। ଯୌନ ନିର୍ଯାତନା ଅଭିଯୋଗରେ ସୁଜିତଙ୍କ ନାମରେ କ୍ରାଇମ ବ୍ରାଞ୍ଚ ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପୂର୍ବରୁ ସୁଜିତଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ରହିତାଦେଶ ଲଗାଇଛନ୍ତି। ହେଲେ ମାମଲାର ତଦନ୍ତରେ ସହଯୋଗ କରିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ ରହିଛି।

ସୁଜିତଙ୍କୁ କ୍ରାଇମ ବ୍ରାଞ୍ଚ ଅଧିକାରୀ ଜେରା କରୁଥିବା ବେଳେ ତାଙ୍କର ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସରେ ଚଢଉ କରାଯାଇଛି। ତଦନ୍ତକାରୀ ଟିମର ଜଣେ ବରିଷ୍ଠ ଅଧିକାରୀଙ୍କ ସୂଚନା ମୁତାବକ, ଆସନ୍ତା ୧୭ ରେ ହେବାକୁ ଥିବା ଶୁଣାଣି ପାଇଁ ଆବଶ୍ୟକ ସମସ୍ତ ପ୍ରମାଣପତ୍ର ଏବେ ଯୋଗାଡ ଚାଲିଛି। ନିର୍ଦ୍ଦିଷ୍ଟ ସମୟରେ ଏହାକୁ କୋର୍ଟରେ ଦାଖଲ କରାଯିବ ବୋଲି କ୍ରାଇମବ୍ରାଞ୍ଚ ପକ୍ଷରୁ କୁହାଯାଇଛି। ପୀଡ଼ିତାଙ୍କ ଅଭିଯୋଗ ମୁତାବକ, ନୟାଗଡ଼ ସହରରେ ଥିବା ଏକ ହୋଟେଲ ତାଙ୍କୁ ସୁଜିତ ରଖିଥିଲେ। ବାଉଁଶିଆ ସ୍ଥିତ ଭଡା ଘର ଓ ନୟାଗଡ ସ୍ଥିତ ସରକାରୀ କ୍ୱାର୍ଟର୍ସକୁ ନେଇ ତାଙ୍କୁ ବାରମ୍ବାର ଦୁଷ୍କର୍ମ କରୁଥିଲେ। ଗୁରୁତର ଆଚରଣଗତ ତ୍ରୁଟି ଏବଂ କର୍ତ୍ତବ୍ୟରେ ଅବହେଳା ପାଇଁ ରାଜ୍ୟ ପୁଲିସ ମହାନିର୍ଦ୍ଦେଶକ ତାଙ୍କୁ ତୁରନ୍ତ ଚାକିରିରୁ ନିଲମ୍ବିତ କରିଥିଲେ। ମାମଲାର ନିରପେକ୍ଷ ଓ ସ୍ୱଚ୍ଛ ତଦନ୍ତ ପାଇଁ କ୍ରାଇମବ୍ରାଞ୍ଚର ମହିଳା ଓ ଶିଶୁ ବିରୋଧୀ ଅପରାଧ ଶାଖାକୁ ନିର୍ଦ୍ଦେଶ ଦେଇଥିଲେ। ଗିରଫଦାରୀ ଏଡାଇବାକୁ ଦାସ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ତାଙ୍କ ଗିରଫଦାରୀ ଉପରେ ହାଇକୋର୍ଟ ଅନ୍ତରୀଣ ରୋକ୍ ଲଗାଇଛନ୍ତି। କୋର୍ଟ ତାଙ୍କୁ କ୍ରାଇମବ୍ରାଞ୍ଚରେ ହାଜର ହୋଇ ଚାଲୁରହିଥିବା ତଦନ୍ତ ପ୍ରକ୍ରିୟାରେ ସମ୍ପୂର୍ଣ୍ଣ ସହଯୋଗ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଉଦୟନିଧି ଷ୍ଟାଲିନ୍‌ଙ୍କୁ..

ପରେ ସନ୍ଧ୍ୟାରେ ଷ୍ଟାଲିନଙ୍କୁ ଛାଡ଼ି ଦିଆଯାଇଛି। ଏହି ମାମଲାରେ ଷ୍ଟାଲିନଙ୍କୁ ପଚରାଉଚରା ପରେ ପୁଲିସ ମୁକ୍ତ କରିଛି। ତ୍ରିଶା ମୁଖ୍ୟମନ୍ତ୍ରୀ ବିଜୟଙ୍କ ବାନ୍ଧବୀ ବୋଲି କୁହାଯାଉଛି। ଅନ୍ୟପଟେ, ଡିଏମକେ ଏହି କାର୍ଯ୍ୟାନୁଷ୍ଠାନକୁ ରାଜନୈତିକ ପ୍ରତିଶୋଧ ବୋଲି କହିଛି। ଡିଏମକେ ସାଂସଦ କାନିମୋଝୀ କହିଛନ୍ତି ଯେ ବିଧାନସଭା ଅଧିବେଶନ ପୂର୍ବରୁ ବିରୋଧୀ ଦଳ ନେତାଙ୍କୁ ଗିରଫ କରିବା ସରକାରଙ୍କ କାପୁରୁଷତାକୁ ଦର୍ଶାଉଛି। ଷ୍ଟାଲିନ୍ ନିଜ ମନ୍ତବ୍ୟକୁ ସମର୍ଥନ କରି କହିଛନ୍ତି ଯେ ସେ କୌଣସି ଭୁଲ କରିନାହାନ୍ତି। ତେବେ ମାଡ୍ରାସ ହାଇକୋର୍ଟରେ ଏହି ମାମଲାର ଶୁଣାଣି ପରେ, ରାଜ୍ୟ ସରକାର ତାଙ୍କୁ ଆଜି ହିଁ ପଚରାଉଚରା ପରେ ଷ୍ଟେସନ ବେଲ୍‌ରେ ମୁକ୍ତ କରିବାକୁ ସମ୍ମତି ପ୍ରକାଶ କରିଛନ୍ତି। ସରକାରୀ ଓକିଲ କୋର୍ଟରେ ସ୍ପଷ୍ଟ କରିଛନ୍ତି ଯେ ମହିଳାଙ୍କ ସ୍ୱାର୍ଥ ରକ୍ଷା ପାଇଁ ତାଙ୍କୁ ହେପାଜତକୁ ନିଆଯାଇଥିଲା ଏବଂ ଆଜି ହିଁ ତାଙ୍କୁ ଛାଡ଼ି ଦିଆଯିବ।

### ତୃଣ ମୂଳ କଂଗ୍ରେସ...

ଦେବାର ପ୍ରଶ୍ନ ଉଠୁନାହିଁ। ଆମେ ଏନଡିଏ ବୈଠକକୁ ଯିବୁ ନାହିଁ। କିନ୍ତୁ ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଡାକିଥିବା ବୈଠକକୁ ଯିବୁ। ଏହା ସଂପୂର୍ଣ୍ଣ ରୂପେ ବିକାଶ କାର୍ଯ୍ୟକ୍ରମକୁ ନେଇ ଆଧାରିତ ହେବ। ମୁସଲିମ ସଂପ୍ରଦାୟର ସ୍ୱାର୍ଥକୁ କ୍ଷତି ପହଞ୍ଚାଉଥିବା କୌଣସି ପଦକ୍ଷେପକୁ ଆମେ ସମର୍ଥନ କରିବୁ ନାହିଁ ବୋଲି ସେ ସ୍ପଷ୍ଟ କରିଦେଇଛନ୍ତି। ମିଳିଥିବା ସୂଚନା ଅନୁଯାୟୀ ଏହି ତିନି ଜଣ ସାଂସଦ ମୁସଲିମ ବହୁଳ ନିର୍ବାଚନମଣ୍ଡଳୀ ମୁର୍ଶିଦାବାଦ, ଜାଙ୍ଗିପୁର ଏବଂ ବହରାମପୁରକୁ ପ୍ରତିନିଧିତ୍ୱ କରୁଛନ୍ତି। ସେମାନେ ମମତାଙ୍କୁ ଛାଡ଼ି ବିଜେପି ସହିତ ହାତ ମିଳାଇବା ପରେ ଏହି ନିର୍ବାଚନମଣ୍ଡଳୀରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ବିଭିନ୍ନ ସ୍ଥାନରେ ସେମାନଙ୍କୁ ବିରୋଧ କରାଯାଉଥିବାରୁ ଏହି ସାଂସଦ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି। ସୂଚନାଯୋଗ୍ୟ ଯେ ୨୦ ଜଣିଆ ବିଦ୍ରୋହୀ ଗୋଷ୍ଠୀ ଏନ୍‌ସିପିଆଇରେ ସାମିଲ ହୋଇଥିଲେ ମଧ୍ୟ ବାଚସ୍ପତି ଏହାକୁ ମଞ୍ଜୁରୀ ଦେଇ ନାହାନ୍ତି।

### ଇ-୨୦ ପେଟ୍ରୋଲକୁ...

ବାଛିବାର ବିକଳ୍ପ ରହିବା ଆବଶ୍ୟକ, ଇଥାନଲ ମିଶ୍ରିତ ପେଟ୍ରୋଲର ମୂଲ୍ୟ ହ୍ରାସ କରାଯାଉ ଆଦି ଦାବି କେଜ୍ରିୱାଲ ଉପସ୍ଥାପନ କରିଛନ୍ତି। ଏହି ଘଟଣାକୁ ନେଇ ବିଜେପି ପକ୍ଷରୁ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ବିଜେପି ସାଂସଦ ତରୁଣ ଚୁଘ୍ ଏହାକୁ ଏକ ଅର୍ଥହୀନ ଅଭିଯାନ ବୋଲି କହିବା ସହ ଏହା ଚାଷୀଙ୍କ ସ୍ୱାର୍ଥ ବିରୋଧୀ ବୋଲି ଅଭିହିତ କରିଛନ୍ତି।

ସୂଚନାଯୋଗ୍ୟ, ଗତ ମାସ କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଶିକ୍ଷା ବ୍ୟବସ୍ଥାରେ ସଂସ୍କାର ଦାବି କରି ପ୍ରଧାନମନ୍ତ୍ରୀଙ୍କ ଆବାସ ଅଭିମୁଖେ ପଦଯାତ୍ରା କରିଥିଲେ ଏବଂ ସେଠା।।ରେ ତାଙ୍କୁ ଅଟକ ରଖାଯାଇଥିଲା। ଆଜିର ପଦଯାତ୍ରା ପାଇଁ ପୁଲିସ ପକ୍ଷରୁ କୌଣସି ଆନୁଷ୍ଠାନିକ ଅନୁମତି ଦିଆଯାଇନଥିବା ଜଣାପଡ଼ିଛି।

### ଓଡ୍ରାଫ୍ ହେବ...

ସେବେଠାରୁ ତତ୍‌କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସରକାର ଓଡ୍ରାଫ୍‌କୁ ଆଧୁନିକରଣ କରିବାରେ ଗୁରୁତ୍ୱ ଦେଇ ଆସିଥିଲେ। ଓଡ୍ରାଫ୍ ଯବାନମାନେ ଅଗ୍ନିଶମ ସେବା, ଜଳ ଉଦ୍ଧାର, ଭଙ୍ଗା କୋଠାରୁ ଲୋକଙ୍କୁ ଉଦ୍ଧାର, ପ୍ରାଥମିକ ଚିକିତ୍ସା ଏବଂ ବିପର୍ଯ୍ୟୟ ପରିଚାଳନା ସମ୍ପର୍କିତ ଉନ୍ନତ ପ୍ରଶିକ୍ଷଣ ପାଇଆସୁଛନ୍ତି। ଫଳସ୍ୱରୂପ ବାତ୍ୟା, ବନ୍ୟା, ଭୂସ୍ଖଳନ, ସଡ଼କ ଦୁର୍ଘଟଣା ଏବଂ ଅନ୍ୟାନ୍ୟ ବଡ଼ ବିପର୍ଯ୍ୟୟରେ ଓଡ୍ରାଫ୍ ପ୍ରମୁଖ ବାହିନୀ ଭାବେ ସେଠାରେ ପହଞ୍ଚି ହଜାର ହଜାର ଲୋକଙ୍କ ଜୀବନ ରକ୍ଷା କରି ଆସୁଛି। ବିଶେଷ କରି ଫାଇଲିନ୍ (୨୦୧୩), ହୁଡହୁଡ୍ (୨୦୧୪), ଫନି (୨୦୧୯), ୟାସ୍ (୨୦୨୧) ଏବଂ ବିଭିନ୍ନ ବନ୍ୟା ପରିସ୍ଥିତିରେ ଓଡ୍ରାଫ୍‌ର ଦକ୍ଷତା ଓ ସାହସ ପ୍ରଶଂସିତ ହୋଇଛି। ଆଜି ଓଡ୍ରାଫ୍ କେବଳ ଓଡ଼ିଶାରେ ନୁହେଁ, ଆବଶ୍ୟକ ପଡ଼ିଲେ ଅନ୍ୟ ରାଜ୍ୟରେ ମଧ୍ୟ ଉଦ୍ଧାର କାର୍ଯ୍ୟରେ ସହଯୋଗ କରୁଛି। ଆଧୁନିକ ଉପକରଣ, ନିୟମିତ ପ୍ରଶିକ୍ଷଣ ଏବଂ ଉଚ୍ଚମାନର ପ୍ରସ୍ତୁତି ଯୋଗୁଁ ଓଡ୍ରାଫ୍ ଆଜି ଦେଶର ଅନ୍ୟତମ ଶ୍ରେଷ୍ଠ ରାଜ୍ୟସ୍ତରୀୟ ବିପର୍ଯ୍ୟୟ ପରିଚାଳନା ସଂସ୍ଥା ଭାବେ ପରିଚୟ ଲାଭ କରିଛି। ପ୍ରଥମ ରାଜ୍ୟ ଭାବେ ଓଡ଼ିଶାର ଏଭଳି ପରିକଳ୍ପନା ପରେ କେନ୍ଦ୍ର ସରକାର ମଧ୍ୟ ଓଡ୍ରାଫ୍ ଢାଞ୍ଚାରେ ଏନ୍‌ଡିଆର୍‌ଏଫ୍ ଗଠନ କରିଛନ୍ତି। ତେବେ ରାଜ୍ୟ ସରକାର ଏହି ବାହିନୀର ନାମ ପରିବର୍ତ୍ତନ କରିବାକୁ ନିଷ୍ପତ୍ତି ନେବା ପରେ ଏହାକୁ ନେଇ ବିଭିନ୍ନ ମହଲରୁ ପ୍ରତିକ୍ରିୟା ଆରମ୍ଭ ହୋଇଛି। ସରକାର କହିଛନ୍ତି, ଚଳିତ ବନ୍ୟାରେ ଏପର୍ଯ୍ୟନ୍ତ ସର୍ବମୋଟ୍ ୪୯୦ଘଣ୍ଟା ଧରି ନିରବଚ୍ଛିନ୍ନ ଭାବେ ଓଡ୍ରାଫ୍ ଟିମ୍ ସଫଳତାର ସହ ବନ୍ୟା ପ୍ରଭାବିତ ଅଞ୍ଚଳରେ ସେବା ପ୍ରଦାନ କରିଛି। ତେବେ ବିପର୍ଯ୍ୟୟ ପରିଚାଳନା (ସଂଶୋଧନ) ଆଇନ୍, ୨୦୨୫ ଅଧୀନରେ ପ୍ରତ୍ୟେକ ରାଜ୍ୟରେ ରାଜ୍ୟ ବିପର୍ଯ୍ୟୟ ପ୍ରଶମନ ବାହିନୀ /ଷ୍ଟେଟ୍ ଡିଜାଷ୍ଟର୍ ରେସପନ୍ସ ଫୋର୍ସ୍ (ଏସ୍‌ଡିଆର୍‌ଏଫ୍) ସ୍ଥାପନ ସହ ବିପର୍ଯ୍ୟୟ ପରିଚାଳନା ବ୍ୟବସ୍ଥାକୁ ବ୍ୟାପକ କରିବା ନିମନ୍ତେ ଅଧ୍ୟାଦେଶ ରହିଛି। ଏହି ପରିପ୍ରେକ୍ଷୀରେ ଜାତୀୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କ ତରଫରୁ ପ୍ରତ୍ୟେକ ରାଜ୍ୟରେ ଏସ୍‌ଡିଆର୍‌ଏଫ୍ ଗଠନ ସହ ଏହାର କାର୍ଯ୍ୟପ୍ରଣାଳୀ, ତାଲିମ୍ ପ୍ରକ୍ରିୟା, ପରିଚାଳନା ସମ୍ପର୍କିତ ବିସ୍ତୃତ ରୂପରେଖ ମଧ୍ୟ ଗୃହୀତ ହୋଇଛି। ଏହି କ୍ରମରେ ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷଙ୍କର ପରିଚାଳନା କମିଟିର ବୈଠକରେ ଓଡ୍ରାଫ୍‌କୁ ରାଜ୍ୟର ଏସ୍‌ଡିଆର୍‌ଏଫ ଭାବେ ଉନ୍ନୀତ କରିବା ନିମନ୍ତେ ଆଲୋଚନା ହୋଇଛି।

ଆଗାମୀ ଦିନରେ ନିର୍ମିତ ହେବାକୁ ଥିବା ବିପର୍ଯ୍ୟୟ ପରିଚାଳନା ଭବନରେ ଏହାର ମୁଖ୍ୟାଳୟ ଅବସ୍ଥାପିତ ହେବାକୁ ଥିବା ବେଳେ ନୂତନ ୧୦ଟି ୟୁନିଟ୍ ସହ ସମୁଦାୟ ୩୦ଟି ୟୁନିଟ୍ ରାଜ୍ୟର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନିୟୋଜିତ ହେବେ ବୋଲି ନିଷ୍ପତ୍ତି ହୋଇଛି। ସେହିପରି ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ (ଏସ୍‌ଡିଆର୍‌ଏଫ) ପୁଲିସ ବିଭାଗର ପରାମର୍ଶ ତଥା ସହଯୋଗ କ୍ରମେ ଓଡ୍ରାଫ୍‌ର କାର୍ଯ୍ୟ, ପ୍ରଶିକ୍ଷଣ, ଆବଶ୍ୟକ ଭିତ୍ତିଭୂମି, ସରଞ୍ଜାମ ଏବଂ ନିଯୁକ୍ତି ତଥା ମାନବସମ୍ବଳ ପରିଚାଳନାକୁ ଆଧାର କରି ଏକ ସମ୍ପୂର୍ଣ୍ଣ ଏସଓପି ପ୍ରସ୍ତୁତ କରିବାକୁ ମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

### ଧାରା ଶ୍ରାବଣରେ...

ଆଶଙ୍କା ରହିଥିବାରୁ ପାଗରେ ପରିବର୍ତ୍ତନ ଆସିବ ବୋଲି ପୂର୍ବାନୁମାନ କରାଯାଇଛି। ଜୁନ୍ ୧ରୁ ଅଗଷ୍ଟ ୪ ମଧ୍ୟରେ ୭୫୯ ମିଲିମିଟର ବର୍ଷା ରେକର୍ଡ ହୋଇଛି। ସ୍ୱାଭାବିକ ବର୍ଷା ୬୦୦ ମିଲିମିଟ ତୁଳନାରେ ବର୍ତ୍ତମାନ ସୁଧା ବର୍ଷାର ପରିମାଣ ୨୬ ପ୍ରତିଶତ ଅଧିକ ରହିଛି। ମାଲକାନଗିରି, ଗଜପତି ଓ ନବରଙ୍ଗପୁର ଜିଲ୍ଲାରେ ନିଅଣ୍ଟିଆ ବର୍ଷା ହୋଇଥିବା ବେଳେ ସୁନ୍ଦରଗଡ଼, କୋରାପୁଟ, ରାୟଗଡ଼ା, କଳାହାଣ୍ଡି ଓ ଗଞ୍ଜାମ, ଝାରସୁଗଡ଼ା, ମୟୂରଭଞ୍ଜ ଜିଲ୍ଲାରେ ସ୍ୱାଭାବିକ ବର୍ଷା ରେକର୍ଡ ହୋଇଛି। ବାକି ସମସ୍ତ ଜିଲ୍ଲାରେ ବର୍ଷାର ପରିମାଣ ସ୍ୱାଭାବିକ ତୁଳନାରେ ଅଧିକ ରହିଛି।

### ବୀମା ନଥିଲେ ...

ଜଷ୍ଟିସ ପ୍ରଶାନ୍ତ କୁମାର ମିଶ୍ରଙ୍କୁ ନେଇ ଗଠିତ ବେଞ୍ଚ ସଡ଼କ ଦୁର୍ଘଟଣା ବୃଦ୍ଧି ନେଇ ଚିନ୍ତା ପ୍ରକଟ କରିଛନ୍ତି। ବେଞ୍ଚ କହିଛନ୍ତି ଯେ ଗାଡ଼ି ମାଲିକମାନେ ମୋଟର ଯାନ ଆଇନର ଖୋଲା ଉଲ୍ଲଙ୍ଘନ କରୁଛନ୍ତି ଏବଂ ଏହା ଆଦୌ ଗ୍ରହଣୀୟ ନୁହେଁ। ଫାର୍ଷ୍ଟ ପାର୍ଟି କଣ, ସେମାନେ ଥାର୍ଡ ପାର୍ଟି ବୀମା ମଧ୍ୟ କରୁନାହାନ୍ତି। ଏହା ଏକ ଗମ୍ଭୀର ମାମଲା ହୋଇଥିବାରୁ କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରାଳୟ ସହ ବିଚାରବିମର୍ଶ କରି ଆଇଆର୍‌ଡିଏ (ବୀମା ନିୟନ୍ତ୍ରଣ ଓ ବିକାଶ ପ୍ରାଧିକରଣ) ତୁରନ୍ତ ପାଇଲଟ ପ୍ରକଳ୍ପର ନକ୍ସା ପ୍ରସ୍ତୁତ କରିବା ଉଚିତ।

### ବନ୍ଦହେବ ଜଳ...

ଜଳଭଣ୍ଡାରଗୁଡ଼ିକରେ ପାନୀୟ ଜଳ ଏବଂ କୃଷି ଜଳସେଚନ ପାଇଁ ପର୍ଯ୍ୟାପ୍ତ ଜଳ ସଂରକ୍ଷଣ କରିବାକୁ ସର୍ବୋଚ୍ଚ ଗୁରୁତ୍ୱ ଦିଆଯିବ। ଯଦି କୌଣସି ଜଳଭଣ୍ଡାରରେ ଜଳସ୍ତର ନିର୍ଦ୍ଧାରିତ ସୀମାଠାରୁ କମ୍ ଥାଏ, ତେବେ ତୁରନ୍ତ ଜଳବିଦ୍ୟୁତ୍ ଉତ୍ପାଦନ ବନ୍ଦ କରିବାକୁ କୁହାଯାଇଛି। ରାଜ୍ୟର ସମସ୍ତ ବିଦ୍ୟୁତ୍ ଉତ୍ପାଦନକାରୀ ଜଳଭଣ୍ଡାରଗୁଡ଼ିକ ଉପରେ ୨୪ ଘଣ୍ଟିଆ ନଜର ରଖିବା ସହ ଲାଇଭ୍ ଷ୍ଟୋରେଜ୍ ସ୍ତର, ଜଳ ପ୍ରବେଶ ଓ ହ୍ରାସ ହାରର ଦୈନିକ ହିସାବ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ଜଳ ସ୍ତର କ୍ରିଟିକାଲ୍ସ ବେସାଲ୍ଟ ତଳକୁ ଖସିଲେ ବିନା କୌଣସି ଅତିରିକ୍ତ ଅନୁମୋଦନ ପାଇଁ ଅପେକ୍ଷା ନକରି ବିଦ୍ୟୁତ୍ ଉତ୍ପାଦନ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ନିର୍ଦ୍ଦେଶନାମାରେ ସ୍ପଷ୍ଟ ଭାବେ କୁହାଯାଇଛି। ଯାହାଫଳରେ ପାନୀୟ ଜଳ ତଥା କୃଷି କାର୍ଯ୍ୟରେ ବାଧା ଉତ୍ପନ୍ନ ହେବ ନାହିଁ ବୋଲି ରାଜ୍ୟ ସରକାର ବିଚାର କରୁଛନ୍ତି। ସୂଚନାଯୋଗ୍ୟ ଯେ ଏଯାବତ୍ ରାଜ୍ୟରେ ସ୍ୱାଭାବିକଠାରୁ ଅଧିକ ବର୍ଷା ରେକର୍ଡ କରାଯାଇଛି। ତେବେ ଆଗାମୀ ଦିନରେ ବର୍ଷାର ପରିମାଣ କମିବା ନେଇ କେତେକ ପାଣିପାଗ ତଥା କୃଷି ବିଜ୍ଞାନୀ ଆକଳନ କରୁଥିବାରୁ ରାଜ୍ୟ ସରକାର ଏନେଇ ଆଗୁଆ ପଦକ୍ଷେପ ନେଇଥିବା ଜଣାପଡ଼ିଛି।

### ବନ୍ୟା ଧୋଇନେଲା...

ସେହିପରି ବନ୍ୟାରେ ସର୍ବହରା ହୋଇଯାଇଛନ୍ତି ଜିଲ୍ଲାର ପନିପରିବା ଚାଷୀ। ବନ୍ୟା ବିପଦରୁ ଲୋକେ କିଛିଟା ଆଶ୍ୱସ୍ତ ହୋଇଥିଲେ ମଧ୍ୟ ଏବେ ଉଜୁଡ଼ି ଯାଇଥିବା ଚାଷ ଜମିକୁ ଦେଖି ଚାଷୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି। ବନ୍ୟା ପାଣି ଛାଡ଼ିବା ପରେ ଚାଷୀଙ୍କ ଅସଲ ଦୁଃଖ ସାମ୍ନାକୁ ଆସିଛି। ପରିବା ଚାଷ କରି ଜୀବିକା ନିର୍ବାହ କରୁଥିବା ଶତାଧିକ ଚାଷୀ ଏବେ ସର୍ବସ୍ୱାନ୍ତ ହୋଇଛନ୍ତି।

ଭଦ୍ରକ ଜିଲ୍ଲାରେ ବନ୍ୟା ଯୋଗୁଁ ୬ଟି ବ୍ଲକ୍‌ର ୧୧୧ଟି ପଞ୍ଚାୟତ ଅଧୀନ ୨୯୫ଟି ଗାଁର ୨୯୩ ହେକ୍ଟର ପରିବା ଚାଷ ଜମି କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଉଦ୍ୟାନ କୃଷି ବିଭାଗର ସୂଚନାରୁ ଜଣାପଡ଼ିଛି।

ଭଦ୍ରକ ଜିଲ୍ଲାର ଧାମନଗର, ତିହିଡ଼ି, ଭଣ୍ଡାରିପୋଖରୀ, ଚାନ୍ଦବାଲି, ଭଦ୍ରକ ଓ ବାସୁଦେବପୁର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ୨୯୫ଟି ଗାଁର ୨୯୩ ହେକ୍ଟର ଜମିରେ ଚାଷ ହୋଇଥିବା ପନିପରିବା ଚାଷ ବନ୍ୟା ପାଣିରେ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଛି। ବର୍ଷସାରା ଏହି ପରିବା ବିକ୍ରି କରି ପରିବାର ଚଳାଉଥିବା ଚାଷୀମାନେ ଏବେ ବଡ଼ ଆର୍ଥିକ ସଙ୍କଟର ସମ୍ମୁଖୀନ ହୋଇଥିବାବେଳେ ସେମାନଙ୍କ ଜୀବନଜୀବିକା ବିପର୍ଯ୍ୟସ୍ତ ହୋଇପଡ଼ିଛି।

ଧାନ ଏବଂ ପନିପରିବା ଚାଷ ପାଇଁ ଅନେକ ଚାଷୀ ବ୍ୟାଙ୍କ ଓ ବେସରକାରୀ ସଂସ୍ଥାରୁ ଋଣ ନେଇଥିଲେ। ଏବେ ସୁନା ଫସଲ ଉଜୁଡ଼ିଯିବା ପରେ ଋଣ କିପରି ସୁଝିବେ ଏବଂ ପରିବାର କିପରି ଚଳାଇବେ, ସେ କଥା ଭାବି ଭାବି ଚାଷୀଙ୍କ ଆଖିରୁ ଲୁହ ଶୁଖୁନାହିଁ। ବନ୍ୟା ପାଣି ଛାଡ଼ିଥିଲେ ମଧ୍ୟ ଜମିରେ କାଦୁଅ ଏବଂ ବାଲି, ପଟୁମାଟି ଆଦି ଜମି ରହିଥିବାରୁ ତୁରନ୍ତ ପୁନର୍ବାର ଚାଷ କରିବା ମଧ୍ୟ ସେମାନଙ୍କ ପାଇଁ ସମ୍ଭବ ହେଉନାହିଁ।

ଏଭଳି ସ୍ଥିତିରେ କ୍ଷତିଗ୍ରସ୍ତ ଚାଷୀମାନେ ସରକାରୀ ସହାୟତାକୁ ଚାହିଁ ରହିଛନ୍ତି। ରାଜସ୍ୱ ଏବଂ କୃଷି ବିଭାଗ ପକ୍ଷରୁ କ୍ଷୟକ୍ଷତିର ତୁରନ୍ତ ସଠିକ୍ ଆକଳନ କରାଯାଇ ବିପର୍ଯ୍ୟସ୍ତ ଚାଷୀଙ୍କୁ ଉପଯୁକ୍ତ କ୍ଷତିପୂରଣ ଏବଂ କୃଷି ଇନ୍‌ପୁଟ୍ ସହାୟତା ପ୍ରଦାନ କରିବାକୁ କ୍ଷତିଗ୍ରସ୍ତ ଚାଷୀମାନେ ସରକାରଙ୍କ ନିକଟରେ ଦାବି କରିଛନ୍ତି।

**ଓଡ଼ିଶା ଡାକ ସର୍କଲରେ ପ୍ରସ୍ତାବିତ ପୁନର୍ଗଠନ ପ୍ରସ୍ତାବ**

# ଭୁବନେଶ୍ୱରରୁ ସମ୍ବଲପୁର ଅଧୀନକୁ ଯିବ ମୟୂରଭଞ୍ଜ ଓ ରାଇରଙ୍ଗପୁର ମଣ୍ଡଳ

## ରିଜନାଲ ଜଏଣ୍ଟ କନ୍‌ସଲ୍‌ଟେଟିଭ୍ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘର ବିରୋଧ

ବାରିପଦା, ୪।୮ (ସମିସ): ଓଡ଼ିଶା ଡାକ ସର୍କଲରେ ଅଞ୍ଚଳ, ଡିଭିଜନ ଓ ସବ୍‌ଡିଭିଜନର ପ୍ରସ୍ତାବିତ ପୁନର୍ଗଠନକୁ ନେଇ ରିଜନାଲ ଜଏଣ୍ଟ କନସଲଟେଟିଭ ମେସିନାରୀ (ଆରଜେସିଏମ) କର୍ମଚାରୀ ସଂଘ ବିରୋଧ କରୁଛି। ଏହି ପ୍ରସ୍ତାବକୁ ବିଲମ୍ବିତ ରଖି ବ୍ୟାପକ ସମୀକ୍ଷା କରିବାକୁ ଆବେଦନ କରାଯାଇଛି। ପୁରୀରୁ ୩ ଅଗଷ୍ଟ ୨୦୨୬ ତାରିଖରେ ଜାରି ହୋଇଥିବା ଏକ ଚିଠିରେ ଆରଜେସିଏମ କର୍ମଚାରୀ ସଂଘ ପକ୍ଷରୁ ସମ୍ପାଦକ ସପନ କୁମାର ମହାନ୍ତି ଓ ନେତା ରାଜେଶ ଚନ୍ଦ୍ର ବୋହିଦାର ମୁଖ୍ୟ ପୋଷ୍ଟମାଷ୍ଟର ଜେନେରାଲ ନିର୍ମଳଜିତ ସିଂଙ୍କୁ ଲିଖିତ ଅଭିଯୋଗ ଦାଖଲ କରିଛନ୍ତି। ପୁନର୍ଗଠନ ପ୍ରସ୍ତାବ ଅନୁଯାୟୀ, ମୟୂରଭଞ୍ଜ ଡାକ ମଣ୍ଡଳ ଓ ରାଇରଙ୍ଗପୁର ଡାକମଣ୍ଡଳକୁ ମୁଖ୍ୟାଳୟ (ଭୁବନେଶ୍ୱର) ପରିମଣ୍ଡଳରୁ ସମ୍ବଲପୁର ପରିମଣ୍ଡଳକୁ ସ୍ଥାନାନ୍ତର କରାଯିବ। ସେହିପରି ନୟାଗଡ଼ ମଣ୍ଡଳକୁ ମଧ୍ୟ ଭୁବନେଶ୍ୱରରୁ ବ୍ରହ୍ମପୁର ପରିମଣ୍ଡଳକୁ ନିଆଯିବ। ଆରଏମଏସ ବିଜି ମଣ୍ଡଳ ଓ ଆରଏମଏସ ଏନ ମଣ୍ଡଳକୁ ମିଶାଇ ଦିଆଯିବ। କଟକ ସିଟି ମଣ୍ଡଳର ଗୋଟିଏ ପୋଷ୍ଟାଲ ସବ୍‌ଡିଭିଜନକୁ କଟକ ସାଉଥ ମଣ୍ଡଳକୁ ସ୍ଥାନାନ୍ତର କରାଯିବ। କର୍ମଚାରୀଙ୍କ ପକ୍ଷରୁ କୁହାଯାଇଛି ଯେ, ଏହି ପରିବର୍ତ୍ତନ ଫଳରେ ପ୍ରଶାସନିକ, କାର୍ଯ୍ୟକାରୀ ଓ ମାନବ ସମ୍ପଦ ସମସ୍ୟା ସୃଷ୍ଟି ହେବ ଓ ଦକ୍ଷତାରେ କୌଣସି ଉଲ୍ଲେଖନୀୟ ଉନ୍ନତି ହେବନାହିଁ। ବିଶେଷ ଭାବେ ମୟୂରଭଞ୍ଜ ଓ ରାଇରଙ୍ଗପୁର ଡିଭିଜନ କ୍ଷେତ୍ରରେ ବର୍ତ୍ତମାନ ହେଡକ୍ୱାର୍ଟର ରିଜନାଲ ଅଫିସରୁ ଦୂରତା ପ୍ରାୟ ୨୫୦/୩୦୦ କିଲୋମିଟର। ପ୍ରସ୍ତାବିତ ବ୍ୟବସ୍ଥାରେ ଏହା ସମ୍ବଲପୁରରୁ ପ୍ରାୟ ୩୦୦/୩୮୦ କିଲୋମିଟର ହୋଇଯିବ। ଫଳରେ ୧୨୦/୨୦୦ କିଲୋମିଟରରୁ ଅଧିକ ଦୂରତା ବଢ଼ିବ।



ସେହିପରି ନୟାଗଡ଼ ଡିଭିଜନ କ୍ଷେତ୍ରରେ ମଧ୍ୟ ପ୍ରଶାସନିକ ଦୂରତା ବଢ଼ିବ। ଏହି ଦୂରତା ବୃଦ୍ଧି ଫଳରେ ନିରୀକ୍ଷଣ, ସମୀକ୍ଷା ବୈଠକ, ତଦନ୍ତ, ଶୃଙ୍ଖଳା କାର୍ଯ୍ୟବାହୀ ଆଦିରେ ବିଳମ୍ବ ହେବ। ଖର୍ଚ୍ଚ ବଢ଼ିବ ଓ କ୍ଷେତ୍ରସ୍ତରୀୟ ତଦାରଖ କମିଯିବ ବୋଲି କର୍ମଚାରୀଙ୍କ ପକ୍ଷରୁ ଦାବି କରାଯାଇଛି।

ଆରଏମଏସ ମଣ୍ଡଳ (ଡିଭିଜନ) ମିଶ୍ରଣ ଓ କଟକର ସବ୍‌ଡିଭିଜନ ସ୍ଥାନାନ୍ତର ବିଷୟରେ ମଧ୍ୟ ବିସ୍ତୃତ ଅଧ୍ୟୟନ ବିନା ନିଷ୍ପତ୍ତି ନେବାକୁ ସେମାନେ ବିରୋଧ କରିଛନ୍ତି। କର୍ମଚାରୀମାନଙ୍କୁ ଅଧିକ ଦୂରତା ଯାତ୍ରା କରିବାକୁ ପଡ଼ିବ, ଯାହାଫଳରେ କାର୍ଯ୍ୟକ୍ଷମ ସମୟ ହ୍ରାସ ପାଇବ ଓ ଶାରୀରିକ କ୍ଳାନ୍ତି ବଢ଼ିବ। ଏଭଳି ବଡ଼ ପରିବର୍ତ୍ତନ ପୂର୍ବରୁ ଭୌଗୋଳିକ ଅଭିଗମ୍ୟତା, କାର୍ଯ୍ୟଭାର, ଆର୍ଥିକ ପ୍ରଭାବ, ଜନସାଧାରଣର ସୁବିଧା ଓ ସମସ୍ତ ଷ୍ଟେକହୋଲ୍ଡରଙ୍କ ମତାମତକୁ ବିଚାରକୁ ନେଇ ବ୍ୟାପକ ଅଧ୍ୟୟନ କରାଯିବା ଉଚିତ। ଏହାପୂର୍ବରୁ ଆରଜେସିଏମ ମାଧ୍ୟମରେ ଆଲୋଚନା କରାଯିବା ଆବଶ୍ୟକ। ଏଥିପାଇଁ ପ୍ରସ୍ତାବିତ ପୁନର୍ଗଠନକୁ ବିଲମ୍ବିତ ରଖି ସମୀକ୍ଷା କରିବା ଓ କର୍ମଚାରୀଙ୍କ ସହିତ ଆଲୋଚନା କରିବାକୁ ସେମାନେ ଅନୁରୋଧ କରିଛନ୍ତି। ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ମୟୂରଭଞ୍ଜ ଓ ରାଇରଙ୍ଗପୁର ଡାକମଣ୍ଡଳ (ଡିଭିଜନ) ସମ୍ବଲପୁର ପରିମଣ୍ଡଳ (ରିଜିଓନ) ଅଧୀନକୁ ଯିବାକୁ ଘୋର ବିରୋଧ କରିଛନ୍ତି। ସେ ଗୁରୁବାର ଭୁବନେଶ୍ୱରରେ ଡାକ ବିଭାଗର ରାଜ୍ୟ ମୁଖ୍ୟଙ୍କୁ ଭେଟି ପ୍ରତିବାଦ ପତ୍ର ପ୍ରଦାନ କରିବେ। ନିଷ୍ପତ୍ତିର ପୁନର୍ବିଚାର କରା ନ ଗଲେ ଭଞ୍ଜସେନା ସମଗ୍ର ମୟୂରଭଞ୍ଜ ଜିଲ୍ଲାରେ ବୃହତ୍ତ ଆନ୍ଦୋଳନ କରିବ ବୋଲି ଚେତାବନୀ ଦେଇଛନ୍ତି। ବାରିପଦା, ରାଇରଙ୍ଗପୁର, ବାଲେଶ୍ୱର, ଭଦ୍ରକ ଓ କେନ୍ଦୁଝରର ଡାକମଣ୍ଡଳକୁ ନେଇ ଉତ୍ତର ଓଡିଶା ଡାକମଣ୍ଡଳ ଗଠନ କରାଯାଇ ମୟୂରଭଞ୍ଜରେ ଏହାର ମୁଖ୍ୟାଳୟ କରିବାକୁ ଶ୍ରୀ ଜେନା ମଙ୍ଗଳବାର ସନ୍ଧ୍ୟାରେ ରାଷ୍ଟ୍ରପତିଙ୍କୁ ଏକ୍ସ ଯୋଗେ ଟ୍ୱିଟ କରି ଅନୁରୋଧ ଜଣାଇଛନ୍ତି।

# ଚୁକ୍ତିଭିତ୍ତିକ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟଙ୍କ ଚାକିରି ସମାପ୍ତି ନିର୍ଦ୍ଦେଶ ରଦ୍ଦ

କଟକ,୪।୮ (ସମିସ): ସମସ୍ତ ଜିଲ୍ଲାରେ ଜନ୍ମ ମୃତ୍ୟୁ ପଞ୍ଜୀକରଣ ଅଫିସରେ କାର୍ଯ୍ୟରତ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ (ଡିପିଏ)ଙ୍କ ଚାକିରି ସମାପ୍ତ ପାଇଁ ରାଜ୍ୟ ସରକାରଙ୍କ ୨୦୧୯ ଜୁନ୨୨ର ଆଦେଶକୁ ହାଇକୋର୍ଟ ରଦ୍ଦ କରିଛନ୍ତି। ସଙ୍ଗୀତା ହୋତା ଓ ଅନ୍ୟମାନଙ୍କ ତରଫରୁ ଦାୟର ଆବେଦନଗୁଡ଼ିକର ଏକତ୍ର ଶୁଣାଣି କରି ଜଷ୍ଟିସ ରାଧାକ୍ରିଷ୍ଣ ପଟ୍ଟନାୟକ ଏହି ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରକାଶ କରିଛନ୍ତି। ଏଥିସହ ଆବେଦନକାରୀଙ୍କ ଦାବି ଉପରେ ସରକାର ବିଚାର କରି ଚୂଡାନ୍ତ ନିଷ୍ପତ୍ତି ଗ୍ରହଣ କରିବାକୁ ହାଇକୋର୍ଟ କହିଛନ୍ତି।

ଆବେଦନକାରୀମାନେ ୨୦୧୪-୧୫ରୁ ଚୁକ୍ତିଭିତ୍ତିକ ଭାବେ ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ପଦରେ ଯୋଗ ଦେଇଥିଲେ। କେନ୍ଦ୍ର ସରକାରଙ୍କ ରେଜିଷ୍ଟ୍ରାର ଜେନେରାଲଙ୍କ ଆର୍ଥିକ ସହାୟତାରେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟ ପରିଚାଳନା ପାଇଁ ସେମାନଙ୍କୁ ନିଯୁକ୍ତି ଦିଆଯାଇଥିଲା। ମାତ୍ର ୨୦୧୭ରେ କେନ୍ଦ୍ର ସରକାର ଏହି ଯୋଜନା ପାଇଁ ପାଣ୍ଠି ଯୋଗାଣ ବନ୍ଦ କରିଦେବା ପରେ ରାଜ୍ୟ ସରକାର ନିଜସ୍ୱ ପାଣ୍ଠିରୁ କିଛି ଦିନ ସେବା ବୃଦ୍ଧି କରିଥିଲେ। ୨୦୧୯ରେ ସେମାନଙ୍କ ସେବା ସମାପ୍ତ କରିବାକୁ ରାଜ୍ୟ ସରକାର ନିର୍ଦ୍ଦେଶ ଦେଇଥିଲେ। ଏହା ବିରୋଧରେ ଆବେଦନକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ମାମଲା ଶୁଣାଣି ବେଳେ ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ ଏଗୁଡ଼ିକ ସ୍ଥାୟୀ ଓ ମଞ୍ଜୁରୀପ୍ରାପ୍ତ ପଦ ନଥିଲା ଏବଂ କେନ୍ଦ୍ରୀୟ ଅନୁଦାନ ବନ୍ଦ ହୋଇଯାଇଥିବାରୁ ଚୁକ୍ତିନାମାର ସର୍ତ୍ତାବଳୀ ଅନୁଯାୟୀ ସେମାନଙ୍କ ସେବା ସମାପ୍ତ କରାଯାଇଛି। ତେବେ ଆବେଦନକାରୀ ଦର୍ଶାଇଥିଲେ ଯେ ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀମାନେ ଜନ୍ମ-ମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟର ସୁଚାରୁ ପରିଚାଳନା ପାଇଁ ଡିପିଏ ନିଯୁକ୍ତି ନିତାନ୍ତ ଜରୁରୀ ବୋଲି ବାରମ୍ବାର ସୁପାରିସ କରିଥିଲେ। ଡାଟା ପ୍ରୋସେସିଂ ଆସିଷ୍ଟାଣ୍ଟ ଓ ଭାଇଟାଲ ଷ୍ଟାଟିଷ୍ଟିକ୍ସ କ୍ଲର୍କ (ଭିଏସସି)ଙ୍କ କାର୍ଯ୍ୟାବଳୀ ଓ ଦାୟିତ୍ୱ ପ୍ରାୟ ସମାନ। ସରକାର ଡିପିଏଙ୍କୁ ନିୟମିତ ନ କରି ଭିଏସସି ପଦ ପାଇଁ ନୂତନ ବିଜ୍ଞାପନ ପ୍ରକାଶ କରିବା ଅନ୍ୟାୟ ଓ ସମ୍ବିଧାନର ଧାରା ୧୪, ୧୬ ଓ ୨୧ର ଉଲ୍ଲଙ୍ଘନ ଅଟେ ବୋଲି ଯୁକ୍ତି ଉପସ୍ଥାପନ କରାଯାଇଥିଲା।

# ରାଜ୍ୟରେ କମୁଛି କନ୍ୟା ସନ୍ତାନ ଜନ୍ମହାର


ଭୁବନେଶ୍ୱର, ୪।୮ (ସମିସ): ରାଜ୍ୟରେ ପୁତ୍ରଙ୍କ ଅନୁପାତରେ କମୁଛି କନ୍ୟା ସନ୍ତାନଙ୍କ ଜନ୍ମହାର। ରାଜ୍ୟରେ ସଂପ୍ରତି ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି। ସେହିପରି ଓଡିଶାରେ ଏହି ଜନ୍ମହାର ୧୬ ପ୍ରତିଶତ ଥିବାବେଳେ ଭାରତରେ ଏହା ୧୮.୪ ପ୍ରତିଶତ ରହିଛି। ରାଜ୍ୟରେ ଜନ୍ମ ସମୟରେ ଲିଙ୍ଗ ଅନୁପାତରେ ଉନ୍ନତି ଆଣିବା ଏବଂ ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ରାଜ୍ୟ ସରକାର ପୁଣିଥରେ କଠୋର ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜନ୍ମ ସମୟର ଲିଙ୍ଗ ଅନୁପାତ(ଏସଆରବି)ର ବିଶ୍ଳେଷଣ ସମୀକ୍ଷାରେ ଯାଜପୁର ସବୁଠାରୁ ଉନ୍ନତ ପ୍ରଦର୍ଶନ କରିଥିବା ଜିଲ୍ଲା ହୋଇଥିବା ବେଳେ ନୟାଗଡ଼, ଅନୁଗୋଳ, ଢେଙ୍କାନାଳ, ଗଞ୍ଜାମ ଏବଂ ଖୋର୍ଦ୍ଧା ସବୁଠାରୁ ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା ଭାବେ ଚିହ୍ନଟ ହୋଇଛି। ତେବେ ଏହି ନିମ୍ନ ପ୍ରଦର୍ଶନକାରୀ ଜିଲ୍ଲା କର୍ତ୍ତୃପକ୍ଷଙ୍କୁ ନିରୀକ୍ଷଣକୁ ତୀବ୍ର କରିବା, ଫର୍ମ-ଏଫ୍ ରେକର୍ଡର ଶତପ୍ରତିଶତ ଯାଞ୍ଚ ସୁନିଶ୍ଚିତ କରିବା ଏବଂ ଉକ୍ତ ଜିଲ୍ଲାଗୁଡ଼ିକରେ ଜନ୍ମ ସମୟରେ ଲିଙ୍ଗ ଅନୁପାତକୁ ଉନ୍ନତ କରିବା ପାଇଁ ଅଧିକ ସଚେତନ ଗ୍ରହଣ କରିବାକୁ ନିର୍ଦ୍ଦେଶ ନିଆଯାଇଛି।

ଏଥିସହିତ ଜିଲ୍ଲାସ୍ତରୀୟ କମିଟିକୁ ସୁଦୃଢ଼ କରାଯିବା ସହ ଅଲଟ୍ରାସାଉଣ୍ଡ କ୍ଲିନିକ୍‌ଗୁଡ଼ିକ ଉପରେ ଅଧିକ ନିରୀକ୍ଷଣ ଏବଂ ମନିଟରିଂ କରାଯିବା ସହ ସଚେତନତା ଉପରେ ଅଧିକ ଗୁରୁତ୍ୱ ଦିଆଯିବ ବୋଲି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ କହିଛନ୍ତି। ସ୍ଥାନୀୟ ଜାତୀୟ ସ୍ୱାସ୍ଥ୍ୟ ମିଶନ ସମ୍ମିଳନୀ କକ୍ଷରେ ପିସିପିଏନ୍‌ଡିଟି ଆଇନ୍ ସମ୍ବନ୍ଧିତ ରାଜ୍ୟ ସୁପରଭାଇଜରୀ ବୋର୍ଡ ବୈଠକରେ ଅଧ୍ୟକ୍ଷତା

**ପ୍ରତି ଏକ ହଜାର ପୁରୁଷରେ ୯୨୩ ଜଣ ମହିଳା ଅଛନ୍ତି**

**ଅବୈଧ ଲିଙ୍ଗ ନିର୍ଣ୍ଣୟ ଉପରେ କଡ଼ା ନଜର ରଖିବାକୁ ନିର୍ଦ୍ଦେଶ**

**ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପାଇଁ ସୂଚନାଦାତାଙ୍କୁ ମିଳିବ ୨୫୦୦୦**




କରି ମନ୍ତ୍ରୀ ଡ. ମହାଲିଙ୍ଗ ଆଇନ ଅନୁଯାୟୀ ନିଯୁକ୍ତ କର୍ତ୍ତୃପକ୍ଷଙ୍କ ଦ୍ୱାରା କଠୋର ଯାଞ୍ଚ, ଅବୈଧ ଲିଙ୍ଗ ଚୟନ କରିବାରେ ସମ୍ପୃକ୍ତ ସମସ୍ତ ବ୍ୟକ୍ତିଙ୍କ ବିରୁଦ୍ଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା, ଲିଙ୍ଗଗତ ସମାନତାକୁ ପ୍ରୋତ୍ସାହିତ କରାଯିବାକୁ ମେଡିକାଲ କଲେଜ, ସ୍ୱାସ୍ଥ୍ୟସେବା ପ୍ରଦାନକାରୀ ଏବଂ ସମ୍ଭାବ୍ୟ ପିତାମାତଙ୍କୁ ସଚେତନ କରିବା ଉପରେ ଗୁରୁତ୍ୱ ଦେଇଥିଲେ। ତେବେ ଏବାବଦରେ ସୂଚନାଦାତା ପ୍ରୋତ୍ସାହନ ଯୋଜନା ଅନୁସାରେ, ଜଣେ ସୂଚନାଦାତା ଅଣପଞ୍ଜୀକୃତ ଅଲଟ୍ରାସାଉଣ୍ଡ କ୍ଲିନିକ, ଲିଙ୍ଗ ଚୟନ କିମ୍ବା ଅବୈଧ ଲିଙ୍ଗ ଚିହ୍ନଟ ସୂଚନା ପ୍ରଦାନ କଲେ ୨୫୦୦୦ ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯିବ ବୋଲି ବୈଠକରେ ସୂଚନା ଦିଆଯାଇଛି।

ପିସିପିଏନଡିଟି ଆଇନର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ ଦୃଢ଼ ନିୟମ, କଠୋର ଆଇନ, ସମ୍ପ୍ରଦାୟ ଅଂଶଗ୍ରହଣ ଏବଂ ବିଭିନ୍ନ ବିଭାଗଗୁଡ଼ିକ ସାମିଲ କରି ସମନ୍ୱୟ ଦ୍ୱାରା ଲିଙ୍ଗ ଅନୁପାତରେ ଉନ୍ନତି ଅଣାଯିବା ଉପରେ ବୋର୍ଡ ଗୁରୁତ୍ୱାରୋପ କରିଛି। ରାଜ୍ୟରେ ଅଲଟ୍ରାସାଉଣ୍ଡ ସୁବିଧାର ଅନ୍‌ଲାଇନ୍ ପଞ୍ଜୀକରଣ ଏବଂ ନବୀକରଣ, ଅନ୍‌ଲାଇନ୍ ଫର୍ମ-ଏଫ୍ ରିପୋର୍ଟ, ପଞ୍ଜୀକୃତ ଡାକ୍ତରୀ ପ୍ରାକ୍ଟିସନର ଯାଞ୍ଚ ପାଇଁ ଓଡ଼ିଶା କାଉନସିଲ ଅଫ୍ ମେଡିକାଲ ରେଜିଷ୍ଟ୍ରେସନ୍ (ଓସିଏମ୍‌ଆର) ସହିତ ସମନ୍ୱୟ ଏବଂ ଆଭା ପଞ୍ଜୀକୃତ ଅଧିକାରୀ ପ୍ରମାଣୀକରଣ କାର୍ଯ୍ୟକ୍ଷମ କରିବା ସହ ସ୍ୱଚ୍ଛତା ଦାୟିତ୍ୱ ଏବଂ ତଦାରଖରେ ଉଲ୍ଲେଖନୀୟ ଉନ୍ନତି ଆସିଥିବା ଆଲୋଚନା ହୋଇଥିଲା। ବୈଠକରେ ବିଧାୟିକା ଉପାସନା ମହାପାତ୍ର, ସଞ୍ଜଲି ମୁର୍ମୁ, ସ୍ୱାସ୍ଥ୍ୟ ବିଭାଗ ଶାସନସଚିବ ତଥା କମିଶନର ଅଶ୍ୱତୀ ଏସ୍, ଜାତୀୟ ସ୍ୱାସ୍ଥ୍ୟ ମିଶନ ଏମଡି ଡ. ବୃନ୍ଦା ଡି. ପ୍ରମୁଖ ଉପସ୍ଥିତ ଥିଲେ।

# ହୀରାକୁଦର ୧୩ ଗେଟ୍ ଖୋଲା, ଜଳସ୍ତର ୬୧୭.୪୧ ଫୁଟ୍

ସମ୍ବଲପୁର, ୪।୮ (ସମିସ) : ହୀରାକୁଦ ଜଳଭଣ୍ଡାରରୁ ପ୍ରବେଶ ଜଳ ପରିମାଣଠାରୁ କେଇଗୁଣ ଅଧିକ ଜଳ ନିଷ୍କାସନ ପରେ ହୀରାକୁଦ ଜଳସ୍ତର ୬୧୭ ଫୁଟ୍‌କୁ ଖସିଛି। ସୋମବାର ହୀରାକୁଦ ନଦୀବନ୍ଧର ପର୍ଯ୍ୟାୟକ୍ରମେ ୬ଟି ଗେଟ୍ ବନ୍ଦ କରାଯାଇଛି, ସମ୍ପ୍ରତି ୧୩ଟି ଗେଟ୍ ଦେଇ ବନ୍ୟାଜଳ ନିଷ୍କାସିତ ହେଉଛି। ଉଲ୍ଲେଖଯୋଗ୍ୟ ଯେ, ଗତ ଜୁଲାଇ ୯ ତାରିଖ ଚଳିତବର୍ଷର ପ୍ରଥମ ବନ୍ୟାଜଳ ନିଷ୍କାସନ ହୋଇଥିବାବେଳେ ଜୁଲାଇ ୧୯ ତାରିଖରେ ଦ୍ୱିତୀୟଥର ପାଇଁ ଗେଟ୍ ଖୋଲି ହୀରାକୁଦ ନଦୀବନ୍ଧରୁ ପାଣି ଛଡ଼ାଯାଉଛି। ମଙ୍ଗଳବାର ସନ୍ଧ୍ୟା ୬ଟା ସମୟରେ ହୀରାକୁଦ ଜଳଭଣ୍ଡାରର ଜଳସ୍ତର ୬୧୭.୪୧ ଫୁଟ୍ ରହିଛି। ନଦୀବନ୍ଧର ବାମପାର୍ଶ୍ୱର ୯ଟି ଏବଂ ଓ ଡାହାଣ ପାର୍ଶ୍ୱର ୪ଟି ଏହିଭଳି ମୋଟ ୧୩ଟି ସ୍ଲୁଇସ୍ ଗେଟ୍ ଖୋଲାରହିଛି। ଜଳଭଣ୍ଡାରକୁ ସେକେଣ୍ଡ ପ୍ରତି ୭୪,୯୬୪ କ୍ୟୁସେକ୍ ଜଳ ପ୍ରବେଶ କରୁଥିବାବେଳେ ପାୱାର ଚ୍ୟାନାଲ, ଶିଳ୍ପାନୁଷ୍ଠାନ, କେନାଲ ଆଦି ଦେଇ ୨,୩୭,୦୪୪ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ସ୍ପିଲୱେ ଦେଇ ୨,୦୧,୧୮୮ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ ପାୱାର ଚ୍ୟାନାଲ ଦେଇ ୩୧୬୮୬ କ୍ୟୁସେକ୍, ଶିଳ୍ପାନୁଷ୍ଠାନ ସକାଶେ ୨୪୭ କ୍ୟୁସେକ୍, କେନାଲ ପାଇଁ ୩୯୨୩ କ୍ୟୁସେକ୍ ଜଳ ନିଷ୍କାସିତ ହେଉଛି। ଅନ୍ୟପକ୍ଷରେ, ତଳମୁଣ୍ଡରେ ବେଲଗାଁଠାରେ ୧୭,୦୦୦ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବାବେଳେ, ପଥର୍ଲାଠାରେ ୩୪,୫୫୬ କ୍ୟୁସେକ୍, ଖଇରମାଲଠାରେ ୩,୧୫,୦୦୦ କ୍ୟୁସେକ୍, ବାରମୁଲଠାରେ ୩,୪୦,୦୦୦ କ୍ୟୁସେକ୍ ଏବଂ ମୁଣ୍ଡଲୀଠାରେ ୪,୯୧,୮୮୭ କ୍ୟୁସେକ୍ ଜଳ ପ୍ରବାହିତ ହେଉଥିବା ହୀରାକୁଦ ମୁଖ୍ୟ ନଦୀବନ୍ଧ ସୂତ୍ରରୁ ପ୍ରକାଶ। ପାଣିପାଗ ବିଭାଗର ସୂଚନା ଅନୁଯାୟୀ, ମଙ୍ଗଳବାର ସକାଳ ୮ଟା ପର୍ଯ୍ୟନ୍ତ ଗତ ୨୪ ଘଣ୍ଟାରେ ଉପରମୁଣ୍ଡରେ ୮.୪୩ ମିମି ବର୍ଷା ହୋଇଥିବାବେଳେ ତଳମୁଣ୍ଡରେ ୪.୬୨ ମିମି ବର୍ଷା ରେକର୍ଡ କରାଯାଇଛି।





## ଆଜିର ରାଶିଫଳ

**ମେଷ:** ଯୋଜନା ମୁତାବକ କାମ କରିବେ। କ୍ୟାରିୟରକୁ ନେଇ ଆଗକୁ ବଢ଼ିବେ। ବୈବାହିକ ଜୀବନ ସୁଖମୟ ହେବ। ଅଫିସ୍ କାର୍ଯ୍ୟ ପାଇଁ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି।

**ବୃଷ:** ସମାଜରେ ମାନସମ୍ମାନ ବୃଦ୍ଧି ପାଇବ। ପରିବାରର ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ରାଜନେତାଙ୍କ ପାଇଁ ଦିନଟି ଭଲ।

**ମିଥୁନ:** କାର୍ଯ୍ୟକ୍ଷେତ୍ରରେ ଅଧିକ କାମ କରିବାକୁ ପଡ଼ିପାରେ। କ୍ରୋଧ ଉପରେ ନିୟନ୍ତ୍ରଣ ରଖନ୍ତୁ। ମହିଳାମାନେ ପୂଜାର୍ଚ୍ଚନାରେ ବ୍ୟସ୍ତ ରହିବେ। ଦୀର୍ଘ ଦିନର ଆଶା ପୂରଣ ହେବ।

**କର୍କଟ:** କୌଣସି କଥାକୁ ନେଇ ଚିନ୍ତିତ ରହିପାରନ୍ତି। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ମହିଳାମାନେ ସାମାଜିକ କାର୍ଯ୍ୟରେ ସାମିଲ ରହିବେ।

**ସିଂହ:** କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ। କାର୍ଯ୍ୟରେ ସଫଳତା ମିଳିପାରେ। ଦିନଟି ବ୍ୟସ୍ତତା ଭିତରେ କଟିବ। ସାମାଜିକ କାର୍ଯ୍ୟରେ ସହଯୋଗ କରିବେ। ପରିବାର ସହିତ ହସ ଖୁସିର ସମୟ ବିତାଇବେ।

**କନ୍ୟା:** ସହକର୍ମୀଙ୍କ ସହ ଉତ୍ତମ ବୁଝାମଣା ରହିବ। ଉଧାର ଦେଇଥିବା ଟଙ୍କା ଫେରି ପାଇବେ। ପରିବାର ସଦସ୍ୟଙ୍କ ସହ ଧାର୍ମିକ ସ୍ଥାନକୁ ଯାତ୍ରା କରିପାରନ୍ତି। ଅତିଥି ସତ୍କାର କରିପାରନ୍ତି।

**ତୁଳା:** ଅଫିସ୍‌ରେ ବରିଷ୍ଠ ଅଧିକାରୀଙ୍କଠାରୁ ପ୍ରଶଂସା ପାଇବେ। ଆଇଟି କର୍ମଚାରୀଙ୍କ ପାଇଁ ଦିନଟି ଭଲ। ପୁରୁଣା ବନ୍ଧୁଙ୍କ ସହ ସାକ୍ଷାତ ହୋଇପାରେ। ଲୋକ ସମ୍ପର୍କ ବୃଦ୍ଧି ପାଇବ।

**ବିଛା:** କୋର୍ଟ କଚେରୀ ମାମଲାର ଶୁଣାଣି ହୋଇପାରେ। ଅଧିକ ଖର୍ଚ୍ଚାନ୍ତ ହୋଇପାରନ୍ତି। ମହିଳାମାନେ ଘରକାର୍ଯ୍ୟରେ ବ୍ୟସ୍ତ ରହିପାରନ୍ତି। ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି।

**ଧନୁ:** ବ୍ୟବହାରରେ ସଂଯମତା ରକ୍ଷା କରିବେ। ଜୀବନସାଥୀଙ୍କଠାରୁ ଉପହାର ମିଳିବ। ଗୁରୁଜନଙ୍କ ଆଶୀର୍ବାଦ ନେଇ ନୂତନ ବ୍ୟବସାୟ ଆରମ୍ଭ କରିପାରନ୍ତି। କଳା ଓ ସାହିତ୍ୟ ପ୍ରତି ରୁଚି ବଢ଼ିବ।

**ମକର:** ଯୋଜନା ମୁତାବକ କାମ କରିବେ। ବ୍ୟବସାୟକୁ ଆଗକୁ ନେବା ଲାଗି ନୂଆ ଯୋଜନା କରିପାରନ୍ତି। କଣ୍ଠଶିଳ୍ପୀଙ୍କ ପାଇଁ ଦିନଟି ଭଲ। ବ୍ୟକ୍ତିଗତ କଥା ଅନ୍ୟମାନଙ୍କ ସହ ସେୟାର କରନ୍ତୁନି।

**କୁମ୍ଭ:** ଅଚାନକ ଖୁସି ଖବର ମିଳିପାରେ। ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା ପ୍ରସ୍ତୁତ କରିବେ। ଅବିବାହିତଙ୍କ ପାଇଁ ବିବାହ ପ୍ରସ୍ତାବ ଆସିପାରେ। ଉଧାର ଦେଇଥିବା ଟଙ୍କା ଫେରିପାଇବେ।

**ମୀନ:** ଚାକିରିରେ ନୂଆ ସୁଯୋଗ ଜୁଟିପାରେ। ଆଣ୍ଠୁଗଣ୍ଠି ସମସ୍ୟା ହୋଇପାରେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ଧାର୍ମିକ କାର୍ଯ୍ୟରେ ସାମିଲ ରହିବେ। ସକାରାତ୍ମକ ଚିନ୍ତାଧାରା ନେଇ ଆଗକୁ ବଢ଼ିବେ।

## ଆଜିର ଇତିହାସ

- ୧୭୭୫-ବଙ୍ଗ ନବାବଙ୍କ ଅଧିକାରୀ ନନ୍ଦ କୁମାରଙ୍କୁ କଲିକତାରେ ଫାଶୀ ଦିଆଗଲା।
- ୧୯୧୪- ଆମେରିକାରେ ପ୍ରଥମ ଇଲେଟ୍ରିକ୍ ଟ୍ରାଫିକ୍ ଲାଇଟ୍ ଲଗାଗଲା।
- ୧୯୬୩-ରୁଷ୍, ବ୍ରିଟେନ୍, ଆମେରିକା ମସ୍କୋରେ ପରମାଣୁ ପରୀକ୍ଷଣ ନିଷେଧ ସନ୍ଧି କଲେ।
- ୨୦୧୧- ନାସାର ବୈଜ୍ଞାନିକମାନେ ମଙ୍ଗଳ ଗ୍ରହରେ ପାଣିଥିବା କଥା ସାଇନ୍ସ ପତ୍ରିକାରେ ଦାବି କଲେ।



# 'ରାମାୟଣ' ସାଇପଲ୍ଲବୀଙ୍କୁ କ୍ୟାରିୟରର ସବୁଠୁ ଅଧିକ ଫି'

ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତ୍ରୀ ସାଇପଲ୍ଲବୀ ଏବେ 'ରାମାୟଣ' ଫିଲ୍ମକୁ ନେଇ ଚର୍ଚ୍ଚାରେ। ଏହି ଫିଲ୍ମ ତାଙ୍କୁ ଅନ୍ତର୍ଜାତୀୟ ସ୍ତରରେ ପରିଚିତ କରାଇଛି। ଏଥିରେ ରଣବୀର କପୁର ରାମ ଭୂମିକାରେ, ୟଶ୍ ରାବଣ, ସାଇପଲ୍ଲବୀ ସୀତା ଓ ରବି ଦୁବେ ଲକ୍ଷ୍ମଣ ଭୂମିକାରେ ଦେଖାଯିବେ। ତେବେ ସାଇପଲ୍ଲବୀଙ୍କୁ ଏହି ଫିଲ୍ମ ପାଇଁ ତାଙ୍କ କ୍ୟାରିୟରର ସବୁଠୁ ଅଧିକ ପାରିଶ୍ରମିକ ମିଳିଥିବା ଚର୍ଚ୍ଚା ହେଉଛି। ଏହି ଫିଲ୍ମ ପାଇଁ ସେ ୧୨ କୋଟି ନେଇଥିବା ଜଣାପଡ଼ିଛି। ପୂର୍ବରୁ ତାଙ୍କୁ ଗୋଟିଏ ଫିଲ୍ମ ପାଇଁ ୨ରୁ ୩ କୋଟି ମିଳୁଥିଲା। 'ଥଣ୍ଡେଲ' ଫିଲ୍ମ ପାଇଁ ସେ ସର୍ବାଧିକ ୫ କୋଟି ନେଇଥିଲେ। ଏହା ତାଙ୍କ କ୍ୟାରିୟରର ଏଯାବତ୍ ସବୁଠୁ ଅଧିକ ଫି ଥିଲା। ଏବେ 'ରାମାୟଣ' ତାଙ୍କର ଏହି ରେକର୍ଡକୁ କାଟିଛି। ସାଇ କେବଳ ଅଭିନୟ ପାଇଁ ନୁହେଁ ତାଙ୍କ ବିଚାରଧାରାକୁ ନେଇ ମଧ୍ୟ ଅନେକ ସମୟରେ ଚର୍ଚ୍ଚାରେ ରହିଛନ୍ତି। ସେ ଦର୍ଶକଙ୍କୁ ଭ୍ରମିତ ନ କରିବା ପାଇଁ କୋଟି କୋଟି ଟଙ୍କାର ଏକ ଫେୟାରନେସ୍ କ୍ରିମ୍‌ର ବିଜ୍ଞାପନକୁ ପ୍ରତ୍ୟାଖ୍ୟାନ କରି ଚର୍ଚ୍ଚାକୁ ଆସିଥିଲେ। ସାଇ ନିକଟରେ ଅମିର୍ ଖାନ୍‌ଙ୍କ ପୁଅ ଜୁନୈଦ ଖାନ୍‌ଙ୍କ ସହ 'ଏକ ଦିନ' ଫିଲ୍ମରୁ ବଲିଉଡ୍‌ରେ ଡେବ୍ୟୁ କରିଥିଲେ। ଏହା ବକ୍ସ ଅଫିସ୍‌ରେ ଫ୍ଲପ୍ ସାବ୍ୟସ୍ତ ହୋଇଛି। ହେଲେ 'ରାମାୟଣ'ରେ ଅଭିନୟ କରିବା ପରେ ଏବେ ସେ ବଲିଉଡ୍ ଆଗଧାଡ଼ିର ଅଭିନେତ୍ରୀମାନଙ୍କୁ କଡ଼ା ଟକ୍କର ଦେଇଛନ୍ତି।

# ୪୨ ବର୍ଷ ଧରି ଟିଭି ସାମ୍ନାରେ ମହିଳା



ଦୁନିଆରେ ଏମିତି ଅନେକ ଘଟଣା ସାମ୍ନାକୁ ଆସିଛି, ଯାହା ଦୀର୍ଘ ବର୍ଷ ପରେ ବି ଲୋକଙ୍କୁ ଆଶ୍ଚର୍ଯ୍ୟ କରିଥାଏ। ଏମିତି ଏକ ଘଟଣା କ୍ରୋଏସିଆର ରାଜଧାନୀ ଜାଗ୍ରେବରେ ଘଟିଥିଲା। ଏଠାରେ ଜଣେ ମହିଳାଙ୍କ ଶବ ପ୍ରାୟ ୪୨ ବର୍ଷ ପରେ ତାଙ୍କ ଫ୍ଲାଟ୍‌ରୁ ମିଳିଥିଲା। ଏହି ମାମଲା ହେଡଭିଗା ଗୋଲିକ୍ ନାମକ ଜଣେ ମହିଳାଙ୍କ ସହ ଜଡ଼ିତ, ଯାହାଙ୍କ କାହାଣୀ ଆଜି ବି ଦୁନିଆର ସବୁଠାରୁ ରହସ୍ୟମୟ ଘଟଣାଗୁଡ଼ିକ ମଧ୍ୟରେ ଗଣାଯାଏ। ହେଡଭିଗା ଗୋଲିକ୍‌ଙ୍କ ଜନ୍ମ ୧୯୨୪ ମସିହାରେ ହୋଇଥିଲା। ପଡ଼ୋଶୀମାନେ ତାଙ୍କୁ ଶେଷ ଥର ପାଇଁ ୧୯୬୬ ମସିହାରେ ଦେଖିଥିଲେ। ଏହାପରେ ପଡ଼ୋଶୀମାନେ ଭାବିନେଲେ ଯେ, ସେ ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ହେଲେ ସେ ସେହି ଫ୍ଲାଟ୍ ଭିତରେ ହିଁ ମୃତ ଅବସ୍ଥାରେ ପଡ଼ି ରହିଥିବେ ବୋଲି କେହି କଳ୍ପନା ସୁଦ୍ଧା କରି ନ ଥିଲେ। ୨୦୦୮ ରେ କିଛି ସରକାରୀ ଅଧିକାରୀ ଫ୍ଲାଟ୍‌ର ମାଲିକାନା ସହ ଜଡ଼ିତ ଏକ ମାମଲାର ଯାଞ୍ଚ ସମୟରେ କବାଟ ଖୋଲାଇଥିଲେ। ଯେତେବେଳେ ପୁଲିସ୍ ଉପସ୍ଥିତିରେ ସରକାରୀ ଅଧିକାରୀମାନେ ଭିତରକୁ ଗଲେ, ସେତେବେଳେ ସେମାନଙ୍କ ସାମ୍ନାରେ ଏମିତି ଏକ ଦୃଶ୍ୟ ଥିଲା ଯାହା ସମସ୍ତଙ୍କୁ ସ୍ତବ୍ଧ କରିଦେଇଥିଲା। ଅଧିକାରୀଙ୍କ କହିବା ଅନୁଯାୟୀ, ରୁମ୍‌ରେ ଏକ ପୁରୁଣା ଟେଲିଭିଜନ, ଆସବାବପତ୍ର ଏବଂ ଚା' କପ୍ ଠିକ୍ ସେମିତି ହିଁ ରଖାଯାଇଥିଲା। ଚେୟାର୍ ପାଖରେ କମ୍ବଳରେ ଗୁଡ଼ା ହୋଇଥିବା ମହିଳାଙ୍କର ଏକ ମମି ଭଳି ହୋଇଯାଇଥିବା ଶବ ମିଳିଥିଲା। ରୁମ୍‌ରେ ଥିବା ଅନେକ ଜିନିଷ ବର୍ଷ ବର୍ଷ ଧରି ପ୍ରାୟ ନିଜ ସ୍ଥାନରେ ହିଁ ରହିଥିଲା, ସେଥିପାଇଁ ଏହି ଘଟଣାକୁ ଅନେକ ରିପୋର୍ଟରେ "ଫ୍ରୋଜନ୍ ଇନ୍ ଟାଇମ୍" ଅର୍ଥାତ୍ ସମୟ ଅଟକି ଯାଇଥିବା ଦୃଶ୍ୟ ଭାବରେ ବର୍ଣ୍ଣନା କରାଯାଇଛି। ଏହି ଘଟଣାକୁ କିଛି ରିପୋର୍ଟରେ କୁହାଯାଇଥିଲା ଯେ, ହେଡଭିଗା ଚା' ପ୍ରସ୍ତୁତ କରି ଚେୟାରରେ ଟିଭି ଦେଖିବାକୁ ବସିଥିଲେ। ଏହା ପରେ କୌଣସି ସମୟରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ତେବେ ତାଙ୍କ ମୃତ୍ୟୁର ସଠିକ୍ କାରଣ ସ୍ପଷ୍ଟ ଭାବେ ଜଣାପଡ଼ି ନାହିଁ। ପଡ଼ୋଶୀମାନେ ବର୍ଷ ବର୍ଷ ଧରି ଭାବୁଥିଲେ ଯେ ହେଡଭିଗା ଅନ୍ୟ କେଉଁଠାକୁ ରହିବାକୁ ଚାଲିଯାଇଛନ୍ତି। ସବୁଠୁ ଆଶ୍ଚର୍ଯ୍ୟର କଥା ହେଡଭିଗାଙ୍କ ମୃତ ଶରୀର ଦୀର୍ଘ ୪୨ ବର୍ଷ ଧରି ସେହି ଘରେ ଥିଲେ ସୁଦ୍ଧା ତାଙ୍କ ପଡ଼ୋଶୀମାନେ ଏବିଷୟରେ ଟେର୍ ପାଇ ନଥିଲେ।

# ୧୦ ହଜାରରେ ଫ୍ଲାଟ୍ ଲୋକଙ୍କୁ କିଣିବା ପାଇଁ ଅନୁରୋଧ

ଆଜିର ସମୟରେ ଲୋକଙ୍କ ପକ୍ଷେ ନିଜର ଘରଟିଏ କିଣିବା ଆଦୌ ସହଜ ନୁହେଁ। କାରଣ ଦିନକୁ ଦିନ ଜମି ସହ ଫ୍ଲାଟ୍‌ଗୁଡ଼ିକର ଦାମ୍ ମଧ୍ୟ ଆକାଶଛୁଆଁ ହେବାରେ ଲାଗିଛି। ଏଭଳି ସ୍ଥିତିରେ ରୁଷର ଆର୍କଟିକ ସହରରେ ଲୋକଙ୍କୁ ଫ୍ଲାଟ୍ କିଣିବା ପାଇଁ ଅନୁରୋଧ କରାଯାଉଛି। ଏଠାରେ ହଜାର ହଜାର ସଂଖ୍ୟକ ଆପାର୍ଟମେଣ୍ଟ ବର୍ଷ ବର୍ଷ ଧରି ଖାଲି ପଡ଼ିଛି। ଏପରିକି କିଛି ଆପାର୍ଟମେଣ୍ଟ ୧୦ ହଜାର ଟଙ୍କାରେ ବି ଉପଲବ୍ଧ। କେବଳ ସେତିକି ନୁହେଁ, ଫ୍ଲାଟ୍‌ର ଦାମ୍ ଖୁବ୍ ଶସ୍ତା ହୋଇଥିବା ବେଳେ ରହିବା ଲାଗି ଆବଶ୍ୟକ ଜିନିଷ ବି ମହଜୁଦ ଅଛି। ଏହା ସତ୍ତ୍ୱେ ଲୋକେ ଫ୍ଲାଟ୍ କାହିଁକି କିଣୁ ନାହାନ୍ତି, ତାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହାର ବଡ଼ କାରଣ ହେଉଛି ସେହି ଅଞ୍ଚଳର ପାଣିପାଗ। ରୁଷର ଆର୍କଟିକ୍ ଅଞ୍ଚଳରେ ଶୀତ ଦିନେ ତାପମାତ୍ରା ଅନେକ ସମୟରେ ଶୂନରୁ ମାଇନସ୍ ୧୨ ଡିଗ୍ରୀ ତଳକୁ ଚାଲିଯାଏ। ଏଣୁ ଦୀର୍ଘ ସମୟ ଧରି ଏଭଳି ହାଡ଼ ଭଙ୍ଗା ଥଣ୍ଡାରେ ରହିବା ଆହ୍ୱାନପୂର୍ଣ୍ଣ ହୋଇଯାଏ। ଏହାସହ ଏଭଳି ପାଣିପାଗରେ ଘରକୁ ରହିବା ଯୋଗ୍ୟ ଉଷ୍ମ ରଖିବା ପାଇଁ ଅଧିକ ଟଙ୍କା ଖର୍ଚ୍ଚ କରିବାକୁ ପଡ଼ିଥାଏ। ଏନେଇ କିଛି ଲୋକଙ୍କ କହିବା କଥା, ଫ୍ଲାଟ୍ କିଣିବାଠୁ ଅଧିକ ମହଙ୍ଗା ଏହାକୁ ବର୍ଷ ତମାମ ରହିବାଯୋଗ୍ୟ କରି ରଖିବା। ଆର୍କଟିକ୍ ଅଞ୍ଚଳରେ ଘର ଭିତରେ ଲଗାତାର ହିଟିଂ ସିଷ୍ଟମ ଚଳାଇବାକୁ ପଡ଼ିଥାଏ। ଯଦି ଏଭଳି କରା ନ ଯାଏ, ତେବେ ତାପମାତ୍ରା ଖୁବ୍ କମ୍ ହୋଇପାରେ। ଏହି କାରଣ ଯୋଗୁ ବିଜୁଳି, ଇନ୍ଧନ ଏବଂ ହିଟିଂ ସହ ଜଡ଼ିତ ଖର୍ଚ୍ଚ ଖୁବ୍ ବଢ଼ିଯାଏ। ଅନେକ ଲୋକଙ୍କ କହିବା କଥା, କମ୍ ଟଙ୍କାରେ ଫ୍ଲାଟ୍ କିଣିବା ସହଜ ହୋଇଥିଲେ ହେଁ ଘରକୁ ଗରମ ରଖିବା ପାଇଁ ପ୍ରତି ମାସରେ ଆସୁଥିବା ବିଜୁଳି ଖର୍ଚ୍ଚ ସେମାନଙ୍କ କ୍ଷମତାରୁ ବାହାରେ ହୋଇପାରେ। ଏକଦା ଶିଳ୍ପ ଏବଂ ଖଣି କାର୍ଯ୍ୟକଳାପ ଯୋଗୁଁ ଏଠାରେ ଜନସଂଖ୍ୟା ଅଧିକ ଥିଲା, ହେଲେ ସମୟ ସହିତ ରୋଜଗାର ଅବସର ହ୍ରାସ ପାଇବାରେ ଲାଗିଲା। ଫଳରେ ଲୋକେ ରୋଜଗାର ଏବଂ ଅନୁକୂଳ ପାଣିପାଗ ସନ୍ଧାନରେ ଅନ୍ୟ ସହରକୁ ଯିବାକୁ ଲାଗିଲେ। ଯଦ୍ୱାରା ଅନେକ ଆବାସିକ କୋଠା ଖାଲି ପଡ଼ିଲା ଏବଂ ସମ୍ପତ୍ତିର ଚାହିଦା ଦ୍ରୁତ ଗତିରେ ହ୍ରାସ ପାଇଲା। ଅନ୍ୟପଟେ କିଛି ଫ୍ଲାଟ୍‌ରେ ଖଟ, ସୋଫା, ଆଲମାରି, ଟେବୁଲ, ଚୌକି, ରୋଷେଇ ଲାଗି ବାସନକୁସନ ବି ଅଛି। ସାଧାରଣତଃ ନୂଆ ଘର କିଣିବା ପରେ ଲୋକଙ୍କୁ ଆସବାବପତ୍ର କିଣିବାକୁ ପଡ଼େ, ହେଲେ ଏଠାରେ ଏହି ସୁବିଧା ପୂର୍ବରୁ ଥିଲେ ହେଁ ଫ୍ଲାଟ୍ କିଣିବା ଲାଗି ଲୋକ ମିଳୁ ନାହାନ୍ତି।



# ସମ୍ଭାବନା




## ପ୍ରଡକ୍ଟ ଡିଜାଇନ୍‌ରେ କ୍ୟାରିୟର୍

**ବର୍ତ୍ତମାନ ସମୟରେ କମ୍ପାନି ଏମିତି ଲୋକଙ୍କୁ ଚାହୁଁଛି, ଯିଏ କି ଏମିତି ପ୍ରଡକ୍ଟ ଡିଜାଇନ କରିପାରୁ ଥିବେ, ଯାହା କେବଳ ଆକର୍ଷଣୀୟ ଲାଗୁ ନ ଥିବ, ବରଂ ଲୋକଙ୍କ ଆବଶ୍ୟକତାକୁ ପୂରଣ କରି ପାରୁଥିବେ। ଏହି କାମ ହିଁ ଜଣେ ପ୍ରଡକ୍ଟ ଡିଜାଇନର କରିଥାନ୍ତି। ସୃଜନଶୀଳ ବ୍ୟକ୍ତି ବିଶେଷଙ୍କ ଲାଗି ଏହା ଏକ ସୁନ୍ଦର କ୍ୟାରିୟର୍।**


ପ୍ରଡକ୍ଟ ଡିଜାଇନ୍‌ରେ କୌଣସି ଉତ୍ପାଦର ବିଚାରଧାରା, ଉପଯୋଗିତା, ଡିଜାଇନ, ନିର୍ମାଣ, ଏବଂ ବ୍ୟବହାରକାରୀଙ୍କ ଅନୁଭୂତିକୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଏ। ଏହାର ଉଦ୍ଦେଶ୍ୟ କେବଳ କୌଣସି ଉତ୍ପାଦକୁ ସୁନ୍ଦର କରିବା ନୁହେଁ, ବରଂ ଏହାକୁ ଅଧିକ ଉପଯୋଗୀ, ସୁରକ୍ଷିତ ଓ ସୁବିଧାଜନକ କରିବା। ଜଣେ ପ୍ରଡକ୍ଟ ଡିଜାଇନର ଗ୍ରାହକଙ୍କ ଆବଶ୍ୟକତାକୁ ବୁଝି ଏମିତି ଉତ୍ପାଦ ପ୍ରସ୍ତୁତ କରନ୍ତି, ଯାହାକି ବ୍ୟବହାର କରିବାରେ ସହଜ ହୋଇଥାଏ। ତା'ସହ ଏହା ଯେଭଳି ବଜାରର ଆବଶ୍ୟକତାକୁ ପୂରଣ କରିପାରୁଥିବ, ସେ ଦିଗରେ ଦୃଷ୍ଟି ଦେବା ଦରକାର। ଏ ଲାଗି ଗବେଷଣା ସହ ସ୍କେଚ୍ ଏବଂ ଥ୍ରୀଡି ମଡେଲ ପ୍ରସ୍ତୁତ କରାଯାଏ। ପ୍ରଡକ୍ଟ ଡିଜାଇନର ଇଞ୍ଜିନିୟର ଏବଂ ମାର୍କେଟିଂ ଟିମ୍ ସହିତ ମିଶି କାମ କରନ୍ତି ଏବଂ ପ୍ରୋଟୋଟାଇପ୍ ତିଆରି କରି ତାହାର ପରୀକ୍ଷା କରିଥାନ୍ତି। ସେହିପରି ସ୍କେଚିଂ, ଡିଜାଇନିଂ, ଟେକ୍ନୋଲୋଜି ଏବଂ ସମସ୍ୟା ସମାଧାନରେ ରୁଚି ଥିଲେ ଏହା ଏକ ଉତ୍ତମ କ୍ଷେତ୍ର ହୋଇପାରିବ।

ମ୍ୟାନୁଫାକଚରିଂ କମ୍ପାନି, ଅଟୋମୋବାଇଲ ଇଣ୍ଡଷ୍ଟ୍ରି, ଇଲେକଟ୍ରୋନିକ୍ ସେକ୍ଟର, ଫର୍ଣ୍ଣିଚର ଓ ହୋମ ପ୍ରଡକ୍ଟ କମ୍ପାନି, ହେଲଥ କେୟାର ଉପକରଣ ନିର୍ମାତା, ଷ୍ଟାର୍ଟଅପ୍, ଡିଜାଇନ କନସଲଟେନ୍ସିରେ ଚାକିରି ମିଳିଥାଏ। ପ୍ରାରମ୍ଭିକ ପର୍ଯ୍ୟାୟରେ ବର୍ଷକୁ ୪ରୁ ୮ ଲକ୍ଷ ପ୍ୟାକେଜ୍ ମିଳେ। ଅଭିଜ୍ଞତା ବଢ଼ିଲେ ଏହା ବର୍ଷକୁ ୧୫-୩୦ରେ ପହଞ୍ଚେ।



## ସାହାଯ୍ୟରୁ ସକାରାତ୍ମକ ପରିବର୍ତ୍ତନ

**ଅନେକ ଲୋକ ସ୍ୱ ଇଚ୍ଛାରେ ଅନ୍ୟକୁ ସାହାଯ୍ୟ କରିବା ପାଇଁ ଆଗେଇ ଆସନ୍ତି। ଆଉ କିଛି ଏଭଳି ବି ଥାନ୍ତି, ଯେଉଁମାନେ ସାହାଯ୍ୟ କରିବା ପାଇଁ କୁଣ୍ଠାବୋଧ ପ୍ରକାଶ କରନ୍ତି। ତେବେ ସାହାଯ୍ୟ କରିବାର ଗୁଣ ପିଲାବେଳୁ ପ୍ରତ୍ୟେକଙ୍କ ପାଖରେ ରହିବା ଭଲ। ପିଲାବେଳୁ ସାହାଯ୍ୟ ମନୋଭାବ ରହିଲେ, ଏହା ଜୀବନରେ ସକାରାତ୍ମକ ପରିବର୍ତ୍ତନ ଆଣିଥାଏ।**



- ଅନ୍ୟ ପ୍ରତି ଭଲ ମନୋଭାବନା ରଖିଲେ, ହାପି ହର୍ମୋନ କ୍ଷରଣ ହୁଏ। ଏଭଳି ସ୍ଥିତିରେ ନିଜକୁ ନେଇ ଓ ଅନ୍ୟକୁ ନେଇ ଭଲ ଅନୁଭବ ହୁଏ। ଏପରିକି ସମାଜ ପ୍ରତି ଭଲ ଚିନ୍ତାଧାରା ରହେ।
- କଠିନ ସମୟରେ ଅନ୍ୟକୁ ସାହାଯ୍ୟ କରିବା ଦ୍ୱାରା ମନ ହାଲୁକା ଲାଗେ। ଗବେଷଣା ଅନୁସାରେ, ଅନ୍ୟ ପାଇଁ ଭଲ ପ୍ରଦର୍ଶନ ଓ ସାହାଯ୍ୟ କରୁଥିବା ଲୋକ ଅବସାଦରୁ ଶୀଘ୍ର ମୁକ୍ତି ପାଇଥାନ୍ତି। କଠିନ ପରିସ୍ଥିତିରେ ସେମାନଙ୍କ ସାମ୍ନାରେ ଅନେକ ବାଟ ଖୋଲି ଥାଏ।
- ଲଗାତାର ଭଲ ରାସ୍ତାରେ ଚାଲିଲେ ଓ ପରୋପକାର କାର୍ଯ୍ୟରୁ ନିଜ ଭିତରେ ଆତ୍ମବିଶ୍ୱାସ ବୃଦ୍ଧି ପାଏ।
- ଭଲ ରାସ୍ତାରେ ତଥା ଅନ୍ୟକୁ ସାହାଯ୍ୟ କରିବାର ପ୍ରଭାବ ସମ୍ପର୍କ ଉପରେ ପଡ଼ିଥାଏ। ଅନ୍ୟ ପ୍ରତି ଭଲ ଭାବନା ପ୍ରଦର୍ଶନ କରିବା ଦ୍ୱାରା ବ୍ୟକ୍ତିଗତ, ବୃତ୍ତିଗତ ଏବଂ ସାମାଜିକ ସମ୍ପର୍କ ମଜଭୁତ ହୁଏ। ଏଭଳି ଲୋକ କେବେ ବି ଏକାକୀତ୍ୱ ଅନୁଭବ କରି ନ ଥାନ୍ତି।

## କୋ-ୱାର୍କର୍ ଡେଟିଂ


**ଆଜିର ସମୟରେ ଅନେକ ଲୋକ ପାର୍ଟନରକୁ ଅଫିସ୍‌ରେ ପାଉଛନ୍ତି। ଯାହାକୁ 'କୋ-ୱାର୍କର୍' ଡେଟ୍ ବୋଲି କୁହାଯାଉଛି। ଏହା ଜେନ୍ ଜେଡ୍‌ଙ୍କ କ୍ଷେତ୍ରରେ ଏବେ ଅଧିକ ଦେଖିବାକୁ ମିଳୁଛି।**



ଡେଟିଂ କୋଚ୍‌ଙ୍କ ମତରେ, ଅଫିସ୍‌ରେ କାହାକୁ ଡେଟ୍ କରିବାର ଫାଇଦା ହେଉଛି ସେହି ବ୍ୟକ୍ତିଙ୍କୁ ଜଣେ ଭଲରେ ଜାଣିଥାଏ। ପ୍ରତିଦିନ ଜଣେ ନିଜ କାମକୁ କିଭଳି ଦାୟିତ୍ୱର ସହ କରନ୍ତି, ଏହା ଜଣେ ଜାଣିପାରେ। କଠିନ ପରିସ୍ଥିତିରେ ସେହି କର୍ମଚାରୀଙ୍କ ବ୍ୟବହାର, ଅନ୍ୟ ସହିତ କିଭଳି କଥାବାର୍ତ୍ତା ଓ କାମକୁ କେତେ ଗୁରୁତ୍ୱ ଦିଅନ୍ତି, ସବୁ କଥା ଉପରେ ଜଣକର ନଜରରେ ରହେ। ଏହା ଦ୍ୱାରା ଜଣକ ସ୍ୱଭାବକୁ ବୁଝିବା ସହଜ ହୁଏ। ସେହିପରି ଅଫିସ୍‌ରେ ସମ୍ପର୍କ ଧୀରେ ଧୀରେ ଆଗକୁ ବଢ଼ିଥାଏ। ଏପରିକି ଅଫିସ୍‌ରେ ପରସ୍ପର ସହିତ କଥା ହେବା ଓ ପରସ୍ପରକୁ ବୁଝିବା ଲାଗି ବି ସମୟ ମିଳିଥାଏ। ଅନ୍ୟପଟେ କୋ-ୱାର୍କର ଡେଟିଂ ଧାରାର ନକାରାତ୍ମକ ଦିଗ ବି ଅଛି। କୌଣସି କାରଣ ପାଇଁ ଯଦି ସମ୍ପର୍କ ଭାଙ୍ଗିଯାଏ, ତା'ପରେ ପ୍ରତିଦିନ ସେହି ବ୍ୟକ୍ତିଙ୍କ ସହ କାମ କରିବା ସହଜ ହୋଇ ନ ଥାଏ। ଏହା ଦ୍ୱାରା ଉଭୟଙ୍କୁ ଅସହଜ ଲାଗେ। ସେହିପରି ଅନେକ ସମୟରେ ଏହାର ପ୍ରଭାବ କାମ, ଅଫିସ୍ ପରିବେଶ ଓ କ୍ୟାରିୟର ଉପରେ ପଡ଼ିବାର ଯଥେଷ୍ଟ ଆଶଙ୍କା ରହିଛି।

ତେବେ କୋ-ୱାର୍କର ଡେଟିଂର ଉଭୟ ଭଲ ଓ ଖରାପ ଦିଗ ଥିବା ଡେଟିଂ କୋଚ୍ କହନ୍ତି। ଯଦିଓ ଲୋକେ ନିଜର ଅଧିକାଂଶ ସମୟ ଅଫିସ୍ ସହକର୍ମୀଙ୍କ ସହ ଅତିବାହିତ କରନ୍ତି, ତେଣୁ କୋ-ୱାର୍କର ସହିତ ଡେଟ୍ ଦେଖା ଦିଏ। ତେବେ ଏଭଳି ସ୍ଥିତିରେ ଜଣକ ସହ ନିଜକୁ ସୀମିତ ନ ରଖି ନିଜ ପାଇଁ କ'ଣ ଠିକ୍ ଓ ଭୁଲ ଆହୁରି ଜାଣିବା ପାଇଁ ଅଫିସ୍‌ରେ ବନ୍ଧୁତା ବଢ଼ାଇବା ଦରକାର। ଏହା ଦ୍ୱାରା ନୂଆ ଲୋକଙ୍କ ସହିତ ଭେଟ ହୁଏ ଏବଂ ଠିକ୍ ନିଷ୍ପତ୍ତି ନେବା ସହଜ ହୋଇଥାଏ।

## ସାମାଜିକ ଗଣମାଧ୍ୟମରେ କ'ଣ ପୋଷ୍ଟ କରିବେ ନାହିଁ



**ଫେସ୍‌ବୁକ୍, ଇନ୍‌ଷ୍ଟାଗ୍ରାମ୍, ଏକ୍ସ, ଲିଙ୍କଡ୍‌ଇନ୍ ଭଳି ସୋସିଆଲ ମିଡିଆ ପ୍ଲାଟ୍‌ଫର୍ମ ଲୋକଙ୍କ ନିତିଦିନ ଜୀବନର ଅଂଶ ପାଲଟିଛି। ଲୋକ ନିଜ ଫଟୋ, ଚିନ୍ତାଧାରା, କାମ ସମ୍ପର୍କିତ ଅଭିଜ୍ଞତା ଆଦି ଏଥିରେ ସେୟାର୍ କରନ୍ତି। ତେବେ କର୍ମଜୀବୀମାନେ ସାମାଜିକ ଗଣମାଧ୍ୟମରେ କେଉଁ ସବୁ ଜିନିଷ ପୋଷ୍ଟ କରିବା ଅନୁଚିତ, ସେ ସମ୍ପର୍କରେ ଜାଣିବା।**

- ଅଫିସ୍ ଦସ୍ତାବିଜ୍, କ୍ଲାଏଣ୍ଟ ତଥ୍ୟ, ନୂଆ ପ୍ରୋଜେକ୍ଟ ପାସ୍‌ୱାର୍ଡ, ମିଟିଂ ନୋଟ୍ ନୂଆ ପ୍ରଡକ୍ଟ ସମ୍ପର୍କିତ ତଥ୍ୟ ସୋସିଆଲ ମିଡିଆରେ ସେୟାର୍ କରିବା ଭଲ ନୁହେଁ। କମ୍ପାନି ଏହାକୁ ଗୋପନୀୟର ଉଲ୍ଲଙ୍ଘନ ବୋଲି ବିଚାର କରେ।
- ସୋସିଆଲ ମିଡିଆରେ କମ୍ପାନି ତଥା ମ୍ୟାନେଜର ବିରୋଧରେ ଅପମାନଜନକ ପୋଷ୍ଟ କରିବା ବୃତ୍ତିଗତ ଜୀବନକୁ କ୍ଷତି ପହଞ୍ଚାଏ।
- ଅଫିସ୍‌ରେ କୌଣସି କର୍ମଚାରୀ, କ୍ଲାଏଣ୍ଟ, ଗ୍ରାହକଙ୍କ ଫଟୋ ଓ ଭିଡିଓକୁ ବିନା ଅନୁମତିରେ ପୋଷ୍ଟ କରିବା ଅନୁଚିତ।
- ଅନେକ ସମୟରେ କର୍ମଚାରୀ ଉତ୍ସାହରେ ଅଫିସ୍, ଫ୍ୟାକ୍ଟ୍ରି, ଲ୍ୟାବ୍, କଂଟ୍ରୋଲ ରୁମ୍, ମିଟିଂ ଫଟୋ ଓ ଭିଡିଓ ପୋଷ୍ଟ କରିଥାନ୍ତି। ସେଥିରେ ସମ୍ବେଦନଶୀଳ ତଥ୍ୟ, ସ୍କ୍ରିନ, ଦସ୍ତାବିଜ, ସୁରକ୍ଷା ବ୍ୟବସ୍ଥା ଥାଏ। ତେଣୁ ଏସବୁ ପୋଷ୍ଟ କରିବା କମ୍ପାନିର ନୀତି ବିରୋଧ ହୋଇପାରେ।
- ସ୍ୱାସ୍ଥ୍ୟଗତ କାରଣରୁ ଛୁଟି ନେଉଥିଲେ ଏହି ସମୟରେ ପାର୍ଟି, ଯାତ୍ରାର ଫଟୋ ସୋସିଆଲ ମିଡିଆରେ ସେୟାର୍ କରନ୍ତୁ ନାହିଁ। କମ୍ପାନିର ଭରସା ପ୍ରଭାବିତ ହୋଇପାରେ।
- କମ୍ପାନି ଲୋଗୋ, ବ୍ରାଣ୍ଡ ତଥା ନାଁ ବ୍ୟବହାର କରିବା ସମୟରେ ସୋସିଆଲ ମିଡ଼ିଆ ପଲିସି ଉପରେ ଦୃଷ୍ଟି ଦେବା ଆବଶ୍ୟକ।
- ଅଫିସ୍‌ରେ ଖରାପ ଦିନ ପରେ ତୁରନ୍ତ ସୋସିଆଲ ମିଡିଆରେ ଭାବନାତ୍ମକ ପୋଷ୍ଟ କରିବା ବନ୍ଦ କରନ୍ତୁ। ଏହା ଅଫିସ୍ ଛବି ଉପରେ ପ୍ରଭାବ ପକାଇପାରେ।

## ଶ୍ରୀଲଙ୍କା ନିକଟରୁ ସିରିଜ୍ ହାରିଲେ ପାକିସ୍ତାନୀ ମହିଳା




ଦାମ୍ବୁଲା,୪।୮ (ଏଜେନ୍ସି): ଏଠାରେ ଖେଳାଯାଇଥିବା ତୃତୀୟ ତଥା ଶେଷ ଟି-୨୦ ମୁକାବିଲାରେ ପାକିସ୍ତାନ ମହିଳା ଟିମ୍ ୪ ୱିକେଟରେ ଶ୍ରୀଲଙ୍କାକୁ ପରାସ୍ତ କରି ଶାନ୍ତ୍ୱନାମୂଳକ ବିଜୟ ହାସଲ କରିଛି। ଶେଷ ମ୍ୟାଚ୍‌ରେ ହାରିଥିଲେ ମଧ୍ୟ ଏହି ୩ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌କୁ ଶ୍ରୀଲଙ୍କା ୨-୧ରେ ଜିତିନେଇଛି। ଏହା ପୂର୍ବରୁ ଖେଳାଯାଇଥିବା ଦିନିକିଆ ସିରିଜ୍‌କୁ ମଧ୍ୟ ଶ୍ରୀଲଙ୍କା ୨-୧ରେ ଜିତିଥିଲା। ଏଠାରେ ଖେଳାଯାଇଥିବା ତୃତୀୟ ଟି-୨୦ରେ ପ୍ରଥମେ ବ୍ୟାଟିଂ କରି ଶ୍ରୀଲଙ୍କା ୬ ୱିକେଟରେ ୧୧୩ ରନ୍ କରିଥିଲା। ଜବାବରେ ପାକିସ୍ତାନ ୧୮.୨ ଓଭରରେ ୬ ୱିକେଟ ହରାଇ ବିଜୟଲକ୍ଷ୍ୟରେ ପହଞ୍ଚିଯାଇଥିଲା। ପାକିସ୍ତାନ ପକ୍ଷରୁ ୩୯ ରନ୍ କରିଥିବା ଆୟେଶା ଜାଫର ଓ ସ୍ପିନର ମାନେ ଏହି ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

● ୱେଷ୍ଟଇଣ୍ଡିଜ୍-ପାକିସ୍ତାନ ଦ୍ୱିତୀୟ ଟେଷ୍ଟ

## ସଫିକ୍‌ଙ୍କ ଶତକ; ପାକିସ୍ତାନ ଅଗ୍ରଣୀ

ପୋର୍ଟ ଅଫ୍ ସ୍ପେନ୍,୪।୮ (ଏଜେନ୍ସି): ଅବଦୁଲ୍ଲା ସଫିକ୍ ଓ ବାବର ଆଜମଙ୍କ ଦମ୍‌ଦାର ବ୍ୟାଟିଂ ବଳରେ ଏଠାରେ ଚାଲିଥିବା ୱେଷ୍ଟଇଣ୍ଡିଜ୍ ବିପକ୍ଷ ଦ୍ୱିତୀୟ ଟେଷ୍ଟରେ ପାକିସ୍ତାନ ପ୍ରଥମ ଇନିଂସ ଅଗ୍ରଣୀ ନେଇଛି। ଜଷ୍ଟିନ୍ ଗ୍ରିଭସ (୭୩) ଓ ଅଧିନାୟକ ରୋଷ୍ଟୋନ ଚେଜ୍ (୭୦)ଙ୍କ ଅର୍ଦ୍ଧଶତକ ବଳରେ ୱେଷ୍ଟଇଣ୍ଡିଜ୍‌ର ପ୍ରଥମ ଇନିଂସ ୩୪୪ ରନ୍ କରିଥିଲା। ଜବାବରେ ତୃତୀୟ ଦିନ ଶେଷ ଖବର ସୁଦ୍ଧା ପାକିସ୍ତାନ ପ୍ରଥମ ଇନିଂସରେ ୬ ୱିକେଟରେ ୩୬୭ ରନ୍ କରିଥିଲା। ଏହି ସମୟରେ ସଫିକ ୧୫୩ ରନ୍‌ରେ ଅପରାଜିତ ଥିଲାବେଳେ ବାବର ଆଜମ ୮୮ ରନ୍ କରିଥିଲେ। ଦଳର ଓପନର ଆଜନ ଆୱେସ ୫୫ ଓ ଇମାମ-ଉଲ-ହକ୍ ୧୪ ରନ୍ କରି ଆଉଟ ହୋଇଥିଲେ। ଏଭଳି ନିର୍ଜୀବ ପିଚ୍‌ରେ ୱେଷ୍ଟଇଣ୍ଡିଜ୍‌ର ବୋଲରମାନେ ପ୍ରତିପକ୍ଷ ବ୍ୟାଟରଙ୍କୁ ଆଉଟ କରିବା କଷ୍ଟକର ହୋଇପଡ଼ିଥିଲା। ଜୋମେଲ ୱାରିକାନ ୩ ଜଣ ଓ ସମର ଯୋଶେଫ୍ ୨ଜଣ ଖେଳାଳିଙ୍କୁ ଆଉଟ କରିଥିଲେ। ୱେଷ୍ଟଇଣ୍ଡିଜ୍ ଇନିଂସରେ ସ୍ପିନର ସାଜିଦ୍ ଖାନ୍‌ଙ୍କୁ ୪ଟି ୱିକେଟ ମିଳିଥିଲା।

## ଚେନ୍ନଇ ଓପନକୁ ୧୦ କୋଟି




ଚେନ୍ନଇ,୪।୮ (ଏଜେନ୍ସି): ଡବ୍ଲ୍ୟୁଟିଏ-୨୫୦ ଚେନ୍ନଇ ଓପନ ଆୟୋଜନ ଲାଗି ଯେଉଁ ପ୍ରତିବନ୍ଧକ ରହିଥିଲା ତାହା ଏବେ ଦୂର ହୋଇଛି। ଏହି ଟୁର୍ଣ୍ଣାମେଣ୍ଟ ଆୟୋଜନ ଲାଗି ତାମିଲନାଡୁ ଟେନିସ ସଂଘ ପକ୍ଷରୁ ସଭାପତି ବିଜୟ ଅମୃତରାଜ ୨୦ କୋଟି ଟଙ୍କାର ବ୍ୟୟ ଅଟକଳ କରିଥିଲେ। କିନ୍ତୁ ଏତେ ଅର୍ଥ ରାଶି ସଂଘ ନିକଟରେ ନ ଥିଲା। ଏଣୁ ସେ ସରକାରଙ୍କ ସହାୟତା ଲୋଡିଥିଲେ। ନୂଆ ମୁଖ୍ୟମନ୍ତ୍ରୀ ଯୋଶେଫ୍ ବିଜୟ ବ୍ୟୟ ଅଟକଳର ଅଧା ବା ୧୦ କୋଟି ଟଙ୍କା ଦେବାକୁ ରାଜି ହେବା ଫଳରେ ଏହି ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇପାରିବ ବୋଲି ଅମୃତରାଜ କହିଛନ୍ତି। ଏହି ଟୁର୍ଣ୍ଣାମେଣ୍ଟ ଚଳିତବର୍ଷ ନଭେମ୍ବର ୨ରୁ ଆରମ୍ଭ ହୋଇ ୮ରେ ଶେଷ ହେବ। ଏଥିରେ ଏକକ ବିଭାଗରେ ୩୨ଜଣ ଓ ଡବଲ୍ସରେ ୧୬ ଯୋଡି ଖେଳାଳି ଅଂଶଗ୍ରହଣ କରିବେ। ୨୦୨୨ରୁ ଆରମ୍ଭ ହୋଇଥିବା ଏହି ଟୁର୍ଣ୍ଣାମେଣ୍ଟ ଅର୍ଥାଭାବ ଯୋଗୁଁ ୨୦୨୩ ଓ ୨୦୨୪ରେ ଡବ୍ଲ୍ୟୁଟିଏ କ୍ୟାଲେଣ୍ଡରରେ ସ୍ଥାନ ପାଇ ନ ଥିଲା।

● ବିଡବ୍ଲ୍ୟୁଏଫ୍ ୱାର୍ଲ୍ଡ ଚାମ୍ପିଅନସିପ୍

## ସିନ୍ଧୁ ୯ମ, ସାତ୍ୱିକ-ଚିରାଗ ୫ମ ସିଡ୍



ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍ଥାନୀୟ ଇନ୍ଦିରା ଗାନ୍ଧି ଷ୍ଟାଡିୟମ୍‌ରେ ଅଗଷ୍ଟ ୧୭ରୁ ୨୩ ଯାଏ ୱାର୍ଲ୍ଡ ବ୍ୟାଡ୍‌ମିଣ୍ଟନ ଚାମ୍ପିଅନସିପ୍ ଆୟୋଜିତ ହେବ। ଏହି ପ୍ରତିଯୋଗିତା ଲାଗି ସୁପରଷ୍ଟାପିଭି ସିନ୍ଧୁଙ୍କୁ ବାଳିକା ଏକକ ବିଭାଗରେ ୮ମ ସିଡ୍ ମାନ୍ୟତା ମିଳିଛି। ଘରୋଇ ମାଟିରେ ଏହି ଟୁର୍ଣ୍ଣାମେଣ୍ଟ ଖେଳାଯିବ। ପ୍ରତ୍ୟେକ କାଟେଗୋରୀରେ ୨ ଜଣ ଲେଖାଏଁ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି। ପୁରୁଷ ଏକକରେ ଲକ୍ଷ୍ୟ ସେନ୍‌ଙ୍କୁ ୧୪ତମ ସିଡ୍, ମିଶ୍ରିତ ଯୁଗଳରେ ଧ୍ରୁବ କପିଳା ଓ ତନିସା କ୍ରାଷ୍ଟୋଙ୍କୁ ୧୫ତମ ସିଡ ମିଳିଛି। ଚଳିତବର୍ଷ ଏପ୍ରିଲ ୨୮ ତାରିଖର ମାନ୍ୟତା ଅନୁଯାୟୀ ଏହି ଟୁର୍ଣ୍ଣାମେଣ୍ଟ ଲାଗି ଯୋଗ୍ୟତା ଅର୍ଜନ କରିଥିଲେ। ସେହିପରି ଚଳିତବର୍ଷ ଜୁଲାଇ ୨୮ ସୁଦ୍ଧା ବିଶ୍ୱ ର୍‌ୟାଙ୍କିଂ ଅନୁଯାୟୀ ଟୁର୍ଣ୍ଣାମେଣ୍ଟର ସିଡ୍ ସ୍ଥିର ହୋଇଛି।

**ଅଗଷ୍ଟ ୧୫ରୁ ଟେଷ୍ଟ ସିରିଜ୍**

# ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ

ମୁମ୍ବଇ,୪।୮ (ଏଜେନ୍ସି)



ଟିମ୍ ଇଣ୍ଡିଆର ଲଙ୍କା ଅଭିଯାନ ଆରମ୍ଭ ହୋଇଛି। ଶ୍ରୀଲଙ୍କା ସହ ୨ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍ ଖେଳିବାକୁ ଶୁବମନ ଗିଲ୍‌ଙ୍କ ନେତୃତ୍ୱରେ ଭାରତୀୟ କ୍ରିକେଟ ଦଳ ଆଜି କଲମ୍ବୋ ଅଭିମୁଖେ ଯାତ୍ରା କରିଛି। ଅଗଷ୍ଟ ୧୫ରୁ ଏହି ଟେଷ୍ଟ ସିରିଜ୍ ଆରମ୍ଭ ହେବ। ଏହା ପୂର୍ବରୁ ଶ୍ରୀଲଙ୍କାର ପିଚ୍ ଓ ପରିବେଶ ସହ ଖାପ୍ ଖୁଆଇବା ଲାଗି ଅଗଷ୍ଟ ୭ରୁ ୯ ତାରିଖ ମଧ୍ୟରେ ଏକ ଅଭ୍ୟାସ ମ୍ୟାଚ୍ ଖେଳିବ। ଏଥିରୁ ଶ୍ରୀଲଙ୍କାକୁ ଭାରତ କିପରି ସମ୍ମାନ ଦେଉଛି ତାହା ସ୍ପଷ୍ଟ ଜଣାପଡୁଛି। ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ପରି ଦେଶ ଗସ୍ତରେ ଯାଇଥିବା ଭାରତ ଗତ କିଛି ବର୍ଷରେ ଅଭ୍ୟାସ ମ୍ୟାଚ୍ ଖେଳି ନାହିଁ। ଶ୍ରୀଲଙ୍କାର ସ୍ପିନରଙ୍କୁ ମୁକାବିଲା କରିବା ଏହି ଫଟାଫଟ କ୍ରିକେଟରଙ୍କ ଲାଗି ମୁସ୍କିଲ ହେଉଛି। ଏଥିଲାଗି ଏହି ଅଭ୍ୟାସ ମ୍ୟାଚ୍‌ର ବ୍ୟବସ୍ଥା କରାଯାଇଛି। ଟେଷ୍ଟ ମ୍ୟାଚ୍ ଖେଳାଯିବାକୁ ଥିବା ଗଲ ଓ କଲମ୍ବୋର ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍ ପିଚ୍‌ରେ ସ୍ପିନରମାନେ ବେଶ ପ୍ରଭାବ ବିସ୍ତାର କରିଥାନ୍ତି। ଏଣୁ ସେମାନଙ୍କୁ କିପରି ମୁକାବିଲା କରାଯାଇପାରିବ ତାହା ଭାରତରୁ ଖେଳାଳିମାନେ ପ୍ରସ୍ତୁତି କରିଛନ୍ତି। ଶ୍ରୀଲଙ୍କା ଯିବା ପୂର୍ବରୁ ମୁମ୍ବଇରେ ଦୁଇ ଓପନର ଲୋକେଶ ରାହୁଲ ଓ ଯଶସ୍ୱୀ ଜୟସ୍ୱାଲ ବେଶ କିଛି ଦିନ ହେଲା ସ୍ପିନରଙ୍କ ବିପକ୍ଷରେ ଅଭ୍ୟାସ ଚଳାଇଛନ୍ତି।

### ସୁଦର୍ଶନଙ୍କ ଫିଟ୍‌ନେସ୍‌କୁ ଅପେକ୍ଷା

ଭାରତୀୟ ଟେଷ୍ଟ ଦଳ ଘୋଷଣାବେଳେ ଦୁଇଜଣ ଆହତ ଖେଳାଳିଙ୍କୁ ଦଳରେ ସାମିଲ କରାଯାଇଥିଲା। ସେମାନଙ୍କ ମଧ୍ୟରୁ ଯଶପ୍ରୀତ୍ ବୁମ୍‌ରା ଫିଟ୍ ନ ହେବାରୁ ତାଙ୍କୁ ଏହି ସିରିଜ୍‌ରୁ ବାଦ୍ ଦିଆଯାଇଛି ଓ ତାଙ୍କ ସ୍ଥାନରେ ରଣଜୀ ଚାମ୍ପିଅନ ଜମ୍ମୁ-କଶ୍ମୀର ଦଳର ଫାଷ୍ଟ ବୋଲର ଆକ୍ୱିବ ନବିଙ୍କୁ ସାମିଲ କରାଯାଇଛି। ଅନ୍ୟତମ ଆହତ ଖେଳାଳି ସାଇ ସୁଦର୍ଶନ ଟିମ୍ ସହ ଶ୍ରୀଲଙ୍କା ନ ଯାଇ ବେଙ୍ଗାଲୁରୁରେ ଫିଟନେସ୍ ପାଇବା ଲାଗି ସଂଘର୍ଷ କରୁଛନ୍ତି। ବିସିସିଆଇ ମେଡିକାଲ ଟିମ୍ ତାଙ୍କୁ ଫିଟ୍ କରାଇବ ବୋଲି ଆଶା ରହିଛି। ଦଳ ସହ ସେ ଯାଇ ନ ଥିଲେ ମଧ୍ୟ ଅଗଷ୍ଟ ୭ରେ ଭାରତ ଖେଳିବାକୁ ଥିବା ଅଭ୍ୟାସ ମ୍ୟାଚ୍‌ରେ ସୁଦର୍ଶନ ଖେଳିବେ ବୋଲି ବିସିସିଆଇ ମେଡିକାଲ ଟିମ୍ ରହିଛି। ସେ ଏବେ ପୂରା ଫିଟ୍ ହୋଇଯାଇଛନ୍ତି ଓ ଆସନ୍ତାକାଲିଠାରୁ ବ୍ୟାଟିଂ ଅଭ୍ୟାସ କରିବେ ବୋଲି ଆଶା କରାଯାଉଛି।

### ଚୂଡାନ୍ତ ଏକାଦଶରେ ୨ ପେସ୍, ୩ ସ୍ପିନର

ଶ୍ରୀଲଙ୍କାରେ ଭାରତ ୨ ଜଣିଆ ପେସ୍ ବୋଲରଙ୍କୁ ଖେଳାଇବାର ସମ୍ଭାବନା ଅଧିକ। ଏପରି ହେଲେ ମହମ୍ମଦ୍ ସିରାଜ ଓ ପ୍ରସିଦ୍ଧ କ୍ରିଷ୍ଣାଙ୍କୁ ପ୍ରଥମ ପସନ୍ଦର ବୋଲର ଭାବେ ନିଆଯିବ। ଏମାନଙ୍କ ମଧ୍ୟରୁ ଯଦି କେହି ଆହତ ହୁଅନ୍ତି, ତେବେ ଗୁରନୁର ବ୍ରାରଙ୍କୁ ସୁଯୋଗ ମିଳିବ। ଭାରତ ଦଳରେ ୪ଜଣ ସ୍ପିନରଙ୍କୁ ସାମିଲ କରିଥିଲାବେଳେ ୩ଜଣ ନିଶ୍ଚିତ ଖେଳାଇବ। ଦୁଇ ବାମହାତୀ ସ୍ପିନର ରବୀନ୍ଦ୍ର ଜାଡେଜା ଓ ମାନବ ସୂତାରଙ୍କୁ ସହ ଅଫ୍ ସ୍ପିନର ସାରାଂଶ ଜୈନ ଡେବ୍ୟୁ କରିପାରନ୍ତି। କୁଳଦୀପ ଯାଦବଙ୍କୁ ମଧ୍ୟ ଅଣଦେଖା କରାଯାଇ ପାରିବ ନାହିଁ।

**ଟେଷ୍ଟ ସିରିଜ୍ ଖେଳସୂଚୀ**

| ତାରିଖ | ମ୍ୟାଚ୍ | ଭେନ୍ୟୁ |
|---|---|---|
| ୦୭ରୁ ୦୯।୮ | ଅଭ୍ୟାସ ମ୍ୟାଚ୍ | ଏସ୍‌ଏସ୍‌ସି |
| ୧୫ରୁ ୧୯।୮ | ପ୍ରଥମ ଟେଷ୍ଟ | ଗଲ୍ |
| ୨୩ରୁ ୨୭।୮ | ଦ୍ୱିତୀୟ ଟେଷ୍ଟ | ଏସ୍‌ଏସ୍‌ସି |

ବିଦ୍ର: ଏସ୍‌ଏସ୍‌ସି- ସିଂହଳୀଜ୍ ସ୍ପୋର୍ଟ୍ସ କ୍ଲବ୍, କଲମ୍ବୋ।

ପ୍ରସାରଣ : ସୋନି ସ୍ପୋର୍ଟ୍ସ ନେଟ୍‌ୱର୍କ
ଲାଇଭ୍ ଷ୍ଟ୍ରିମିଂ : ସୋନି ଲିଭ୍।

### ଭାରତ ସପକ୍ଷରେ ରେକର୍ଡ

ଶ୍ରୀଲଙ୍କାରେ ଭାରତ ଶେଷଥର ଲାଗି ୨୦୧୭ରେ ଟେଷ୍ଟ ସିରିଜ୍ ଖେଳିଥିଲା। ଏହା ପରେ ଦୁଇଟି ଟେଷ୍ଟ ସିରିଜ୍ ଆୟୋଜିତ ହୋଇଥିଲାବେଳେ ଉଭୟ ଭାରତରେ ଖେଳାଯାଇଥିଲା। ୨୦୧୭ରେ ଭାରତ ୩-୦ରେ ଟେଷ୍ଟ ସିରିଜ୍ ଜିତିଥିଲା। ଭାରତ ବିପକ୍ଷରେ ଶ୍ରୀଲଙ୍କା ଶେଷଥର ଲାଗି ୨୦୦୮ରେ ଟେଷ୍ଟ ସିରିଜ୍ ଜିତିଥିଲା। ଘରୋଇ ଦଳ ୨-୧ରେ ଏହାକୁ କବ୍‌ଜା କରିଥିଲା। ଏହା ମଧ୍ୟରେ ୧୯୮୨ରୁ ଏଯାଏ ଦୁଇ ଦେଶ ମଧ୍ୟରେ ୪୬ଟି ଟେଷ୍ଟ ଆୟୋଜିତ ହୋଇସାରିଛି। ଏଥିରେ ଭାରତ ୨୨ଟି ଓ ଶ୍ରୀଲଙ୍କା ୭ଟିରେ ଜିତିଛି। ଭାରତରେ ଖେଳାଯାଇଥିବା ଟେଷ୍ଟରେ ଏଯାଏ ଶ୍ରୀଲଙ୍କା ଗୋଟିଏ ହେଲେ ଟେଷ୍ଟ ମ୍ୟାଚ୍‌ରେ ଜିତନାହିଁ। କିନ୍ତୁ ଶ୍ରୀଲଙ୍କାରେ ଖେଳାଯାଇଥିବା ୨୪ ଟେଷ୍ଟ ମଧ୍ୟରୁ ଭାରତ ୯ଟିରେ ଓ ଶ୍ରୀଲଙ୍କା ୭ଟିରେ ବିଜୟୀ ହୋଇଛି। ୨୦୧୫ରେ ଶେଷଥର ଲାଗି ଶ୍ରୀଲଙ୍କା ନିକଟରୁ ଭାରତ ଟେଷ୍ଟ ମ୍ୟାଚରେ ପରାଜିତ ହୋଇଥିଲା।

### ୪ ଜଣ ସ୍ପିନର ନେଟ୍ ବୋଲର

ଏହି ଗସ୍ତରେ ଯାଇଥିବା ଭାରତୀୟ ଦଳରେ ୪ଜଣ ସ୍ପିନରଙ୍କୁ ନେଟ ବୋଲର ଭାବେ ନିଆଯାଇଛି। ସେମାନେ ହେଲେ ଅଫ୍ ସ୍ପିନର ତନୁସ କୋଟିଆନ୍, ବାହମତୀ ରିଷ୍ଟ ସ୍ପିନର ଶିବାଙ୍ଗ କୁମାର, ଲେଗ୍ ସ୍ପିନର ବିପରାଜ ନିଗମ ଓ ବାମହାତୀ ଅର୍ଥୋଡକ୍ସ ବୋଲର ହର୍ଷ ଦୁବେ।

**ଭାରତୀୟ ଦଳ** : ଲୋକେଶ ରାହୁଲ, ଯଶସ୍ୱୀ ଜୟସ୍ୱାଲ, ସାଇ ସୁଦର୍ଶନ, ଶୁବମନ ଗିଲ୍, ଋଷଭ ପନ୍ତ୍ (ୱିକେଟରକ୍ଷକ), ଧ୍ରୁବ ଜୁରେଲ, ରବୀନ୍ଦ୍ର ଜାଡେଜା, ସାରାଂଶ ଜୈନ, ମାନବ ସୂତାର, ମହମ୍ମଦ୍ ସିରାଜ, ପ୍ରସିଦ୍ଧ କ୍ରିଷ୍ଣା, ଗୁରନୁର ବ୍ରାର, ଆକ୍ୱିବ ନବି, କୁଳଦୀପ ଯାଦବ, ଦେବଦତ୍ତ ପାଡିକଲ।

## ମହିଳା ଏସିଆ କପ୍ ୟୁଏଇରେ

ଦୁବାଇ,୪।୮ (ଏଜେନ୍ସି): ମହିଳା ଏସିଆ କପ୍ ଟି-୨୦ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଏଥର ୟୁଏଇରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଏହାର ଭେନ୍ୟୁ ଓ ତାରିଖ ଏସିଆନ୍ କ୍ରିକେଟ କାଉନ୍ସିଲ ପକ୍ଷରୁ ଘୋଷଣା କରାଯାଇ ନ ଥିଲାବେଳେ ଅଗଷ୍ଟ ୨୮ରୁ ସେପ୍ଟେମ୍ବର ୧୩ ମଧ୍ୟରେ ଟୁର୍ଣ୍ଣାମେଣ୍ଟ ଖେଳାଯିବ ବୋଲି ଅଂଶଗ୍ରହଣକାରୀ ଟିମ୍ ଗୁଡିକୁ ସୂଚନା ଦେବା ସହ ଓ ପ୍ରସ୍ତୁତ ରହିବାକୁ କୁହାଯାଇଛି। ଏହି ଟୁର୍ଣ୍ଣାମେଣ୍ଟରେ ଡିଫେଣ୍ଡିଂ ଚାମ୍ପିଅନ ଶ୍ରୀଲଙ୍କା, ଭାରତ, ପାକିସ୍ତାନ, ବାଂଲାଦେଶ, ନେପାଳ, ମାଲେସିଆ, ଥାଇଲାଣ୍ଡ ଓ ମାଲେସିଆ ଅଂଶଗ୍ରହଣ କରିବେ। ଟୁର୍ଣ୍ଣାମେଣ୍ଟ ଭେନ୍ୟୁ ଘୋଷଣା କରାଯାଇ ନ ଥିବାରୁ ଟିମ୍ ଗୁଡିକ ଅନ୍ଧୁଆରେ ପଡ଼ିଛନ୍ତି। ସେହିପରି ଏସିଆ କପ୍ ପରେ ସେପ୍ଟେମ୍ବର ୧୭ରୁ ୨୪ ଯାଏ ଜାପାନର ନାଗୋୟାଠାରେ ଏସିଆନ୍ ଗେମ୍ସ ଖେଳାଯିବ। ଉଭୟ ଟୁର୍ଣ୍ଣାମେଣ୍ଟ ଲାଗି ଭାରତୀୟ ଦଳ ଘୋଷଣା କରାଯାଇଛି ଓ ପ୍ରସ୍ତୁତି ହୋଇ ରହିଛି।

## ଲୌସାନେରେ ନୀରଜ-ଅର୍ସାଦ-ରୁମେଶ ଲଢ଼େଇ

ନୂଆଦିଲ୍ଲୀ,୪।୮ (ଏଜେନ୍ସି): ସ୍କଟଲାଣ୍ଡରେ ଶେଷ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ଭାରତର ନୀରଜ ଚୋପ୍ରା, ପାକିସ୍ତାନର ଅଲିମ୍ପିକ୍ ସ୍ୱର୍ଣ୍ଣପଦକ ବିଜେତା ଅର୍ସାଦ୍ ନଦୀମ ଓ ଶ୍ରୀଲଙ୍କାର ରୁମେଶ ତରଙ୍ଗା ପାଥିରାଗେଙ୍କ ମଧ୍ୟରେ ଜୋରଦାର ଲଢ଼େଇ ହୋଇଥିଲା। ଏହି ଚାମ୍ପିଅନଙ୍କୁ ପଛରେ ପକାଇ ରୁମେଶ ଏଠାରେ ଚାମ୍ପିଅନ ହୋଇଥିଲେ। ଏସିଆ ମହାଦେଶର ଏହି ୩ ଜାଭେଲିନ୍ ଫିଙ୍ଗାଳି ବିଶ୍ୱରେ ଶ୍ରେଷ୍ଠ ପ୍ରଦର୍ଶନ ଦେଇଛନ୍ତି। ଏହି ୩ ଜାଭେଲିନ୍ ଫିଙ୍ଗାଳିଙ୍କ ସହ ବିଶ୍ୱଚାମ୍ପିଅନ କେଶରନ ୱାଲକଟ, ପୂର୍ବ ବିଶ୍ୱଚାମ୍ପିଅନ ଆଣ୍ଡରସନ ପିଟର୍ସ, ପୂର୍ବତନ ଅଲିମ୍ପିକ୍ ଚାମ୍ପିଅନ ଥୋମାସ ରୋହେଲର ପ୍ରମୁଖ ଅଗଷ୍ଟ ୨୧ରୁ ଆରମ୍ଭ ହେବାକୁ ଯାଉଥିବା ଡାଇମଣ୍ଡ ଲିଗ୍‌ରେ ଭାଗନେବେ। ଏହା ବିଶ୍ୱର ସବୁଠାରୁ ପ୍ରତିଦ୍ୱନ୍ଦ୍ୱିତାମୂଳକ ଜାଭେଲିନ୍ ପ୍ରତିଯୋଗିତା ହେବ ବୋଲି ଆଶା କରାଯାଉଛି। ଚଳିତ ସିଜନରେ ରୁମେଶ ଶ୍ରେଷ୍ଠ ସଫଳତା ପାଇଛନ୍ତି।


## ବିବିଏଲ୍‌ର ସବୁଠାରୁ ଦାମୀ ଖେଳାଳି ହେବେ ଷ୍ଟୋକ୍‌ସ



ସିଡ୍‌ନୀ, ୪।୮ (ଏଜେନ୍ସି): ଇଂଲଣ୍ଡ କ୍ରିକେଟ୍ ଦଳର ପୂର୍ବତନ ଅଧିନାୟକ ବେନ୍ ଷ୍ଟୋକ୍‌ସ ବିଗ୍ ବାସ୍ ଲିଗ୍ (ବିବିଏଲ୍) ଇତିହାସରେ ସବୁଠାରୁ ଦାମୀ ଖେଳାଳି ହୋଇପାରନ୍ତି। ବିବିଏଲ୍‌ର ୨୦୨୬-୨୭ ସଂସ୍କରଣ ପୂର୍ବରୁ ଅଲରାଉଣ୍ଡର ଷ୍ଟୋକ୍‌ସଙ୍କୁ କିଣିବା ଦୌଡ଼ର ସର୍ବାଗ୍ରେ ରହିଛି ସିଡ୍‌ନୀ ସିକ୍ସର୍ସ। କିଛି ସପ୍ତାହ ତଳେ ୩୫ ବର୍ଷ ବୟସ୍କ ବେନ୍ ଷ୍ଟୋକ୍‌ସ ଆନ୍ତର୍ଜାତିକ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ଫଳରେ ଷ୍ଟୋକ୍‌ସ ସାରାବିଶ୍ୱରେ ଫ୍ରାଞ୍ଚାଇଜି କ୍ରିକେଟ୍ ଖେଳିବା ପାଇଁ ଯଥେଷ୍ଟ ସମୟ ପାଇବେ। ଏକ ଗଣମାଧ୍ୟମ ରିପୋର୍ଟ ଅନୁସାରେ, କ୍ରିକେଟ୍ ଅଷ୍ଟ୍ରେଲିଆ ବିବିଏଲ୍‌ର ନିୟମରେ ପରିବର୍ତ୍ତନ କରିବାକୁ ଯାଉଛି। ଏହା ଅନୁସାରେ, ବିଦେଶୀ ଖେଳାଳିଙ୍କ ତାଲିକାରୁ ନୁହେଁ; ଏକ ଫ୍ରାଞ୍ଚାଇଜି ନିଜ ଆଡ଼କୁ ଜଣେ ବିଦେଶୀ ଖେଳାଳିଙ୍କ ସହ ଯୋଗାଯୋଗ କରି ତାଙ୍କ ସହ ଦଳର ପ୍ରମୁଖ ଖେଳାଳି ଭାବେ ଚୁକ୍ତି କରିପାରିବ। ଏକ ରିପୋର୍ଟ ଅନୁସାରେ, ବେନ୍ ଷ୍ଟୋକ୍‌ସଙ୍କୁ କିଣିବା ପାଇଁ ସିଡ୍‌ନୀ ସିକ୍ସର୍ସ ୬ ନିୟୁତ ଡଲାର (ଭାରତୀୟ ମୁଦ୍ରାରେ ପ୍ରାୟ ୫ କୋଟି ୭୨ ଲକ୍ଷ ଟଙ୍କା) ଖର୍ଚ୍ଚ କରିବାକୁ ପ୍ରସ୍ତୁତ ଅଛି। ଏପରି ହେଲେ ଷ୍ଟୋକ୍‌ସ ବିବିଏଲ୍ ଇତିହାସରେ ସବୁଠାରୁ ଦାମୀ ଖେଳାଳି ହେବେ। ସିଡ୍‌ନୀ ସିକ୍ସର୍ସ ଦଳ ଷ୍ଟୋକ୍‌ସଙ୍କୁ ନେବା ପାଇଁ ଯୋଜନା କରିଥିବା ବେଳେ ହୋବାର୍ଟ ହରିକେନ୍‌ସ ମଧ୍ୟ ତାଙ୍କୁ ନେବା ପାଇଁ ଆଗ୍ରହ ପ୍ରକାଶ କରିଛି। ଏହାସହ ନ୍ୟୁଜିଲାଣ୍ଡର ବିସ୍ଫୋରକ ଓପନର ଫିନ୍ ଆଲେନ୍‌ଙ୍କୁ ନେବା ପାଇଁ ବିବିଏଲ୍‌ର ଏକାଧିକ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ଗତବର୍ଷ ପର୍ଥ ସ୍କର୍ଚର୍ସ ପାଇଁ ଖେଳି ଫିନ୍ ଆଲେନ୍ ୧୮୪.୧୮ ଷ୍ଟ୍ରାଇକ୍‌ରେଟ୍‌ରେ ସର୍ବାଧିକ ୪୬୬ ରନ୍ କରିଥିଲେ। ପୁଣି ଏକ ସଂସ୍କରଣରେ ଆଲେନ୍ ସର୍ବାଧିକ ଛକା ମାରିବାର କୀର୍ତ୍ତିମାନ ସ୍ଥାପନ କରିଥିଲେ। ଫଳରେ ପର୍ଥ ସ୍କର୍ଚର୍ସ ୬ଷ୍ଠ ଥର ବିବିଏଲ୍ ଚାମ୍ପିଅନ୍ ହୋଇଥିଲା। ଏବେ ଇଂଲଣ୍ଡରେ ଚାଲିଥିବା ଦିନିକିଆ କପ୍‌ରେ ଷ୍ଟୋକ୍‌ସ ପ୍ରଭାବଶାଳୀ ପ୍ରଦର୍ଶନ କରୁଛନ୍ତି। ତାଙ୍କର ଫର୍ମ ଓ ଅଭିଜ୍ଞତା ଯୋଗୁଁ ଷ୍ଟୋକ୍‌ସଙ୍କୁ ନେବା ପାଇଁ ବିବିଏଲ୍ ଫ୍ରାଞ୍ଚାଇଜି ଆଗ୍ରହୀ ଅଛନ୍ତି। ୨୦୧୪-୧୫ରେ ଷ୍ଟୋକ୍‌ସ ମେଲ୍‌ବୋର୍ଣ୍ଣ ରେନେଗେଡ୍‌ସ ପାଇଁ ବିବିଏଲ୍ ଖେଳିଥିଲେ ହେଁ ଭଲ ପ୍ରଦର୍ଶନ କରି ପାରିନଥିଲେ।

## ରିୟାନ୍, ଦିଲୀପଙ୍କୁ ଧନ୍ୟବାଦ ଦେଲା ବିସିସିଆଇ





ନୂଆଦିଲ୍ଲୀ, ୪।୮ (ଏଜେନ୍ସି): ଜିମ୍ବାୱେ ଗସ୍ତ ପରେ ଭାରତୀୟ କ୍ରିକେଟ୍ ଦଳର ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍ଡି ପ୍ରଶିକ୍ଷକ ଟି. ଦିଲୀପଙ୍କ ଚୁକ୍ତି ଅବଧି ବଢ଼ାଇନାହିଁ ବିସିସିଆଇ। ନେଦରଲାଣ୍ଡସର ଡୋସ୍କାଟେ ଆଇପିଏଲ୍ ଦଳ କଲକାତା ନାଇଟ୍ ରାଇଡର୍ସରେ ଯୋଗ ଦେଇଥିବା ବେଳେ ଦିଲୀପଙ୍କ ସ୍ଥାନରେ ଶୁଭଦୀପ ଘୋଷ ଫିଲ୍ଡିଂ ପ୍ରଶିକ୍ଷକ ନିଯୁକ୍ତ ହୋଇଛନ୍ତି। ଦୁଇ ବିଦାୟୀ ପ୍ରଶିକ୍ଷକ ଡୋସ୍କାଟେ ଓ ଦିଲୀପଙ୍କୁ ଭାରତୀୟ ଦଳ ପାଇଁ ସେମାନଙ୍କ ଅବଦାନ ପାଇଁ କୃତଜ୍ଞତା ଜଣାଇଛି ବିସିସିଆଇ। ତା'ର ଏକ୍ସ ପୃଷ୍ଠାରେ ବିସିସିଆଇ ଲେଖିଛି- ସହକାରୀ ପ୍ରଶିକ୍ଷକ ରିୟାନ୍ ଟେନ୍ ଡୋସ୍କାଟେ ଓ ଫିଲ୍ଡି ପ୍ରଶିକ୍ଷକ ଟି. ଦିଲୀପଙ୍କୁ ଧନ୍ୟବାଦ। ତୁମର ନିଷ୍ଠା, ପେସାଦାର ମନୋବୃତ୍ତି ଓ ଅକ୍ଳାନ୍ତ ପ୍ରଚେଷ୍ଟା ଦଳର ଯାତ୍ରା ଓ ସଫଳତାରେ ବଡ଼ ଭୂମିକା ଥିଲା। ତୁମ ଜୀବନର ପରବର୍ତ୍ତୀ ଅଧ୍ୟାୟ ପାଇଁ ଉଭୟଙ୍କ ସଫଳତା କାମନା କରୁଛୁ। ଟି. ଦିଲୀପ ୨୦୨୧ରୁ ୨୦୨୪-୨୫ ବର୍ଡର-ଗାଭାସ୍କର ଟ୍ରଫି ପର୍ଯ୍ୟନ୍ତ ଭାରତୀୟ କ୍ରିକେଟ୍ ଦଳର ଫିଲ୍ଡିଂ ପ୍ରଶିକ୍ଷକ ଥିଲେ। ପରେ ୨୦୨୫ରେ ତାଙ୍କୁ ଏକ ବର୍ଷ ଲାଗି ପୁନଃ ନିଯୁକ୍ତି ମିଳିଥିଲା। ହେଲେ ତାଙ୍କ ସମୟରେ ଭାରତୀୟ ଦଳର ଫିଲ୍ଡିଂ ନିମ୍ନମାନର ହେବାରୁ ବିସିସିଆଇ ତାଙ୍କ ଚୁକ୍ତି ବଢ଼ାଇ ନଥିଲା। ମୁଖ୍ୟ ପ୍ରଶିକ୍ଷକ ଗୌତମ ଗମ୍ଭୀରଙ୍କ ସହ ବ୍ୟାଟିଂ ପ୍ରଶିକ୍ଷକ ସୀତାଂଶୁ କୋଟକ, ପେସ୍ ବୋଲିଂ ପ୍ରଶିକ୍ଷକ ମର୍ନେ ମର୍କେଲ ଓ ସ୍ପିନ୍ ପ୍ରଶିକ୍ଷକ ସାଇରାଜ ବାହୁତୁଲେ ସ୍ଥାନ ବଜାୟ ରଖିଛନ୍ତି।

**ମହମ୍ମଦ ସାମିଙ୍କୁ ଅଗରକରଙ୍କ ସ୍ପଷ୍ଟ ବାର୍ତ୍ତା**

# ସମ୍ପୂର୍ଣ୍ଣ ଫିଟ୍ ନ ହେଲେ ଦଳରେ ସ୍ଥାନ ନାହିଁ

ନୂଆଦିଲ୍ଲୀ, ୪।୮ (ଏଜେନ୍ସି)





ଶ୍ରୀଲଙ୍କା ବିପକ୍ଷ ଦୁଇ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌ରୁ ଆହତ ଫାଷ୍ଟବୋଲର ଯଶପ୍ରୀତ ବୁମ୍‌ରା ବାଦ୍ ପଡ଼ିଛନ୍ତି। ଅଜିତ ଅଗରକରଙ୍କ ନେତୃତ୍ୱାଧୀନ ଜାତୀୟ ମନୋନୟନ କମିଟି ବୁମ୍‌ରାଙ୍କ ସ୍ଥାନରେ ଜାମ୍ମୁ-କାଶ୍ମୀରର ପେସ୍ ବୋଲର ଆକିବ୍ ନବିଙ୍କୁ ଭାରତୀୟ ଦଳରେ ସାମିଲ କରିଛି। ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରିବା ସହ ପ୍ରଥମଥର ଜାମ୍ମୁ-କାଶ୍ମୀରକୁ ରଣଜୀ ଟ୍ରଫି ଆମ୍ପିଅନ୍ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିବା ଆକ୍ୱିବ୍ ନବି ପୁରସ୍କୃତ ହେବାକୁ ସମସ୍ତେ ପ୍ରଶଂସା କରିଛନ୍ତି। ତେବେ ଏହି ନିଷ୍ପତ୍ତି ବରିଷ୍ଠ ଭାରତୀୟ ଫାଷ୍ଟବୋଲର ମହମ୍ମଦ ସାମିଙ୍କ ବର୍ତ୍ତମାନର ସ୍ଥିତିର କଠୋର ବାସ୍ତବତାକୁ ମଧ୍ୟ ଦର୍ଶାଉଛି। ୨୦୨୫ରେ ସାମି ଶେଷଥର ଇଂଲଣ୍ଡ ବିପକ୍ଷରେ ଭାରତ ପାଇଁ ଏକ ଟି-୨୦ ମ୍ୟାଚ୍ ଖେଳିଥିଲେ। ତେବେ ୨୦୨୩ ପରଠାରୁ ମହମ୍ମଦ ସାମି ଜାତୀୟ ଦଳ ପାଇଁ କୌଣସି ଟେଷ୍ଟ ଖେଳିନାହାଁନ୍ତି। ଭାରତ ପାଇଁ ସାମି ତାଙ୍କର ଶେଷ ଦିନିକିଆ ମ୍ୟାଚ୍ ଗତବର୍ଷ ନ୍ୟୁଜିଲାଣ୍ଡ ବିପକ୍ଷରେ ଖେଳିଥିଲେ। ଆରମ୍ଭରୁ ଖରାପ ଫିଟ୍‌ନେସ୍ ଯୋଗୁଁ ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିନଥିଲା। ତେବେ ଗତବର୍ଷ ଘରୋଇ କ୍ରିକେଟ୍‌ରେ ନିୟମିତ ଭଲ ପ୍ରଦର୍ଶନ ମଧ୍ୟ ତାଙ୍କୁ ଭାରତୀୟ ଦଳକୁ ଫେରାଇ ଆଣି ପାରିନଥିଲା। ସାମିଙ୍କୁ ଭାରତୀୟ ଦଳରେ ସ୍ଥାନ ମିଳିବା ନେଇ ଅଜିତ ଅଗରକରଙ୍କୁ ବାରମ୍ବାର ପ୍ରଶ୍ନ କରାଯାଇଛି। ଜବାବରେ ଆଗରକର କହି ଆସୁଛନ୍ତି ଯେ ଟେଷ୍ଟ କ୍ରିକେଟ୍ ଖେଳିବା ପାଇଁ ଆବଶ୍ୟକ ଫିଟ୍‌ନେସ ସାମିଙ୍କର ନାହିଁ। ତେବେ ସାମି ଗତବର୍ଷ ବଙ୍ଗଳା ପାଇଁ ଗତ ୭ଟି ରଣଜୀ ଟ୍ରଫି ମ୍ୟାଚ୍ ଖେଳି ୧,୩୮୩ଟି ବଲ୍ ପକାଇଛନ୍ତି ଏବଂ ୧୬.୭୨ ଆଭ୍‌ରେଜରେ ୩୭ଟି ୱିକେଟ୍ ନେଇଛନ୍ତି। ଏହି ସମୟରେ ମହମ୍ମଦ ସାମି ୫୦ଟି ମେଡେନ୍ ଓଭର ପକାଇଛନ୍ତି ଏବଂ ୩ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଛନ୍ତି। ୯୦ ରନ୍‌ରେ ୮ ୱିକେଟ୍ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ। ସେହି ରଣଜୀ ଟ୍ରଫିରେ ଆକିବ୍ ନବି ଦେଶର ସମସ୍ତ ଫାଷ୍ଟବୋଲରଙ୍କୁ ପଛରେ ପକାଇ ଦେଇଥିଲେ। ନବି ସାରାଦେଶରେ ସର୍ବାଧିକ ୬୦ଟି ୱିକେଟ୍ ନେଇଥିଲେ। ତାଙ୍କ ଆଭ୍‌ରେଜ ୧୨.୫୬ ଥିବା ଏବଂ ୭ ଥର ଏକ ଇନିଂସରେ ୫ଟି ୱିକେଟ୍ ନେଇଥିଲେ। ତେଣୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ପାଇବାକୁ ଆକିବ୍ ନବି ହକ୍‌ଦାର ଥିଲେ। ପରୋକ୍ଷରେ ହେଉ ପଛେ; ମହମ୍ମଦ ସାମିଙ୍କ ପାଇଁ ଅଗରକରଙ୍କ ବାର୍ତ୍ତା ବହୁତ ସ୍ପଷ୍ଟ। ଯଦି ଏହି ଭେଟେରାନ୍ ଫାଷ୍ଟବୋଲର ଭାରତୀୟ ଟେଷ୍ଟ ଦଳକୁ ଫେରିବାକୁ ଚାହାନ୍ତି; ତେବେ ତାଙ୍କୁ ସମ୍ପୂର୍ଣ୍ଣ ଫିଟ୍ ରହି ନିୟମିତ ପ୍ରଥମଶ୍ରେଣୀ (ରଣଜୀ ଓ ଦୁଲିପ ଟ୍ରଫି) ମ୍ୟାଚ୍ ଖେଳିବାକୁ ପଡ଼ିବ ଏବଂ ଘରୋଇ କ୍ରିକେଟ୍‌ର ଅନ୍ୟ ଫାଷ୍ଟବୋଲରଙ୍କଠାରୁ ତାଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ। କାରଣ ଆନ୍ତର୍ଜାତିକ କ୍ରିକେଟ୍ ଖେଳିନଥିବା ପେସ୍ ବୋଲର ଘରୋଇ କ୍ରିକେଟ୍‌ରେ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଏବଂ ନିୟମିତ ଭାବେ ୱିକେଟ୍ ନେଇ ଦଳକୁ ଜିତାଉଛନ୍ତି। ଏପରି କରି ସେମାନେ ଭାରତୀୟ ଦଳରେ ସ୍ଥାନ ପାଇବା ଲାଗି ଦାବିଦାର ହେଉଛନ୍ତି। ତେଣୁ ଟେଷ୍ଟ ଦଳକୁ ଫେରିବାକୁ ହେଲେ ଏପରି ପେସ୍ ବୋଲରଙ୍କ ତୁଳନାରେ ସାମିଙ୍କୁ ଭଲ ପ୍ରଦର୍ଶନ କରିବାକୁ ପଡ଼ିବ।

**ଫାଓ ଲିଗ୍‌ରେ ମୁସ୍ତାକିମ୍‌ଙ୍କ ହ୍ୟାଟ୍ରିକ୍**

## ଚୌଦ୍ୱାରର ବୃହତ୍ ବିଜୟ



ଭୁବନେଶ୍ୱର,୪।୮ (ସମିସ): କଟକରେ ଚାଲିଥିବା ଫାଓ ଲିଗ୍‌ର ଆଜିର ମୁକାବିଲାରେ ଚୌଦ୍ୱାରର ୱାଇଏ ଫୁଟବଲ କ୍ଲବ୍ ୭-୦ ଗୋଲରେ ଚାଉଳିଆଗଞ୍ଜ କ୍ଲବ୍‌କୁ ପରାସ୍ତ କରିଛି। ଏହି ମ୍ୟାଚ୍‌ରେ ବିଜୟୀ ଚୌଦ୍ୱାର ଦଳ ପକ୍ଷରୁ ମୁସ୍ତାକିମ୍ ଖାନ୍ ଏକାକୀ ୪ଟି ଗୋଲ ସ୍କୋର କରିଥିଲେ। ରାଜେଶ କୁମାର ବେହେରା ୨ଟି ଓ ତ୍ରିଦେବ ମୁଖୀ ଗୋଟିଏ ଗୋଲ ଦେଇଥିଲେ। ପ୍ରଥମାର୍ଦ୍ଧ ଖେଳ ଶେଷ ସୁଦ୍ଧା ଚୌଦ୍ୱାର ଟିମ୍ ୫-୦ ଗୋଲ୍‌ରେ ଅଗ୍ରଣୀ ରହିଥିଲା। ପରାଜିତ ଚାଉଳିଆଗଞ୍ଜ କ୍ଲବ୍ ପକ୍ଷରୁ କେହି ଗୋଲ ସ୍କୋର କରି ପାରି ନ ଥିଲେ। ଏହି ବିଜୟ ଫଳରେ ଚୌଦ୍ୱାର ପୂରା ପଏଣ୍ଟ ପାଇ ଟେବଲର ଉପରକୁ ଉଠିଛି।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS